# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ମେ ୧/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, May 1/2024 | Page 16 | ₹ 7.00

୫୦ଶ ଭାଗ ୧୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 157 | ମୂଲ୍ୟ ₹୭/-






## ଟି୨୦ ବିଶ୍ୱକପ୍ ଦଳରେ ରିଷଭ ପନ୍ତ

ଭାରତୀୟ ଟି୨୦ କ୍ରିକେଟ ବିଶ୍ୱକପ୍ ଦଳରେ ପ୍ରଥମ ପସନ୍ଦ ଉଇକେଟକିପର ଭାବେ ସ୍ଥାନ ପାଇଛନ୍ତି ରିଷଭ ପନ୍ତ।

୧୬

୦୨

## ଋଷିଙ୍କୁ ମନେ ପକାଇଲେ ନୀତୁ

ମଙ୍ଗଳବାର ଅଭିନେତା ଋଷି କପୁରଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କୁ ମନେପକାଇ ଅଭିନେତ୍ରୀ ନୀତୁ କପୁର ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।





## ହିଞ୍ଜିଳିରୁ ନାମାଙ୍କନ ଭରିଲେ ମୁଖ୍ୟମନ୍ତ୍ରୀ

ଛତ୍ରପୁର,୩୦।୪(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲା ହିଞ୍ଜିଳି ବିଧାନସଭା ଆସନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେ ରିଟର୍ନିଂ ଅଫିସର ତଥା ଛତ୍ରପୁର ଅତିରିକ୍ତ ଉପଜିଲାପାଳ ପାର୍ଥସାରଥୀ ହାଁସଦାଙ୍କ ନିକଟରେ ନାମାଙ୍କପତ୍ର ଦାଖଲ କରିଛନ୍ତି। ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକ ହିଞ୍ଜିଳି ବିଧାନସଭା ☞ ପୃଷ୍ଠା–୪

# ‘ଆୟୁଷ୍ମାନ୍ ଭାରତ ଅତି ଦୁର୍ବଳ’

ନୂଆଦିଲ୍ଲୀ,୩୦।୪(ପି.ଟି.)

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟ ଯୋଜନାକୁ ଅତି ଦୁର୍ବଳ ଭାବେ ଗଢ଼ାଯାଇଛି। ଏହାକୁ ଉପଯୁକ୍ତ ପାଣ୍ଠି ମଧ୍ୟ ଯୋଗାଇ ଦିଆଯାଉ ନାହିଁ ବୋଲି ମଙ୍ଗଳବାର ଇଣ୍ଡିଆନ୍ ମେଡିକାଲ୍ ଆସୋସିଏଶନ୍ (ଆଇଏମ୍ଏ) ମୁଖ୍ୟ ଡ. ଆର୍.ଭି. ଅଶୋକନ୍ କହିଛନ୍ତି। ଏପରି କି ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥା ଏକ ଅନାଥ ‘ସଦୃଶ’। କୋଭିଡ୍-୧୯ ମହାମାରୀ ସଙ୍କଟରୁ ସରକାର କିଛି ଶିକ୍ଷାଲାଭ କଲେନାହିଁ। କୌଣସି ରାଜନୈତିକ ଦଳ ଏହାକୁ ସର୍ବୋଚ୍ଚ ପ୍ରାଥମିକତା ରୂପେ ଗ୍ରହଣ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଶୋକନ୍ ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ସାକ୍ଷାତ୍କାର ଦେଇ କହିଛନ୍ତି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମହତ୍ତ୍ୱାକାଂକ୍ଷୀ ‘ଆୟୁଷ୍ମାନ ଭାରତ’ ଯୋଜନାକୁ ସବୁ ରାଜ୍ୟରେ କାର୍ଯ୍ୟକାରୀ କରାଇବା ଉପରେ ଜୋର୍ ଦେଉଛନ୍ତି। ବିରୋଧୀ ଦଳ ଶାସିତ କେତେକ ରାଜ୍ୟରେ ଏହାକୁ ଲାଗୁ କରାଯାଇ ନ ଥିବାରୁ ସମ୍ପୃକ୍ତ ରାଜ୍ୟଗୁଡ଼ିକର ସରକାରଙ୍କୁ ରାଜନୈତିକ ଭାବେ ଟାର୍ଗେଟ କରୁଛନ୍ତି। ଏଭଳି ସ୍ଥିତିରେ ଲୋକ ସଭା ନିର୍ବାଚନ ପୂର୍ବରୁ ଅଶୋକନ୍ଙ୍କ ଏହି ମନ୍ତବ୍ୟ କେନ୍ଦ୍ରର ମୁଖା ଖୋଲିଦେଇଛି।

ଅଶୋକନ୍ଙ୍କ ମତରେ ସ୍ୱାସ୍ଥ୍ୟ ଏକ ଅନାଥ, ଯାହାର ମା’ବାପା ନାହାନ୍ତି। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପ୍ରତି ବିପଦ ସୃଷ୍ଟିକାରୀ ☞ ପୃଷ୍ଠା–୪

## ଭୋଟ ପୂର୍ବରୁ କେଜ୍‌ରିୱାଲଙ୍କୁ ଗିରଫ କାହିଁକି: ସୁପ୍ରିମକୋର୍ଟ

ପୃଷ୍ଠା-୩

## ଧରିତ୍ରୀର ଛୁଟି

ଶ୍ରମିକ ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ମେ’ ୧ ତାରିଖ ବୁଧବାର ବନ୍ଦ ରହିବ। ପରବର୍ତ୍ତୀ ସଂଖ୍ୟା ମେ’ ୩ ତାରିଖ ଶୁକ୍ରବାର ସକାଳେ ପ୍ରକାଶ ପାଇବ।

## ଆଜିର ସମ୍ପାଦକୀୟ

‘ଏ’ ରୁ ‘ବି’







**ଦେବେନ୍ଦ୍ର ଯାଦବ ଦିଲ୍ଲୀ କଂଗ୍ରେସର ଅନ୍ତରୀଣ ମୁଖ୍ୟ**
ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଦରୁ ଅରବିନ୍ଦର ସିଂ ଲଭ୍‌ଲିଙ୍କ ଇସ୍ତଫା ପରେ ଏଆଇସିସି ମଙ୍ଗଳବାର ଦେବେନ୍ଦ୍ର ଯାଦବଙ୍କୁ ଏହାର ଅନ୍ତରୀଣ ମୁଖ୍ୟ ଭାବେ ନିଯୁକ୍ତ କରିଛି। ଲୋକ ସଭା ନିର୍ବାଚନ ପାଇଁ ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି ସହ କଂଗ୍ରେସର ମେଣ୍ଟ ନିଷ୍ପତ୍ତିକୁ ବିରୋଧ କରି ଲଭ୍‌ଲି ଦୁଇଦିନ ପୂର୍ବରୁ ଇସ୍ତଫା ଦେଇଥିଲେ। ଯାଦବ ଏବେ କଂଗ୍ରେସର ପଞ୍ଜାବ ପ୍ରଭାରି ରହିଛନ୍ତି।

# ଆଗ୍ନେୟଗିରି ଉଦ୍‌ଗିରଣ: ସୁନାମି ଆଲର୍ଟ

**ଜାକର୍ତ୍ତା,୩୦।୪**

ଇଣ୍ଡୋନେସିଆର ନର୍ଥ ସୁଲାୱେସି ପ୍ରଦେଶସ୍ଥିତ ମାଉଣ୍ଟ ରୁଆଙ୍ଗ୍ ଆଗ୍ନେୟଗିରି ଉଦ୍‌ଗିରଣ ହୋଇଛି। ସ୍ଥାନୀୟ ସମୟ ସୋମବାର ରାତି ପ୍ରାୟ ୧ଟା ୧୫ରେ ଥରେ ଏବଂ ମଙ୍ଗଳବାର ଏକାଧିକ ଥର ଉଦ୍‌ଗିରଣ ହେବାରୁ ଟଗୁଲାଣ୍ଡଙ୍ଗ୍ ଦ୍ୱୀପବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ୫ କି.ମି. ଉଚ୍ଚର ଲାଭା ଓ ପାଉଁଶ ଉପରକୁ ଉଠିବା ପରେ ସମ୍ପୃକ୍ତ ଅଞ୍ଚଳରେ ସୁନାମି ଆଲର୍ଟ ଜାରି କରାଯାଇଛି। ୬ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ନୌସେନା ଜାହାଜରେ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ମୋଟ ୧୨,୦୦୦ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଆବଶ୍ୟକ ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ବିଏନ୍‌ପିବି ଆକଳନ କରିଛି।


ଇଣ୍ଡୋନେସିଆର ନର୍ଥ ସୁଲାୱେସ୍‌ସ୍ଥିତ ସିତାରୋରେ ମାଉଣ୍ଟ ରୁଆଙ୍ଗ୍ ଆଗ୍ନେୟଗିରି ଉଦ୍‌ଗିରଣ ହେବା ପରେ ଟଗୁଲାଣ୍ଡଙ୍ଗ୍ ଦ୍ୱୀପବାସୀଙ୍କୁ ନୌସେନାର ଏକ ଜାହାଜରେ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।

# ହାମିଲଟନ ହଲ୍‌କୁ କବ୍‌ଜା କଲେ ବିକ୍ଷୋଭକାରୀ




## ଆମେରିକାରେ ଉଗ୍ର ହେଉଛି ପାଲେଷ୍ଟାଇନ୍ ସମର୍ଥିତ ଆନ୍ଦୋଳନ

**ନ୍ୟୁୟର୍କ, ୩୦।୪**

ଗତ କିଛିଦିନ ଧରି ପାଲେଷ୍ଟାଇନକୁ ସମର୍ଥନ କରି ଆମେରିକାର ଅନେକ ବିଶ୍ୱବିଦ୍ୟାଳୟରେ ଆନ୍ଦୋଳନ ହେଉଥିବାବେଳେ ମଙ୍ଗଳବାର ଏହା ଉଗ୍ରରୂପ ଧାରଣ କରିଛି। କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠିତ ହାମିଲଟନ ହଲ୍‌ରେ ବିକ୍ଷୋଭକାରୀ ଛାତ୍ରୀଛାତ୍ରମାନେ ଜବରଦସ୍ତ ପଶି ପାଲେଷ୍ଟାଇନ୍ ସମର୍ଥିତ ବ୍ୟାନର ଲଗାଇଥିଲେ। ଏହାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଶତାଧିକ ବିକ୍ଷୋଭକାରୀ ଛାତ୍ରୀଛାତ୍ର ଏକାଠି ହୋଇ ହାମିଲଟନ ହଲର ସମ୍ମୁଖରେ ଡେରା ପକାଇଥିବା ଭିଡିଓରୁ ଜଣାପଡୁଛି। ଚଳିତବର୍ଷ ପ୍ରାରମ୍ଭରେ ଇସ୍ରାଏଲ ଆକ୍ରମଣରେ ଗାଜାରେ ମୃତ୍ୟୁବରଣ କରିଥିବା ହିନ୍ଦ ରଜାବ ନାମକ ଜଣେ ୬ ବର୍ଷୀୟା ଝିଅଙ୍କୁ ମନେପକାଇ ବିକ୍ଷୋଭକାରୀ ଛାତ୍ରୀଛାତ୍ର ହାମିଲଟନ ହଲ୍ ସମ୍ମୁଖରେ ହିନ୍ଦ ହଲ୍ ଲେଖାଯାଇଥିବା ଏକ ଧଳା ରଙ୍ଗର ବ୍ୟାନର ଲଗାଇଥିଲେ। ସୂଚନାଯୋଗ୍ୟ, ହାମିଲଟନ ହଲ୍ ପୂର୍ବରୁ ଅନେକ ଯୁଦ୍ଧ ବିରୋଧୀ ଆନ୍ଦୋଳନର ମୂକସାକ୍ଷୀ ରହିଛି। ଶେଷଥର ପାଇଁ ଏଠାରେ ୧୯୬୮ ମସିହାରେ ଭିଏତ୍‌ନାମ ଯୁଦ୍ଧ ବିରୋଧରେ ବିକ୍ଷୋଭକାରୀ ପ୍ରଦର୍ଶନ କରିଥିଲେ।

# ଲଣ୍ଡନରେ ଖଣ୍ଡା ଆକ୍ରମଣରେ ଜଣେ ମୃତ

## ଆକ୍ରମଣକାରୀ ଗିରଫ



**ଲଣ୍ଡନ,୩୦।୪(ପି.ଟି.):** ପୂର୍ବ ଲଣ୍ଡନ ହୈନଲ୍ଟ ଷ୍ଟେଶନ ନିକଟରେ ଜଣେ ବ୍ୟକ୍ତି ମଙ୍ଗଳବାର ଖଣ୍ଡା ଧରି ଲୋକମାନଙ୍କୁ ଆକ୍ରମଣ କରିବାରୁ ଜଣେ ୧୩ ବର୍ଷୀୟ ବାଳକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୨ ଜଣ ପୋଲିସ ଅଛନ୍ତି। ଏହି ଘଟଣାକୁ ନେଇ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ୩୬ ବର୍ଷୀୟ ଆକ୍ରମଣକାରୀଙ୍କୁ ଗିରଫ କରାଯାଇଥିବା ମେଟ୍ରୋପଲିଟାନ ପୋଲିସ କହିଛି। ତେବେ ଘଟଣା ସହ ଆତଙ୍କବାଦର ସମ୍ପୃକ୍ତି ନେଇ କୌଣସି ସୂଚନା ମିଳିନାହିଁ। ଆକ୍ରମଣକାରୀ ପ୍ରଥମେ ଗାଡ଼ି ସହ ଏକ ଘରେ ଧସେଇ ପଶିବା ପରେ ଖଣ୍ଡାରେ ଆକ୍ରମଣ କରିଥିଲେ।

# ସୁଗନ୍ଧ ହରାଉଛି ଭାରତୀୟ ମସଲା

## ହଂକଂ, ସିଙ୍ଗାପୁର, ଆମେରିକା ପରେ ଅଷ୍ଟ୍ରେଲିଆର ସନ୍ଦେହ

**ହାଇଦ୍ରାବାଦ/ନୂଆଦିଲ୍ଲୀ,୩୦।୪**




ପ୍ରଥମେ ହଂକଂ ଓ ସିଙ୍ଗାପୁର। ଆମେରିକା ପରେ ଏବେ ଅଷ୍ଟ୍ରେଲିଆ। ଏମିତି ଗୋଟିଏ ପରେ ଗୋଟିଏ ଦେଶରେ ସୁଗନ୍ଧ ହରାଇବସିଛି ଭାରତୀୟ ମସଲା। ଏମ୍‌ଡିଏଚ୍ ଏବଂ ଏଭରେଷ୍ଟ ମସଲା ବର୍ତ୍ତମାନ ବିଶ୍ୱବାସୀଙ୍କ ସନ୍ଦେହ ଚକ୍ଷୁରେ। ନାମୀଦାମୀ ବ୍ରାଣ୍ଡର ମସଲାରେ କ୍ୟାନ୍‌ସର ସୃଷ୍ଟିକାରୀ ବିଷାକ୍ତ ରାସାୟନିକ ପଦାର୍ଥ ଥିବା ହଂକଂ ଏପ୍ରିଲ ୫ରେ ଦର୍ଶାଇଥିଲା। ପରେ ହଂକଂ ଓ ସିଙ୍ଗାପୁର ଏହାର ବିକ୍ରି ଉପରେ ରୋକ ଲଗାଇବା ସହ ବଜାରରୁ ଭାରତୀୟ ମସଲାକୁ ହଟାଇଦେଇଥିଲେ। ଦୁଇଦେଶରେ ଏମ୍‌ଡିଏଚ୍‌ର ୩ ଓ ଏଭରେଷ୍ଟର ୬ ପ୍ରକାର ଫିଶ୍ କରି ଉପରେ କଟକଣା ଲାଗିଛି। ଆମେରିକା ମଧ୍ୟ ଶନିବାର ଏହା ଉପରେ ସନ୍ଦେହ ବ୍ୟକ୍ତ କରି ଭାରତୀୟ ମସଲାଗୁଡ଼ିକୁ ଯାଞ୍ଚ କରିବା ଆରମ୍ଭ କରିଥିଲା। ମଙ୍ଗଳବାର ଅଷ୍ଟ୍ରେଲିଆର ଖାଦ୍ୟ ନିରାପତ୍ତା ଏଜେନ୍ସି ଏହି ଦୁଇ କମ୍ପାନୀର ମସଲାରେ ମିଶାଯାଉଥିବା ଉପାଦାନଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ ସହ ଯାଞ୍ଚ ଆରମ୍ଭ କରିଛି। ଆବଶ୍ୟକ ହେଲେ ଅଷ୍ଟ୍ରେଲିଆରେ ମଧ୍ୟ ଏହାର ବିକ୍ରି ଉପରେ ନିଷେଧାଦେଶ ଜାରି କରାଯାଇପାରେ ବୋଲି ଫୁଡ୍ ଷ୍ଟାଣ୍ଡାର୍ଡ ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଉକ୍ତ ମସଲାରେ ମିଶାଯାଉଥିବା ଇଥିଲିନ୍ ଅକ୍ସାଇଡ୍ ଅଷ୍ଟ୍ରେଲିଆରେ ଖାଦ୍ୟ ପଦାର୍ଥରେ ମିଶ୍ରଣ ପାଇଁ ଅନୁମତି ଦିଆଯାଏ ନାହିଁ। ପୂର୍ବରୁ ଦୁଇ କମ୍ପାନୀ ନିଜ ଉତ୍ପାଦକୁ ବ୍ୟବହାରଯୋଗ୍ୟ ଓ ସୁରକ୍ଷିତ ଦର୍ଶାଇ ବ୍ୟବସାୟ କରିଆସୁଥିଲେ। ଯାଞ୍ଚ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଥିରେ କୁହାଯାଇଛି। ଏହି ବ୍ରାଣ୍ଡର ମସଲା ୟୁରୋପ, ଏସିଆ ଓ ଉତ୍ତର ଆମେରିକାରେ ମଧ୍ୟ ଲୋକପ୍ରିୟ ହୋଇଥିବାରୁ ସେଠାକାର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଆମେରିକାର ଫୁଡ୍ ଆଣ୍ଡ୍ ଡ୍ରଗ୍‌ସ ଆଡ୍‌ମିନିଷ୍ଟ୍ରେଶନ୍ (ଏଫ୍‌ଡିଏ)ର ସନ୍ଦେହ ପରେ ଭାରତୀୟ କର୍ତ୍ତୃପକ୍ଷ ଦୁଇଟିଯାକ ମସଲାର ଫ୍ୟାକ୍ଟ୍ରିରେ ଯାଞ୍ଚ କରିଥିବା ଜଣାପଡ଼ିଛି।

## ଚାଇନାର ୩୮ ଶିଶୁ ଉତ୍ପାଦରେ କ୍ୟାନ୍‌ସର ସୃଷ୍ଟିକାରୀ ଉପାଦାନ

**ସିଓଲ,୩୦।୪**

ଦକ୍ଷିଣ କୋରିଆ ଗ୍ରାହକମାନଙ୍କ ପାଇଁ ଚାଇନାର ଶପିଂ ଆପ୍ ଆଲିଏକ୍ସପ୍ରେସ୍ ଏବଂ ଟେମୁରେ ଉପଲବ୍ଧ ହେଉଥିବା ୩୮ଟି ଶିଶୁ ଉତ୍ପାଦରେ କ୍ୟାନ୍‌ସର ସୃଷ୍ଟିକାରୀ ରାସାୟନିକ ପଦାର୍ଥ ଉଚ୍ଚ ମାତ୍ରାରେ ରହିଛି। କୋରିଆ କଷ୍ଟମ୍ସ ସର୍ଭିସ୍ (କେସିଏସ୍) ଚାଇନାର ଦୁଇଟି ଇ-କମର୍ସ ପ୍ଲାଟ୍‌ଫର୍ମରେ ବିକ୍ରି ହେଉଥିବା ପିଲାଙ୍କ ଖେଳନା, ଉପକରଣ ଆଦି ୨୫୨ଟି ଉତ୍ପାଦର ବିଶ୍ଳେଷଣ କରିବା ପରେ ଉପରୋକ୍ତ ଫଳାଫଳ ଘୋଷଣା କରିଛି। ସେଥିରୁ ୨୭ଟି ଉତ୍ପାଦରେ ଫେଥ୍‌ଲେଟ ପ୍ଲାଷ୍ଟିସାଇଜର ଦକ୍ଷିଣ କୋରିଆର ନିରାପତ୍ତା ମାନ ତୁଳନାରେ ୮୨ ଗୁଣ ଅଧିକ ରହିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ଫେଥ୍‌ଲେଟ ରସାୟନ ସଂସ୍ପର୍ଶରେ ଅଧିକ ଦିନ ଆସିଲେ କ୍ୟାନ୍‌ସର ସୃଷ୍ଟି ହୋଇପାରେ। ସେଥିପାଇଁ ଉକ୍ତ ରସାୟନକୁ ଶିଶୁ ଉତ୍ପାଦରେ ବ୍ୟବହାର କରିବା ନିଷେଧ ହୋଇଛି। ସେହିପରି ୬ଟି ଶିଶୁ ଉତ୍ପାଦରେ କାଡମିଅମ୍ ରହିଛି ଯାହା ମାନକ ସ୍ତରଠାରୁ ୩,୦୨୬ ଗୁଣ ଅଧିକ। ଉକ୍ତ ଉତ୍ପାଦଗୁଡ଼ିକ ଗ୍ରାହକଙ୍କୁ ୨.୫୨ ଡଲାରରେ ମିଳୁଥିବାବେଳେ ବିନା ଉପଯୁକ୍ତ ଆମଦାନି ଆବଶ୍ୟକତାରେ ଗ୍ରାହକମାନେ ସିଧାସଳଖ ଏହାକୁ ବିକ୍ରେତାଙ୍କଠାରୁ କିଣିବା ପାଇଁ ଅନୁମତି ପାଉଛନ୍ତି। ଦକ୍ଷିଣ କୋରିଆ ସରକାର ଏଭଳି ଉତ୍ପାଦ ପ୍ରବେଶ ବନ୍ଦ କରିବା ପାଇଁ ପଦକ୍ଷେପ ନେଉଥିବା ଜଣାପଡ଼ିଛି।

# ଆଫଗାନିସ୍ତାନରେ ମସ୍‌ଜିଦ ଉପରେ ଆକ୍ରମଣ: ୬ ମୃତ

**ହେରାତ୍, ୩୦।୪**

ପଶ୍ଚିମ ଆଫଗାନିସ୍ତାନର ହେରାତ ସହରର ଏକ ମସଜିଦରେ ମଙ୍ଗଳବାର ୩ ବନ୍ଧୁକଧାରୀଙ୍କ ଆକ୍ରମଣରେ ୬ ଜଣଙ୍କର ମୃତ୍ୟୁ ଘଟିଛି। ଉକ୍ତ ମସ୍‌ଜିଦରେ ମୁସଲମାନମାନେ ନମାଜ ପଢୁଥିବାବେଳେ ୩ ବନ୍ଧୁକଧାରୀ ଗୁଳିଚାଳନା କରିଥିଲେ। ମୃତକଙ୍କ ମଧ୍ୟରେ ମସ୍‌ଜିଦର ଇମାମ ଓ ଜଣେ ୩ ବର୍ଷୀୟ ଶିଶୁ ରହିଛନ୍ତି। ଏହି ମସଜିଦରେ ଅଳ୍ପସଂଖ୍ୟକ ଶିୟା ସମ୍ପ୍ରଦାୟ ପକ୍ଷରୁ ସେବା କରାଯାଉଥିବାରୁ ସେମାନଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି।

## ପତଞ୍ଜଳି ବିଜ୍ଞାପନ ମାମଲା

## ଉତ୍ତରାଖଣ୍ଡ ଲାଇସେନ୍ସ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତାକୁ ନେଇ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୩୦।୪(ପି.ଟି.):** ରାମଦେବଙ୍କ ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍ ବିଭ୍ରାନ୍ତିକର ୬ ବର୍ଷ ହେଲା ବିଜ୍ଞାପନ ଦେଇଚାଲିଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଉତ୍ତରାଖଣ୍ଡ ରାଜ୍ୟ ଲାଇସେନ୍ସ କର୍ତ୍ତୃପକ୍ଷ (ଏସ୍‌ଏଲ୍‌ଏ)ଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ଭର୍ତ୍ସନା କରିଛନ୍ତି। ସହାନୁଭୂତି ଚାହୁଁଥିଲେ ଲାଇସେନ୍ସ କର୍ତ୍ତୃପକ୍ଷଙ୍କୁ କୋର୍ଟ ଆଗରେ ସଙ୍କୋଚ ହେବାକୁ ପଡ଼ିବ। ଏସ୍‌ଏଲ୍‌ଏ ସତ୍ୟପାଠ ଜରିଆରେ ଦେଇଥିବା ସ୍ପଷ୍ଟୀକରଣକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପ୍ରିଲ ୧୦ର କୋର୍ଟ ନିର୍ଦ୍ଦେଶ ପରେ କର୍ତ୍ତୃପକ୍ଷ କାହିଁକି ଜାଗ୍ରତ ହେଲେ ବୋଲି ଜଷ୍ଟିସ୍ ହିମା କୋହଲି ଏବଂ ଅସାନୁଦ୍ଦିନ ଅମନୁଲ୍ଲାଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ, କୋର୍ଟଙ୍କ ନିର୍ଦ୍ଦେଶ ପରେ ପତଞ୍ଜଳି କମ୍ପାନୀର ୧୪ଟି ଉତ୍ପାଦର ଲାଇସେନ୍ସକୁ ନିଲମ୍ବନ କରାଯାଇଥିଲା। ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍ ପକ୍ଷରୁ ଏହି ମାମଲାରେ ଖବରକାଗଜଗୁଡ଼ିକରେ ସର୍ବସାଧାରଣରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପ୍ରକାଶ ପାଇଥିବାରୁ ଖଣ୍ଡପୀଠ ଏହାକୁ ପ୍ରଶଂସା କରିଥିଲେ।

# କୋଭିଶିଲ୍ଡ ଟିକାର ବିରଳ ପାର୍ଶ୍ୱ ପ୍ରତିକ୍ରିୟା ଟିଟିଏସ୍

## ସ୍ୱୀକାର କଲା ଅଷ୍ଟ୍ରାଜେନିକା

**ନୂଆଦିଲ୍ଲୀ,୩୦।୪**

କୋଭିଡ୍ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଭାରତ ସମେତ ବିଭିନ୍ନ ଦେଶରେ କୋଟି କୋଟି ଲୋକ ଅଷ୍ଟ୍ରାଜେନିକା କମ୍ପାନୀର କୋଭିଶିଲ୍ଡ ଟିକା ନେଇଥିଲେ। ଏହି ଟିକାର ବିରଳ ପାର୍ଶ୍ୱ ପ୍ରତିକ୍ରିୟା ଥ୍ରୋମ୍ବୋସିଟୋପେନିଆ ସିଣ୍ଡ୍ରୋମ୍ ରହିଥିବା ବ୍ରିଟିଶ ଔଷଧ କମ୍ପାନୀ ଲଣ୍ଡନର ଏକ ଅଦାଲତରେ ସ୍ୱୀକାର କରିଛି। କୋଭିଶିଲ୍ଡର ପାର୍ଶ୍ୱ ପ୍ରତିକ୍ରିୟାକୁ ନେଇ ବହୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଶ୍ନ ଉଠାଇବା ସହ କମ୍ପାନୀ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଅଷ୍ଟ୍ରାଜେନିକା ଏବଂ ଅକ୍ସଫୋର୍ଡ ୟୁନିଭର୍ସିଟି ଉକ୍ତ ଟିକାକୁ ବିକଶିତ କରିଥିବାବେଳେ ଭାରତର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଏହା ଉତ୍ପାଦିତ ହୋଇଥିଲା।
**ଟିଟିଏସ୍ କ'ଣ:** ଟିଟିଏସ୍ ବା ଥ୍ରୋମ୍ବୋସିଟୋପେନିଆ ସିଣ୍ଡ୍ରୋମ୍ ହେଉଛି ଏକ ବିରଳ ସ୍ଥିତି ଯାହା ଦ୍ୱାରା ଶରୀରର ଅସାଧାରଣ ସ୍ଥାନରେ ରକ୍ତ ଜମାଟ ବାନ୍ଧିଯାଇଥାଏ। ଏଥିସହିତ ରକ୍ତର ପ୍ଲେଟ୍‌ରେଟ୍ ହ୍ରାସ ପାଇଥାଏ। ଏହା କମିଯିବା ବିପଜ୍ଜନକ ହୋଇପାରେ। କୋଭିଶିଲ୍ଡ, ଭାକ୍ସଜେଭ୍ରିଆ ଏବଂ ଜନ୍‌ସନ ଆଣ୍ଡ ଜନ୍‌ସନ କୋଭିଡ୍ ଟିକା ନେଇଥିବା ଲୋକଙ୍କଠାରେ ଉପରୋକ୍ତ ସ୍ଥିତି ଦେଖିବାକୁ ମିଳିଥିଲା। ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥା ଟିକା ସହ ପ୍ରତିକ୍ରିୟା କରି ଆଣ୍ଟିବଡି ସୃଷ୍ଟି କରିବା ଦ୍ୱାରା ଟିଟିଏସ୍ ସ୍ଥିତି ଦେଖାଦେଇଥାଏ। ଏହା ବ୍ଲଡ୍ କ୍ଲଟିଂରେ ସମ୍ପୃକ୍ତ ଏକ ପ୍ରୋଟିନ୍‌କୁ ଆକ୍ରମଣ କରିଥାଏ। ଏହି ବିରଳ ରକ୍ତ ଜମାଟ ମସ୍ତିଷ୍କ କିମ୍ବା ଆନ୍ତଃନାଳୀରେ, ଗୋଡ଼ରେ କିମ୍ବା ଫୁସ୍‌ଫୁସ୍‌ରେ ହୋଇପାରେ। ଜୋରରେ ମୁଣ୍ଡବିନ୍ଧା, ପାକସ୍ଥଳୀରେ ଯନ୍ତ୍ରଣା, ଗୋଡ଼ ଫୁଲିବା, ନିଶ୍ୱାସ ନେବାରେ କଷ୍ଟ ହେବା ଆଦି ଟିଟିଏସ୍‌ର ଲକ୍ଷଣ।

# ପ୍ରଜ୍ୱଳ ଜେଡିଏସ୍‌ରୁ ନିଲମ୍ବିତ

**ବେଙ୍ଗାଲୁରୁ,୩୦।୪**

ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନାତି ତଥା କର୍ଣ୍ଣାଟକର ହାସନ ଏମ୍‌ପି ପ୍ରଜ୍ୱଳ ରେଭନ୍ନାଙ୍କୁ ଅଶ୍ଳୀଳ ଭିଡିଓ ମାମଲାରେ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ମଙ୍ଗଳବାର ନିଲମ୍ବନ କରିଛି। ହୁବ୍ଲିରେ ଅନୁଷ୍ଠିତ ଦଳର କୋର୍ କମିଟି ବୈଠକର ସୁପାରିସ ପରେ ତତ୍କାଳ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏନ୍‌ଡିଏ ପ୍ରାର୍ଥୀ ପ୍ରଜ୍ୱଳ ଅନେକ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବାବେଳର ବହୁ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ହାସନ ଆସନରେ ଭୋଟ ଗ୍ରହଣ କରାଯାଇଥିଲା। ଏହି ସମୟରେ ୩୩ ବର୍ଷୀୟ ପ୍ରଜ୍ୱଳଙ୍କ ଭିଡିଓଗୁଡ଼ିକ ସାମ୍ନାକୁ ଆସିବା ପରେ ସେ ଜର୍ମାନୀ ପଳାୟନ କରିଥିଲେ। ରାଜ୍ୟର କଂଗ୍ରେସ ସରକାର ଗଠନ କରିଥିବା ଏସ୍‌ଆଇଟି ଏହାର ତଦନ୍ତ ଚଳାଇଥିବାବେଳେ ଜେଡିଏସ୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦେବେଗୌଡ଼ାଙ୍କ ନିର୍ଦ୍ଦେଶକ୍ରମେ ପ୍ରଜ୍ୱଳଙ୍କୁ ନିଲମ୍ବନ କରାଯାଇଛି।


ଜେଡିଏସ୍ ଏମ୍‌ପି ପ୍ରଜ୍ୱଳ ରେଭନ୍ନାଙ୍କ ଗିରଫଦାରି ଦାବିରେ ବେଙ୍ଗାଲୁରୁରେ ବିକ୍ଷୋଭ କରୁଛନ୍ତି ଏନ୍‌ଏସ୍‌ୟୁଆଇ ସଦସ୍ୟ।

## ଫୁର୍‌ସତ୍

# ୭୦ ବର୍ଷୀୟଙ୍କ 'ଜୀବନସାଥୀ' ବିଜ୍ଞାପନ

**ୱାଶିଂଟନ୍**

ମଣିଷର ବୟସ ବଢିବା ସହ ଏକାନ୍ତପଣ ମଧ୍ୟ ବଢ଼ିଥାଏ। ଏହି ସମୟରେ ଯଦି ନିଜ ପରିବାର ପାଖରେ ନଥାଏ, ତେବେ ଏକାନ୍ତପଣକୁ ସାମ୍ନା କରିବା କଷ୍ଟସାଧ ହୋଇପଡ଼ିଥାଏ। ଏପରି ପରିସ୍ଥିତିରେ ମଣିଷ ନିଜ ପାଇଁ ଏକ ନୂତନ ସାଥୀ ଆବଶ୍ୟକ କରିଥାଏ। ତେବେ ବିଭିନ୍ନ ପାଶ୍ଚାତ୍ୟ ଦେଶରେ ଏପରି ଘଟିବା ଏବେ ସାଧାରଣ କଥା ହୋଇଗଲାଣି। ଆମେରିକାର ଟେକ୍ସାସରେ ରହୁଥିବା ଜଣେ ୭୦ ବର୍ଷ ବୟସ୍କ ବ୍ୟକ୍ତି ନିଜର ଏକାନ୍ତପଣକୁ ଦୂର କରିବା ପାଇଁ ଅନେକ ଡଲାର ଖର୍ଚ୍ଚ କରି ବିଜ୍ଞାପନ ଦେଉଥିବା ଜଣାପଡ଼ିଛି।

ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ ଅଲ୍ ଗିଲବର୍ଟୀ ନାମକ ଜଣେ ୭୦ ବର୍ଷୀୟ ବ୍ୟକ୍ତି ନିଜ ଏକାନ୍ତପଣକୁ ଦୂର କରିବା ପାଇଁ ସାଥୀଟିଏ ଖୋଜୁଛନ୍ତି। ଏଥିପାଇଁ ସେ ପ୍ରତି ସପ୍ତାହରେ ୪୦୦ ଡଲାର ଖର୍ଚ୍ଚ କରି ବିଭିନ୍ନ ହୋର୍ଡିଂରେ ବିଜ୍ଞାପନ ଦେଉଛନ୍ତି। ଏହି ବିଜ୍ଞାପନରେ ଗିଲବର୍ଟୀ କହିଛନ୍ତି, ମୁଁ ଜଣେ ସାଥୀ ଖୋଜୁଛି ଯାହାଙ୍କୁ ମୁଁ ବିବାହ କରିପାରିବି। ସେ ଜଣେ ଖୋଲା ମନୋଭାବର ବିଶ୍ୱସ୍ତ ସାଥୀ ଚାହୁଁଥିବା ଗିଲବର୍ଟୀ ନିଜ ବିଜ୍ଞାପନରେ ଦର୍ଶାଇଛନ୍ତି। ସ୍ୱଭାବରେ ସଙ୍କୋଚ ଥିବା ସହ ତାଙ୍କୁ ଓ ତାଙ୍କ ମତକୁ ସମ୍ମାନ ଦେଉଥିବା ଜଣେ ସାଥୀ ଆବଶ୍ୟକ ବୋଲି ସେ ବିଜ୍ଞାପନରେ ଦର୍ଶାଇଛନ୍ତି। ରିପୋର୍ଟ ଅନୁଯାୟୀ, ଗିଲବର୍ଟୀଙ୍କ ବିଜ୍ଞାପନରୁ ଗତ ୨ ସପ୍ତାହ ମଧ୍ୟରେ ୪୦୦ଟି କଲ୍ ଓ ୫୦ଟି ଇମେଲ୍ ଆସିଛି। ଅନ୍ୟପକ୍ଷରେ, ଗିଲବର୍ଟୀଙ୍କ ଏହି ବିଜ୍ଞାପନ ଉପରେ ଆଗ୍ରହ ଦେଖାଇଥିବା ଅଧିକାଂଶ ମହିଳା ତାଙ୍କ ସମ୍ପତ୍ତି ବିଷୟରେ ଜାଣିବାକୁ ଚାହିଁଥିବା ନେଇ ବିଜ୍ଞାପନ ଛାପିଥିବା କର୍ମଚାରୀ ଦାବି କରିଛନ୍ତି।



## ଗଣତନ୍ତ୍ର-ମତଦାତା ବାହାଘର

**ପୁଣେ:** ସୋସିଆଲ ମିଡିଆରେ ଏବେ ଏକ ନିଆରା ବିବାହ କାର୍ଡ ଭାଇରାଲ ହେବାରେ ଲାଗିଛି। ଚଳିତ ଲୋକ ସଭା ନିର୍ବାଚନରେ ଜନସାଧାରଣଙ୍କୁ ମତଦାନର ମହତ୍ତ୍ୱ ବୁଝାଇବା ଉଦ୍ଦେଶ୍ୟରେ ଏହି ବିବାହ କାର୍ଡକୁ ପ୍ରସ୍ତୁତ କରାଯାଇଛି। ଏଥିରେ ବର ଏବଂ କନ୍ୟାଙ୍କ ନାମ ବଦଳରେ ଗଣତନ୍ତ୍ର ଏବଂ ଭୋଟରଙ୍କ ମଧ୍ୟରେ ବିବାହ ଅନୁଷ୍ଠିତ ହେଉଥିବା ଲେଖାଯାଇଛି। ସେହିପରି ପ୍ରତ୍ୟେକ ବ୍ୟକ୍ତିଙ୍କର ମତଦାନ କେନ୍ଦ୍ର ବିବାହ ସ୍ଥାନ ହୋଇଥିବା ଏହି କାର୍ଡରେ ଲେଖା ଯାଇଛି। ପୁଣେରେ ଏକ ନିଆରା ବିବାହ କାର୍ଡ ନାଗରିକମାନଙ୍କୁ ସେମାନଙ୍କର ଭୋଟ୍ ଦେବାର ଅଧିକାର ବ୍ୟବହାର କରିବାକୁ ଉତ୍ସାହିତ କରୁଥିବା ଏହି ପୋଷ୍ଟର କ୍ୟାପଶନରେ ସୂଚନା ଦିଆଯାଇଛି। ଏହି ନିମନ୍ତ୍ରଣ କାର୍ଡରେ ମରାଠୀ ଭାଷାରେ ଲେଖା ହୋଇଛି, 'ଗଣତନ୍ତ୍ର' ଏବଂ 'ଭୋଟର' ପରସ୍ପର ସହ ନିର୍ବାଚନ ଦିନ ବିବାହ କରିବାକୁ ଯାଉଛନ୍ତି।

# ଋଷିଙ୍କୁ ମନେପକାଇଲେ ନୀତୁ

**ମୁମ୍ବାଇ:** ଅଭିନେତା ଋଷି କପୁରଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ବଲିଉଡ୍ ଇଣ୍ଡଷ୍ଟ୍ରିର ଏହି ଭେଟେରାନ ଅଭିନେତାଙ୍କର ଦେହାନ୍ତ ହେବାରେ ଇତି ମଧ୍ୟରେ ୪ ବର୍ଷ ବିତିଯାଇଛି। ଏହି ଅବସରରେ ଋଷିଙ୍କ ସ୍ତ୍ରୀ ତଥା ବଲିଉଡ୍ ଭେଟେରାନ୍ ଅଭିନେତ୍ରୀ ନୀତୁ କପୁର ତାଙ୍କ ସ୍ୱାମୀଙ୍କୁ ମନେ ପକାଇ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏହି ଅବସରରେ ଋଷିଙ୍କ ଝିଅ ରିଦ୍ଧିମା କପୁର ମଧ୍ୟ ନିଜ ପିତାଙ୍କୁ ମନେ ପକାଇ ତାଙ୍କ ସ୍ମୃତି ବଖାଣିଛନ୍ତି।

ରିଦ୍ଧିମା କପୁର ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଋଷିଙ୍କ ସହ ଏକ ଫଟୋ ଶେୟାର କରି ଲେଖିଛନ୍ତି, ଆମେ ଯାହାକୁ ବେଶି ଭଲପାଉ, ସେମାନେ କେବେବି ଦୂରକୁ ଯାଆନ୍ତି ନାହିଁ, ସବୁବେଳେ ସେମାନେ ଆମ ସହ ରୁହନ୍ତି। ଏହିପରି ଭାବରେ ରିଦ୍ଧିମା ନିଜ ପିତାଙ୍କୁ ମନେ ପକାଇଛନ୍ତି। ସେହିପରି ସ୍ୱାମୀ ଋଷିଙ୍କୁ ମନେ ପକାଇ ତାଙ୍କ ସହ ଥିବା ଏକ ଫଟୋକୁ ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ ଅଭିନେତ୍ରୀ ନିତୁ କପୁର ଶେୟାର କରିଛନ୍ତି। ସେ ଏହି ଷ୍ଟୋରିର କ୍ୟାପସନରେ ଲେଖିଛନ୍ତି, ବହୁତ ସୁନ୍ଦର ସ୍ମୃତି ଦେବା ପାଇଁ ଧନ୍ୟବାଦ। ୪ ବର୍ଷ ଧରି ତୁମ ସ୍ମୃତିରେ ଆମେ ବଞ୍ଚି ରହିଛୁ। ଅଭିନେତା ଋଷି କପୁରଙ୍କୁ ୨୦୧୮ରେ ଲ୍ୟୁକେମିଆ ନାମକ କର୍କଟ ରୋଗ ହୋଇଥିଲା। ଏହି ରୋଗର ଚିକିତ୍ସା ପାଇଁ ସେ ଆମେରିକା ଯାଇଥିଲେ।ତାଙ୍କର ଏପ୍ରିଲ୍ ୩୦, ୨୦୨୦ରେ ପରଲୋକ ଘଟିଥିଲା।





ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ମଙ୍ଗଳବାର ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିବାବେଳେ ଉପସ୍ଥିତ ଅଛନ୍ତି ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଧରିତ୍ରୀ ପରିବାର ସଦସ୍ୟାସଦସ୍ୟ।

# ଭୋଟ ପୂର୍ବରୁ ଗିରଫ କାହିଁକି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୩୦।୪(ପି.ଟି.)**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରି ସମୟକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ପ୍ରଶ୍ନ କରିଛନ୍ତି। ଲୋକ ସଭା ନିର୍ବାଚନର ଠିକ୍ ପୂର୍ବରୁ କାହିଁକି ଗିରଫ କରାଗଲା, ତାହାର ଜବାବ ମାଗିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଜୀବନ ଏବଂ ସ୍ୱାଧୀନତା ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ। ଏହାକୁ ଆମେ ଅଣଦେଖା କରିପାରିବା ନାହିଁ ବୋଲି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ କହିଛନ୍ତି। ଇଡିଙ୍କ ତରଫରୁ ମାମଲା ଲଢୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କୁ ଖଣ୍ଡପୀଠ ଆହୁରି ଅନେକ ପ୍ରଶ୍ନ କରିବା ସହ ପରବର୍ତ୍ତୀ ଶୁଣାଣିରେ ଜବାବ ରଖିବାକୁ କହିଛନ୍ତି। ଇଡି ନ୍ୟାୟିକ ପ୍ରକ୍ରିୟା ନ ଆପଣାଇ ଆପରାଧିକ ମାମଲା କରିପାରିବ କି ବୋଲି ଖଣ୍ଡପୀଠ ରାଜୁଙ୍କୁ ପଚାରିଥିଲେ।

ଏହି ମାମଲାରେ ଏପର୍ଯ୍ୟନ୍ତ କୌଣସି ବାଜ୍ୟାପ୍ତି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତେବେ କେଜ୍‌ରିୱାଲ କିପରି ମାମଲାରେ ସମ୍ପୃକ୍ତ, ଦେଖାଅ ବୋଲି ଜଷ୍ଟିସ୍ ଖାନ୍ନା ପ୍ରଶ୍ନ କରିଥିଲେ। ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କଠାରୁ ତଦନ୍ତକାରୀ ଅଫିସରମାନେ କେତେକ ତଥ୍ୟ ପ୍ରମାଣ ଜବତ କରିଥିବା ଦାବି କରିଥିଲେ। ତେବେ କେଜ୍‌ରିୱାଲଙ୍କ ମାମଲାରେ ସେପରି କିଛି ମିଳିଥିବା ନଜରକୁ ଅଣାଯାଇ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତଦନ୍ତ ପ୍ରକ୍ରିୟା ଆରମ୍ଭ ଏବଂ ଗିରଫଦାରି ମଧ୍ୟରେ ଏତେ ସମୟ ବ୍ୟବଧାନ ରହିଲା କାହିଁକି, ତାହା ସ୍ପଷ୍ଟ କରିବାକୁ ଖଣ୍ଡପୀଠ ଇଡିକୁ କହିଛନ୍ତି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ଧାରା ୮ରେ ସର୍ବାଧିକ ସମୟସୀମା ୩୬୫ ଦିନ ଦିଆଯାଇଛି।



ଅରବିନ୍ଦ କେଜ୍‌ରିୱାଲ

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫଦାରିକୁ କେଜ୍‌ରିୱାଲ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଶୁକ୍ରବାର ହୋଇପାରେ। ଆମ ଆଦ୍‌ମୀ ପାର୍ଟି ନେତା ମାର୍ଚ୍ଚ ୨୧ରେ ଗିରଫ ହେବା ପରେ ଏବେ ତିହାର ଜେଲରେ ରହିଛନ୍ତି। ତାଙ୍କ ଆବେଦନ ଉପରେ ସୁପ୍ରିମକୋର୍ଟ ଗତ ୧୫ ତାରିଖରେ ଇଡିକୁ ନୋଟିସ ଜାରି କରି ଜବାବ ମାଗିଥିଲେ। ଗତ ୯ ତାରିଖରେ ଦିଲ୍ଲୀ ହାଇକୋର୍ଟ କେଜ୍‌ରିୱାଲଙ୍କ ଗିରଫଦାରିକୁ କାଏମ ରଖିଥିଲେ। ବାରମ୍ବାର ଇଡି ସମନ ସତ୍ତ୍ୱେ ସେ ତଦନ୍ତ ପ୍ରକ୍ରିୟାରେ ସାମିଲ ନ ହେବାରୁ ଗିରଫ କରିବା ବ୍ୟତୀତ ଅନ୍ୟ ବିକଳ୍ପ ନ ଥିଲା ବୋଲି ହାଇକୋର୍ଟ କହିଥିଲେ। ଜେଲରୁ କେଜ୍‌ରିୱାଲ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଉଛନ୍ତି। ତେବେ ସେ ଜେଲରେ ଥିବାରୁ ନିର୍ବାଚନ ପ୍ରଚାର ବାଧାପ୍ରାପ୍ତ ହୋଇଛି। ଦଳର ନେତା ଆତିଶୀ, ସୌରଭ ଭରଦ୍ୱାଜ ଓ ଅନ୍ୟମାନେ ପ୍ରଚାର ଚଳାଇଥିବାବେଳେ କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା ସେମାନଙ୍କ ସହ ସାମିଲ ହୋଇଛନ୍ତି।

# ୧୦ ମାଓବାଦୀ ନିହତ

**ରାୟପୁର (ପି.ଟି.)/ ମାଲକାନଗିରି, ୩୦।୪ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ର ନାରାୟଣପୁର ଓ କାଙ୍କେର ଜିଲା ସୀମାନ୍ତ ଜଙ୍ଗଲରେ ମଙ୍ଗଳବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୧୦ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଙ୍କ ମଧ୍ୟରେ ୩ ମହିଳା ଥିବା ପୋଲିସ କହିଛି। ଏହା ହେଉଛି ଛତିଶଗଡ଼ରେ ମାଓବାଦୀଙ୍କୁ ଦ୍ୱିତୀୟ ବଡ଼ ଝଟ୍‌କା। ଏପ୍ରିଲ ୧୬ରେ କାଙ୍କେରର କଲପେର ଜଙ୍ଗଲରେ ସୁରକ୍ଷା ବଳର ମିଳିତ ଏନ୍‌କାଉଣ୍ଟର ବେଳେ ୨୯ ମାଓବାଦୀ ନିହତ ହୋଇଥିଲେ। ସେହି ସ୍ଥାନରୁ ୩୦ କି.ମି. ଦକ୍ଷିଣରେ ଅବସ୍ଥିତ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ପୋଲିସକୁ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ସୋମବାର ରାତିରେ ତଲାସି ଅଭିଯାନ ଚଳାଇଥିବାବେଳେ ଲାଲ ବାହିନୀ ସେମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲା। ମାଓବାଦୀଙ୍କୁ ଜବାବ ଦେବାକୁ ଯାଇ ଯବାନମାନେ ଗୁଳି ଚଳାଇଥିଲେ। ପ୍ରାୟ ଘଣ୍ଟାଏ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିଲା। ଶେଷରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ। ମଙ୍ଗଳବାର ସକାଳ ୬ଟାରେ ଉକ୍ତ ଜଙ୍ଗଲରୁ ୩ ମହିଳା ଓ ୭ ପୁରୁଷ ମାଓବାଦୀଙ୍କ ମୃତଦେହ ସହ ସେମାନେ ବ୍ୟବହାର କରୁଥିବା ଏକେ-୪୭, ଇନ୍‌ସାସ୍ ରାଇଫଲ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ମିଳିଥିବା ବସ୍ତରର ଡିଆଇଜି ସୁନ୍ଦରଲାଲ ପି. ସୂଚନା ଦେଇଛନ୍ତି। ତେବେ ମୃତ ମାଓବାଦୀମାନଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ଏନ୍‌କାଉଣ୍ଟର ବେଳେ ସୁରକ୍ଷା ବଳର କେହି ଆହତ ହୋଇନାହାନ୍ତି।

# କାକଟପୁର ଆସନରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ହେଲେ ବିଶ୍ୱଭୂଷଣ

**ଭୁବନେଶ୍ୱର, ୩୦।୪(ସୁନିତ୍ ମିଶ୍ର)**

କଂଗ୍ରେସ ପକ୍ଷରୁ ମଙ୍ଗଳବାର କାକଟପୁର ବିଧାନସଭା ଆସନ ପାଇଁ ବିଶ୍ୱଭୂଷଣ ଦାସଙ୍କୁ ପ୍ରାର୍ଥୀ କରାଯାଇଛି। ଦଳ ପକ୍ଷରୁ କେବଳ ଏହି ଗୋଟିଏ ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯାଇଛି। ପୂର୍ବରୁ ୧୪୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ଶେଷ ହୋଇସାରିଛି। କେବଳ ନୀଳଗିରି ଆସନରେ ଦଳ ଏ ପର୍ଯ୍ୟନ୍ତ କାହାକୁ ପ୍ରାର୍ଥୀ କରିନାହିଁ। ନିକଟରେ ବିଶ୍ୱଭୂଷଣ ଦାସ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ। ହେଲେ ଦଳ ଏହି ଆସନରେ ତାଙ୍କୁ ପ୍ରାର୍ଥୀ କରି ନ ଥିଲା। ଫଳରେ ଭାଜପା ପ୍ରାର୍ଥୀ ଘୋଷଣା କରିବାର କିଛିଦିନ ପରେ ବିଶ୍ୱଭୂଷଣ ପୁଣି ଥରେ କଂଗ୍ରେସ ଫେରିଥିଲେ। ଏହାପରେ ଦଳ ତାଙ୍କୁ ୨୦୨୪ ନିର୍ବାଚନ ଲାଗି ଟିକେଟ ପ୍ରଦାନ କରିଛି।

# ୱାଇଏସ୍‌ଆର୍‌ସିପିର ତାରକା ପ୍ରଚାରକ ତାଲିକାରେ ଚାଷୀ, ଅଟୋ ଡ୍ରାଇଭର

**ନୂଆଦିଲ୍ଲୀ,୩୦।୪(ପି.ଟି.)**

ନିର୍ବାଚନରେ ଭୋଟରମାନଙ୍କୁ ଆକୃଷ୍ଟ ତଥା ପ୍ରଭାବିତ କରିବା ନିମନ୍ତେ ବିଭିନ୍ନ ଦଳ ଚଳଚ୍ଚିତ୍ର ତାରକା, ସେଲିବ୍ରିଟି, ଇନ୍‌ଫ୍ଲୁଏନ୍ସରମାନଙ୍କୁ ଷ୍ଟାର କ୍ୟାମ୍ପେନର ଭାବେ ନେଉଥିବାବେଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀଙ୍କ ଦଳ ୱାଇଏସ୍‌ଆର୍‌ସିପି ଏକ ବିରଳ ଉଦାହରଣ ସୃଷ୍ଟି କରିଛି। ଏହି ଦଳର ତାରକା ପ୍ରଚାରକ ତାଲିକାରେ ଗୃହିଣୀ, ଚାଷୀ, ଅଟୋ ଡ୍ରାଇଭର, ଦରଜି ଏବଂ ପୂର୍ବତନ ସ୍ୱେଚ୍ଛାସେବୀଙ୍କୁ ସ୍ଥାନ ଦିଆଯାଇଛି। ପୂର୍ବରୁ କୌଣସି ଦଳ ଏଭଳି ସାଧାରଣ ଲୋକଙ୍କୁ ତାରକା ପ୍ରଚାରକ ଭାବେ ନେଇ ନ ଥିଲେ। ୱାଇଏସ୍‌ଆର୍‌ସିପିର ତାରକା ପ୍ରଚାରକଙ୍କ ମଧ୍ୟରେ ୧୨ ଜଣ ସାଧାରଣ ଲୋକଙ୍କ ନାଁ ରହିଛି। ରାଜ୍ୟର ପ୍ରତ୍ୟେକ ବ୍ୟକ୍ତି ଦଳର ଷ୍ଟାର ପ୍ରଚାରକ ବୋଲି ଜଗନମୋହନ ବିଶ୍ୱାସ କରୁଛନ୍ତି। ସେମାନେ ସଭାରେ ଦଳ ପାଇଁ ପ୍ରଚାର କରିବା ସହ ସମସ୍ତଙ୍କ ପାଖରେ ୱାଇଏସ୍‌ଆର୍‌ସିପିର ବାର୍ତ୍ତା ପହଞ୍ଚାଇବେ।

# ୨ ମହିଳାଙ୍କୁ ଦଙ୍ଗାକାରୀଙ୍କ ପାଖରେ ଛାଡ଼ିଥିଲା ମଣିପୁର ପୋଲିସ: ସିବିଆଇ

**ନୂଆଦିଲ୍ଲୀ,୩୦।୪(ପି.ଟି.)**

ଗତବର୍ଷ ଭାଜପା ଶାସିତ ରାଜ୍ୟ ମଣିପୁରରେ ଜାତିଆଣ ହିଂସା ଉଗ୍ର ରୂପ ନେଇଥିବାବେଳେ ମେ' ୪ରେ ପୋଲିସର ଶରଣ ଚାହିଁଥିଲେ କୁକି-ଜୋମି ସମ୍ପ୍ରଦାୟର ୨ ମହିଳା। ମଣିପୁର ପୋଲିସ ଅଧିକାରୀ ସେମାନଙ୍କୁ ନିରାପଦ ସ୍ଥାନରେ ଆଶ୍ରୟ ଦେବା ପରିବର୍ତ୍ତେ କାଙ୍ଗପୋକ୍‌ସି ଜିଲାର ମେଇତି ଦଙ୍ଗାକାରୀମାନଙ୍କ ମେଳି ନିକଟରେ ଛାଡ଼ିଦେଇଥିଲେ। ଦଙ୍ଗାକାରୀମାନେ ୨ ମହିଳାଙ୍କୁ ଉଲଗ୍ନ ପରେଡ୍ କରାଇବା ସହ ଯୌନ ନିର୍ଯାତନା ଦେଇଥିଲେ ବୋଲି ସିବିଆଇ ଚାର୍ଜଶିଟ୍‌ରେ ଉଲ୍ଲେଖ ରହିଛି। ଉକ୍ତ ମହିଳାଙ୍କ ମଧ୍ୟରୁ ଜଣେ କାର୍‌ଗିଲରେ ଯୁଦ୍ଧ ଲଢ଼ିଥିବା ଯବାନଙ୍କ ସ୍ତ୍ରୀ। ସେମାନଙ୍କୁ ଏକ ନିରାପଦ ସ୍ଥାନକୁ ନେଇଯିବା ପାଇଁ ମହିଳାମାନେ ଗୁହାରି କରିଥିବାବେଳେ ଗାଡ଼ି ଚାବି ନ ଥିବା କହି ପୋଲିସ ଅଧିକାରୀ ସେମାନଙ୍କୁ ତଡ଼ି ଦେଇଥିଲେ ଏବଂ କୌଣସି ପ୍ରକାର ସହାୟତା କରି ନ ଥିଲେ। ମହିଳାମାନଙ୍କ ଉଲଗ୍ନ ପରେଡ୍‌ର ଭିଡିଓ ଗତବର୍ଷ

**ଉଲଗ୍ନ ପରେଡ୍ ଘଟଣା**

ଜୁଲାଇରେ ଭାଇରାଲ ହେବା ପରେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ଏହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଗତବର୍ଷ ଅକ୍ଟୋବର ୧୬ରେ ଗୁଆହାଟୀର ସ୍ୱତନ୍ତ୍ର ସିବିଆଇ ବିଚାରପତିଙ୍କ କୋର୍ଟରେ ତଦନ୍ତକାରୀ ସଂସ୍ଥା ଚାର୍ଜଶିଟ୍ ଦାଖଲ କରିଥିଲା, ଯେଉଁଥିରେ ୬ ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା। ଏହା ବ୍ୟତୀତ ଜଣେ ନାବାଳକ ଘଟଣାରେ ସମ୍ପୃକ୍ତ ଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ଥିଲା।

ସିବିଆଇ ରିପୋର୍ଟ ଅନୁଯାୟୀ ଏକେ ରାଇଫଲ୍ସ, ଏସ୍‌ଏଲ୍‌ଆର୍, ଇନ୍‌ସାସ୍ ଭଳି ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ମେଇତି ସମ୍ପ୍ରଦାୟର ୯୦୦ରୁ ୧,୦୦୦ ଲୋକ କଙ୍ଗପୋକ୍‌ସି ଜିଲାର ଏକ ଗାଁରେ ଧସେଇ ପଶିବାରୁ ୨ ମହିଳାଙ୍କ ସମେତ ଅନ୍ୟମାନେ ଜୀବନ ବଞ୍ଚାଇବାକୁ ଜଙ୍ଗଲକୁ ପଳାଇଥିଲେ। ରାସ୍ତା ପାର୍ଶ୍ୱରେ ଥିବା ଏକ ପୋଲିସ୍ ଗାଡ଼ି ପାଖକୁ ସହାୟତା ନେବା ଲାଗି କେତେଜଣ ଦଙ୍ଗାକାରୀ ଉକ୍ତ ମହିଳାଙ୍କୁ କହିଥିଲେ। ମହିଳା ଦ୍ୱୟ କୌଣସି ପ୍ରକାରେ ପୋଲିସ ଗାଡ଼ି ଭିତରକୁ ପଶିଯାଇଥିଲେ। ଗାଡ଼ିରେ ୨ ଜଣ ପୋଲିସ କର୍ମଚାରୀ ଓ ଜଣେ ଡ୍ରାଇଭର ଥିଲେ ଏବଂ ଗାଡ଼ି ବାହାରେ ୩/୪ ଜଣ ରହିଥିଲେ। ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଯିବା ପାଇଁ ମହିଳାମାନେ ଡ୍ରାଇଭରଙ୍କୁ ଅନୁରୋଧ କରିଥିଲେ। ତେବେ ଚାବି ନ ଥିବା କହି ପୋଲିସ ସେମାନଙ୍କ ଗୁହାରିକୁ କର୍ଣ୍ଣପାତ କରି ନ ଥିଲେ ବୋଲି ସିବିଆଇ ଚାର୍ଜଶିଟ୍‌ରେ କୁହାଯାଇଛି। ଏପରିକି ଦଙ୍ଗାକାରୀଙ୍କ ଆକ୍ରମଣର ବାପାଙ୍କୁ ହରାଇଥିବା ଜଣେ ବ୍ୟକ୍ତିଙ୍କୁ ମଧ୍ୟ ପୋଲିସ ସହାୟତା କରି ନ ଥିଲା। ପରେ ଡ୍ରାଇଭର ଜିପ୍ସି ଗାଡ଼ିକୁ ଦଙ୍ଗାକାରୀମାନଙ୍କ ପାଖକୁ ନେଇଯାଇଥିଲା। ଗାଡ଼ିରେ ୨ ମହିଳାଙ୍କ ସମେତ ଉକ୍ତ ବ୍ୟକ୍ତି ଥିଲେ। ଦଙ୍ଗାକାରୀ ମାଡ଼ି ଆସିବାରୁ ପୋଲିସ ମହିଳା ଓ ଉକ୍ତ ବ୍ୟକ୍ତିଙ୍କୁ ସେଠାରେ ଛାଡ଼ିଦେଇ ପଳାଇଥିଲା। ଦଙ୍ଗାକାରୀ ମହିଳା ୨ ଜଣଙ୍କୁ ଘୋଷାଡ଼ି ନେଇ ଉଲଗ୍ନ ପରେଡ୍ କରାଇବା ପରେ ଯୌନ ନିର୍ଯାତନା ଦେଇଥିଲେ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

# ଆଠଗଡ଼: ଟିକେଟ ଫେରାଇଲେ କଂଗ୍ରେସ ପ୍ରାର୍ଥୀ

**ଟିଗିରିଆ,୩୦।୪(ଜାଫର ଖାଁ )**

ଆଠଗଡ ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ମେହେବୁବ୍ ଅହମ୍ମଦ ଖାଁ ମଙ୍ଗଳବାର ପିସିସି ସଭାପତିଙ୍କୁ ଟିକେଟ୍ ଫେରାଇ ଦେଇଛନ୍ତି। କଟକ ଲୋକସଭା ଆସନ ପାଇଁ ଦଳ ବିଭୂତି ଭୂଷଣ ମିଶ୍ରଙ୍କ ପରିବର୍ତ୍ତେ ସୁରେଶ ମହାପାତ୍ରଙ୍କୁ ଦଳୀୟ ଟିକେଟ ଦେଇଥିବାରୁ ଏଥିରେ ଅସନ୍ତୋଷବ୍ୟକ୍ତ କରି ସେ ପ୍ରାର୍ଥିପତ୍ର ଫେରାଇ ଦେଇଛନ୍ତି ବୋଲି ପିସିସି ସଭାପତିଙ୍କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ୨୦୧୨ ମସିହା ଆଠଗଡ ବିଧାନସଭା ଉପନିର୍ବାଚନରେ ସୁରେଶ ମହାପାତ୍ର କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ମେହେବୁବ୍ ଦଳକୁ ସହଯୋଗ କରିବାକୁ ଚାହୁଁଥିବା ବେଳେ ଦଳୀୟ ପ୍ରାର୍ଥୀ ଭାବେ ସୁରେଶ ସହଯୋଗ ନେଇ ନ ଥିବାରୁ ଏବେ ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ନିଜ ଟିକେଟ ଫେରାଇ ଥିବା ଚର୍ଚ୍ଚା ହୋଉଛି। ଏନେଇ ମେହେବୁବ୍‌ଙ୍କ ସହ ମୋବାଇଲ୍ ଫୋନ ଜରିଆରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସୁଇଚ୍ ଅଫ୍ ଥିବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ବିଶ୍ୱର ୧୦ ଉତ୍ତପ୍ତ ସହର ମଧ୍ୟରେ ଓଡ଼ିଶାର ୩

**ଭୁବନେଶ୍ୱର, ୩୦।୪ (ଅସମାପିକା ସାହୁ)**

ପ୍ରବଳ ଖରାରେ ଜଳୁଛି ସାରା ଓଡ଼ିଶା। ଘରୁ ବାହାରିଲେ ତାତି ସହିତ ଝାଞ୍ଜି ପବନ ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି। ଗତ ୧୬ଦିନ ହେଲା ଆକାଶରୁ ଅଗ୍ନିବର୍ଷା ହେଉଛି। ସକାଳ ୮ଟାରୁ ଅପରାହ୍ନ ୩ଟା ଯାଏ ରାସ୍ତାଘାଟ ଶୂନଶାନ୍ ହୋଇପଡୁଛି। ପ୍ରବଳ ଖରାରେ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି। ମଙ୍ଗଳବାର ରାଜ୍ୟରେ ୪୬ ଡିଗ୍ରୀ ସେଲ୍‌ସିୟସ୍ ପାର୍ କରିଛି ତାପମାତ୍ରା, ଯାହାକି ଚଳିତ ବର୍ଷର ସର୍ବାଧିକ ତାପମାତ୍ରା। ବାରିପଦାରେ ସର୍ବାଧିକ ୪୬.୪ ଡିଗ୍ରୀ, ବାଲେଶ୍ୱରରେ ୪୬ ଏବଂ ଭୁବନେଶ୍ୱରରେ ୪୫.୪ ଡିଗ୍ରୀ ସେଲସିୟସ୍ ଛୁଇଁଛି। ତେବେ ବାଲେଶ୍ୱରରେ ରେକର୍ଡ ହୋଇଥିବା ୪୬ ଡିଗ୍ରୀ ତାପମାତ୍ରା ଏପ୍ରିଲ ମାସର ସର୍ବୋଚ୍ଚ ଦିନ ତାପମାତ୍ରାର ସର୍ବକାଳୀନ ରେକର୍ଡ କରାଯାଇଛି। ମଙ୍ଗଳବାର ବିଶ୍ୱର ପ୍ରଥମ ୧୦ଟି ଉତ୍ତପ୍ତ ସହର ମଧ୍ୟରେ ଓଡ଼ିଶାର ୩ଟି ସହର ରହିଛି। ବାରିପଦା ଦ୍ୱିତୀୟ, ବାଲେଶ୍ୱର ତୃତୀୟ ଏବଂ ଭୁବନେଶ୍ୱର ଦଶମ ସ୍ଥାନରେ ରହିଥିଲା। ପ୍ରଥମ ସ୍ଥାନରେ ଓମାନ୍‌ର ଜୋବା ସହର ରହିଥିଲାବେଳେ ଏଠାରେ ତାପମାତ୍ରା ୪୯.୨ ଡିଗ୍ରୀ ସେଲ୍‌ସିୟସ ଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ଉମାଶଙ୍କର ଦାସ ସୋସିଆଲ ମିଡିଆ 'ଏକ୍ସ'ରେ ସୂଚନା ଦେଇଛନ୍ତି।

ମଙ୍ଗଳବାର ବାରିପଦାରେ ରେକର୍ଡ ହୋଇଥିବା ୪୬.୪ ଡିଗ୍ରୀ ହେଉଛି ବାରିପଦାର ସର୍ବକାଳୀନ ରେକର୍ଡ। ଏହା ପୂର୍ବରୁ ୨୦୧୦ ଏପ୍ରିଲ ୨୧ରେ ସର୍ବୋଚ୍ଚ ଦିନ ତାପମାତ୍ରା ୪୬.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା। ସେହିଭଳି ବାଲେଶ୍ୱରରେ ରେକର୍ଡ ହୋଇଥିବା ୪୬ ଡିଗ୍ରୀ ତାପମାତ୍ରା ଏପ୍ରିଲ ମାସର ସର୍ବୋଚ୍ଚ ଦିନ ତାପମାତ୍ରାର ସର୍ବକାଳୀନ ରେକର୍ଡ। ଏହାପୂର୍ବରୁ ୨୦୧୦ ଏପ୍ରିଲ ୨୦ରେ ୪୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ଭୁବନେଶ୍ୱରରେ ରେକର୍ଡ ହୋଇଥିବା ତାପମାତ୍ରା ଏପ୍ରିଲ ମାସର ଦ୍ୱିତୀୟ ସର୍ବାଧିକ ତାପମାତ୍ରା। ୨୦୧୬ ଏପ୍ରିଲ ୧୧ରେ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୫.୮ ଡିଗ୍ରୀ ରେକର୍ଡ କରାଯାଇଛି। ଅପରପକ୍ଷେ ରାଜ୍ୟରେ ଟିଟିଲାଗଡ଼ରେ ଏପ୍ରିଲ ମାସର ସର୍ବକାଳୀନ ରେକର୍ଡ ହୋଇଥିଲା। ୧୯୭୬ ଏପ୍ରିଲ ୨୬ରେ ଟିଟିଲାଗଡ଼ରେ ୪୯. ୬ ଡିଗ୍ରୀ ସହ ରାଜ୍ୟର ଏପ୍ରିଲ ମାସର ସର୍ବକାଳୀନ ରେକର୍ଡ ହୋଇଥିଲା। ସେହିପରି ୧୯୭୩ ଏପ୍ରିଲ ୨୨ରେ ବଲାଙ୍ଗୀର ୪୯ ଡିଗ୍ରୀ ସେଲ୍‌ସିୟସ୍ ସହ ରାଜ୍ୟର ଦ୍ୱିତୀୟ ସର୍ବୋଚ୍ଚ ଦିନ ତାପମାତ୍ରା ରେକର୍ଡ କରାଯାଇଥିଲା।

ମଙ୍ଗଳବାର ରାଜ୍ୟର ୧୫ଟି ସହରରେ ତାପମାତ୍ରା ୪୪ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ ହୋଇଛି। କେବଳ ସେତିକି ନୁହେଁ, ରାଜ୍ୟର ୨୯ଟି ସହରରେ ତାପମାତ୍ରା ୪୨ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ କରାଯାଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆହୁରି ୨ ଦିନ ଆକାଶରୁ ଅଗ୍ନିବର୍ଷା ହେବ। ରାଜ୍ୟରେ ଗ୍ରୀଷ୍ମପ୍ରବାହ ସହ ଗୁଲୁଗୁଲି ଜାରି ରହିବ। ଭୀଷଣ ଗ୍ରୀଷ୍ମ ପ୍ରବାହ ଯୋଗୁ ରାଜ୍ୟର ଅନେକ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ସେପଟେ ଆଗାମୀ ୨୪ ଘଣ୍ଟା ପାଇଁ ସିଭିୟର ହିଟ୍ ୱେଭ ଜାରି କରିଛି ପାଣିପାଗ ବିଭାଗ। ଏନେଇ ପାଣିପାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ ଓ ବୌଦ୍ଧ ଆଦି ୧୧ ଜିଲାକୁ ଭୀଷଣ ଗ୍ରୀଷ୍ମ ପ୍ରବାହ ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିଭଳି ଦେବଗଡ଼, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ସୁବର୍ଣ୍ଣପୁର, ନୂଆପଡ଼ା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼ ଓ ମାଲକାନଗିରିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବା ବେଳେ କନ୍ଧମାଳ, ନବରଙ୍ଗପୁର, ଗଜପତି ଓ ରାୟଗଡ଼ା ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ବୌଦ୍ଧ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାକୁ ରେଡ୍ ୱାର୍ନିଂ ଜାରି କରାଯାଇଥିବା ବେଳେ କିଛି ଜିଲା ଅରେଞ୍ଜ ଏବଂ ଆଉ କିଛି ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ଆସନ୍ତା ୪ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ୩ ତାରିଖ ବେଳକୁ ପାଗରେ ପରିବର୍ତ୍ତନ ସହ ସାମାନ୍ୟ ତାପମାତ୍ରାରେ ହ୍ରାସ ହେବାର ସମ୍ଭାବନା ରହିଛି।

**ଆଜି ୧୧ ଜିଲାକୁ ରେଡ୍ ଆଲର୍ଟ**

| ସହର | ସର୍ବୋଚ୍ଚ ତାପମାତ୍ରା |
|---|---|
| ବାରିପଦା | ୪୬.୪ |
| ବାଲେଶ୍ୱର | ୪୬ |
| ଭୁବନେଶ୍ୱର | ୪୫.୪ |
| ଅନୁଗୋଳ | ୪୪.୭ |
| ତାଳଚେର | ୪୪.୫ |
| ଢେଙ୍କାନାଳ | ୪୪.୫ |
| ଯାଜପୁର | ୪୪.୫ |
| ବୌଦ୍ଧ | ୪୪.୩ |
| ଝାରସୁଗୁଡ଼ା | ୪୪.୨ |
| କଟକ | ୪୪.୨ |
| କେନ୍ଦ୍ରାପଡ଼ା | ୪୪.୨ |
| ଟିଟିଲାଗଡ଼ | ୪୪ |
| ନୟାଗଡ଼ | ୪୪ |
| ନୂଆପଡ଼ା | ୪୪ |
| ଭଦ୍ରକ | ୪୪ |
| ବଲାଙ୍ଗୀର | ୪୩.୭ |
| ଚାନ୍ଦବାଲି | ୪୩.୬ |
| ସମ୍ବଲପୁର | ୪୩.୪ |
| ଭବାନୀପାଟଣା | ୪୩.୨ |
| ମାଲକାନଗିରି | ୪୩.୨ |
| ରାଉରକେଲା | ୪୩.୨ |
| କେନ୍ଦୁଝର | ୪୩ |
| ଖୋର୍ଦ୍ଧା | ୪୩ |
| ହୀରାକୁଦ | ୪୨.୯ |
| ସୁନ୍ଦରଗଡ଼ | ୪୨.୯ |
| ବରଗଡ଼ | ୪୨.୨ |
| ପାରଳାଖେମୁଣ୍ଡି | ୪୨.୧ |
| ଜଗତ୍‌ସିଂହପୁର | ୪୨ |
| ଫୁଲବାଣୀ | ୪୧.୫ |
| ରାୟଗଡ଼ା | ୪୦.୨ |
| ନବରଙ୍ଗପୁର | ୪୦ |



**ଆଜିର ମନ୍ତବ୍ୟ**

"ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମୋ ବିରୋଧରେ ଡାଇମଣ୍ଡ ହାର୍ବର ଲୋକ ସଭା ଆସନରେ ନିର୍ବାଚନ ଲଢ଼ନ୍ତୁ। ସେ ଜିତିଲେ ମୁଁ ସକ୍ରିୟ ରାଜନୀତିରୁ ଅବସର ନେବି।

–ଅଭିଷେକ ବାନାର୍ଜୀ, ଟିଏମ୍‌ସି ଏମ୍‌ପି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଏଫ୍‌ଡିଏ ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ, ସ୍ଥାନ: କଳିଙ୍ଗ ଷ୍ଟୁଡିଓ ଗେଟ୍–୧ ସମ୍ମୁଖ, ସମୟ: ସକାଳ ୯ଟା।
- ଏଆଇଟିୟୁସି ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଲିଙ୍ଗରାଜ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ପ୍ରଗତିବାଦୀର ପ୍ରତିଷ୍ଠା ଦିବସ, ସ୍ଥାନ: ପ୍ରଗତିବାଦୀ କାର୍ଯ୍ୟାଳୟ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ସମୟ: ଅପରାହ୍ନ ୫ଟା ୩୦।
- ଗାୟତ୍ରୀ ଡ୍ୟାନ୍ସ ଏକାଡେମୀର ପ୍ରଥମ ବାର୍ଷିକୋତ୍ସବ 'ନୃତ୍ୟ ବୈଶାଖି', ସ୍ଥାନ: ନବଜ୍ୟୋତି କ୍ଲବ, ରାମ ମନ୍ଦିର ପାଖ, ସମୟ: ସନ୍ଧ୍ୟା ୬ଟା।
- ସିଆଇଟିୟୁ ଏବଂ ସିଟି କୋର୍ଡିନେଶନ କମିଟି ଭୁବନେଶ୍ୱର ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ସନ୍ଧ୍ୟା ୬ଟା।
- ୟୁସିସିସି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଏସ୍‌୩/୭୮ ମଞ୍ଚେଶ୍ୱର, ଟୋୟଟା ଶୋ' ରୁମ ପାଖ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ନାଟକ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳାର ମଞ୍ଚସ୍ଥ ନାଟକ 'ଲକ୍ଷ୍ମଣର ଶୂଳ ଭେଦ', ସ୍ଥାନ: ରାମଲୀଳା ପଡ଼ିଆ ବେଣୁପୁର, ବାଲିଅନ୍ତା, ସମୟ: ରାତି ୧୧ ଟା ୩୦। ନାଟକ 'ସେତୁ ବନ୍ଧ ପ୍ରତିଷ୍ଠା', ସ୍ଥାନ: ସୀତା ରାମେଶ୍ୱର ମନ୍ଦିର ପରିସର, ଗୋତଳିନ୍ଦା, ବାଲିଅନ୍ତା, ସମୟ: ରାତି ୧୧ ଟା ୩୦। ନାଟକ 'ମହିରାବଣ ବଧ ଓ ରାବଣ ବଧ', ସ୍ଥାନ: ବଇଁଚୁଆ ଛକ, ବାଲିଅନ୍ତା, ସମୟ: ରାତି ୧୧ଟା ୩୦।

## କଟକ

- ବ୍ଲକସ୍ତରୀୟ ଶ୍ରମିକ ଦିବସ ପାଳନ, ସ୍ଥାନ: ଶ୍ରମିକ ଭବନ, ପାଞ୍ଚଗାଁ, ତିଗିରିଆ, ସମୟ: ସକାଳ ୭ଟା।
- ଓଟିଏମ୍ ବଞ୍ଚାଓ ସଙ୍ଗଠନ ଓ ବିରାଟ ଜନକଲ୍ୟାଣ ସମିତି ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ: ଓଟିଏମ୍ ମୁଖ୍ୟ ଫାଟକ, ସମୟ–ସକାଳ ୯ଟା।
- ଓଟିଏମ୍ ଶ୍ରମିକ ପରିବାର ପକ୍ଷରୁ ଶ୍ରମିକ ଦିବସ ପାଳନ ଓ ସାଧାରଣ ସଭା, ସ୍ଥାନ: ଚୌଦ୍ୱାରସ୍ଥିତ ଓଟିଏମ୍ ଶିଶୁପାର୍କ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା।
- ମା' ବାଶେଳୀ କୈବର୍ତ୍ତ ସଂଘ ପକ୍ଷରୁ ଚଇତି ଘୋଡ଼ା ନୃତ୍ୟ ପରିବେଷଣ, ସ୍ଥାନ: ଚୌଦ୍ୱାର ନୂଆସାହିସ୍ଥିତ ମଙ୍ଗଳା ମନ୍ଦିର ପଡ଼ିଆ,ସମୟ:ସନ୍ଧ୍ୟା ୭ଟା।
- ଶ୍ରମିକ ଦିବସ ଅବସରରେ ଆମ୍ବିଶନ କ୍ଲବ୍ ପକ୍ଷରୁ ଓଟିଏମ୍ ଶ୍ରମିକଙ୍କ କାହାଣୀକୁ ନେଇ ଡ୍ରାମା ପରିବେଷଣ,ସ୍ଥାନ: ଚୌଦ୍ୱାର ୧୧ନଂ. ୱାର୍ଡସ୍ଥିତ ଗୋପବନ୍ଧୁ ପଡ଼ିଆ, ସମୟ: ରାତି ୧୦ଟା।

## ପୁରୀ

- କଲେଜ ଅଫ୍ ଫାର୍ମାସିଉଟିକଲ ସାଇନ୍ସ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପୌରସଦନ ସମ୍ମିଳନୀ କକ୍ଷ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ସିଆଇଟିୟୁ ଓ ଏଆଇଟିୟୁସି ପକ୍ଷରୁ ଶ୍ରମିକ ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ପୁରୀ, ସମୟ: ଅପରାହ୍ନ ୫ଟା।
- ସତ୍ୟବାଦୀ ବ୍ଲକ ପେଣ୍ଠପଡ଼ା ପଞ୍ଚାୟତରେ ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ପେଣ୍ଠପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ପୁରୀ, ସମୟ: ଅପରାହ୍ନ ୫ଟା।
- ସାଧାରଣ ସଭା, ସ୍ଥାନ: ମାର୍କେଟ ଛକ, ପୁରୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ 'ଶ୍ରୀଜଗନ୍ନାଥାୟନ', ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର, ପୁରୀ, ସମୟ: ସନ୍ଧ୍ୟା ୭ଟା ୩୦।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀନୃସିଂହ ଦେବଙ୍କ ପୀଠ, ପଣ୍ଡାଳମ, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ହିନ୍ଦ୍ ମଜଦୁର ସଭା ତରଫରୁ ବିଶ୍ୱ ଶ୍ରମିକ ଦିବସ ପାଳନ, ମୋଟର ସାଇକେଲ ଶୋଭାଯାତ୍ରା, ସ୍ଥାନ: ହିନ୍ଦ୍ ମଜଦୁର ସଭା ଅଫିସ, ବାଲେଶ୍ୱର, ସମୟ: ସକାଳ ୮ଟା। ସାଧାରଣ ସଭା, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଉର୍ସ କମିଟି ଆନୁକୂଲ୍ୟରେ ହାତିମଶାହା ପୀର ବାବାଙ୍କ ୭୫ ତମ ବାର୍ଷିକ ଉତ୍ସବ, ସ୍ଥାନ: ରାଉତପଡ଼ା କାଛି ବସ୍ତି, ରୂପସା, ସମୟ: ସକାଳ ୮ଟା।
- ବିଜେଡିର ଘରେ ଘରେ ଶଙ୍ଖ, ଘରେ ଘରେ ବିକାଶ, କଷାଫଳଠାରେ ବିଶାଳ ରାଲି ଓ ସାଧାରଣ ସଭାରେ ଯୋଗଦେବେ ବାଲେଶ୍ୱର ଲୋକସଭା ପ୍ରାର୍ଥୀନୀ, ସ୍ଥାନ: କଷାଫଳ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଭୋଗରାଇ ବିଜେଡି ପ୍ରାର୍ଥୀ ଗୌତମବୁଦ୍ଧ ଦାସଙ୍କୁ ଭବ୍ୟ ସ୍ୱାଗତ, ସ୍ଥାନ: ନହରା ଛକରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ବିଶାଳ ବାଇକ ରାଲି, ଭୋଗରାଇ, ସମୟ: ଅପରାହ୍ନ ୩ଟା ୩୦।
- ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ ଜୟଶ୍ରୀ ମହାନ୍ତିଙ୍କ ରୋଟାରୀ କ୍ଲବ ପରିଦର୍ଶନ, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ବାଷଠୀ ପ୍ରାଥମିକ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର କର୍ମୀ ସମ୍ମିଳନୀ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଦକ୍ଷିଣବାଡ଼, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା ୩୦।
- ଭାଜପା ଚାନ୍ଦିମାଳ ମଣ୍ଡଳର କର୍ମୀ ସମ୍ମିଳନୀ, ସ୍ଥାନ: ନଳବାଙ୍କ, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ପୀର ଦାଣ୍ଡପଡ଼ିଆ, ବହୁଦରଡ଼ା, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଏବି ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ବର୍ଯ୍ୟାଁବନାପୁର, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।
- ବିଜେଡିର ନିର୍ବାଚନୀ ବୈଠକ, ସ୍ଥାନ: ନଳାଙ୍ଗ ଦୋଳମଣ୍ଡପ ପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା ୩୦।

## କେନ୍ଦୁଝର

- ମା' ମଙ୍ଗଳାଙ୍କ ପୀଠରେ ବାର୍ଷିକ ଉତ୍ସବ, ସ୍ଥାନ: ଘସିପୁରା ବ୍ଲକ ବେଲଦା ଶାଳଦେଇ, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଘସିପୁରା ବ୍ଲକ ଅଧୀନ ଶାଳଦେଇ, ସମୟ: ସକାଳ ୮ଟା।
- ଶ୍ରମିକ ଦିବସ ପାଳନ, ସ୍ଥାନ: ବଡ଼ବିଲ ଏଆଇଟିୟୁସି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଭାଜପାର ବିଜୟ ସଂକଳ୍ପ ଦିବସ ଓ ମିଶ୍ରଣ ପର୍ବ, ସ୍ଥାନ: ସାହରପଡ଼ା ବ୍ଲକ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ଆନନ୍ଦପୁର ବ୍ଲକ ଅଧୀନ ହରିଡ଼ା ପାଳ, ସମୟ: ଅପରାହ୍ନ ୪ଟା ।
- କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଆନନ୍ଦପୁର ବ୍ଲକ ଅଧୀନ ଜଳସୁଆଁ ବଡ଼ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ସଙ୍କୀର୍ତ୍ତନ ପଦ ଯାତ୍ରା ଓ ଭଜନ ସମାରୋହ, ସ୍ଥାନ: ଆନନ୍ଦପୁର ବ୍ଲକ ଜଳସୁଆଁ, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ବୁଢ଼ୀ ଠାକୁରାଣୀଙ୍କ ପୂଜା, ସ୍ଥାନ: ପଟାକୁଣ୍ଡିଆ ଗ୍ରାମ, ମୋରଡ଼ା ବ୍ଲକ, ସମୟ: ସକାଳ ୮ଟା।
- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭଞ୍ଜସେନା ପକ୍ଷରୁ ସବୁଜ ବଳୟ ସୃଷ୍ଟି କରିବାକୁ ଶପଥପାଠ, ସ୍ଥାନ: ସମଗ୍ର ଜିଲାବାସୀଙ୍କ ବାସଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବ୍ରହ୍ମପୁର

- ସଂସାର ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ, ସ୍ଥାନ: ପ୍ରକାଶମ ହଲ, ସମୟ: ସକାଳ ୮ଟା।
- ଓଡ଼ିଶା ଆଉଟସୋର୍ସିଂ ଏମ୍ପ୍ଲୟିଜ ୟୁନିୟନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଏମ୍‌କେସିଜି କଲେଜ ଆଣ୍ଡ ହସ୍ପିଟାଲ, ସମୟ: ପୂର୍ବାହ୍ନ ୧୧ଟା।
- ଗଞ୍ଜାମ ଜିଲା ପ୍ଲମ୍ବର ୱାର୍କମେନ୍ସ ଆସୋସିଏଶନର ତ୍ରୟୋଦଶ ଉତ୍ସବ, ସ୍ଥାନ: ଲାଞ୍ଜିପଲ୍ଲୀ ତାରାଦେବୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଲେଖିକା,ଲେଖକ ସାମ୍ମୁଖ୍ୟର ସାହିତ୍ୟ ଆସର, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୫ଟା।

## ଗଞ୍ଜାମ

- କ୍ରିକେଟ ମ୍ୟାଚ, ସ୍ଥାନ: ଭଞ୍ଜନଗର ବ୍ଲକ ରାଇଗୋଛା, ସମୟ: ସକାଳ ୯ଟା।
- ସୋରଡ଼ା ବିଜେଡି ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଭଞ୍ଜନଗର ଭାଜପା ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ଦାଖଲ, ସ୍ଥାନ: ଭଞ୍ଜନଗର ଉପ ଜିଲାପାଳ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।
- ଚବିଶି ପ୍ରହର ଅଖଣ୍ଡ ନାମଯଜ୍ଞ ଆରମ୍ଭ,ସ୍ଥାନ:ବୁଗୁଡା ବ୍ଲକ, ଆଦିପୁର,ସମୟ:ଭୋର ୫ଟା ୫୮ ମିନିଟ।

## କନ୍ଧମାଳ

- ଠାକୁରାଣୀ ଯାତ୍ରାର ନବମ ସନ୍ଧ୍ୟାରେ ଘଟ ପରିକ୍ରମା, ସ୍ଥାନ:ଗୌଡ଼ ସାହି, ସମୟ: ସନ୍ଧ୍ୟା ୬ଟା।
- ସାମାଜିକ ନାଟକ 'ଲୁହରେ ଲେଖା ମୋ କପାଳ ରେଖା', ସ୍ଥାନ: ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ରାତି ୧୦ଟା।

## ଜଗତ୍‌ସିଂହପୁର

- ପାରାଦୀପ ଖବରକାଗଜ ବିତରକ ସଂଘର ଦଶମ ବାର୍ଷିକ ଉତ୍ସବ, ସ୍ଥାନ: ନୂଆବଜାର, ପୋର୍ଟ କ୍ଲବ, ସମୟ: ସନ୍ଧ୍ୟା ୭ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରଘୁନାଥପୁର ବ୍ଲକ, ତଅଁରା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମହନ୍ତ ଶ୍ରୀ ଶ୍ରୀ ମଦନ ମୋହନ ଦାଶଙ୍କ ୮୩ ତମ ଶ୍ରାଦ୍ଧ ଦିବସ ଅବସରରେ ନାମ ଯଜ୍ଞ ଓ ସମାଧି ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବଡ଼ମଠ, ମଲ୍ଲା ସାହି, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଆଇଏନଟିୟୁସି ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ,ସ୍ଥାନ : ମାନପୁରସ୍ଥିତ କାର୍ଯ୍ୟାଳୟ,ସମୟ : ପୂର୍ବାହ୍ନ ୮ଟା।
- କଳିଙ୍ଗନଗର ମଜଦୁର ୟୁନିୟନ ପକ୍ଷରୁ ଶ୍ରମିକ ଦିବସ,ସ୍ଥାନ : ଦାନଗଦି ଭବନ,ସମୟ : ଅପରାହ୍ନ ୫ଟା।
- ନୟାଗଡ଼ର ଉମାକାନ୍ତ ସାହୁଙ୍କ ଦ୍ୱାରା ଶ୍ରୀରାମ ଚରିତ ମାନସ, ସ୍ଥାନ : ଯାଜପୁର ରୋଡ଼ ମହତାବ ନଗର ଦେବେଶ୍ୱର ମନ୍ଦିର ପରିସର,ସମୟ : ରାତି ସାଢେ ୭ଟା।

## ନୟାଗଡ଼

- ଦଶପଲ୍ଲା କାଷ୍ଠମୁଖା ରାମଲୀଳାର ଉଦ୍‌ଯାପନ ଉତ୍ସବରେ ଶ୍ରୀରାମଙ୍କ ରାଜ୍ୟାଭିଷେକ, ସ୍ଥାନ: ଦଶପଲ୍ଲା, ସମୟ:ଭୋର ୫ଟା।
- ଖଣ୍ଡପଡ଼ା ରାମଲୀଳାର ନବମ ଦିବସ, ସ୍ଥାନ:ଖଣ୍ଡପଡ଼ା ଗଡ଼ଭିତର ସାହି, ସମୟ: ରାତି ୯ଟା।
- କୈବର୍ତ୍ତ ସମାଜର ବାର୍ଷିକ ଅଧିବେଶନ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚୁଦୋଳ ମେଳଣ ପଡ଼ିଆ, ସମୟ: ସକାଳ ୭ଟା।
- ବିଜେଡିର ସମାବେଶ ଓ ବାଇକ୍ ରାଲି, ସ୍ଥାନ:ଖଣ୍ଡପଡ଼ା ବ୍ଲକ ସୋମନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ୧୦ଟା।

## ରାୟଗଡ଼ା

- ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ତାଲିମ, ସ୍ଥାନ: ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, ରାୟଗଡା, ସମୟ: ଅପରାହ୍ନ ୪ଟା ।
- ରାହୁଲ ଗାନ୍ଧୀଙ୍କ ରାୟଗଡ଼ା ଗସ୍ତ ପାଇଁ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ତେଜସ୍ୱୀ ହୋଟେଲ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ରାଜ୍ୟ ନିର୍ବାଚନ ସହ ପ୍ରଭାରୀ ତଥା ଛତିଶଗଡ ବିଧାୟକ ସୁଶ୍ରୀ ଲତା ଉସେଣ୍ଡିଙ୍କ ନିର୍ବାଚନ ସମ୍ପର୍କିତ ବୈଠକ, ସ୍ଥାନ: ତେଜସ୍ୱୀ ହୋଟେଲ, ସମୟ: ପୂର୍ବାହ୍ନ ୧୦ ଟା।
- ଆଦିବାସୀଙ୍କ ଝାଙ୍କିରି ପର୍ବର ୨ୟ ଦିନ, ସ୍ଥାନ: ବଡ଼ ଗତିଗୁଡ଼ା ଗ୍ରାମ, ବିଷମକଟକ, ସମୟ: ସନ୍ଧ୍ୟା ୭ଟା ।

## ନବରଙ୍ଗପୁର

- ଶ୍ରମିକ ଦିବସ ଉପଲକ୍ଷେ ଜିଲା ରାଜମିସ୍ତ୍ରୀ ଓ ବଢ଼େଇ ସଙ୍ଘର ଶୋଭାଯାତ୍ରା ସହ ସଭା, ସ୍ଥାନ: ଚାମୁରିଆଗୁଡ଼ାରୁ ସର୍କିଟ ହାଉସ ପଡ଼ିଆ ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଆଲୁମିନା ମଜଦୂର ସଂଘର ଶ୍ରମିକ ଦିବସ ପାଳନ ସହ ନୂତନ କାର୍ଯ୍ୟାଳୟ ଉଦଘାଟନ, ସ୍ଥାନ: ମାଥାଲପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଖ ପଡ଼ିଆ, ଦାମନଯୋଡି, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ବିଧାୟକ ପ୍ରାର୍ଥୀଙ୍କ ୱାର୍ଡ ପରିକ୍ରମା
- ସ୍ଥାନ: କୋରାପୁଟ ମ୍ୟୁନିସିପାଲଟିର ୧୫ ନଂ ୱାର୍ଡ, ସମୟ: ସକାଳ ୮ଟା।
- ଶ୍ରୀଶ୍ରୀ ମୁତ୍ୟାଲୁମାଙ୍କ ସାହି ପରିକ୍ରମା,
- ସ୍ଥାନ: କହେଁଇପୁଟ, ଗୌତମନଗର, ସମୟ: ଅପରାହ୍ନ ୫ଟା।
- ଉତ୍କଳ ମଜଦୁର ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳନ, ସ୍ଥାନ କୋଳିଲାସାହିସ୍ଥିତ ସଂଘ କାର୍ଯ୍ୟାଳୟ ପରିସର, ସ୍ଥାନ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ମେଡିକାଲ ସେଲ୍ସ ରିପ୍ରେଜେଟେଟିଭ ସଂଘ ପକ୍ଷରୁ ସରବତ ଏବଂ ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ:ବୁଢାରଜା ସ୍ଥିତ ଏସବିଆଇ ସାମନା, ସମୟ: ସକାଳ ୮ଟା।
- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ଦିନ ୧୧ଟା୩୦।
- ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏଲଜି ହଲ, ସମୟ: ସନ୍ଧ୍ୟା ୫ଟା୩୦।
- ୨୪ ପ୍ରହର ନାମଯଜ୍ଞ, ସ୍ଥାନ:ସମ୍ବଲପୁର କଟରଧୁଆ, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଅସି ଚାଳନା ଦ୍ୱାଦଶ ଦିବସ ତାଲିମ ଶିବିର, ସ୍ଥାନ: ଆର.ଏନ୍. ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ।
- ବଲାଙ୍ଗୀରରେ ମିଳିତ ଚିତ୍ରକଳା ପ୍ରଦର୍ଶନୀ ସପ୍ତମ ଦିବସ, ସ୍ଥାନ: ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।
- ତାଲୁକ ଆଇନ ସେବା ସମିତି ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ, ସ୍ଥାନ: ପୌର ପରିଷଦ ମିଟିଂ ହଲ, ଟିଟିଲାଗଡ, ସମୟ: ଅପରାହ୍ନ ୫ଟା ।
- ଆନ୍ତର୍ଜାତିକ ଶ୍ରମିକ ଦିବସ ସଭା, ସ୍ଥାନ: ମୀନା ଟେଷ୍ଟ ହାଉସ, ପେଲେସ ଲାଇନ୍, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୪୫ ।
- ଜଗନ୍ନାଥପଡା ପ୍ରସିଦ୍ଧ ରାମଲୀଳା ତ୍ରୟୋଦଶ ରଜନୀ, ସ୍ଥାନ: ଜଗନ୍ନାଥ ମନ୍ଦିର, ଜଗନ୍ନାଥପଡା, ବଲାଙ୍ଗୀର, ସମୟ: ରାତି ୧୦ଟା ୩୦ ।

## ସୁବର୍ଣ୍ଣପୁର

- ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ଶୋଭାଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ସହର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା

- ଶ୍ରମିକଙ୍କ ଅଧିକାର ସଚେତନତା ଶିବିର, ସ୍ଥାନ: ପ୍ଲାଣ୍ଟସାଇଟ୍, ସମୟ: ସକାଳ ୮ଟା।
- ଲାଇନ୍ସ ଅର୍ବାନ କ୍ଲବ ରାଉରକେଲା ଶାଖା ପକ୍ଷରୁ ଜଳଛତ୍ର ଉଦ୍‌ଘାଟନ, ସ୍ଥାନ: ଛେଣ୍ଡ ସାପ୍ତାହିକ ହାଟ, ସମୟ: ସକାଳ ୯ଟା ୩୦।
- ରାଉରକେଲା ଓ ବୀରମିତ୍ରପୁର ବିଧାୟକ ପ୍ରାର୍ଥିପତ୍ର ଦାଖଲ, ସ୍ଥାନ: ପାନପୋଷ ଉପଜିଲାପାଳ କାର୍ଯ୍ୟାଳୟ, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ଚବିଶ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ: ପତ୍ରାପାଲି, ଅତାବିରା, ସମୟ: ମଧ୍ୟାହ୍ନ ୧୨ଟା।
- ଷୋହଳ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ: ସାନକୁଞ୍ଜାରୀ, ଝାରବନ୍ଧ, ସମୟ: ଅପରାହ୍ନ ୧ଟା।

## କଳାହାଣ୍ଡି

- ଶ୍ରୀରାମ ନବମୀ, ପାରାୟଣ ଓ ପ୍ରବଚନ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ଘୋଡାବହାଲି, ସମୟ: ଅପରାହ୍ନ ୪ଟା।
- ନବଦିବସୀୟ ଶିବ ମହାପୁରାଣ ଜ୍ଞାନଯଜ୍ଞ, ସ୍ଥାନ: ଆମ୍ବେଡକର ଛକ ନିକଟ ଶ୍ୟାମଜୀ ରାଇସ୍ ମିଲ୍, ସମୟ: ସକାଳ ୬ଟା।
- ଭାଜପାର ମିଶ୍ରଣପର୍ବ, ଯୋଗଦେବେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, ସ୍ଥାନ: ଉଦେଶୃଙ୍ଗ, ଗୋଲାମୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଷୋହଳପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ବାବେଘାଟି ଗ୍ରାମ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ କଥା ପରାୟଣ, ସ୍ଥାନ: ଖରିଆର ରୋଡ ଜୈନ ଭବନ, ସମୟ: ସନ୍ଧ୍ୟା ୬ଟା।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ପେନ୍ଦରାବନ୍ଧ ଗ୍ରାମ, ସମୟ: ସକାଳ ୮ଟା ୩୦।

## ବୌଦ୍ଧ

- ବରଗାଁ ପଞ୍ଚାୟତ ମଲିକୁଦର ଶ୍ରୀରାମ ନବମୀ ପୂଜା ଓ ନାଟକ ଉଦ୍‌ଯାପିତ, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ,କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୦ଟା।
- ଘଣ୍ଟାପଡାର ଶ୍ରୀଜଗନ୍ନାଥ ନାଟ୍ୟ ସଂସଦର ଶ୍ରୀରାମ ନବମୀ ପୂଜା ଉଦ୍‌ଯାପିତ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ,କଣ୍ଟାମାଳ, ସମୟ: ପୂର୍ବାହ୍ନ ୧୧ଟା।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ଶ୍ରୀରାମଲୀଳା ପୂଜା ଓ ନାଟକ ଉଦ୍‌ଯାପିତ, ସ୍ଥାନ: ଘଣ୍ଟାପଡା ରଘୁନାଥ ମଣ୍ଡପ, କଣ୍ଟାମାଳ,ସମୟ: ମଧ୍ୟାହ୍ନ ୧୨ଟା ।
- ବହିରାରେ ଶ୍ରୀରାମଲୀଳା ଉତ୍ସବର ପଞ୍ଚଦଶ ସନ୍ଧ୍ୟାରେ ନାଟକ ବୀରବାହୁ ବଧ ଓ ରାମ ରାବଣ ସମର ଶୋଭାଯାତ୍ରା ଓ ରାବଣ ବଧ, ସ୍ଥାନ: ବହିରା ରାମଲୀଳା ମଣ୍ଡପ , ବୌଦ୍ଧ, ସମୟ: ରାତି ୯ଟା।
- ବୌଦ୍ଧ ସହରର ଶ୍ରୀ ରାମଲୀଳା ଯାତ୍ରାର ପଞ୍ଚଦଶ ଦିବସର ନାଟକ ମହୀରାବଣ ବଧ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା।

## ଦେବଗଡ଼

- କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ଅଷ୍ଟପ୍ରହର ନାମଯଜ୍ଞ ପ୍ରାରମ୍ଭ, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ତରାଇକେଲା ଗ୍ରାମ ମଣ୍ଡପ, ସମୟ: ସକାଳ ୮ଟା।
- ଶୀତଳା ଠାକୁରାଣୀଙ୍କ ଶେଷ ପୂଜା ଏବଂ ଶୋଭାଯାତ୍ରା, ସ୍ଥାନ: ଝାରସୁଗୁଡା ସଦର ବ୍ଲକସ୍ଥିତ ରେଲୱେ କଲୋନି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ୩୬ତମ ବାର୍ଷିକ ବାଦିପାଲା ମହୋତ୍ସବ, ସ୍ଥାନ : ଢେଙ୍କାନାଳ ଜିଲା ଭୁବନ ଗାୟତ୍ରୀ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ ଘଟିକା।
- ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସର, ସମୟ–ସନ୍ଧା ୬ଟା।

## ଅନୁଗୋଳ

- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଘଟିକା।
- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ ସକାଳ ୯ ଘଟିକା।
- ନିର୍ବାଚନ ଜନିତ ତାଲିମ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ ଘଟିକା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦.୩୦।
- ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକଙ୍କ ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଘଟିକା।
- ଶ୍ରୀମଦ ରାମ ଚରିତ ମାନସ ପାରାୟଣ ଓ ଭକ୍ତ ଜ୍ଞାନ ଯଜ୍ଞ, ସ୍ଥାନ: ଶ୍ରୀ ରାମ ମଣ୍ଡପ କାଣ୍ଡସର, ସମୟ: ସକାଳ ୭ ଘଟିକା।
- ବାଦିପାଲା ମହୋତ୍ସବ, ସ୍ଥାନ– ଅନୁଗୋଳ ଗଡ଼ସନ୍ତ୍ରୀ, ସମୟ: ସନ୍ଧ୍ୟା ୭ଘଟିକା

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରାଶିରେ ରବିଙ୍କ ସହ ଗୁରୁ ଓ ଶୁକ୍ରଙ୍କ ସଂଯୋଗ କାର୍ଯ୍ୟସିଦ୍ଧି ସହ ସମ୍ମାନଜନକ ସ୍ଥିତିରେ ଅବସ୍ଥାପିତ କରିବ। ସାଂଗଠନିକ ସ୍ଥିତି ସୁଦୃଢ଼ ରହିବା ସହ ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁମିଳନରୁ ଖୁସି ରହିବେ। ପ୍ରଶାସନିକ ସ୍ତରରେ, ରାଜନୈତିକ କ୍ଷେତ୍ରରେ ତଥା ବାଣିଜ୍ୟ, ବ୍ୟବସାୟରେ ଆଶାନୁରୂପ ସୁଫଳ ପାଇବେ।

**ବୃଷ** ଏକାଦଶସ୍ଥ ଗ୍ରହ ପ୍ରଭାବରୁ ପ୍ରତ୍ୟେକ କାମ ସୁବିଧାରେ ସମ୍ପନ୍ନ ହେବା ସହ ସମସ୍ୟାମୁକ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ଆବଶ୍ୟକତା ପୂରଣ ଦିଗରେ ଆନୁଷଙ୍ଗିକ ସହଯୋଗ ମଧ୍ୟ ପାଇପାରିବେ। ନିଜର ଲୋକଙ୍କୁ ମନେଇବାରେ ସଫଳ ହେବେ। କୌଣସି ନିଷ୍ପତ୍ତିର ଶେଷ ସମୟରେ ଅର୍ଥ ସମ୍ପର୍କୀୟ ଟଣାଓଟରା ଲାଗିପାରେ।

**ମିଥୁନ** ରାହୁମଙ୍ଗଳଯୋଗରୁ ବକେୟା ଟଙ୍କାକୁ ଦେବା ଲୋକ ଖୋଜି ଖୋଜି ଆପଣଙ୍କ ନିକଟକୁ ଆସିବେ। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ମାତ୍ର ପାରିବାରିକ ଅସ୍ଥିରତା ଲାଗିରହିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିପାରନ୍ତି। ସମ୍ପର୍କୀୟଙ୍କ ସମର୍ଥନ ଲାଭ କରି କାର୍ଯ୍ୟ ହାସଲ କରିବେ।

**କର୍କଟ** ରାଶ୍ୟାଧିପତି ଚନ୍ଦ୍ର ନିଜ ରାଶିକୁ ଅବଲୋକନ କରୁଥିବାରୁ ଯାହା କହିଲେ କଥା ରହିବ ଓ ଯାହା ଚାହିଁବେ ତାହା ପାଇପାରିବେ। ଭୁଲ୍ ବୁଝାମଣା ହେତୁ ଭାବପ୍ରବଣତା ବଢ଼ିବ ଏବଂ ପରିବାରରେ ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହେବ। ଶେୟାର ବଜାର, ଫ୍ଲଟିଂ କାରବାର କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତିର ଆଶା ରହିଛି।

**ସିଂହ** ଧନାଧିପ ବୁଧ ରାଶିକୁ ଦେଖୁଥିଲେ ମଧ୍ୟ ପାପଗ୍ରହ ସଂଯୋଗରୁ ଆର୍ଥିକ ଦିଗଟି ଭଲ ରହିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହି ନ ପାରେ। ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରାୟୋଜିତ ସମସ୍ୟାକୁ ନେଇ ମନକୁ ଭାରାକ୍ରାନ୍ତ ରହିବାର ଆଶଙ୍କା ରହିଛି। କୌଣସି ବନ୍ଧୁ ରାଗ ଶୁଝାଇବାକୁ ଯାଇ ମରମ କଥା କହି ଠିକଣା ସମୟରେ ପ୍ରତିଶୋଧ ନେବାର ଅପଚେଷ୍ଟା କରିପାରନ୍ତି।

**କନ୍ୟା** କର୍ମଭାବାଧିପ ଦୁର୍ବଳ ହେତୁ କାମ ଶୃଙ୍ଖଳିତ ରହିବା କଷ୍ଟକର ହେବ। ହସ୍ତା ନକ୍ଷତ୍ରର ମନ ଖୁସି ରହିବ ଏବଂ ଭ୍ରମଣ ସୁଯୋଗ ପାଇବା ସହ ପ୍ରିୟଜନଙ୍କ ସାହାଯ୍ୟରୁ ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ବଢୁଥିବାରୁ ଦୁର୍ଭାବନା ବଢ଼ିଚାଲିବ। ନିଜର ଫାଇଦା ପାଇଁ ନିକଟସ୍ଥ ବନ୍ଧୁମାନେ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି।

**ତୁଳା** ସପ୍ତମକେନ୍ଦ୍ରସ୍ଥ ଗ୍ରହଜନିତ ପ୍ରତ୍ୟେକ କାମ ଅଳ୍ପ ପରିଶ୍ରମରେ ସାଧିତ ହୋଇପାରିବ। ଜମିଜମା କାରବାର କିମ୍ବା ନୂତନ ଚୁକ୍ତିପତ୍ର ସମ୍ବନ୍ଧୀୟ କାମଟି ହଠାତ୍ ହୋଇଯିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ପ୍ରଶାସନ, ପ୍ରକାଶନ କ୍ଷେତ୍ର, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା ଓ କଳା, ସଙ୍ଗୀତାଦିରେ ପ୍ରତିଷ୍ଠା ମିଳିବ।

**ବିଛା** ଭାଗ୍ୟସ୍ଥାନକୁ ଭାଗ୍ୟାଧିପତିଙ୍କ ଦୃଷ୍ଟିଫଳରେ ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ। ଅନୁରାଧା ନକ୍ଷତ୍ରର କିନ୍ତୁ ନିଜର ଚିନ୍ତାଧାରା ଅନୁଯାୟୀ କୌଣସି କାମ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ଅବଶ୍ୟ ଦୃଢ଼ ମନୋବଳ ନେଇ କାମ କରିବେ ଓ ଆର୍ଥିକ ପରିସ୍ଥିତିରେ ସୁଧାର ଆଣିବାରେ ସମର୍ଥ ହେବେ।

**ଧନୁ** ଅଷ୍ଟମାଧିପତି ମୁଖଭାବରେ ଶନିକ୍ଷେତ୍ରସ୍ଥ ଯୋଗୁ ଭାବିଚିନ୍ତି କଥା ନ କହିଲେ ଅସୁବିଧାରେ ପଡିବେ। ମୂଳା ନକ୍ଷତ୍ରର ସ୍ୱାସ୍ଥ୍ୟଗତ ବୈଷମ୍ୟତା ଅଶାନ୍ତିର କାରଣ ହୋଇପାରେ। ବୃହସ୍ପତିଙ୍କ ସୁପ୍ରଭାବରୁ ବିଭିନ୍ନ ଯୋଜନାର ପରିକଳ୍ପନା କରିବେ। ଦୂରଯାତ୍ରା ପ୍ରସ୍ତୁତି କରି ଶେଷ ସମୟରେ ତାହା ସ୍ଥଗିତ ରଖିବାକୁ ବାଧ୍ୟ ହୋଇପାରନ୍ତି।

**ମକର** ଆଜିର ଗ୍ରହସ୍ଥିତି ଭଲ ଯୋଗୁ କାର୍ଯ୍ୟସିଦ୍ଧି ହେବ ଏବଂ ସାଙ୍ଗସାଥୀଙ୍କ ସାହାଯ୍ୟ ଭୁଲିପାରିବେ ନାହିଁ। ଶନିଙ୍କ କୁପ୍ରଭାବରୁ ଟଙ୍କା ପଇସାକୁ କେନ୍ଦ୍ରକରି କଳହ ସୃଷ୍ଟି ସୂଚନା ରହିଛି। ଖଳ ଲୋକଙ୍କ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। କର୍ମକ୍ଷେତ୍ରରେ ବିଗତ ଦିନମାନଙ୍କର ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ।

**କୁମ୍ଭ** ଦ୍ୱାଦଶସ୍ଥ ଚନ୍ଦ୍ର ଯୋଗୁ ଆଜି ସକାଳୁ ଯାତ୍ରା କରିବା ସହ ବନ୍ଧୁଙ୍କ ସହ ପ୍ରୀତିପ୍ରଦ ଆଲୋଚନା କରିପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ଆଶ୍ୱସ୍ତି ଦେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ ଓ ଆଇନ ଅଦାଲତ ଦିଗରୁ ସୁଫଳ ପାଇବେ।

**ମୀନ** ଆଜି ପ୍ରତ୍ୟେକ କାମ ବିଳମ୍ବରେ ସମ୍ପନ୍ନ ହେବ। ତଥାପି ସାହାଯ୍ୟର ଅଭାବ ରହିବ ନାହିଁ। କଚେରି ମାମଲା, ପ୍ରଶାସନିକ ଆଲୋଚନା, ରାଜନୈତିକ ବିତର୍କ, ସାହିତ୍ୟ ସମାଲୋଚନା, କଳା, ସଙ୍ଗୀତକ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଆଜି ପରିବାରର ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ।

ଆଜି ମେ ୦୧ ତାରିଖ, ବୈଶାଖ କୃଷ୍ଣଅଷ୍ଟମୀ ବୁଧବାର, ଶ୍ରୀମନ୍ଦିରରେ ରାମାଭିଷେକ, ଶ୍ରମିକଦିବସ, ରାଶିନକ୍ଷତ୍ର–ଶ୍ରବଣା/ମକର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଦିବା ଘ.୦୫.୨୧ମି. ଗତେ ଘ.୦୭.୦୩ମି. ମଧ୍ୟେ, ଘ.୧୦.୦୮ମି. ଗତେ ଘ.୧୧.୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ହିଞ୍ଜିଳିରୁ ନାମାଙ୍କନ...

ଆସନରୁ ନିର୍ବାଚନ ଲଢୁଛନ୍ତି। ତାଙ୍କର ୭୧.୦୭ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଥିବା ସତ୍ୟପାଠରୁ ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ହେଲିକପ୍ଟରରେ ଭୁବନେଶ୍ୱରରୁ ଆସି ମା' ତାରାତାରିଣୀ ପୀଠ ନିକଟରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିଥିଲେ। ମା' ତାରାତାରିଣୀଙ୍କ ପୂଜାର୍ଚ୍ଚନା ପରେ ସେଠାରୁ ସେ ହେଲିକପ୍ଟରରେ ଆସି ଛତ୍ରପୁରରେ ପହଞ୍ଚିଥିଲେ। ୨୦୦୦ ମସିହାରୁ ଏହି ଆସନରୁ ସେ ଲଢ଼ି ବିଜୟୀ ହୋଇ ଆସୁଛନ୍ତି। ହିଞ୍ଜିଳିରୁ ତାଙ୍କ ବିପକ୍ଷରେ ଭାଜପାରୁ ଶିଶିର ମିଶ୍ର ଓ କଂଗ୍ରେସରୁ ରଞ୍ଜିକାନ୍ତ ପାଢ଼ୀ ପ୍ରାର୍ଥୀ ହୋଇଛନ୍ତି। ଆସନ୍ତା ୨୦ରେ ଏହି ଆସନ ପାଇଁ ଭୋଟ ଗ୍ରହଣ ହେବ। ଚଳିତ ନିର୍ବାଚନରେ ସେ ହିଞ୍ଜିଳି ସହିତ କଣ୍ଟାବାଞ୍ଜିରୁ ମଧ୍ୟ ପ୍ରାର୍ଥୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନାମାଙ୍କନ ପତ୍ର ଦାଖଲ ବେଳେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ, ମନ୍ତ୍ରୀ ବିକ୍ରମ ଆରୁଖ, ବିଜେଡିର ବ୍ରହ୍ମପୁର ଏମପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର, ଆସ୍କା ଏମପି ପ୍ରାର୍ଥୀ ରଞ୍ଜିତା ସାହୁ ଏବଂ ବିଜେଡିର ଛତ୍ରପୁର ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନ ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ଛତ୍ରପୁରରେ ଏକ ବାଇକ୍ ରାଲି କରାଯାଇଥିଲା। ସେହିପରି ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ବିଧାନସଭା ପ୍ରାର୍ଥୀ ଭାବେ ଅତିରିକ୍ତ ଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସରଙ୍କଠାରେ ନାମାଙ୍କନ ପତ୍ର ଦାଖଲ କରିଥିଲେ।

## 'ଆୟୁଷ୍ମାନ୍ ଭାରତ...

କୋଭିଡ୍ ମହାମାରୀ ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ କେହି ଆଲୋଚନା କରିବାକୁ ଚାହୁଁନାହାନ୍ତି। 'ସବୁକିଛି ଠିକ୍‌ଠାକ୍ ଚାଲିଛି' ଭଳି ସମସ୍ତେ ମନେକରୁଛନ୍ତି। ଲୋକ ସଭା ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡ଼ିକ ଜାରି କରିଥିବା ଇସ୍ତାହାରରେ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇ ନାହିଁ। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମ୍‌ଜେଏୱାଇ)ରେ 'ମହାନ୍ ଦୂରଦୃଷ୍ଟି' ରହିଥିଲା ଏବଂ ଏଥିରୁ ଲୋକେ ମଧ୍ୟ ବହୁ ଆଶା କରିଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କ ଏହି ଯୋଜନାକୁ ନୀତି ଆୟୋଗ ଓ ଅମଲାତନ୍ତ୍ରୀମାନେ ଦୁର୍ବଳ କରି ପ୍ରଣୟନ କରିଥିଲେ। ଯୋଜନାଟି ଯେମିତି ଝୁଣ୍ଟିବ, ସେଭଳି ଭାବେ ଏହାକୁ ପାଣ୍ଠି ଯୋଗାଇ ଦିଆଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଧିକ ନିବେଶର ଆବଶ୍ୟକତା ରହିଥିବା ଅଶୋକନ୍ କହିଛନ୍ତି। ପୂର୍ବରୁ ଅମଲାତନ୍ତ୍ରୀମାନେ ଏହି ଯୋଜନାରେ ବାର୍ଷିକ ୧.୬ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରିଥିଲେ। କିନ୍ତୁ ଯୋଜନାଟି ମାତ୍ର ୬,୮୦୦ କୋଟି ଟଙ୍କାରେ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହାକୁ ଚଳାଇବା ପାଇଁ ବର୍ଷକୁ ୧୨,୦୦୦ କୋଟି ଟଙ୍କା ଖର୍ଚ୍ଚ ହେଉଛି ବୋଲି ଆଇଏମ୍‌ଏ ଅଧ୍ୟକ୍ଷ ଅଶୋକନ୍ ସୂଚନା ଦେଇଛନ୍ତି। ଅଶୋକନ୍‌ଙ୍କ ମତରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯାହାକିଛି ନିବେଶ ହେଉଛି, ତାହା ପର୍ଯ୍ୟାପ୍ତ ନୁହେଁ। ସେମାନେ ଏହି ସ୍ୱାସ୍ଥ୍ୟସେବାରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ପ୍ରାୟ ୩.୯% ଖର୍ଚ୍ଚ କରୁଛନ୍ତି। କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ନିଜ ନିଜ ଜିଡିପିର ୧.୧%ରୁ ୧.୩% ପର୍ଯ୍ୟନ୍ତ ବ୍ୟୟ କରୁଥିବାରୁ ଅଣ୍ଟୁନାହିଁ।

# ଥମୁନି ଶିମିଳିପାଳ ବନାଗ୍ନି

ବାରିପଦା,୩୦।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସବୁଜ ବନାନୀରେ ଭରପୁର ଶିମିଳିପାଳ ଅଭୟାରଣ୍ୟରେ ବନାଗ୍ନି ଅଣାୟତ୍ତ ହୋଇପଡିଛି। ପ୍ରତିଦିନ ନିଆଁ ଲାଗୁଥିବାବେଳେ ବନ ବିଭାଗ ଏହାକୁ ରୋକିବାକୁ ଉଦ୍ୟମ ଜାରି ରଖିଛି। ଫଳରେ ଜୀବଜନ୍ତୁ ଜୀବନ ବଞ୍ଚାଇବା ପାଇଁ ସୁରକ୍ଷିତ ସ୍ଥାନକୁ ଚାଲିଯାଉଛନ୍ତି। ଏଭଳି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଜିଲାବାସୀ ସ୍ୱତଃପ୍ରବୃତ୍ତ ଭାବେ ସହଯୋଗ କରିବାର ସମୟ ଆସିଛି ବୋଲି ମତ ପ୍ରକାଶ ପାଇଛି। ମଙ୍ଗଳବାର ଅଭୟାରଣ୍ୟର ୧୧ଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଥିବା ବେଳେ ସୋମବାର ୩୫ଟି ପଏଣ୍ଟ ଚିହ୍ନଟ ହୋଇଥିଲା ବୋଲି ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି।

ମଙ୍ଗଳବାର ବାରିପଦାର ତାପାମାତ୍ରା ୪୬.୪ଡିଗ୍ରୀ ସେଲସିୟସରେ ପହଞ୍ଚିଥିଲା। ଦିନତମାମ ଅଗ୍ନି ବର୍ଷା ହେଉଥିବା ବେଳେ ଅଭୟାରଣ୍ୟର ନିଆଁ ତାପମାତ୍ରାକୁ ପ୍ରଭାବିତ କରିଛି। ନିଆଁ ଲିଭାରେ ନିୟୋଜିତ କର୍ମଚାରୀଙ୍କ ଅବସ୍ଥା ସଙ୍କଟାପନ୍ନ ଆଡକୁ ଗତି କରୁଛି। ଦୁଇ ଦିନ ପୂର୍ବେ ଦୁଇ କର୍ମଚାରୀ ଅଂଶୁଘାତରେ ଆକ୍ରାନ୍ତ ହୋଇ ପଡ଼ିଥିବା ନେଇ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ (ପିସିସିଏଫ୍) ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ ଏକ୍ସରେ ଜଣାଇଥିଲେ। ତେବେ ବନାଗ୍ନିକୁ ନିୟନ୍ତ୍ରଣ କରିବା ପାଇଁ ବନ ବିଭାଗର ଅନୁରୋଧ କ୍ରମେ ବାରିପଦା ବନଖଣ୍ଡ ପିଠାବଟା ରେଞ୍ଜରେ ୫୦ଜଣ ଗ୍ରାମବାସୀ ଓଡ୍ରାଫ ଟିମ ସହିତ ଯୋଗ ଦେଇଛନ୍ତି। ମଙ୍ଗଳବାର ଶିମିଳିପାଳ ଅଭୟାରଣ୍ୟ ରାଇରଙ୍ଗପୁର ବନଖଣ୍ଡରେ ୧ଟି, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ବନଖଣ୍ଡ ଅଞ୍ଚଳରେ ୯ଟି ଓ ଉତ୍ତର ବନଖଣ୍ଡ ଅଞ୍ଚଳରେ ୧ଟି ସ୍ଥାନକୁ ମିଶାଇ ମୋଟ ୧୧ଟି ଫାୟାର ପଏଣ୍ଟ ଚିହ୍ନଟ କରାଯାଇଛି।

# ପଦ୍ମଶ୍ରୀ ମାଗୁଣି କୁଅଁର ଅସୁସ୍ଥ

କେନ୍ଦୁଝର, ୩୦।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଶିଷ୍ଟ କାଠି କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁର ମଙ୍ଗଳବାର ଅସୁସ୍ଥ ହୋଇ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ସକାଳେ ହଠାତ୍ ତାଙ୍କ ଦେହ ହାତ ବିନ୍ଧିବା ସହ ଅତ୍ୟଧିକ ଦୁର୍ବଳ ହୋଇପଡ଼ିଥିଲେ। ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ପରିବାର ଲୋକେ ଡାକ୍ତରଙ୍କ ପରାମର୍ଶ କ୍ରମେ ଓଦା କପଡ଼ାରେ ତାଙ୍କ ଶରୀରକୁ ପୋଛିଥିଲେ। ଏହା ସତ୍ତ୍ୱେ ସେ ବିଛଣାରୁ ଉଠି ପାରି ନ ଥିଲେ। ତେବେ ପତଳା ଝାଡ଼ା ହେବା ଫଳରେ ସେ ଏପରି ଅସୁସ୍ଥ ହୋଇ ପଡ଼ିଥିବା ଓ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଚିକିତ୍ସା କରୁଥିବା ଡାକ୍ତର ଚିତ୍ତ ରଞ୍ଜନ ସେଠୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଅକ୍ଲାନ୍ତ ପରିଶ୍ରମ ଦ୍ୱାରା କଣ୍ଢେଇ ନୃତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରି ପାରିଥିବାରୁ ତାଙ୍କୁ ଭାରତ ସରକାର ଗତବର୍ଷ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ। ଗତ କିଛିଦିନ ତଳେ ସେ ତାଙ୍କ ବଡ଼ ପୁଅ ଓ କିଛି ବର୍ଷ ପୂର୍ବେ ସାନ ପୁଅକୁ ହରାଇ ମାନସିକ ଭାବେ ଭାଙ୍ଗି ପଡ଼ିଥିଲେ।

# ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ମା'ପୁଅ ଗିରଫ

ନୟାଗଡ଼/ରଣପୁର, ୩୦।୪(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଧୀନ ମୟୂରଝାଲିଆ ଛକରେ ବ୍ରାଉନସୁଗାର ବିକ୍ରି କରୁଥିବା ଜଣେ ମହିଳା ଓ ତାଙ୍କ ପୁଅଙ୍କୁ ଗିରଫ କରାଯାଇଛି। ନୟାଗଡ଼ ଜିଲା ଅବକାରୀ ସ୍କାଡ ପକ୍ଷରୁ ମଙ୍ଗଳବାର ସେଠାରେ ଚଢ଼ାଉ କରାଯାଇଥିଲା। ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ମୟୂରଝାଲିଆ ତନ୍ତିସାହିର ଗୋକୁଳାନନ୍ଦ ପ୍ରଧାନଙ୍କ ସ୍ତ୍ରୀ ରିନା(୪୮) ଓ ତାଙ୍କ ପୁଅ ସଚିନ(୨୧)ଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଉଭୟଙ୍କ ଠାରୁ ଏକ ଟାଟା ଏସି ଗାଡ଼ି(ନଂ.ଓଡି୦୨ବି ଆର ୧୮୨୧),୨୦୦ ଗ୍ରାମ ବ୍ରାଉନସୁଗାର, ୧ ଲକ୍ଷ ୧୭ ହଜାର ୫୯୦ ଟଙ୍କା ଓ ୭ଟି ମୋବାଇଲ ଜବତ କରାଯାଇଛି। ଏନେଇ ଜିଲା ଅବକାରୀ ସ୍କାଡ ପକ୍ଷରୁ ଏକ ମାମଲା(ନଂ.୩୨/୨୪) ରୁଜୁ କରାଯାଇଛି।

# ଭାଜପା ପାଇଁ ପ୍ରଚାର କରି ଅଙ୍ଗନୱାଡ଼ି ସହାୟିକା ବହିଷ୍କୃତ

ନୟାଗଡ଼,୩୦।୪(ଲୋକନାଥ ମିଶ୍ର)

ଭାଜପା ପାଇଁ ପ୍ରଚାର କରି ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ୍ ରୋହିବାଙ୍କ ପଞ୍ଚାୟତ ଭଗବତୀପ୍ରସାଦ ଅଙ୍ଗନୱାଡ଼ି କେନ୍ଦ୍ରର ସହାୟିକାଙ୍କ ଚାକିରି ଯାଇଛି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ନୟାଗଡ଼ ଜିଲାପାଳ ସ୍ୱାଧଦେବ ସିଂ ଅଙ୍ଗନୱାଡ଼ି କେନ୍ଦ୍ରର ସହାୟିକା ସୁମତି ଅଲଟିଆଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଗତ ୨୧ ତାରିଖରେ ଅଙ୍ଗନୱାଡ଼ି କେନ୍ଦ୍ରର ସହାୟିକା ସୁମତିରାଲିରେ ଯାଇଥିବା ଫଟୋ ଭାଇରାଲ ହୋଇଥିଲା। ଏନେଇ ତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି ହୋଇଥିଲା। ତେବେ ତାଙ୍କ ଉତ୍ତର ସନ୍ତୋଷଜନକ ନ ହେବାରୁ ଜିଲାପାଳ ଏପରି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ମିଳିଛି।

# ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଖଣ୍ଡପଡ଼ା,୩୦।୪
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୟତଡୋଲମରା ପଞ୍ଚାୟତ ମଇଁଷିବିନ୍ଧା ଗ୍ରାମର କାଶୀନାଥ ବେହେରା(୮୬)ଙ୍କ ମଙ୍ଗଳବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। କାଶୀନାଥ ସକାଳେ କୌଣସି କାମରେ ନିକଟସ୍ଥ ରୟତଡୋଲମରା ଗ୍ରାମକୁ ଯାଇଥିଲେ। ସେଠାରୁ କାମ ସାରି ଗାଁକୁ ଫେରୁଥିବା ବେଳେ ଅସହ୍ୟ ରୌଦ୍ରତାପ ସହି ନ ପାରି ଏକ ଗଛ ମୂଳେ ଆଶ୍ରୟ ନେଇଥିଲେ। ଏହାର କିଛିସମୟ ପରେ ସେ ସେହିଠାରେ ଢଳିପଡିଥିଲେ। ସ୍ଥାନୀୟ ବାସିନ୍ଦାଙ୍କଠାରୁ ଖବର ପାଇ ପରିବାର ଲୋକେ ଅପରାହ୍ନ ୫ଟାରେ ସେଠାରେ ପହଞ୍ଚି ମୃତଦେହ ଘରକୁ ଆଣିଥିଲେ। କାଶୀନାଥଙ୍କ ପରିବାର ସଦସ୍ୟଙ୍କୁ ଆବଶ୍ୟକ ସହାୟତା ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରଶାସନିକ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲା। ଅଂଶୁଘାତ ମୃତ୍ୟୁ ସମ୍ପର୍କରେ ସେମାନେ କୌଣସି ଖବର ପାଇ ନ ଥିବା କହିଛନ୍ତି। ଏହା ଖଣ୍ଡପଡ଼ାର ପ୍ରଥମ ଅଂଶୁଘାତ ମୃତ୍ୟୁ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।




# ବନ୍ଦ ହେବ ନନ୍ଦନକାନନ ଭିତର ରାସ୍ତା

**ଅଧିକାରୀଙ୍କୁ ଆକ୍ରମଣ ଘଟଣା**

## ସୁରକ୍ଷା ପାଇଁ ମୁତୟନ ହେବେ ପାରାମିଲିଟାରି ଫୋର୍ସ

ଭୁବନେଶ୍ୱର, ୩୦।୪(ଅସମାପିକା ସାହୁ)

ନନ୍ଦନକାନନ ଚିଡ଼ିଆଖାନାରେ ସୋମବାର ଅଧିକାରୀଙ୍କ ଉପରେ ହୋଇଥିବା ମାରଣାସ୍ତ୍ର ଆକ୍ରମଣ ଘଟଣା ରାଜ୍ୟବାସୀଙ୍କୁ ସ୍ତମ୍ଭୀଭୂତ କରିଛି। ପୂର୍ବରୁ ଅନେକ ସମୟରେ ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କୁ ଆକ୍ରମଣ ହୋଇଥିଲେ ମଧ୍ୟ ଅଧିକାରୀଙ୍କ ଉପରେ ଏଭଳି ଆକ୍ରମଣ ସମ୍ଭବତଃ ପ୍ରଥମ ବୋଲି କୁହାଯାଉଛି। ମଙ୍ଗଳବାର ସକାଳେ ପିସିସିଏଫ ଦେବୀଦତ୍ତ ବିଶ୍ୱାଳ ନନ୍ଦନକାନନ ଯାଇ ଘଟଣା ବିଷୟରେ ଅନୁଧ୍ୟାନ କରିଥିଲେ। ତାଙ୍କ ପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପହଞ୍ଚି ଜରୁରୀ ଅନୁଧ୍ୟାନ କରିବା ସହିତ ପରିସ୍ଥିତିର ସମୀକ୍ଷା କରିଥିଲେ। ଏହି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି। ନନ୍ଦନକାନନ ସୁରକ୍ଷା ପାଇଁ ଆଗକୁ ବହୁ ପଦକ୍ଷେପ ନିଆଯାଉଛି। ବିଶେଷକରି ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଥିବା ନନ୍ଦନକାନନ ଭିତର ରାସ୍ତା ବନ୍ଦ କରାଯିବା ସହ ସୁରକ୍ଷା ପାଇଁ ପାରାମିଲିଟାରୀ ଫୋର୍ସ ମୁତୟନ ପାଇଁ ଆଲୋଚନା କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି।

ଅପରପକ୍ଷରେ ଏହି ଘଟଣାକୁ ନେଇ ଏବେ ସାଧାରଣରେ ଅନେକ ଚର୍ଚ୍ଚା ହେଉଛି। ସୋମବାର ନନ୍ଦନକାନନ ବନ୍ଦ ଥିବାବେଳେ ମାରଣାସ୍ତ୍ର ଧରି ୨ଯୁବକ ପଶିବାବେଳେ ସୁରକ୍ଷା କର୍ମୀ କିପରି ଅଟକେଇଲେ ନାହିଁ। ଯୁବକଦ୍ୱୟ ଏସିଏଫ୍ ସୁଦୀପ୍ତ ପଣ୍ଡାଙ୍କୁ ପ୍ରଥମେ ଖୋଜିଥିଲେ। ପରେ ସିଧା ଚିଡ଼ିଆଖାନାର ଭେଟେରିନାରୀ ଡାକ୍ତରଖାନା ଭିତରେ ପଶି ଭିଏସ୍ ଡା. ଶରତ ସାହୁଙ୍କ ବେକରେ ଜଣେ ଯୁବକ କଟୁରି ଲଗେଇଥିଲେ। ହେଲେ ସେ ଏସିଏଫ ସୁଦୀପ୍ତ ପଣ୍ଡା ନୁହେଁ ବୋଲି ଜାଣିବା ପରେ ସେଠାରୁ ଉପନିର୍ଦ୍ଦେଶକଙ୍କ ଅଫିସକୁ ଯାଇଥିବା କଥା ଶୁଣିବାକୁ ମିଳୁଛି। ପୋଲିସ ଗିରଫ କରିଥିବା ସନ୍ତୋଷ ପାହାଡ଼ସିଂ ଓରଫ ଖୋବା ଅନେକ ଦିନ ହେଲା ନନ୍ଦନକାନନ ଭିତରେ ଦାଦାଗିରି ଦେଖାଇ ଆସୁଥିବା କଥା ମଧ୍ୟ ଶୁଣିବାକୁ ମିଳୁଛି। ନିକଟରେ ବାଘଛୁଆଙ୍କ ଲାଳନ ପାଳନ କରିବାରେ ଅବହେଳା ଯୋଗୁ ଏକ ବାଘଛୁଆର ମୃତ୍ୟୁ ଘଟିଥିଲା। ଏଥିପାଇଁ ଦାୟିତ୍ୱରେ ଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା, ଯାହାକୁ ନେଇ ଏହି ଆକ୍ରମଣ ହୋଇଥିବା ମଧ୍ୟ କୁହାଯାଉଛି।

ଉଲ୍ଲେଖଯୋଗ୍ୟ, ନନ୍ଦନକାନନ ଚିଡ଼ିଆଖାନା ଯେତେବେଳେ ଆରମ୍ଭ ହୋଇଥିଲା ସେତେବେଳେ ଭୌଗୋଳିକ ଅବସ୍ଥାକୁ ଆଖିରେ ରଖି ପାର୍ଶ୍ୱବର୍ତ୍ତୀ ରଘୁନାଥପୁର, ଦାରୁଠେଙ୍ଗ ଆଦି ଗ୍ରାମର ବାସିନ୍ଦାମାନଙ୍କୁ ଚିଡ଼ିଆଖାନା ଭିତରେ ଯାଇଥିବା ମୁଖ୍ୟ ରାସ୍ତାକୁ ବ୍ୟବହାର କରିବା ପାଇଁ ଅନୁମତି ମିଳିଥିଲା। ୧୯୬୦-୭୦ରେ ଲୋକେ ଚାଲି ଚାଲି କିମ୍ବା କାଁ ଭାଁ ସାଇକେଲ ଯୋଗେ ଚିଡ଼ିଆଖାନା ଭିତରେ ଯାଇଥିବା ମୁଖ୍ୟ ରାସ୍ତାକୁ ବ୍ୟବହାର କରୁଥିଲେ। ହେଲେ ଏବେ ଭୌଗୋଳିକ ଅବସ୍ଥା ସମ୍ପୂର୍ଣ୍ଣ ବଦଳି ଯାଇଛି। ଏବେ ନନ୍ଦନକାନନ ଚିଡ଼ିଆଖାନା ପାଖଦେଇ ପ୍ରଶସ୍ତ ରାସ୍ତା ଶୋଭା ପାଉଛି। ମାତ୍ର ୫ ମିନିଟରେ ଜଣେ ବାଇକ୍ ଧରି ନନ୍ଦନକାନନ ପଛପଟ ଫାଟକରୁ ସାମ୍ନା ପଟକୁ ପହଞ୍ଚିପାରିବ। ହେଲେ ଏବେବି ପୂର୍ବଭଳି ସ୍ଥାନୀୟ ବାସିନ୍ଦା କହି ଯୁବକମାନେ ଚିଡ଼ିଆଖାନା ଭିତରେ ପାୱାର ବାଇକ୍ ଧରି ଯିବା ଆଦୌ ସମୀଚିନ ନୁହେଁ। ତେଣୁ ତୁରନ୍ତ ଚିଡ଼ିଆଖାନା ଭିତର ରାସ୍ତାକୁ ସ୍ଥାନୀୟ ଅଧିବାସୀଙ୍କ ଯିବା ଆସିବା ନିଷେଧ କରାଯିବାକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବି କରିଛନ୍ତି। ନନ୍ଦନକାନନ ସୁରକ୍ଷା କର୍ମୀମାନେ କଟୁରୀ ଧରିଥିବା ଯୁବକଙ୍କୁ ଧରି ପାରିଲେ ନାହିଁ। କାଲି ଯଦି କେହି ଆତଙ୍କବାଦୀ ବନ୍ଧୁକ ଧରି ପ୍ରବେଶ କରନ୍ତି, ତେବେ ସେମାନଙ୍କୁ କିପରି ଅଟକା ଯାଇପାରିବ ବୋଲି ପ୍ରଶ୍ନ ଉଠିଛି। ଏସମ୍ପର୍କରେ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ଚିଡ଼ିଆଖାନା ଭିତର ରାସ୍ତା ଖୁବଶୀଘ୍ର ବନ୍ଦ କରାଯିବ ଏବଂ ଏହା ସ୍ଥାନୀୟ ଅଧିବାସୀଙ୍କ ସହଯୋଗରେ ହେବ। କର୍ମଚାରୀମାନଙ୍କୁ ଆତ୍ମରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ଯୋଗେଇ ଦିଆଯିବ। ଏକ୍ସସର୍ଭିସମ୍ୟାନଙ୍କୁ ଆଗରୁ ମୁତୟନ କରାଯାଉଥିଲା ଏବଂ ଆଗକୁ ବନ୍ଧୁକଧାରୀ ସୁରକ୍ଷା କର୍ମୀ ମୁତୟନ ହେବେ। ଏଥିସହିତ ନନ୍ଦନକାନନ ସୁରକ୍ଷା ଦାୟିତ୍ୱ ପାରାମିଲିଟାରୀ ସେନା(ସିଆଇଏସ୍‌ଏଫ୍, ସିଆର୍‌ପିଏଫ୍‌ଙ୍କ ଭଳି)ଙ୍କୁ ଦେବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚାଲିଛି ବୋଲି ପିସିସିଏଫ୍ ନନ୍ଦ କହିଛନ୍ତି।

## ୨ ଜଣଙ୍କୁ ଗିରଫ କଲା ପୋଲିସ

ବାରଙ୍ଗ,୩୦।୪ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ପଶି ଆତଙ୍କ ଖେଳାଇବା ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚନ୍ଦକା ଥାନା ଅଧୀନ ଦାରୁଠେଙ୍ଗ ଗ୍ରାମର ସନ୍ତୋଷ ପାହାଡ଼ସିଂ ଓରଫ ଖୋବା ଓ ଅନ୍ୟ ଜଣେ ବାରଙ୍ଗ ଥାନା ଅଧୀନ ମଧୁବନ ଗ୍ରାମର ସନ୍ତୋଷ ସାମଲ। ପୋଲିସ ସେମାନଙ୍କଠାରୁ ଏକ ମାଂସକଟା ଚାପଡ଼ ଜବତ କରିଛି। ପୂର୍ବରୁ ଖୋବାଙ୍କ ନାଁରେ ୧୦ରୁ ଅଧିକ ଏହିଭଳି ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଖୋବା ଓ ତାଙ୍କ ସହଯୋଗୀ କେଉଁ କାରଣ ପାଇଁ କାର୍ଯ୍ୟାଳୟରେ ପଶି ଏପରି ଆତଙ୍କ ଖେଳାଇଥିଲେ ସେନେଇ ପୋଲିସ କି ନନ୍ଦନକାନନ ମୁଖିଆ ମୁହଁ ଖୋଲୁ ନ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ସୋମବାର ଅପରାହ୍ନରେ ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଖୋବା ଓ ତାଙ୍କ ସହଯୋଗୀ ସନ୍ତୋଷ ହାତରେ ଖଣ୍ଡା, କଟୁରି ଧରି ଉତ୍ପାତ କରିଥିଲେ। କାର୍ଯ୍ୟାଳୟର ବିଭିନ୍ନ ସାମଗ୍ରୀ ଭାଙ୍ଗିବା ସହ ୨ ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ଆକ୍ରମଣ କରିଥିଲେ। ନନ୍ଦନକାନନ ଥାନା ପୋଲିସ ପହଞ୍ଚିବାବେଳକୁ ୨ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ନନ୍ଦନକାନନ ଏସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁଙ୍କ ଅଭିଯୋଗକୁ ଭିତ୍ତି କରି ୧୧୩/୨୪ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ନନ୍ଦନକାନନ ଥାନା ଅଧିକାରିଣୀ ସମିତା ମିଶ୍ର ସୋମବାର ବିଳମ୍ବିତ ରାତିରେ ଖୋବାଙ୍କୁ ଚନ୍ଦକା ଜଙ୍ଗଲରୁ ଏବଂ ତାଙ୍କ ସହଯୋଗୀ ସନ୍ତୋଷଙ୍କୁ ଭୋର ସମୟରେ କାବୁ କରିଥିଲେ। ତେବେ ଆକ୍ରମଣ ପଛର କାରଣ ନେଇ କ୍ୟାମେରା ଆଗରେ ଅଭିଯୁକ୍ତ ଖୋବା ବିସ୍ଫୋରକ ବୟାନ ରଖିଛନ୍ତି। ନନ୍ଦନକାନନରେ ରେଞ୍ଜରଙ୍କଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀଙ୍କ ସହ ଖୋବାଙ୍କ ଭଲ ସମ୍ପର୍କ ଥିଲା। ଏଠାରେ କେତେଜଣ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଧିକାରୀଙ୍କ ସହ ସେ ଭୋଜିଭାତ ସହ ମଦ୍ୟପାନ ମଧ୍ୟ କରୁଥିଲେ। ଖାଲି ସେତିକି ନୁହେଁ ତାଙ୍କ କଥାରେ କେତେଜଣଙ୍କୁ ମଧ୍ୟ ନିଯୁକ୍ତି ମିଳିପାଉଥିଲା। ଘଟଣା ଦିନ ଜଣେ ଏସିଏଫ୍‌ଙ୍କ ସହ ତାଙ୍କର ସାମାନ୍ୟ ପାଟିତୁଣ୍ଡ ମଧ୍ୟ ହୋଇଥିଲା। ଏହାକୁ ନେଇ ଖୋବା ଏପରି ଆତଙ୍କ ଖେଳାଇଥିବା ନନ୍ଦନକାନନ କର୍ମଚାରୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

# ଖାଇବା ପାଇଁ ବେଳା ନ ଦେବାରୁ ବୋହୂଙ୍କୁ ହତ୍ୟା

■ ଶାଶୁ, ଶ୍ୱଶୁର, ସ୍ୱାମୀ ଗିରଫ
■ ସିନ୍ ରିକ୍ରିଏଶନ କରାଇଲା ପୋଲିସ

ତିହିଡ଼ି,୩୦।୪ (ସଞ୍ଜିତ ବଳ)

ଖାଇବା ପାଇଁ ବେଳା ନ ଦେବାରୁ ବୋହୂଙ୍କୁ ଏକ ଶାଢ଼ି ଦ୍ୱାରା ଶ୍ୱାସରୁଦ୍ଧ କରି ଶାଶୁ ଓ ଶ୍ୱଶୁର ହତ୍ୟା କରିଛନ୍ତି। ସୋମବାର ସକାଳେ ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ପାଳିଆବିନ୍ଧା ବେହେରାସାହି ଗ୍ରାମରେ। ମୃତ ମହିଳା ହେଲେ ଅଖିଳତା ବେହେରା(୨୫)। ପୋଲିସ ଏକ ମାମଲା (ନଂ.୧୯୭/୨୪) ରୁଜୁ କରି ମୃତା ଅଖିଳତାଙ୍କ ଶାଶୁ ଭାଗ୍ୟବତୀ ବେହେରା, ଶ୍ୱଶୁର ଗଣେଶ ବେହେରା ଓ ସ୍ୱାମୀ ମଧୁସୂଦନ ବେହେରାଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟଚାଲାଣ କରିଛି। ଅଖିଳତାଙ୍କ ଶାଶୁ ଓ ଶ୍ୱଶୁର ଅପରାଧ ସ୍ୱୀକାର କରିବା ପରେ ପୋଲିସ ସେମାନଙ୍କୁ ଗ୍ରାମକୁ ନେଇ ସିନ୍ ରିକ୍ରିଏଶନ କରାଇଛି। ତିହିଡ଼ି ଥାନା ପରିସରରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି ଯେ, ସୋମବାର ମହରମପୁର ପଞ୍ଚାୟତ ଅଧୀନ ସାନ୍ତରାପୁର ଦଳେଇସାହି ଗ୍ରାମର ସାନ୍ତନୁ ଦଳେଇ ତାଙ୍କ ଭଉଣୀ ଅଖିଳତାଙ୍କୁ ଅଧିକ ଯୌତୁକ ଦାବିରେ ଶାଶୁ, ଶ୍ୱଶୁର ଓ ସ୍ୱାମୀ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗ କରିଥିଲେ। ୨୦୧୯ରେ ତାଙ୍କ ଭଉଣୀ ପାଳିଆବିନ୍ଧା ବେହେରାସାହି ଗ୍ରାମର ମଧୁସୂଦନଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ତାଙ୍କ ଭଉଣୀଙ୍କୁ ଅଧିକ ୫୦ହଜାର ଟଙ୍କା ଯୌତୁକ ଦାବି କରି ନିର୍ଯାତନା ଦିଆଯାଉଥିଲା। ଯୌତୁକ ଦେଇ ନ ପାରିବାରୁ ତାଙ୍କ ଭଉଣୀଙ୍କ ତଣ୍ଟି ଚିପି ବେକରେ ଶାବଳ ପକାଇ ହତ୍ୟା କରାଯାଇଥିବା ସେ ଏତଲାରେ ଦର୍ଶାଇଥିଲେ। ଏହି ଅଭିଯୋଗ ପରେ ପୋଲିସ ଉକ୍ତ ଗ୍ରାମକୁ ଯାଇ ଅଖିଳତାଙ୍କ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରିଥିଲା।

# ବିମାନବନ୍ଦରରୁ ୭୫ ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ମଙ୍ଗଳବାର ନଗଦ ୭୫ ଲକ୍ଷ ଟଙ୍କା ଜବତ ହୋଇଛି। ନୂଆଦିଲ୍ଲୀ ଏବଂ ଚେନ୍ନାଇରୁ ଫେରିଥିବା ଦୁଇଜଣ ଯାତ୍ରୀଙ୍କ ଲଗେଜ୍‌ରୁ ଏହି ଟଙ୍କା ମିଳିଛି। ଯାତ୍ରୀ ଦ୍ୱୟ ବ୍ୟବସାୟୀ ହୋଇଥିବାବେଳେ ଜବତ ଟଙ୍କା ମଧ୍ୟରେ କେବଳ ୫୦୦ ଟଙ୍କିଆ ନୋଟ୍ ରହିଥିବା ଜଣାପଡ଼ିଛି। ବିମାନବନ୍ଦରରେ ସ୍କ୍ରିନିଂ ବେଳେ ଟଙ୍କା ଭର୍ତ୍ତି ଲଗେଜ୍ ଧରାପଡ଼ିଥିଲା। ଏନେଇ ବିମାନବନ୍ଦର ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସ୍‌ଏଫ୍ ଯବାନ ଆୟକର ବିଭାଗକୁ ଖବର ଦେଇଥିଲେ। ଆୟକର ବିଭାଗର ଅଧିକାରୀମାନେ ପହଞ୍ଚି ଟଙ୍କା ଜବତ କରିବା ସହ ସମ୍ପୃକ୍ତ ଯାତ୍ରୀ ଦ୍ୱୟଙ୍କୁ ଏ ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛନ୍ତି। କେଉଁ ଉଦ୍ଦେଶ୍ୟରେ ଏତେ ପରିମାଣର ଟଙ୍କା ରାଜ୍ୟକୁ ଆସୁଥିଲା ଓ ଏହାର ଉତ୍ସ ସମ୍ପର୍କରେ ଜାଣିବାକୁ ଆୟକର ଅଧିକାରୀମାନେ ଅଧିକ ଖୋଳତାଡ଼ ଜାରି ରଖିଛନ୍ତି। ତେବେ ନିର୍ବାଚନ ସମୟରେ ଏହି ଟଙ୍କା ବ୍ୟବହାର କରାଯିବାକୁ ଅଣାଯାଉଥିଲା ବୋଲି ଚର୍ଚ୍ଚା ହେଉଛି। ଏହି ଦିଗକୁ ନେଇ ଆୟକର ବିଭାଗ ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ କମିଶନରେଟ୍ ପୋଲିସ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ କାର୍‌ରୁ ନଗଦ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଥିଲା।



# କେନ୍ଦ୍ର ବିରୋଧୀ ମାମଲାରେ ଓକିଲ ଅନୁପସ୍ଥିତ, ହାଇକୋର୍ଟ କ୍ଷୁବ୍ଧ

କଟକ,୩୦।୪ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟରେ କେନ୍ଦ୍ର ସରକାରଙ୍କ ବିରୋଧରେ ରୁଜୁ ମାମଲାର ବିଚାରବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ କେହି ସରକାରୀ ଓକିଲ ଉପସ୍ଥିତ ରହୁନାହାନ୍ତି। ଥରେ ଦୁଇ ଥର ନୁହେଁ, ବହୁ ଥର ଏପରି ହେଉଛି। ଯଦ୍ୱାରା ମାମଲାର ଶୁଣାଣିରେ ଅଗ୍ରଗତି ହୋଇପାରୁନାହିଁ। ଏହାକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି। ଏଥିସହ ଏ ବାବଦରେ ଗୁରୁତର ପଦକ୍ଷେପ ନେବାକୁ ହାଇକୋର୍ଟ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ଜ୍ୟୋତି ଶଙ୍କର ବଳିୟାରସିଂହ ବନାମ କେନ୍ଦ୍ର ସରକାର ଡବ୍ଲ୍ୟୁପିସି ନଂ. ୨୬୦୦୪/୨୦୨୨ ମାମଲାର ପୂର୍ବ ଶୁଣାଣି ଗତ ୨୫ ତାରିଖରେ ହୋଇଥିଲା। ପ୍ରଥମ ପକ୍ଷ ଜ୍ୟୋତି ଶଙ୍କର ବଳିୟାରସିଂହଙ୍କ ପକ୍ଷରୁ ଆଇନଜୀବୀ ନିର୍ମଳ ରଞ୍ଜନ ରାଉତରାୟ ଅଦାଲତରେ ଉପସ୍ଥିତ ଥିଲେ। ମାତ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ କେହି ସରକାରୀ ଆଇନଜୀବୀ ଅଦାଲତରେ ଉପସ୍ଥିତ ନ ଥିଲେ। ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣିବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ କେହି ସରକାରୀ ଆଇନଜୀବୀ ଉପସ୍ଥିତ ନ ଥିବା ଦେଖି କ୍ଷୁବ୍ଧ ହୋଇଥିଲେ। ହାଇକୋର୍ଟ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି, ମାମଲାର ଜେରା ସରିଥିବାବେଳେ ଅଦାଲତକୁ ସହାୟତା କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କେହି ସରକାରୀ ଆଇନଜୀବୀ ଉପସ୍ଥିତ ନାହାନ୍ତି। ଓଡ଼ିଶା ହାଇକୋର୍ଟରେ କେନ୍ଦ୍ର ସରକାରଙ୍କ ମାମଲା ପରିଚାଳନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୪୦ ସରକାରୀ ଓକିଲ ଅଛନ୍ତି। ତଥାପି ମାମଲାର ଶୁଣାଣିବେଳେ କେହି ଉପସ୍ଥିତ ରହୁନାହାନ୍ତି। ସେଥିପାଇଁ ହାଇକୋର୍ଟ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତର ଭାବେ ଗ୍ରହଣ କରିଛନ୍ତି। ଏପରି କି ଏହି ଘଟଣା ସଂକ୍ରାନ୍ତରେ କେନ୍ଦ୍ର ଆଇନ ଓ ନ୍ୟାୟ ସଚିବଙ୍କୁ ଆଇନ ଅନୁଯାୟୀ ଅବଗତ କରାଯାଇପାରେ ବୋଲି ଖଣ୍ଡପୀଠ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨ ସପ୍ତାହ ପରେ କରାଯିବାକୁ ଖଣ୍ଡପୀଠ ଆଦେଶ ଦେଇଛନ୍ତି।

# ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କୁ ଜେଲ୍

**ଦୁର୍ନୀତି ମାମଲା**

■ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି

ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ)

ନୟାଗଡ଼ ଜିଲା ଭାପୁର ବ୍ଲକ୍‌ରେ ଏକ ଦୁର୍ନୀତି ମାମଲାରେ ମଙ୍ଗଳବାର ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ରାୟ ପ୍ରକାଶ କରିଛନ୍ତି। ଉକ୍ତ ମାମଲାରେ ଅଭିଯୁକ୍ତ ଭାପୁର ବ୍ଲକର ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ପାଢ଼ୀ ଏବଂ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ସେଠୀଙ୍କୁ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ହୋଇଛି। ଏଥିସହ ଉଭୟଙ୍କୁ ୨୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ଥିବା ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର କହଁର କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରାଯାଇଛି।
ମାମଲାର ବିବରଣୀ ଅନୁଯାୟୀ, ଭାପୁର ବ୍ଲକ୍‌ରେ ୨୦୦୮ରୁ ୨୦୦୯ ମସିହା ମଧ୍ୟରେ କଂକ୍ରିଟ୍ ରାସ୍ତା ନିର୍ମାଣରେ ମିଥ୍ୟା ବିଲ୍ ଦେଖାଇ ଅଭିଯୁକ୍ତମାନେ ଲକ୍ଷାଧିକ ଟଙ୍କାର ସରକାରୀ ଟଙ୍କା ଆତ୍ମସାତ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ୨୦୧୦ରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ଥାନାରେ ଏକ ମାମଲା (ନଂ.୧୧/୨୦୧୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ମାମଲା ଚାଲିଥିଲା। ମଙ୍ଗଳବାର କୋର୍ଟ ୧୩ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ୍ ଆଧାରରେ ଏହି ରାୟ ଶୁଣାଇଛନ୍ତି। ତେବେ କାର୍ତ୍ତିକେଶ୍ୱରଙ୍କ ପେନସନ୍ ବନ୍ଦ କରିବା ସହ ପ୍ରମୋଦଙ୍କୁ ଚାକିରିରୁ ବହିଷ୍କୃତ କରିବାକୁ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଭିଜିଲାନ୍ସ ପକ୍ଷରୁ ଜଣାଇ ଦିଆଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ଓକିଲ କାମଦେବ ତ୍ରିପାଠୀ ଏହି ମାମଲାକୁ ପରିଚାଳନା କରୁଥିଲେ।

# ନାଟ୍ୟକାର ସରୋଜ ଦାସଙ୍କ ପରଲୋକ

ସମ୍ବଲପୁର,୩୦।୪
(ଭବାନୀ ଶଙ୍କର ଭୋଇ)


ସରୋଜ ଦାସ।

ବିଶିଷ୍ଟ ସମ୍ବଲପୁରୀ ନାଟ୍ୟକାର ସରୋଜ ଦାସଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୬୪ ବର୍ଷ ହୋଇଥିଲା। ସେ ପ୍ରାୟ ଏକ ବର୍ଷ ହେବ କିଡ୍‌ନୀ ରୋଗରେ ପୀଡିତ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମ୍ବଲପୁରର ବହୁ ନାଟ୍ୟ କଳାକାର ତାଙ୍କ କମିଶନର କଲୋନୀସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ଜଣେ ସମ୍ବଲପୁରୀ ଅଭିନେତା, ନାଟ୍ୟକାର ଏବଂ ନିର୍ଦ୍ଦେଶକ ଭାବେ ସେ କଳା ଜଗତରେ ବେଶ୍ ପରିଚିତ ଥିଲେ। ତାଙ୍କ ରଚିତ ଏବଂ ନିର୍ଦ୍ଦେଶିତ ସମ୍ବଲପୁରୀ ଭାଷାର ସୃଷ୍ଟି ନାଟକ ଆଲ୍ଲାହାବାଦରେ ସର୍ବଭାରତୀୟସ୍ତରରେ ପୁରସ୍କୃତ ଏବଂ ପ୍ରଶଂସିତ ହୋଇଥିଲା। ସେ ଅନେକ ସମ୍ବଲପୁରୀ ନାଟକ ରଚନା କରିବା ସହ ୧୨ଟି ନାଟକର ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ତା' ସହିତ ସମ୍ବଲପୁରର ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ ସଂଗଠନ ସହ ସେ ଜଡିତ ଥିଲେ। ଦୀର୍ଘ ବର୍ଷ ହେବ ସାମାଜିକ ସଙ୍ଗଠନ ଉତ୍ସର୍ଗ ସହ ଜଡିତ ରହି ସହରର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିଥିଲେ। ସେ ଓଡ଼ିଶା ସାଂସ୍କୃତିକ ସମାଜରେ ୨ଥର ସାଧାରଣ ସମ୍ପାଦକଭାବେ ଦାୟିତ୍ୱ ତୁଲାଇଥିଲେ। ଚଣ୍ଡୀଗଡରେ ଚାକିରି କରୁଥିବା ପୁଅ ଗୌରବ ଦାସ ସନ୍ଧ୍ୟାରେ ସମ୍ବଲପୁରରେ ପହଞ୍ଚିବା ପରେ ରାତିରେ ମନ୍ଦଲିଆସ୍ଥିତ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ସ୍ତ୍ରୀ ଗୀତା ଦାସ, ଝିଅ ସ୍ୱାଗତିକା ଦାସ ଅଛନ୍ତି।


ବୌଦ୍ଧ ଗଡ଼ଜାତର ପ୍ରସିଦ୍ଧ ରାମଲୀଳା ଯାତ୍ରାରେ ମଙ୍ଗଳବାର ପରିବେଷିତ ନାଟକ 'ଲକ୍ଷ୍ମଣ ଶକ୍ତିଭେଦ' ର ଏକ ଦୃଶ୍ୟ।

ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହିଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। –ଶ୍ରୀମା



# ‘ଏ’ ରୁ ‘ବି’

ଗତ କିଛି ବର୍ଷ ମଧ୍ୟରେ ଭାରତର ମାନବ ଅଧିକାର ରେକର୍ଡ ଉପରେ ଅନ୍ତର୍ଜାତୀୟ ସ୍ତରରେ ତୀକ୍ଷ୍ଣ ନଜର ରଖାଯାଇଛି। ନିକଟରେ ମଣିପୁରରେ ଦେଖାଦେଇଥିବା ଜାତିଆଣ ବିବାଦରେ ରାଜ୍ୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ସଂଖ୍ୟାଗରିଷ୍ଠ ଗୋଷ୍ଠୀକୁ ସାହାଯ୍ୟ କରିବାକୁ ବ୍ୟବହାର କରାଯାଇଥିଲା। ସଂଖ୍ୟାଲଘୁ ଗୋଷ୍ଠୀକୁ ଅବଦମିତ କରିବା ଲାଗି ଏଭଳି କରାଯାଇଥିଲା ଯାହାକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଛି। ଏହି ପୃଷ୍ଠଭୂମିରେ, ମିଳିତ ଜାତିସଂଘର ଗ୍ଲୋବାଲ ଆଲାଏନ୍ସ ଅଫ୍ ନ୍ୟାଶନାଲ ହ୍ୟୁମାନ ରାଇଟ୍ସ ଇନ୍‌ଷ୍ଟିଚ୍ୟୁଶନ୍ସ (ଜିଏଏନ୍‌ଏଚ୍‌ଆର୍‌ଆଇ)ର ଅଧିବେଶନ ମେ’ର ପ୍ରଥମ ସପ୍ତାହରେ ଆୟୋଜନ ହେବାର ଅଛି। ଏହି ବୈଠକରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ଭାରତର ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି) ପ୍ରଥମ ଶ୍ରେଣୀରେ ରହିବାର ଯୋଗ୍ୟତା ଉପରେ ବିଚାର କରାଯିବ। ୨୦୨୩ ମସିହାରେ ଏନ୍‌ଏଚ୍‌ଆର୍‌ସି ମୂଲ୍ୟାୟନକୁ ସ୍ଥଗିତ ରଖାଯାଇଥିଲା। ଜାତିସଂଘ ସଂସ୍ଥା ମାନବ ଅଧିକାର ଅନୁସନ୍ଧାନରେ ପୋଲିସ କର୍ମଚାରୀଙ୍କ ଉପସ୍ଥିତି ଏବଂ ଲିଙ୍ଗଗତ ଓ ସଂଖ୍ୟାଲଘୁଙ୍କ ପ୍ରତିନିଧିତ୍ୱ ଅଭାବକୁ ନେଇ ଅସନ୍ତୋଷ ପ୍ରକାଶ କରିବାରୁ ଏଭଳି ହୋଇଥିଲା। ପୋଲିସର ଅନ୍ତର୍ଭୁକ୍ତି ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଂଘନକରେ ଏବଂ ମାନବ ଅଧିକାର ସଂରକ୍ଷଣର ଯଥାର୍ଥତାକୁ ନ୍ୟୂନ କରେ। ଏନ୍‌ଏଚ୍‌ଆର୍‌ସି ମୂଲ୍ୟାୟନ ପ୍ରଥମ ଶ୍ରେଣୀ (ଏ)ରୁ ଦ୍ୱିତୀୟ ଶ୍ରେଣୀ(ବି)କୁ ଖସିଯିବାର ସମ୍ଭବନା ରହିଛି, ଯାହା ଜାତିସଂଘ ମାନବ ଅଧିକାର ପରିଷଦ ତଥା ଜାତିସଂଘର ଅନ୍ୟାନ୍ୟ ସାଧାରଣ ସଭାରେ ଭୋଟ ଦେବାର କ୍ଷମତା ଉପରେ ପ୍ରଭାବ ପକାଇବ। ଜିଏଏନ୍‌ଏଚ୍‌ଆର୍‌ଆଇ ସବ୍‌କମିଟି ଅନ୍ ଆକ୍ରିଡେଶନ (ଏସ୍‌ସିଏ)ର ମେ ମାସର ବୈଠକ ୧୧୪ ଦେଶ ବିଶିଷ୍ଟ ମିଳିତ ମଞ୍ଚର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ୫ ବର୍ଷର ସମୀକ୍ଷା ଲାଗି ଉଦ୍ଦିଷ୍ଟ। ଭାରତର ସମ୍ପ୍ରତି ମାନବ ଅଧିକାର ରେକର୍ଡ ପାଇଁ ବୈଶ୍ୱିକ ସଂସ୍ଥାର ସନ୍ଦେହକୁ ଅନୁଭବକରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କୂଟନୈତିକ ସ୍ତରରେ ପ୍ରତିରୋଧ କରିବାକୁ ସମୀକ୍ଷା ପ୍ରକ୍ରିୟାରେ ଜଡ଼ିତ ବିଭିନ୍ନ ଦେଶରେ ପହଞ୍ଚୁଥିବା ଜଣାପଡ଼ିଛି।

୧୯୯୯ରେ ମାନ୍ୟତା ପାଇବା ପରଠାରୁ, ୨୦୦୬ ଏବଂ ୨୦୧୧ରେ ଭାରତ ଏହାର ‘ଏ’ ର୍ୟାଙ୍କିଙ୍ଗ୍ ବଜାୟ ରଖିଥିଲା। କିନ୍ତୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୨୦୧୪ରେ କ୍ଷମତାକୁ ଆସିବାର ୨ବର୍ଷ ପରେ ଏହାର ଗ୍ରେଡ୍‌ର ଅଧୋଗତି ହୋଇଥିଲା ଏବଂ ବର୍ଷେ ପରେ ପୁଣି ଫେରିଥିଲା। ଭାଜପା ସରକାର ସମୟରେ ଦ୍ୱିତୀୟ ଥର ପାଇଁ ଏହା ଏକ ସମ୍ଭାବ୍ୟ ର୍ୟାଙ୍କିଙ୍ଗ୍ ଅଧୋଗତିର ସମ୍ମୁଖୀନ ହେବା ସମ୍ଭାବନା ରହିଛି। ମାର୍ଚ୍ଚ ୨୦୨୩ରେ ଏହାର ଅନୁସନ୍ଧାନ ପ୍ରକ୍ରିୟାରେ ପୋଲିସ ଅଧିକାରୀଙ୍କ ସମ୍ପୃକ୍ତି ପାଇଁ ଭାରତକୁ ନିନ୍ଦା କରିବାକୁ ଏସ୍‌ସିଏ ଏକ ୬ ସୂତ୍ରୀ ଅଭିଯୋଗ ଦାଖଲ କରିବା ସହ ଏହାକୁ ସ୍ୱାର୍ଥ କୈନ୍ଦ୍ରିକ କହିଥିଲା। ଏନ୍‌ଏଚ୍‌ଆର୍‌ସି ଏହି ଅଭିଯୋଗକୁ ଖଣ୍ଡନ କରିବାକୁ ଚେଷ୍ଟାକରି କହିଛି ଯେ, ଏନ୍‌ଏଚ୍‌ଆର୍‌ସି ମହାସଚିବ ତଥା ସିଇଓ, ଗୁଜରାଟର ପୂର୍ବତନ କ୍ୟାଡର ଆଇଏଏସ୍ ଅଧିକାରୀ ଭରତ ଲାଲଙ୍କ ସମେତ ସରକାରୀ କର୍ମଚାରୀଙ୍କ ଉପସ୍ଥିତି ଏହାର ଗୁରୁତ୍ୱ ବୃଦ୍ଧି କରିଛି। ବର୍ତ୍ତମାନ ଏନ୍‌ଏଚ୍‌ଆର୍‌ସିର ୨ଜଣ ସଦସ୍ୟଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଇଣ୍ଟେଲିଜେନ୍ସ ବ୍ୟୁରୋର ପୂର୍ବତନ ନିର୍ଦ୍ଦେଶକ ତଥା ଆଇପିଏସ୍ ଅଧିକାରୀ ରାଜୀବ ଜୈନ ଏବଂ ତଦନ୍ତର ମହାନିର୍ଦ୍ଦେଶକ ହେଉଛନ୍ତି ସିବିଆଇର ପୂର୍ବତନ ସ୍ୱତନ୍ତ୍ର ନିର୍ଦ୍ଦେଶକ ଅଜୟ ଭଟ୍ଟନଗର।

ଏହି ସମାଲୋଚନାର କାରଣ ହେଉଛି ଦେଶର ଗୁପ୍ତଚର ମୁଖ୍ୟ ଭାବରେ କାର୍ଯ୍ୟ କରିଥିବା ଜଣେ ପୋଲିସ ଅଧିକାରୀଙ୍କ ନିଯୁକ୍ତି ମାନବ ଅଧିକାର ସଂସ୍ଥାର ନିରପେକ୍ଷତାକୁ କ୍ଷୁଣ୍ଣ କରୁଛି। କାରଣ ବର୍ଷ ବର୍ଷ ଧରି ସେବା କରିବା ପରେ ତାଙ୍କର ସରକାରୀ ପକ୍ଷପାତିତାକୁ ଏଡ଼ାଇ ଦିଆଯାଇପାରେ ନାହିଁ। ଏହା ମାନବ ଅଧିକାରର ତଦାରଖକାରୀଙ୍କ ମନରେ ସନ୍ଦେହ ସୃଷ୍ଟିକରେ ଯେ ଏନ୍‌ଏଚ୍‌ଆର୍‌ସି ନାଗରିକ ସମାଜ କାର୍ଯ୍ୟକର୍ତ୍ତା, ସାମ୍ବାଦିକ କିମ୍ବା ଅନ୍ୟ କୌଣସି ବ୍ୟକ୍ତିବିଶେଷଙ୍କ ଦ୍ୱାରା ମାନବିକ ଅଧିକାରର ପ୍ରତିବାଦ ତଥା ଦାବିକୁ ରୋକିବା ପାଇଁ ଏକ ପ୍ରଣାଳୀରେ ପରିଣତ ହେଉଛି। ବାସ୍ତବରେ ବର୍ତ୍ତମାନର ଶାସନରେ ଭାରତରେ ଅଭିବ୍ୟକ୍ତିର ସ୍ୱାଧୀନତାର କଣ୍ଠରୋଧ ଘଟଣା ଏହି ସନ୍ଦେହକୁ ଦୃଢ଼ କରିଛି। ପୀଡ଼ିତଙ୍କୁ ନ୍ୟାୟଦେବା ଲାଗି ସ୍ୱର ଉତ୍ତୋଳନ କରିଥିବା ଷ୍ଟାନ୍ ସ୍ୱାମୀଙ୍କ ଅତି ଅମାନୁଷିକ ଅବସ୍ଥାରେ ହାଜତ ମୃତ୍ୟୁ ଏବେ ସୁଦ୍ଧା ଜନମାନସରେ ଉଜ୍ଜୀବିତ ରହିଛି। ୨୬ ମାର୍ଚ୍ଚ, ୨୦୨୪ରେ ଜିଏଏନ୍‌ଏଚ୍‌ଆର୍‌ଆଇକୁ ଆମ୍ନେଷ୍ଟି ଇଣ୍ଟରନ୍ୟାଶନାଲ ସମେତ ୯ଟି ମାନବ ଅଧିକାର ଗୋଷ୍ଠୀ ନାଗରିକ ସମାଜ ଉପରେ ପ୍ରତିବନ୍ଧକ ବୃଦ୍ଧି ଏବଂ ଦେଶର ସାଧାରଣ ନିର୍ବାଚନ ପୂର୍ବରୁ ସଂଖ୍ୟାଲଘୁଙ୍କ ପ୍ରତି ଭେଦଭାବକୁ ନେଇ ଚିନ୍ତା ପ୍ରକଟକରି ମିଳିତ ଭାବେ ଚିଠି ଦେଇଥିଲେ। ସେମାନେ ବିଭିନ୍ନ ବିକାଶ ଏବଂ ମାନବ ଅଧିକାର ସୂଚକାଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ, ଯାହା ଗତ କିଛି ବର୍ଷ ମଧ୍ୟରେ ଭାରତର ର୍ୟାଙ୍କିଙ୍ଗ୍‌କୁ ହ୍ରାସ କରିଛି।

ପ୍ୟାରିସ ନୀତିକୁ ପାଳନ କରିବା ଏବଂ ମାନବ ଅଧିକାରକୁ ସୁରକ୍ଷିତ ରଖିବାରେ ଭାରତର ଏନ୍‌ଏଚ୍‌ଆର୍‌ସି ସଫଳ ହେବ ବୋଲି ସାଧାରଣରେ ବିଶ୍ୱାସ ତୁଟିଗଲାଣି। ଅନ୍ତର୍ଜାତୀୟ ସ୍ତରରେ ମାନବ ଅଧିକାର ଜଗିବା ସଂସ୍ଥାଗୁଡ଼ିକରେ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତ କରାଯାଏ ନାହିଁ। ଏବେକାର ଭାରତ ସରକାର ଏହିସବୁ ପ୍ରଚଳିତ ବିଶ୍ୱାସକୁ ଜଳାଞ୍ଜଳି ଦେଇ ଯେଉଁଭଳି ଓଲଟା ତତ୍ପରତା ପ୍ରଦର୍ଶନ କରୁଛନ୍ତି ତାହା ଭବିଷ୍ୟତରେ ଭାରତର ମାନବ ଅଧିକାରକୁ କ୍ଷୁଣ୍ଣ କରିବ ବୋଲି ବିଶ୍ୱାସ ହେଉଛି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | | | |
| | 1 | | | | 2 | 6 | | |
| 5 | | | 7 | 1 | | 8 | | 4 |
| | | 9 | | | 5 | | | 8 |
| 7 | | | | | | 2 | | |
| | 6 | | | 4 | | | | 3 |
| 6 | | 3 | | | 7 | | | |
| | 4 | | | | 8 | | | |
| | | | | | 3 | 9 | 6 | 5 |

ଏହାର ଉତ୍ତର ଆଗାମୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 4 | 5 | 8 | 3 | 1 | 6 | 2 |
| 6 | 8 | 1 | 9 | 2 | 7 | 4 | 5 | 3 |
| 3 | 2 | 5 | 4 | 1 | 6 | 8 | 9 | 7 |
| 8 | 5 | 7 | 6 | 3 | 9 | 2 | 1 | 4 |
| 4 | 6 | 2 | 1 | 7 | 8 | 9 | 3 | 5 |
| 9 | 1 | 3 | 2 | 5 | 4 | 6 | 7 | 8 |
| 2 | 4 | 6 | 7 | 9 | 5 | 3 | 8 | 1 |
| 5 | 3 | 9 | 8 | 4 | 1 | 7 | 2 | 6 |
| 1 | 7 | 8 | 3 | 6 | 2 | 5 | 4 | 9 |

ଗତକାଲିର ଉତ୍ତର

# ମହାତ୍ମା ଓ ମଜଦୁର



ଡ. ପ୍ରଫୁଲ୍ଲ କୁମାର ସାହୁ

ଅଷ୍ଟାଦଶ ଶତାବ୍ଦୀରେ ଇଉରୋପର ଶିଳ୍ପ ବିପ୍ଳବ ପରେ ଯେଉଁ ବୁର୍ଜୁଆ ଗୋଷ୍ଠୀର ଆବିର୍ଭାବ ଘଟିଲା, ସେମାନେ ଶ୍ରମ ତୁଳନାରେ ପୁଞ୍ଜିକୁ ଅଧିକ ଗୁରୁତ୍ୱ ଦେଲେ ଏବଂ ରକ୍ତପାୟୀ ପରି ଶୋଷିବାକୁ ଲାଗିଲେ ଶ୍ରମିକର ରକ୍ତ। ଏହାର ପ୍ରତିକ୍ରିୟା ସ୍ୱରୂପ ଜନ୍ମନେଲା ବିପ୍ଳବୀ କାଲମାର୍କ୍ସଙ୍କର ସମାଜବାଦୀ ଦର୍ଶନ। ମାର୍କ୍ସ କହିଲେ, ମଣିଷ ଅପେକ୍ଷା ମଣିଷର ଶ୍ରମଶକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ। ମଣିଷର ଜୀବନ ଶହେ ବର୍ଷ ବା ତା’ଠାରୁ କମ୍ ବୟସରେ ଶେଷ ହୋଇଯାଇପାରେ, ମାତ୍ର ତା’ର ଶ୍ରମଜାତ କାର୍ଯ୍ୟ ଅମର ହୋଇ ରହେ ଅନନ୍ତକାଳ ପର୍ଯ୍ୟନ୍ତ। ତେଣୁ ମଣିଷର ଶ୍ରମ ହିଁ ସଭ୍ୟତାର ପରମ ସୌନ୍ଦର୍ଯ୍ୟ। ସଭ୍ୟତାର କ୍ରମ ବିକାଶ ପଛରେ ମଣିଷର ଯେଉଁ ଶ୍ରମ ଓ ସଂଘର୍ଷ ରହିଛି ତାହା ପୁଞ୍ଜି ତୁଳନାରେ ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ। ଏହି ବିଚାରବୋଧ ନେଇ ପୁଞ୍ଜିପତିଙ୍କ ଦ୍ୱାରା ଶୋଷଣର ଶିକାର ହେଉଥିବା ଶ୍ରମିକମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ଆହ୍ୱାନ ଥିଲା – ‘ଦୁନିଆର ଶ୍ରମିକ ଏକ ହୁଅ’। ମାର୍କ୍ସଙ୍କର ଏହି ନାରା ସାରା ବିଶ୍ୱରେ ଖେଳାଇ ଦେଲା ସମାଜବାଦୀ ଚେତନାର ଉତ୍ତାଳ ତରଙ୍ଗ। ନିଜର ଅଧିକାର ସାବ୍ୟସ୍ତ ପାଇଁ ବିଭିନ୍ନ ଦେଶରେ ଶ୍ରମିକମାନେ ଏକଜୁଟ ହୋଇ ଗଠନ କଲେ ଶ୍ରମିକ ସଙ୍ଗଠନ। ଏହା କ୍ରମଶଃ ଭାରତ ବର୍ଷକୁ ସମ୍ପ୍ରସାରିତ ହେଲା ଏବଂ ୧୮୮୪ରେ ନାରାୟଣ ମେଘାଜୀ ଲୋଖାଣ୍ଡେଙ୍କ ନେତୃତ୍ୱରେ ବମ୍ବେରେ ଗଠନ ହେଲା ଦେଶର ପ୍ରଥମ ମଜଦୁର ସଂଘ।

ପୃଥିବୀ ଇତିହାସରେ ରୁଷ ବିପ୍ଳବ (୧୯୧୭) ଥିଲା ଏକ ଯୁଗାନ୍ତକାରୀ ଘଟଣା। ଏହି ବିପ୍ଳବ ପଛରେ ଥିଲା ଶ୍ରମଜୀବୀ ମଣିଷର ବର୍ଷ ବର୍ଷର ପୁଞ୍ଜିଭୂତ ଅସନ୍ତୋଷ। ରୁଷ ବିପ୍ଳବର ସଫଳତା ଶ୍ରମିକ ସଙ୍ଗଠନକୁ ଅଧିକ ଶକ୍ତିଶାଳୀ କଲା ଏବଂ ଗାନ୍ଧିଜୀଙ୍କୁ ପ୍ରଭାବିତ କଲା ମାର୍କ୍ସଙ୍କର ‘ମିଳିମିଶି ଉତ୍ପାଦନ କରିବା ଓ ଆବଶ୍ୟକତା ଅନୁସାରେ ବାଣ୍ଟି ଖାଇବା’ ନୀତି। ବାସ୍ତବରେ ଗାନ୍ଧିଜୀ ଥିଲେ ରଚନାତ୍ମକ କ୍ରାନ୍ତୀର କୃତବିଦ୍ୟ ପ୍ରବର୍ତ୍ତକ। ଦକ୍ଷିଣ ଆଫ୍ରିକାରେ ତାଙ୍କର ୨୧ ବର୍ଷର ସଂଗ୍ରାମୀ ଜୀବନ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ଥିଲା ମେହନତି ମଣିଷର ସ୍ୱାଧିକାର, ସୁରକ୍ଷା ଓ କଲ୍ୟାଣକାରୀ। ଦକ୍ଷିଣ ଆଫ୍ରିକାରୁ ଫେରି ସେ ୧୯୧୮ରେ ଅହମଦାବାଦରେ ପ୍ରତିଷ୍ଠା କଲେ ଗାନ୍ଧୀ ଶ୍ରମ ପ୍ରତିଷ୍ଠାନ। ମାର୍କ୍ସବାଦୀ ବିଚାରଧାରାକୁ ଗ୍ରହଣ କରି ସେ କହିଲେ, ଉତ୍ପାଦନ ନିମନ୍ତେ ପୁଞ୍ଜିଠାରୁ ଶ୍ରମର ଭୂମିକା ବେଶି। ଶ୍ରମକୁ ଛାଡ଼ି କେବଳ ପୁଞ୍ଜି ବିନିଯୋଗ କରି କେବେ ବି ଉତ୍ପାଦନ କରାଯାଇପାରିବ ନାହିଁ ଚାଉଳ, ଅଟା, ଡାଲି ଆଦି ଖାଦ୍ୟ ସାମଗ୍ରୀ ବା ମୋଟର ଗାଡ଼ି ଭଳି ଯନ୍ତ୍ର। ତାଙ୍କ ମତରେ ଜଣେ ଶିଳ୍ପପତି ନିଜର ବୁଦ୍ଧି ଓ ପୁଞ୍ଜି ବଳରେ ଅର୍ଥର ପାହାଡ଼ ସୃଷ୍ଟି କରିପାରେ, କିନ୍ତୁ ସେହି ଅର୍ଜନ ପଥରେ ଥିବା ଶ୍ରମିକର ଶ୍ରମ ହିଁ ତା’ର ବିକାଶର ଆଧାର।

ଗାନ୍ଧିଜୀ ଥିଲେ ମାନବତା ବାଦର ଜଣେ ବଳିଷ୍ଠ ପ୍ରବକ୍ତା ତଥା ଶ୍ରମଜୀବୀଙ୍କ ଯଥାର୍ଥ ପଥପ୍ରଦର୍ଶକ। ସେ



ଜାଣିଥିଲେ ଶ୍ରମ ଦାନରେ ଦେଶକୁ ସମୃଦ୍ଧ କରୁଥିବା ଶ୍ରମିକର ଆର୍ଥିକ ଅବସ୍ଥା ବିପନ୍ନ ହେଲେ ଦୋହଲି ଯାଏ ଦେଶର ଅର୍ଥନୀତି। ତାଙ୍କ ଅବଧାରଣାରେ ପୁଞ୍ଜି ଯେମିତି ଶ୍ରମ ସୃଷ୍ଟି କରେ, ସେମିତି ଶ୍ରମ ସୃଷ୍ଟି କରେ ପୁଞ୍ଜି। ତେଣୁ ଶ୍ରମିକକୁ ଶୋଷଣ କରି ସବୁଦିନ ପାଇଁ ଲାଭବାନ ହୋଇପାରିବନି ଶିଳ୍ପପତି, ବରଂ ଉତ୍ପାଦନ ପ୍ରକ୍ରିୟାକୁ ଦୀର୍ଘସ୍ଥାୟୀ କରିବାକୁ ହେଲେ ଶ୍ରମିକକୁ ସନ୍ତୁଷ୍ଟ କରିବା ଶିଳ୍ପପତିର ନୈତିକ ଦାୟିତ୍ୱ।

ପୁଞ୍ଜି ଓ ଶ୍ରମ ମଧ୍ୟରେ ସଂଘର୍ଷ ନୁହେଁ, ଗାନ୍ଧିଜୀ ଚାହୁଁଥିଲେ ଏକ ସହଯୋଗ ଭିତ୍ତିକ ସମ୍ପର୍କ। ତାଙ୍କ ମତରେ ପୁଞ୍ଜି ଓ ଶ୍ରମ ମଧ୍ୟରେ ଐକ୍ୟଭାବ ସୃଷ୍ଟି କରାଯାଇପାରିଲେ କେବଳ ଉଭୟ ପକ୍ଷର ଲାଭ ନୁହେଁ ବରଂ ଏହାଦ୍ୱାରା ସମ୍ଭବ ହେବ ରାଷ୍ଟ୍ରର ବିକାଶ। ତେଣୁ ଏଭଳି ପ୍ରଚୋଦନାତ୍ମକ ଓ ବନ୍ଧୁଭାବାପନ୍ନ ଆଭିମୁଖ୍ୟ ନେଇ ପୁଞ୍ଜିପତି ଓ ଶ୍ରମିକମାନେ ଭିତରେ ଥିବା ମତପାର୍ଥକ୍ୟ ଓ ବିଭେଦକୁ ଦୂର କରିବା ପାଇଁ ଚାହିଁଛନ୍ତି ଏବଂ ଏହାର ପରୀକ୍ଷା ନିରୀକ୍ଷା କରି ପାଇଛନ୍ତି ଆଶାତୀତ ସଫଳତା। ଶ୍ରମିକମାନଙ୍କ ମୌଳିକ ସ୍ୱାର୍ଥ ସୁରକ୍ଷା ପାଇଁ ସେ ଅହମଦାବାଦର ଲୁଗାକଳ ମାଲିକଙ୍କ ନୀତିକୁ ବିରୋଧ କରି ଧର୍ମଘଟ କରିଛନ୍ତି ସତ, ମାତ୍ର ଏଥିରେ ନ ଥିଲା ମୁକାବିଲାମୂଳକ ମନୋଭାବ ବା ମୁହାଁମୁହିଁ ହେବାର ପ୍ରଶ୍ନ। ପୁଞ୍ଜି ଓ ଶ୍ରମ ମଧ୍ୟରେ ସଂଘର୍ଷ ନୁହେଁ, ସେ କେବଳ ଚାହୁଁଥିଲେ ଏକ ସହଯୋଗଭିତ୍ତିକ ସମ୍ପର୍କ।

ଗାନ୍ଧୀ ଅର୍ଥନୀତିରେ ପ୍ରଥମ ଓ ପ୍ରଧାନ ଆଦର୍ଶ ହେଉଛି ସହଯୋଗିତା ଓ ସ୍ୱାବଲମ୍ବନଶୀଳତା। ଗାନ୍ଧିଜୀଙ୍କ ଦୃଷ୍ଟିରେ ଯନ୍ତ୍ର ଏକ ସଇତାନୀ ସଭ୍ୟତାର ପ୍ରତୀକ। କାରଣ ଯନ୍ତ୍ର ଜରିଆରେ ମଣିଷ ହାତରୁ କାମ ଛଡ଼େଇ ନେବା ଏକ ଅବିବେକୀ କାର୍ଯ୍ୟ। ଏହି ଦୃଷ୍ଟିରୁ ତାଙ୍କୁ ଯେଉଁମାନେ ଯନ୍ତ୍ର ବିରୋଧୀ ବୋଲି ଅଭିଯୋଗ କରନ୍ତି, ସେମାନଙ୍କ ଉଦ୍ଦେଶ୍ୟରେ ସେ ହରିଜନ ପତ୍ରିକାରେ ଲେଖିଥିଲେ (୨୨।୨।୧୯୩୫) ଯେଉଁ ଉଦ୍ଭାବନ ଲୋକଙ୍କ ଉପକାର କରିବ ମୁଁ ତା’ର ପ୍ରଶଂସକ। ତେଣୁ ଯେଉଁ କାମ ମଣିଷ ହାତରେ କରି ନ ହେବ ତାହା ଯନ୍ତ୍ର ସାହାଯ୍ୟରେ ହେବା ଉଚିତ। ମାତ୍ର ସେ ଯନ୍ତ୍ର ରାଷ୍ଟ୍ର ଅଧୀନରେ ରହିବା ଜରୁରୀ।

ଗାନ୍ଧିଜୀ ଥିଲେ ମେହେନତି ମଣିଷର ଦରଦୀ ବନ୍ଧୁ। ସାଥୀ, ସମର୍ଥକ ଓ ସେନାପତି। ସାବରମତୀ ଆଶ୍ରମ ଥିଲା ତାଙ୍କ ସଂଗ୍ରାମ, ସତ୍ୟାଗ୍ରହ ଓ ଶ୍ରମିକମାନଙ୍କ ଆନ୍ଦୋଳନର ନିୟନ୍ତ୍ରଣ କକ୍ଷ। ଗାନ୍ଧିଜୀଙ୍କ ମତରେ ଶ୍ରମ ପୁଣ୍ୟ ନୁହେଁ କିମ୍ବା ଶ୍ରମିକ ପୁଞ୍ଜିର ଶ୍ରେଣୀ ଶତ୍ରୁ ନୁହେଁ। ଏକ ଜନକଲ୍ୟାଣକାରୀ ସମାଜ ବ୍ୟବସ୍ଥାରେ ଶିଳ୍ପାୟନ ପ୍ରତିଭା ସହ ପରିଚାଳନା କର୍ତ୍ତୃପକ୍ଷ ଓ ଶ୍ରମଶକ୍ତି ଓତପ୍ରୋତ ଭାବେ ଜଡ଼ିତ। ପାରସ୍ପରିକ ସହଯୋଗ ଓ ସୌହାର୍ଦ୍ଦ୍ୟ ମାଧ୍ୟମରେ ସମ୍ଭବ ହୁଏ ଉତ୍ପାଦନର ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି।

ଗାନ୍ଧିଜୀ ଥିଲେ ମୁକାବିଲା ଓ ଶ୍ରେଣୀ ବୈରଭାବକୁ ଜାବୁଡ଼ି ଧରିବାର ଘୋର ବିରୋଧୀ। ବଡ଼ ବଡ଼ ଶିଳ୍ପ ବଦଳରେ ସ୍ୱଦେଶୀ କୌଶଳ ଅବଲମ୍ବନ କରି ଉତ୍ପାଦନ କରିବା ଥିଲା ତାଙ୍କ ଶିଳ୍ପନୀତିର ମୂଳକଥା। ସୁତରାଂ ଗାନ୍ଧୀ ଅର୍ଥନୀତି ଥିଲା ସମ୍ପୂର୍ଣ୍ଣ ଗ୍ରାମ୍ୟଭିତ୍ତିକ। ସେ ଚାହୁଁଥିଲେ ସ୍ଥାନୀୟ ଭାବେ ମିଳୁଥିବା କଞ୍ଚାମାଲକୁ ନେଇ ପ୍ରତ୍ୟେକ ଗାଁରେ ଗଢ଼ିଉଠୁ ଗ୍ରାମ୍ୟଶିଳ୍ପ ଓ ଗ୍ରାମ୍ୟ ଉତ୍ପାଦନ କେନ୍ଦ୍ର। ଏହାଦ୍ୱାରା ପରିବହନ ଖର୍ଚ୍ଚ ପଡ଼ିବନି କି କଳକାରଖାନା ଚାଲିବା ପାଇଁ ପୋଡ଼ିବନି ଇନ୍ଧନ। ପରିବେଶ ପ୍ରଦୂଷଣ ହେବନି କି ରହିବନି କୃତ୍ରିମ ଅଭାବ, ଚଢ଼ାଦର ଓ ଅପମିଶ୍ରଣର ଭୟ। ସମସ୍ତଙ୍କ ହାତକୁ କାମ ମିଳିବ, କିନ୍ତୁ ଶ୍ରମିକ ଶୋଷଣର ଶିକାର ହେବନି କି ବଢ଼ିବନି ଧନୀ ଓ ଦରିଦ୍ର ଭିତରେ ବ୍ୟବଧାନ।

ଗାନ୍ଧୀ ଅର୍ଥନୀତିରେ ଏକ ପ୍ରମୁଖ ସ୍ତମ୍ଭ ହେଲା ସ୍ୱଦେଶୀ ବିଚାର। ଭାରତର ବୟନ ଶିଳ୍ପକୁ ଧ୍ୱଂସ କରିଦେବା ନିମନ୍ତେ ଉଦ୍ଦିଷ୍ଟ ଇଂରେଜ ସରକାରଙ୍କ କାରଖାନା ଆଇନ (୧୮୮୧)ର ମୂଳକଥା ବୁଝିବା ପରେ ଗାନ୍ଧିଜୀ ଆରମ୍ଭ କରିଥିଲେ ସ୍ୱଦେଶୀ ଆନ୍ଦୋଳନ। ଏହି ପରିପ୍ରେକ୍ଷୀରେ କୁଟି ଖାଅ ଓ କାଟି ପିନ୍ଧ ଥିଲା ତାଙ୍କର ସ୍ୱାବଲମ୍ବୀ ଆହ୍ୱାନ। ଗାନ୍ଧିଜୀଙ୍କ ସ୍ୱଦେଶୀ ଆନ୍ଦୋଳନ ଡାକରାରେ ବିଦେଶୀ ବସ୍ତ୍ର ବର୍ଜନ କରିବାକୁ ଆଗେଇ ଆସିଲେ ଲକ୍ଷ ଲକ୍ଷ ଲୋକ। କୁଟୀର ଶିଳ୍ପର ବିକାଶ ପାଇଁ ଗାନ୍ଧିଜୀ ସତ୍ୟାଗ୍ରହୀଙ୍କ ହାତରେ ଧରେଇ ଦେଲେ ଚରଖା। ସ୍ୱାଧୀନତା ସଂଗ୍ରାମୀଙ୍କୁ ଅନୁକରଣ କରି ଚରଖା ସୂତା କାଟିବା ଆରମ୍ଭ କରିଦେଲେ ସମାଜର ସବୁ ବର୍ଗର ଲୋକ। ଏହାଦ୍ୱାରା ଖଦି ବସ୍ତ୍ର ପାଲଟିଗଲା ଦେଶପ୍ରେମର ପରିଚୟ। ଶ୍ରମ ବ୍ୟବସ୍ଥାରେ ବିକେନ୍ଦ୍ରୀକରଣ ତଥା ସମତାର ବିଚାର ଉପରେ ଗୁରୁତ୍ୱ ଦିଏ ଗାନ୍ଧୀ ଅର୍ଥନୀତି।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ମେହେନତି ମଣିଷଙ୍କ ଦୁଃଖ କଥା ନୁହେଁ, ସରକାର ବେଶି ଚିନ୍ତା କରନ୍ତି ଥିଲାବାଲାଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟର କଥା। ଶ୍ରମିକ କଲ୍ୟାଣ ତଥା ସେମାନଙ୍କ ସାମାଜିକ ନିରାପତ୍ତା ପାଇଁ ସରକାର ଯେ କିଛି କମ୍ ଆଇନ ତିଆରି କରିଛନ୍ତି ତାହା ନୁହେଁ, ମାତ୍ର ବିଡ଼ମ୍ବନାର ବିଷୟ ହେଉଛି ସେସବୁ ସଫଳ ଓ ଯୁଗାନ୍ତକାରୀ ସାବ୍ୟସ୍ତ ହୋଇଛି କେବଳ କାଗଜ କଲମରେ। ସେଥିପାଇଁ ଆଜି ନିଜର ହକ୍ ପାଇଁ ଆନ୍ଦୋଳନ କରିବାକୁ ବାଧ୍ୟ ହେଉଛି ଶ୍ରମିକ।

**ଅବସରପ୍ରାପ୍ତ ଅଧ୍ୟକ୍ଷ**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ:୬୩୭୧୬୪୨୪୬୪**

## ଏଇ ଭାରତରେ

ଏମିତି ଘର, ଯାହା ମାଟିରେ ରହିବ ପୁଣି ପାଣିରେ ଭାସିବ। ଏଭଳି ଏକ ଆମ୍ଫିବିୟସ (ଉଭୟ ମାଟି ଓ ପାଣିରେ ରହି ପାରୁଥିବା) ଘର ନିର୍ମାଣ କରିଛନ୍ତି କେରଳର ଦୁଇ ବନ୍ଧୁ ନନ୍ମା ଗିରିଶ ଏବଂ ବେନ୍ କେ. ଜର୍ଜ। ୨୦୧୮ରେ କେରଳରେ ପ୍ରଳୟଙ୍କରୀ ବନ୍ୟା ପରେ ଏମାନେ ଏଭଳି ଘର ନିର୍ମାଣ ଲାଗି ଯୋଜନା କରିଥିଲେ। ସେହି ବର୍ଷ ‘ନେଷ୍ଟ ଆବିଡ’ ଷ୍ଟାର୍ଟ ଅପ୍ ପ୍ରତିଷ୍ଠା କରି ୨୦୨୧ ସେପ୍ଟେମ୍ବରରେ ଏହାର ପ୍ରଥମ ପ୍ରତିକୃତି ନିର୍ମାଣ କରିଥିଲେ। ଏବେ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଛନ୍ତି। ଏକ ଭାସମାନ କଂକ୍ରିଟ ଡାଞ୍ଚା ଉପରେ ଏହାକୁ ନିର୍ମାଣ କରାଯାଇଛି। ଏହି ଘରର ନାମ ରଖିଛନ୍ତି ‘ଆମ୍ଫିବି ନେଷ୍ଟ’। ଏଭଳି ଆମ୍ଫିବିୟସ ଘର ଭାରତରେ ପ୍ରଥମେ ନିର୍ମାଣ କରିଥିବା ଏହି ଦୁଇବନ୍ଧୁ ଥିରୁଭାନନ୍ତପୁରର ବାର୍ଟନ ହିଲ୍ ଗଭର୍ନମେଣ୍ଟ ଇଞ୍ଜିନିୟରିଂ କଲେଜରୁ ଟ୍ରାନ୍ସଲେଶନାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସେମାନେ ଏଭଳି ଘର ଅଧିକ ନିର୍ମାଣ କରିବା ଲାଗି ୧୦ ଜଣଙ୍କୁ ପୂର୍ଣ୍ଣକାଳୀନ ନିଯୁକ୍ତି ଦେବା ସହ ୩୩ ଜଣଙ୍କୁ କଲ୍ କନ୍‌ସଲଣ୍ଟାଟ ଭାବେ ରଖିଛନ୍ତି। ନନ୍ମା ଓ ବେନ୍ ଏବେ ଦିଲ୍ଲୀ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିରେ ପିଏଚ୍.ଡି. କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧ ମେ ୧୯୭୫

- ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏଚ୍.ଏସ୍. ଚୋପ୍ରା ସୈନ୍ୟବାହିନୀ ସେବାକୋରର କର୍ଣ୍ଣେଲ କମାଣ୍ଡାଣ୍ଟ ନିଯୁକ୍ତ।
- ଭାରତରେ ଇଟାଲୀର ନୂଆ ରାଷ୍ଟ୍ରଦୂତ ରୂପେ ଡଃ କାର୍ଲୋ କଲେଣ୍ଡଙ୍କୁ ନିଯୁକ୍ତି ପ୍ରଦାନ।
- ମୁକ୍ତିବାହିନୀ ନିକଟରେ ଦକ୍ଷିଣ ଭିଏତ୍‌ନାମ ଆତ୍ମସମର୍ପଣ କରିଥିବା ନେଇ ରାଷ୍ଟ୍ରପତି ଡୁଅଙ୍ଗ ଭାନ ମିନଙ୍କ ଘୋଷଣା।

## ଚିରନ୍ତନୀ

ବରଷୁ ତପତ କଣା ପଛେ ମାରତଣ୍ଡ
ଆସୁ ପଛେ ଗରଜନ ବଜ୍ର ପରଚଣ୍ଡ
ଗହନ ଝଞ୍ଜା ବତାସି ଆସୁ ପଛେ ବେଗେ ଭାସି
ସେ ରାଇଜେ ନାହିଁ ତାର ପଥ
ଗୋଟିଏ ଆଶ୍ଳେଷେ ଯହିଁ ପୂରେ ମନୋରଥ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ନୈତିକତାର ନତମସ୍ତକ ନ ହେଉ



ଡ. ସତ୍ୟନାରାୟଣ ମିଶ୍ର

ମଣିଷ ସମାଜରେ ସର୍ବଶ୍ରେଷ୍ଠ ପ୍ରାଣୀ ହିସାବରେ ମର୍ଯ୍ୟାଦାର ସହ ବଞ୍ଚିଥାଏ କେବଳ ନୀତି, ନୈତିକତା, ଆଦର୍ଶ, ବିବେକ, ନିଷ୍ଠା ଆଦିର ପରିପୂର୍ଣ୍ଣ ଜୀବନକୁ ପାଥେୟ କରି, ଯେଉଁଠି ଥାଏ ଏକ ଗୁଣାତ୍ମକ ଚରିତ୍ର ଓ ଆଦର୍ଶଗତ ବିଚାରଧାରା। ଯଦି ସମାଜ ଉକ୍ତ ବିଚାରଧାରାର ଜୀବନଶୈଳୀକୁ ସାଦରେ ଗ୍ରହଣ କରିଥାଏ, ତେବେ ଏହି ଜୀବନଶୈଳୀ ପରବର୍ତ୍ତୀ ସମୟରେ ସମାଜରେ ହୋଇଯାଏ ଆଦର୍ଶର କିମ୍ବଦନ୍ତୀ। ଇତିହାସକୁ ଅବଲୋକନ କଲେ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ ଯେ, ଅତୀତର ଗୁଣାତ୍ମକ ଆଦର୍ଶ ପରବର୍ତ୍ତୀ ସମୟରେ ତାହା ଅନ୍ୟମାନଙ୍କୁ ଦେଇଥାଏ ପ୍ରେରଣା। ମଣିଷକୁ ସେଥିପାଇଁ କୁହାଯାଏ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ। କାରଣ ମଣିଷ ନିକଟରେ ବିଚାର, ବୁଦ୍ଧି, ବିବେକ ଓ ନୈତିକତା ରହିଛି, ଯାହାଦ୍ୱାରା ମଣିଷ ନିଜେ ନିର୍ଣ୍ଣୟ କରିଥାଏ କେଉଁଟା ଠିକ୍ ଓ କେଉଁଟା ଭୁଲ୍। ମାତ୍ର ମଣିଷ ଯେତେବେଳେ ସ୍ୱାର୍ଥ ଦ୍ୱାରା ଆକ୍ରାନ୍ତ ହୋଇଥାଏ, ସେତେବେଳେ ଭୁଲ୍ ଠିକ୍‌ର ବିଚାର ନ କରି ଆଦର୍ଶକୁ ଜଳାଞ୍ଜଳି ଦେଇ କେବଳ ସ୍ୱାର୍ଥର ପରିଧି ମଧ୍ୟରେ ଧାବମାନ କରିଥାଏ। କିନ୍ତୁ ମଣିଷକୁ ସୂଚିତ କରେ ଯେ, ସ୍ୱାର୍ଥ ସଦାବେଳେ ନିଜ ସପକ୍ଷରେ ନ ଥାଏ ଓ ସ୍ୱାର୍ଥ କେବେ ନିଜର ହୋଇ ନ ଥାଏ। ଅତଏବ ସ୍ୱାର୍ଥକୁ ସିଦ୍ଧ କରିବା ପାଇଁ ମଣିଷ ଏତେ ହୀନ ଓ ନୀତିହୀନ କାର୍ଯ୍ୟ କରେ ଯେଉଁଥିରେ ବ୍ୟକ୍ତି ସମାଜ ଦ୍ୱାରା, ବ୍ୟକ୍ତି ଦ୍ୱାରା ପରୋକ୍ଷରେ ଓ ପ୍ରତ୍ୟକ୍ଷରେ ଅନେକ ସମାଲୋଚିତ ହୋଇଥାଏ। କିନ୍ତୁ ସ୍ୱାର୍ଥର ଅନ୍ଧକାରରେ ମଣିଷ ଯେତେବେଳେ ନିମଜ୍ଜିତ ହୁଏ ସେତେବେଳେ ସେ କେବଳ ଦେଖିଥାଏ ଅନେକ କିଛି ପାଇବାର ଆଶା ଓ ଇଚ୍ଛା। ମଣିଷ କେଉଁ ସମାଜଗୁଡିକ ଠିକ୍ ଓ ଗ୍ରହଣୀୟ ଭାବରେ ଅନୁମୋଦନ କରେ ତାହା ନୈତିକତା ଦର୍ଶାଇ ଦେଇଥାଏ। ସମାଜରେ ଅଧିକାଂଶ ବ୍ୟକ୍ତି ନୈତିକ ଭାବରେ କାର୍ଯ୍ୟ କରନ୍ତି ଓ ସାମାଜିକ ନିର୍ଦ୍ଦେଶାବଳୀ ଅନୁସରଣ କରି ଜୀବନ ନିର୍ବାହ କରିଥାନ୍ତି। ସେଥିରେ ଯେତେ ବାଧାବିଘ୍ନ ହେଲେ ମଧ୍ୟ ସେମାନେ ମୂଲ୍ୟବୋଧକୁ ଧରାଶାୟୀ ହେବାକୁ ଦିଅନ୍ତି ନାହିଁ। ନୈତିକତା ପ୍ରାୟତଃ ଆବଶ୍ୟକ କରେ ଯେ ବ୍ୟକ୍ତି ସମାଜର ସ୍ୱାର୍ଥ ପାଇଁ ନିଜର ସ୍ୱଳ୍ପ ମିଆଦୀ ସ୍ୱାର୍ଥକୁ ବଳିଦାନ କରୁ। ସମାଜ ପାଇଁ ନୈତିକ ନୀତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। କାରଣ ତାହା ସମାଜରେ କିପରି ପରସ୍ପର ସହ ଉତ୍ତମ ଜୀବନଯାପନ କରିବାକୁ ଶିକ୍ଷା ଦେଇଥାଏ ଓ ଜୀବନର ମାନ ଓ ମହତ୍ତ୍ୱକୁ ଉପଯୁକ୍ତ ମାର୍ଗରେ ପ୍ରତିପାଦିତ କରିଥାଏ। ଏହା ଶିକ୍ଷା ଦେଇଥାଏ ଯେ ସମସ୍ତ ମଣିଷ ସମାନ ଅଧିକାର ପାଇବାକୁ ଯୋଗ୍ୟ, ଯେଉଁଥିପାଇଁ ଜାତି କିମ୍ବା ଜାତି ଉପରେ ଆଧାର କରି କାହାକୁ ଭେଦ କରିବା ଠିକ ନୁହେଁ। ନୀତି ହେଉଛି ଏକ ବୃତ୍ତି ଯାହା ସମାଜରେ ସବୁଠାରୁ ଶକ୍ତିଶାଳୀ ପ୍ରତିକ୍ରିୟା ସୃଷ୍ଟି କରିପାରିବ ବୋଲି ବିଶ୍ୱାସ ଥାଏ। ଅନ୍ୟପକ୍ଷରେ ରାଜନୀତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟ ଯାହା ଅନେକ ପ୍ରସଙ୍ଗ ସହିତ ଜଡିତ ହୋଇଥାଏ। ରାଜନୀତିକୁ ଶ୍ରେଷ୍ଠ ନୀତି ବୋଲି ବିବେଚନା କରାଯାଏ, କାରଣ ସେଥିରେ ନୀତିର ଶ୍ରେଷ୍ଠତ୍ୱ ନିହିତ ଥାଏ ବୋଲି ବିଚାର କରାଯାଏ।

ଜୀବନକୁ ଜୀବନଶୈଳୀରେ ରୂପାନ୍ତରୀକରଣ କରିବାକୁ ହେଲେ ନୈତିକତାର ନୀତିକୁ ଆଲିଙ୍ଗନ



କରିବାକୁ ପଡ଼ିଥାଏ। ମାତ୍ର ନିର୍ବାଚନ ସମୟରେ ଯେଉଁ ବ୍ୟକ୍ତିବିଶେଷ ଗୋଟିଏ ରାଜନୈତିକ ଦଳରୁ ଅନ୍ୟ ଏକ ରାଜନୈତିକ ଦଳକୁ ଲମ୍ଫ ପ୍ରଦାନ କରନ୍ତି ତାହା ସମାଜର ଅନ୍ୟମାନଙ୍କୁ ବିଶେଷତଃ ଗଣତନ୍ତ୍ରର ମତଦାତାମାନେ ଚକିତ ହେଉଛନ୍ତି ଯେ ନୈତିକ ନୈତିକତାର ଏ ନତମସ୍ତକ କେଉଁ କାରଣ ପାଇଁ ନିହିତ ହେଉଛି। ଗଣତନ୍ତ୍ରରେ ନିଜର ଇଚ୍ଛା ଅନୁଯାୟୀ ବଞ୍ଚିବା ବା ବାକ୍ ସାଧୀନତା ତଥା ସ୍ୱଇଚ୍ଛାକୁ ସମ୍ମାନ ଦେବା ବ୍ୟକ୍ତିର ଅଧିକାର ଓ ସେଥିରେ କୌଣସି ବ୍ୟକ୍ତି ହସ୍ତକ୍ଷେପ କରିବା ଉଚିତ ନୁହେଁ। କିନ୍ତୁ ନୈତିକତାର ବିଚାରଧାରା ମାତ୍ର କେଇ ଘଣ୍ଟାରେ ବିପରୀତ ଧର୍ମୀ କିପରି ହୋଇଥାଏ ତାହା ନତମସ୍ତକର ଉପସଂହାର ସୂଚନା ଦେଇଥାଏ। ଅତୀତର ଏଇ ସମାଜରେ ଆମର ମଧ୍ୟ ଏପରି ରାଜନେତା ଥିଲେ ଯେଉଁମାନେ ଦୁର୍ନୀତି, ନିଷ୍ଠା, ନୈତିକତା ଆଦିରେ ଜୀବନ ଉତ୍ସର୍ଗ କରି ଉଦାହରଣ ହୋଇଯାଇଛନ୍ତି। ମାତ୍ର ବର୍ତ୍ତମାନର ବିଚାରଧାରାକୁ ଦେଖିଲେ ତାହାର କେତେ ଅନ୍ତର ସହଜରେ ଅନୁମାନ କରାଯାଏ। ଆଦର୍ଶ ରାଜନୀତି ସତ୍ୟତା, ଲୋକଙ୍କ କଲ୍ୟାଣ, ବିଶ୍ୱସ୍ତତା ଆଦିକୁ ସମ୍ମାନ ଦେଇଥାଏ ,କିନ୍ତୁ ଆଜିକାଲି କ୍ଷମତା ହାସଲ କରିବାକୁ, ରାଜନୈତିକ ଦଳ ତଥା ରାଜନୈତିକ ନେତାମାନେ ମୂଲ୍ୟଭିତ୍ତିକ ରାଜନୀତିକୁ ଗ୍ରହଣ କରିବାକୁ ଚେଷ୍ଟା କରିବାକୁ ଅନିଚ୍ଛା ପ୍ରକାଶ କରିଥାନ୍ତି। ସାମ୍ପ୍ରତିକ ରାଜନୈତିକ ମୂଲ୍ୟବୋଧରେ ସହନଶୀଳତା ଯେପରି ହଜିଯାଉଛି ତାହା ନୈତିକତାକୁ ନତମସ୍ତକ କରିବାକୁ ପ୍ରୋତ୍ସାହନ ଦେଉଅଛି। ସମ୍ବିଧାନ ହେଉଛି ଆଇନ ଶାସନର ମୂଳଦୁଆ। ଭାରତର ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଆମେ ରାଜନୈତିକ ବ୍ୟବସ୍ଥା ବୁଝିବାରେ ଏ ସମାଜ ବିଫଳ ହୋଇଛି ବୋଲି ସ୍ୱୀକାର କରିବାକୁ ହୋଇଥାଏ। କାରଣ ବର୍ଷା ଯୁଆଡେ ଛତା ସିଆଡେ ନୀତିରେ ଆଦର୍ଶ ନଥାଏ କେବଳ ଥାଏ ସାର୍ଥର ଛତା।

ଅତଏବ ନୈତିକତାର ଛତା ତଳେ ନିଜକୁ ସିକ୍ତ କରିବା ବରଂ ଭଲ, ମାତ୍ର ନୈତିକତାକୁ ନତମସ୍ତକ କରି ନିଜେ ଆମୋଦିତ ହେବା ଉଚିତ ନୁହେଁ ବୋଲି ଇତିହାସ ଶିକ୍ଷା ଦେଇଥାଏ। ଆମେ ସବୁ ଭୁଲ କରିବା ପାଇଁ ରାଜନେତାମାନଙ୍କୁ ଦୋଷ ଆରୋପ ଦେଇଥାଉ ଯଥା ଦୁର୍ନୀତି, ଅନୈତିକତା, ନକଲି ପ୍ରତିବଦ୍ଧତା, ଭାଷା ଧର୍ମ, ଜାତି ନାମରେ ଲୋକଙ୍କୁ ବିଭାଜନ କରିବା ଇତ୍ୟାଦି ଇତ୍ୟାଦି, କିନ୍ତୁ ଆମେ କେବେ ଭାବି ନାହୁଁ ସେମାନଙ୍କୁ ଉକ୍ତ ଅଧିକାର ଦେବାର କର୍ତ୍ତା କିଏ ? ତେଣୁ ବ୍ୟକ୍ତି ଓ ସମାଜ ତଥା ରାଜନୀତିର ନୀତି ଆତ୍ମ ସଂଶୋଧନ କରି ସଂଶୋଧନ ପଦକ୍ଷେପ ଆରମ୍ଭ କରାଯିବା ଆବଶ୍ୟକ, ଯେଉଁଥିରେ ଏକ ସୁସ୍ଥ ସମାଜର ଆଦର୍ଶ ନୈତିକ ମୂଲ୍ୟବୋଧର ମେରୁଦଣ୍ଡ ସୃଷ୍ଟି ହେବ। ଆମେ ସମସ୍ତେ ଏହି ମହାନ ଦେଶର ନାଗରିକ ଓ ଆମକୁ ଏହି ରାଷ୍ଟ୍ରର ସେବା କରିବାକୁ ପଡ଼ିବ ଏହା ହେଉଛି ବିବେକର ବିଚାର ଓ ନୈତିକ ଦାୟିତ୍ୱ। ମାତ୍ର ନୈତିକତାକୁ ନତମସ୍ତକ କରି ଜୀବନ ନିର୍ବାହ କରିବାର ଅର୍ଥ ଜୀବନକୁ ଅନ୍ୟ ନିକଟରେ ନିଲାମ ଦେବା ସହ ସମାନ ବୋଲି ସ୍ୱୀକାର କରିବାକୁ ହୋଇଥାଏ। ସେଥିପାଇଁ ଗାନ୍ଧିଜୀ ଏକଦା କହିଥିଲେ, ମୁଷ୍ଟିମେୟ କେତେଜଣ ସଙ୍କଳ୍ପବଦ୍ଧ ସାଧକ ଯଦି ସେମାନଙ୍କର ଆଦର୍ଶରେ ଅବିଚଳିତ ବିଶ୍ୱାସ ରଖନ୍ତି, ତାହାହେଲେ ସେମାନେ ଇତିହାସର ମୋଡ ବଦଳାଇ ଦେଇପାରିବେ। ତେଣୁ ନୈତିକତାକୁ ନତମସ୍ତକ ନକରି ନୈତିକ ନିକିତିରେ ଜୀବନ ନିର୍ଦ୍ଧାରଣ କରିବା ଏକାନ୍ତ ବାଞ୍ଛନୀୟ।

**ସହାୟକ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର**
**ଭୁବନେଶ୍ୱର**
**ମୋ: ୯୯୩୭୩୪୫୯୦୦**

# ପାଠକ ଶ୍ରେଷ୍ଠ ବିଚାରକ

## ସତର୍କତାମୂଳକ ପଦକ୍ଷେପ

ମହାଶୟ,

ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବାବେଳେ କିଛି ସ୍ଥାନରେ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହୁଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆମ ରାଜ୍ୟର ନିର୍ବାଚନ ଅଧିକାରୀ ମତଦାନ ବୁଥ ଗୁଡିକରେ ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ନିଶ୍ଚିତ କରିବାକୁ ପଡିବ। ଯେପରିକି ବୁଥ ସେଣ୍ଟରରେ ଥଣ୍ଡା ପାନୀୟ ଜଳ, ଆଣ୍ଟି-ଡିହାଇଡ୍ରେସନ ପଦକ୍ଷେପ, ଉତ୍ତାପ ଚିକିତ୍ସା ସମ୍ବନ୍ଧୀୟ ଔଷଧ, ବାହାରେ ଧାଡି ବାନ୍ଧୁଥିବା ଲୋକଙ୍କ ପାଇଁ ଛାମୁଣ୍ଡିଆ/ ପାଲ, ଜରୁରୀକାଳୀନ ପରିସ୍ଥିତିରେ ଯାନର ସୁବିଧା କରିବାକୁ ହେବ । ଏତଦ ବ୍ୟତୀତ, କିଛି ଅଟୋ/ଇ-ରିକ୍ସା ବ୍ୟବସ୍ଥା କରାଗଲେ ଭିନ୍ନକ୍ଷମ, ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ମାନେ ସହଜରେ ଏବଂ ସମ୍ମାନର ସହ ମତଦାନ ବୁଥକୁ ଯିବାଆସିବା କରିପାରିବେ । ଏହି ସମସ୍ତ ବ୍ୟବସ୍ଥା (ଅଟୋ/ଇ-ରିକ୍ସା ଯାନର ନମ୍ବର୍ ସହିତ ଚାଳକର ମୋବାଇଲ ନମ୍ବର୍) ଭୋଟରଙ୍କୁ ପୂର୍ବରୁ ଅବଗତ କରାଗଲେ ମତଦାନ ପ୍ରତିଶତ ହାର ବୃଦ୍ଧି ପାଇବ ।

–ନବନିତ୍ ପାଣିଗ୍ରାହୀ, ରାୟଗଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ସେଲ୍ଫି କର୍ଭର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିଶ୍ୱଜିତ୍


@ ଗୋବିନ୍ଦ


@ ଜନାର୍ଦ୍ଦନ


@ ରାମକୃଷ୍ଣ


@ ତରୁଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ପ୍ରତିବନ୍ଧକ ଭାଙ୍ଗିବାକୁ ହେଲେ ପ୍ରଶ୍ନ ପଚାର'

## ହାଓ ଟୁ ବ୍ରେକ୍ ଦ ଗ୍ଲାସ୍ ସେଲିଂ ଶୀର୍ଷକ ଟକ୍ ଶୋ

ଭୁବନେଶ୍ୱର,୩୦।୪
(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରତିବନ୍ଧକ ଭାଙ୍ଗିବାକୁ ଚାହୁଁଛ ଯଦି ତେବେ ପ୍ରଶ୍ନ ପଚାର। ଆଜିକାଲି ଅଧିକାଂଶ ବିବାହ ବିଚ୍ଛେଦ ହେବାର କାରଣ ହିଁ ପ୍ରଶ୍ନ। ନାରୀମାନେ ଆଜିକାଲି ପ୍ରଶ୍ନ ପଚାରିବା ଆରମ୍ଭ କରିଛନ୍ତି। ପ୍ରଶ୍ନ ପଚାରିବା ଦ୍ୱାରା ଆମକୁ କିଏ କ'ଣ ଭାବୁଛି ତାହା ଭାବିବା ଉଚିତ୍ ନୁହେଁ। ପ୍ରଥମେ ପ୍ରଶ୍ନ ପଚାରିବାଠୁ ହିଁ ପ୍ରତିବନ୍ଧକ ଭାଙ୍ଗିବାର ଆରମ୍ଭ ବୋଲି ଫିଲ୍ମ ନିର୍ମାତା ତଥା ଅଭିନେତ୍ରୀ ନନ୍ଦିତା ଦାସ କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ମହିଳା ସଙ୍ଗଠନ (ଫିକି ଫ୍ଲୋ) ପକ୍ଷରୁ 'ହାଓ ଟୁ ବ୍ରେକ୍ ଦ ଗ୍ଲାସ ସେଲିଂ' ଶୀର୍ଷକ ଟକ୍ ଶୋ' ଆୟୋଜନ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ଦାସ ଯୋଗଦେଇ କହିଥିଲେ, ଜୀବନରେ ଗୋଟିଏ ପ୍ରତିବନ୍ଧକ ଭାଙ୍ଗିଲେ ପୁଣି ଏକ ପ୍ରତିବନ୍ଧକ ରହିଛି। ଆମେ ସମସ୍ତେ ମିଶିଲେ ହିଁ ଶେଷ ପ୍ରତିବନ୍ଧକକୁ ଭାଙ୍ଗିପାରିବା। ତୁମେ କ'ଣ ଓ କେମିତି ତାହା ଅନ୍ୟକୁ ବିସ୍ତୃତ ଭାବେ ବୁଝାଇବାକୁ ସୁଯୋଗ ଦିଅନାହିଁ। ତାହା କେବଳ ତୁମର ଅଧିକାର। ଆମ ସମସ୍ତଙ୍କର ଅନେକ ପରିଚୟ ରହିଛି। ଆମେ ସବୁବେଳେ ଭିନ୍ନ। ପୁରୁଷଟିଏ ଯେମିତି ଯାହା ହେଲେ ବି ଚଳିବ, ମାତ୍ର ଝିଅଟିକୁ ସବୁବେଳେ ସବୁକ୍ଷେତ୍ରରେ ଫିଟ୍ ହେବାକୁ କୁହାଯାଇଥାଏ। ଆମେମାନେ ସେହି ଚେଷ୍ଟାରେ ଲାଗିପଡୁ ମଧ୍ୟ। ସବୁ ନାରୀ ଯେ, ଲକ୍ଷ୍ମୀବାଈ ଓ ଦୁର୍ଗା ହୋଇପାରିବେ ତାହା ଭାବିବା ସମ୍ପୂର୍ଣ୍ଣ ଭୁଲ। ପ୍ରତ୍ୟେକ ନାରୀଙ୍କ ପାଖରେ ଏକ ସ୍ୱତନ୍ତ୍ରତା ଅଛି। ସେହି ସ୍ୱତନ୍ତ୍ରତାକୁ ସେମାନେ ସମାଜ ଆଗରେ ପରିପ୍ରକାଶ କରି ନ ପାରିଲେ ସ୍ୱୟଂସମ୍ପନ୍ନ ହେବା ହରାଇ ବସନ୍ତି। ତେଣୁ ନାରୀମାନେ ସେହି ସ୍ୱତନ୍ତ୍ରତାକୁ ଅନ୍ୟ ଆଗରେ ପରିପ୍ରକାଶ କରିବାର ସାହସ କରିପାରିଲେ ହିଁ ନାରୀ ସଶକ୍ତୀକରଣ ସଫଳ ହୋଇପାରିବ ବୋଲି ଦାସ କହିଥିଲେ।

ସଙ୍ଗଠନର ଉପାଧ୍ୟକ୍ଷ ପଞ୍ଚମୀ ମାନୁ ଉକିଲ୍ଙ୍କ ପରିଚାଳନାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଦର୍ଶକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଦାସ କହିଲେ ଯେ, ଛୋଟ ପିଲାମାନେ ତାଙ୍କ ମା'ମାନେ କାମ କରୁଥିବାର ଦେଖିବା ଉଚିତ୍। ଏହାଦ୍ୱାରା ସେମାନେ ନିଜ ପରବର୍ତ୍ତୀ ପିଢ଼ିକୁ କାମ କରାଇବାକୁ ପ୍ରବର୍ତ୍ତାଇ ପାରିବେ। ନାରୀମାନଙ୍କୁ ଉଦ୍‌ବୋଧନ ଦେଇ ଅନ୍ୟ କେହି ତୁମ ଲାଗି ସ୍ୱର ଉତ୍ତୋଳନ କରୁ ତାହା ନ ଚାହିଁ ନିଜେ କିଭଳି ନିଜ ପାଇଁ ତଥା ଅନ୍ୟ ପାଇଁ ସ୍ୱର ଉତ୍ତୋଳନ କରିପାରିବ ତାହା ଚେଷ୍ଟା କରିବା ଉଚିତ୍ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଚେୟାରପର୍ସନ ରଶ୍ମି ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ଏହାର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ରୁଚି ଫୁଡ୍‌ଲାଇନର ନିର୍ଦ୍ଦେଶିକା ସଙ୍ଗୀତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବରିଷ୍ଠ ଉପାଧ୍ୟକ୍ଷା ପ୍ରଜ୍ଞା ପାରମିତା ମିଶ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅଭିନେତ୍ରୀ ନନ୍ଦିତା ଦାସ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ବିଦ୍ୟୁତ୍ ଶର୍ଟ ସର୍କିଟ୍‌ରୁ ଫସଲ ଜଳିଗଲା

କଟକ ସଦର, ୩୦।୪
(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ବାଲିଶୁକ୍ରିଗ୍ରାମ ନଇକୂଳ ପାଟଣାସାହି ଦେଇ ଯାଇଥିବା ୩୩ କେଭି ବିଦ୍ୟୁତ୍ ଲାଇନ୍‌ରେ ମଙ୍ଗଳବାର ଅପରାହ୍ନରେ ଶର୍ଟସର୍କିଟ ଯୋଗୁ ନିଆଁ ବାହାରିଥିଲା। ଏଥିରେ ରମେଶ ଚନ୍ଦ୍ର କରଙ୍କ ନଡ଼ିଆ ଗଛ ଓ ଫସଲ ଜଳିଯାଇଛି। ପରେ ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ୍ତ କରିଥିଲେ। ବାଡିରୁ ଉଚ୍ଚକ୍ଷମତାସମ୍ପନ୍ନ ବିଦ୍ୟୁତ୍ ଲାଇନ ହଟାଇବା ପାଇଁ ରମେଶ ବାରମ୍ବାର ଦାବି କରିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## 'ଜନସାଧାରଣଙ୍କ ସେବାକୁ ପ୍ରାଥମିକତା ଦିଅ'


ରାଜ୍ୟପାଳ ରଘୁବର ଦାସଙ୍କ ଗହଣରେ ଆଇଏଏସ୍ ପ୍ରୋବେଶନର।

### ଆଇଏଏସ୍ ପ୍ରୋବେଶନରଙ୍କୁ ରାଜ୍ୟପାଳଙ୍କ ପରାମର୍ଶ

ଭୁବନେଶ୍ୱର,୩୦।୪
(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା କ୍ୟାଡରର ୮ଜଣ ୨୦୨୩ ବ୍ୟାଚ୍‌ର ଆଇଏଏସ୍ ପ୍ରୋବେଶନର ମଙ୍ଗଳବାର ରାଜଭବନରେ ରାଜ୍ୟପାଳ ରଘୁବର ଦାସଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟପାଳ ସେମାନଙ୍କୁ ଏପରି ସମ୍ମାନଜନକ ପଦବୀରେ ଆସୀନ ହେବା ସହ ଓଡ଼ିଶାର ସେବା କରିବାକୁ ସୁଯୋଗ ମିଳିଥିବାରୁ ଶୁଭେଚ୍ଛା ଜଣାଇଥିଲେ। ସଂକ୍ଷିପ୍ତ ଅଭିଭାଷଣରେ ରାଜ୍ୟପାଳ ପ୍ରୋବେଶନରଙ୍କୁ ଜନସାଧାରଣଙ୍କ ସେବାକୁ ସର୍ବଦା ପ୍ରାଧାନ୍ୟ ଓ ପ୍ରାଥମିକତା ଦେଇ ଦାୟିତ୍ୱ ନିର୍ବାହ ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସରକାରୀ ଯୋଜନାର ସଫଳ ପ୍ରଣୟନ ଦ୍ୱାରା ଏହାର ସୁଫଳ ଯେପରି ଉଦ୍ଦିଷ୍ଟ ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ସେଥିପ୍ରତି ଅଧିକାରୀ ଭାବେ ଧ୍ୟାନ ଦେବାକୁ ରାଜ୍ୟପାଳ କହିଥିଲେ। ସରକାରୀ ନିୟମ ଏବଂ ଆଇନକାନୁନ ମଧ୍ୟରେ କାର୍ଯ୍ୟକରି ନିଜକୁ ସାଧାରଣ ଜନତାଙ୍କ ସମ୍ମୁଖରେ ରୋଲ ମଡେଲ ଭାବେ ଉପସ୍ଥାପନ କରିବାକୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ମଧ୍ୟ ଆଇଏଏସ୍ ପ୍ରୋବେଶନରଙ୍କୁ ଉଦ୍‌ବୋଧନ ଦେବା ସହ ଶୁଭେଚ୍ଛା ଜଣାଇଥିଲେ।

## ୨୬ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ୨ ଗିରଫ

ନିମାପଡ଼ା,୩୦।୪
(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା କୁଶଭଦ୍ରା ନଦୀବନ୍ଧରୁ ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ କଟକ ଅବକାରୀ ଗୋଇନ୍ଦା ବିଭାଗ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିମାପଡ଼ା ଥାନା ନିକଟ ଶ୍ୟାମସୁନ୍ଦରପୁର ଗ୍ରାମର ସୁମନ୍ତ ସେଠୀ ଓରଫ ଠୁଙ୍ଗା (୪୦) ଏବଂ ପାଟପୁର ଗ୍ରାମର ବିପ୍ଳବ ନାୟକ (୩୬)। ସେମାନଙ୍କ ନିକଟରୁ ୨୨୬ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି, ଯାହାର ମୂଲ୍ୟ ୩୬ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜାମିନ ନାମଞ୍ଜୁର ହେବାରୁ ଦୁହିଁଙ୍କୁ ନିମାପଡ଼ା ଉପକାରାଗାରକୁ ପଠାଇ ଦିଆଯାଇଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

କଟକ,୩୦।୪ (କାର୍ତ୍ତିକ ସାହୁ)

ବିଡ଼ାନାସୀ ଥାନା ଅନ୍ତର୍ଗତ ସେଲ୍‌ଟର ଛକ ନେତାଜୀ ନଗରର ଏକ ଘରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ସୋମବାର ରାତିରେ ପୋଲିସ ଜବତ କରିଛି। ସେ ହେଲେ ସୁଶାନ୍ତ ମୌଳିକଙ୍କ ସ୍ତ୍ରୀ ନମିତା ମୌଳିକ(୩୨)। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହକୁ ସୁଶାନ୍ତଙ୍କୁ ହସ୍ତାନ୍ତର କରାଯାଇଛି।

ପୋଲିସର ସୂଚନା ଅନୁସାରେ, ନମିତା ଏକ ଘରୋଇ ଋଣ ପ୍ରଦାନକାରୀ ସଂସ୍ଥାରେ ଏଜେଣ୍ଟ ଭାବେ କାମ କରୁଥିଲେ। କିଛିଦିନ ହେବ ସେ କୌଣସି କାରଣରୁ ଚିନ୍ତାରେ ରହୁଥିଲେ। ସୁଶାନ୍ତ ଏ ବାବଦରେ ଅନେକ ଥର ପଚାରିଥିଲେ ମଧ୍ୟ ସେ କିଛି ନାହିଁ ବୋଲି କହିଥିଲେ। ସୋମବାର ରାତିରେ ଖାଇ ସାରିବା ପରେ ସୁଶାନ୍ତ ଶୋଇବା ପାଇଁ ଯାଇଥିଲେ। ହେଲେ ନମିତା ଏକ ଚେୟାରରେ ବସି ରହିଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ସୁଶାନ୍ତଙ୍କ ନିଦ ଭାଙ୍ଗିବାରୁ ସେ ନମିତାଙ୍କୁ ନ ପାଇ ଖୋଜିଥିଲେ। ନମିତା ଚେୟାର ବସି ନ ଥିବାବେଳେ ଏକ ଘର ଭିତରପଟୁ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ସେ ନମିତାଙ୍କୁ ଡାକିଥିଲେ ବି କୌଣସି ଉତ୍ତର ମିଳି ନ ଥିଲା। ଏନେଇ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ନମିତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ଋଣ ଟଙ୍କା କାରବାରକୁ ନେଇ ମାନସିକ ଦୁଶ୍ଚିନ୍ତାରେ ଥିବା ନମିତା ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନା ଅଧିକାରୀ ଯୁବରାଜ ସ୍ୱାଇଁ କହିଛନ୍ତି।

## ବେଆଇନ ରେଳଯାତ୍ରା, ୩୭ ଧରାପଡ଼ିଲେ

କଟକ ୩୦।୪ (ଦିବାକର ସାହୁ)

ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ କଟକ ରେଳଷ୍ଟେଶନରେ ମଙ୍ଗଳବାର ଚେକିଂ କରାଯାଇଛି। ବେଆଇନ ଭାବେ ଟ୍ରେନ୍‌ରେ ଯାତ୍ରା କରୁଥିବା ୩୭ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ଟ୍ରେନ୍‌ର ସଂରକ୍ଷିତ, ମହିଳା ଏବଂ ଦିବ୍ୟାଙ୍ଗଙ୍କ ନିମନ୍ତେ ଉଦ୍ଦିଷ୍ଟ ବଗିଗୁଡ଼ିକରେ ଯାତ୍ରା କରୁଥିବାବେଳେ ଆର୍‌ପିଏଫ୍ ହାତରେ ଧରାପଡ଼ିଥିଲେ। ସେମାନଙ୍କ ନିକଟରୁ ମୋଟ ୨୩,୧୦୦ ଟଙ୍କା ଜରିମାନା ଆଦାୟ କରାଯିବା ପରେ ସେମାନଙ୍କୁ ଛାଡ଼ିଦିଆଯାଇଥିବା ସୂଚନା ମିଳିଛି।

# ଟ୍ରେନ୍‌ରେ ଚାଲାଣ ବେଳେ ୧୧୭ କଇଁଛ ଜବତ

## ଜଣେ ମହିଳାଙ୍କ ସମେତ ୪ ଗିରଫ

ଭୁବନେଶ୍ୱର,୩୦।୪
(ସତ୍ୟଜିତ୍ ରାଉତ)

ଉତ୍କଳ ଏକ୍ସପ୍ରେସ୍ ଟ୍ରେନ୍ ଯୋଗେ କଇଁଛ ଚାଲାଣ ବେଳେ ଭୁବନେଶ୍ୱର ରେଳଷ୍ଟେଶନରେ ଚଢାଉ କରିଛି ରେଲୱେ ପ୍ରୋଟେକ୍ସନ୍ ଫୋର୍ସ(ଆର୍‌ପିଏଫ୍)। ସୋମବାର ରାତିରେ ଆର୍‌ପିଏଫ୍ ଟିମ୍ ଚଢ଼ାଉ କରି ଜଣେ ମହିଳାଙ୍କ ସମେତ ୪ଜଣଙ୍କଠାରୁ ୧୧୭ଟି ଜୀବନ୍ତ କଇଁଛ ଜବତ କରିଛି। ପରେ ଆର୍‌ପିଏଫ୍ ୪ ଅଭିଯୁକ୍ତଙ୍କ ସମେତ କଇଁଛଗୁଡ଼ିକୁ ବନ ବିଭାଗକୁ ହସ୍ତାନ୍ତର କରିଥିଲା। ଏ ନେଇ ସିଟି ଫରେଷ୍ଟ ଡିଭିଜନ ପକ୍ଷରୁ ମାମଲା ରୁଜୁ କରାଯାଇ ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




ଜବତ କଇଁଛ ଓ ଗିରଫ ୪ ଅଭିଯୁକ୍ତ।

ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନିପୁର ଅଞ୍ଚଳର ଅଜୟ ମୋହନା (୪୩), ବିମଳ ଶିଟ୍ (୩୭), ଶୁଭାଶିଷ ପରିଡା (୨୫) ଏବଂ ସୁଷମା ବାରିକ (୫୦)। ବିକ୍ରି ଉଦ୍ଦେଶ୍ୟରେ କଇଁଛଗୁଡ଼ିକୁ ନେଉଥିଲେ ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି। ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କୋଲକାତା ବେଲ୍‌ଦା ଷ୍ଟେଶନ୍‌ରୁ ଧଉଳି ଏକ୍ସପ୍ରେସ୍ ଯୋଗେ ଯାଇ ପୁରୀ ଜିଲାର ସାକ୍ଷୀଗୋପାଳ ଷ୍ଟେଶନରେ ଓହ୍ଲାଇଥିଲେ। ପରେ ସେମାନେ ସେଠାରୁ ତାଳଚେର ପାସେଞ୍ଜର ଟ୍ରେନ୍ ଯୋଗେ ଗଞ୍ଜାମ ଜିଲାର ବୀରପୁରୁଷୋତ୍ତମପୁର ଯାଇଥିଲେ। ସେମାନେ ବୀରପୁରୁଷୋତ୍ତମପୁର ଅଞ୍ଚଳର ନରେନ୍ଦ୍ର ବେହେରା ନାମକ ବ୍ୟକ୍ତିଙ୍କଠାରୁ ୭୨୦୦ ଟଙ୍କାରେ କଇଁଛଗୁଡ଼ିକୁ କିଣିଥିଲେ। ଏହାପରେ ସେମାନେ ଧଉଳି ଏକ୍ସପ୍ରେସ୍ ଯୋଗେ ବାଲେଶ୍ୱର ଜିଲାର ଜଳେଶ୍ୱରକୁ ଯାଇ ସ୍ଥାନୀୟ ବଜାରରେ ବିକ୍ରି କରିଥାନ୍ତେ ବୋଲି ଜେରା ବେଳେ ଆର୍‌ପିଏଫ୍ ଟିମ୍ ଆଗରେ ପ୍ରକାଶ କରିଛନ୍ତି। ସୋମବାର ରାତି ପ୍ରାୟ ୯ଟା ୪୦ ବେଳେ ଉତ୍କଳ ଏକ୍ସପ୍ରେସ୍ ଜେନେରାଲ୍ କୋଚ୍‌ରେ ଆର୍‌ପିଏଫ୍ ଟିମ୍ ଚଢ଼ଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଭୁବନେଶ୍ୱର ଯାଆଁଳାରେ ଥିବା ଜଳଖିଆ ଦୋକାନ ପାଇଁ ରୋଷେୟା/ସହକାରୀ ରୋଷେୟା ଆବଶ୍ୟକ । ରହିବା ଏବଂ ଖାଇବା ମାଗଣା ।
ଦରମା: ୧୦-୧୨ ହଜାର...
ଦୋକାନ : ଉର୍ମି ସ୍ୱାଇଁ ।
ସମ୍ପର୍କ : +916371386526

WANTED
A LADY OFFICE CLERK
Phulnakhara, Cuttack, ଖାଇବା + ରହିବା ସହ 10000/- to 15000/-.
7809525452

See Career Appointment on every Wednesday & Saturday

WANTED
ଭୁବନେଶ୍ୱରରେ ଘର କାମ ପାଇଁ ଝିଅ ପିଲା ଏବଂ ଘରୋଇ କାର ଚଳାଇବା ପାଇଁ ଡ୍ରାଇଭର ଦରକାର ।
ଦରମା କାମ ଦେଖି ଦିଆଯିବ ।
Contact : 6371887781, 9825495448

ଦ.ପୂ. ରେଳପଥ - ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଏସ୍), ବଣ୍ଡାମୁଣ୍ଡା, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫରକୁ ଅଣଦେଖା କରିଦିଆଯିବ। ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଟିଆର୍‌ଏସ୍-ବିଏନ୍‌ଡିଏମ୍-୦୧-୨୦୨୪-୨୫, ତାରିଖ: ୨୯।୦୪।୨୦୨୪। କାର୍ଯ୍ୟର ବର୍ଣ୍ଣନା: ଓଇଏମ୍ ମାଧ୍ୟମରେ ସିଗ୍ନୋଟ୍ରନ୍ ମେକ୍‌ର କ୍ରମିକ ସଂଖ୍ୟା ଇଓଟି୨୦୦୦୭ ସମ୍ବଳିତ କ୍ଷତିଗ୍ରସ୍ତ ଇଓଟି ଡିଭାଇସ୍‌ର ମରାମତି। କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୨,୫୬,୧୪୦.୩୫ (ଜିଏସ୍‌ଟି @୧୮% ସମେତ)। ଅମାନତ ରାଶି: ₹୫,୧୦୦/-। ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୨୦।୦୫।୨୦୨୪ରିଖ ୧୫.୦୦ ଘଟିକା। ୱେବ୍‌ସାଇଟ୍ ସୂଚନା ଓ ବିବରଣୀ: http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। (PR-96)

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. ELS-ANGL-OT-24-25-02
କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ WAG-7 ଏବଂ WAG-9 ଇଞ୍ଜିନ୍ (Locomotive)ଗୁଡ଼ିକର ଛୋଟ (Minor) ଏବଂ ବଡ଼ (Major) ନିରୀକ୍ଷଣ ସିଡ୍ୟୁଲ୍ ସମୟରେ ରୁଫ୍ ମାଉଣ୍ଟେଡ୍ CAB AC ୟୁନିଟ୍‌ଗୁଡ଼ିକର ମରାମତି ଏବଂ ରକ୍ଷଣାବେକ୍ଷଣ।
ବିଜ୍ଞାପିତ ମୂଲ୍ୟ : ₹29,72,465.55, EMD : ₹59,500/-, ଶେଷ ହେବା ଅବଧି: 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.17.05.2024ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.31.05.2024ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆରଏସ୍)/ ଅନୁଗୁଳ
PR-68/P/24-25

ODISHA PUBLIC SERVICE COMMISSION
NOTICE
No. 2436 /PSC dt. 30.4.24
(1-R-02-2023-24, DR-V)
2nd Corrigendum to advertisement No.27 of 2023-24 for recruitment to the Post of Assistant Professor (Stage-I) (College Branch) of Govt. Degree Colleges under Department of Higher Education
No.D-20:It is for information of all concerned that due to technical issues, the Commission has been pleased to extend the last date for submission of online application forms till 15.05.2024 to facilitate the candidates to apply smoothly.
All other terms and conditions of the Advt. No.27 of 2023-24 remain unchanged.
Sd./- Secretary
OIPR-12002/11/0018/2425

COLLECTORATE, ANGUL || ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
DISTRICT ELECTION OFFICE, ANGUL || ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଅନୁଗୋଳ
Telephone: 06764-230978(O)/230234(R)/230685(F) || Website: www.angul.nic.in
E-mail: electionangul@gmail.com / dm-angul@nic.in
No.1751 Date: 30.04.2024
PRESS RELEASE
ELECTION OBSERVERS CONTACT DETAILS OF ANGUL DISTRICT
No. D-19: Any complaints or grievances relating to Simultaneous General Election - 2024 pertaining to 59 - Pallahara (AC), 60 - Talcher (AC), 61 - Angul (AC), 62 - Chhendipada (SC) & 63 - Athamallik (AC) may be lodged to the below mentioned Mobile No./Whatsapp.

| Sl. No. | Name of the Observer | Observer for AC | Contact No./ Whatsapp No. | Email Id | Address |
|---|---|---|---|---|---|
| 1 | Sri Keshav Kaplush, IRAS | Angul, Talcher & Pallahara | 7978867243 | keshav.kaplush@gmail.com | NALCO Guest House |
| 2 | Sri Ganga Sivaiah, IRS | Athamallik & Chhendipada | 7978723822 | ganga.sivaiah@incometax.gov.in | NALCO Guest House |

OIPR-24401/11/0003/2425 Sd./- District Election Officer & Collector, Angul

COLLECTORATE, ANGUL || ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
DISTRICT ELECTION OFFICE, ANGUL || ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ଅନୁଗୋଳ
Telephone: 06764-230978(O)/230234(R)/230685(F) || Website: www.angul.nic.in
E-mail: electionangul@gmail.com / dm-angul@nic.in
No.1752 Date: 30.04.2024
PRESS RELEASE
ELECTION OBSERVERS CONTACT DETAILS OF ANGUL DISTRICT
No. D-19: Any complaints or grievances relating to Simultaneous General Election - 2024 pertaining to 03 - Sambalpur (PC) & 09 - Dhenkanal (PC) may be lodged to the below mentioned Mobile No./Whatsapp.

| Sl. No. | Name of the Observer | Observer for PC | Contact No./ Whatsapp No. | Email Id |
|---|---|---|---|---|
| 1 | Sh. Vineet Kumar, IRS (IT), (R-34052) | 03 - Sambalpur | 9969234881 | |
| 2 | Anish Muraleedharan, IRS (C&CE), (R-17339) | 09 - Dhenkanal | 9543253944 | anish.murali@gov.in |

OIPR-24401/11/0005/2425 Sd./- District Election Officer & Collector, Angul

## ସଂକ୍ଷେପରେ

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲିଅନ୍ତା,୩୦।୪(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀ ଯଦେବ କଲେଜରେ ୧୦ ଦିନ ଧରି ଚାଲିଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେବଳ ଯୁକ୍ତ ୩ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀଙ୍କୁ ନେଇ ଗଠିତ ପ୍ରଶିକ୍ଷଣ କ୍ଲବର ସଦସ୍ୟା ଭାଗ ନେଇଥିଲେ। ୨ଟି ପର୍ଯ୍ୟାୟରେ ମୋଟ ୧୦୦ ଜଣ ଛାତ୍ରୀଙ୍କୁ ଏରୋବିକ୍, ନନ୍ ଏରୋବିକ୍ ଆତ୍ମରକ୍ଷା କୌଶଳ ଓ ଶାରୀରିକ ସୁସ୍ଥତା ଉପରେ ତାଲିମ୍ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରି କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ ସେଠୀ ଆତ୍ମରକ୍ଷା କୌଶଳର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ କ୍ଲବର ସଂଯୋଜିକା ପରିଡ଼ା ଓ ପ୍ରଧାପିକା ଅମିତା ମହାନାୟକ ଯୋଗଦେଇ ଏହି ପ୍ରଶିକ୍ଷଣ ଦ୍ୱାରା ଛାତ୍ରୀମାନେ ଆବଶ୍ୟକ ସ୍ଥଳେ ନିଜକୁ ସୁରକ୍ଷା ଦେଇ ପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଶିକ୍ଷକ ରୂପେ ମୋନାଲିସା ପ୍ରଧାନ ଓ ସୌମ୍ୟା ସେୟାଶ୍ରୀ ଗ୍ରନ୍ଥିଆ ଦାୟିତ୍ୱ ତୁଲାଇଥିଲେ। ଏଥିରେ କ୍ଲବର ସଦସ୍ୟା ଅଧ୍ୟାପିକା ଦିବ୍ୟାଶା ଦାଶ, ସ୍ମିତା ରାଣୀ ଡୁଙ୍ଗ, ସଂଘମିତ୍ରା ମହାପାତ୍ର, ମିନଭା ମହାପାତ୍ର ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ସ୍ମରଣିକା ମାଣିଆ ଧନ୍ୟବାଦ ଦେଇଥିଲେ।

### ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

ଭୁବନେଶ୍ୱର,୩୦।୪(ଶର୍ମିଷ୍ଠା ପାଣିଗ୍ରାହୀ)

'ପ୍ରତିଶ୍ରୁତି' ପତ୍ରିକା ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ରେଡ୍‌କ୍ରସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଆସର ଅବସରରେ ପତ୍ରିକାର ଷଷ୍ଠ ସଂସ୍କରଣ 'ଲୋକକଳା ବିଶେଷାଙ୍କ' ଉନ୍ମୋଚନ, ଆଲୋଚନାଚକ୍ର, ପ୍ରତିଭା ସମ୍ମାନ ଓ କବିତା ପାଠ ଆୟୋଜନ କରାଯାଇଥିଲା। ଲୋକକଳା ସଂସ୍କୃତି ଓ ସାହିତ୍ୟରେ କୃତ୍ରିମ ବୁଦ୍ଧିମତା ଆଲୋଚନାଚକ୍ରରେ ଅଧ୍ୟାପିକା ଈପ୍ସିତା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଭାଷାବିତ୍ ଶଙ୍କର୍ଷଣ ପରିଡା, ଡ. ଦେବାଶିଷ ମହାପାତ୍ର, ସ୍ତମ୍ଭକାର ବିଘ୍ନେଶ୍ୱର ସାହୁ, ଅନୁବାଦକ ହରେକୃଷ୍ଣ ଦାସ, ସାମ୍ବାଦିକ ସତୀଶ ମିଶ୍ର, ଗବେଷିକା ପ୍ରମୋଦିନୀ ଜେନା, ଶିକ୍ଷାବିତ ଅଶ୍ୱିନୀ ତ୍ରିପାଠୀ, କବି ଇନ୍ଦିରା ମିଶ୍ର, କୁଞ୍ଜ ବିହାରୀ ସାହୁ ପ୍ରମୁଖ ମନ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଓ ପରିଚାଳନା ସମ୍ପାଦକ, ସହକାରୀ ସମ୍ପାଦିକା କମଳିନୀ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁନି ପ୍ରତିଭା ଲାଶ୍ୟା ସହିତ ରାଜ୍ୟର ପ୍ରତ୍ୟେକ ଜିଲାରୁ ପ୍ରତିଭାବାନ ସାହିତ୍ୟ ଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। କବିତା ପାଠ ଉତ୍ସବରେ କବି ଗୀତାଞ୍ଜଳି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବରେଣ୍ୟ ଅତିଥି ରୂପେ କବି ମାନଗୋବିନ୍ଦ ବାରିକ, ବଟକୃଷ୍ଣ ପଣ୍ଡା, ନିରୁପମା କର, ଜୟଶ୍ରୀ ପଟ୍ଟନାୟକ, ଅନୁସୟା ବାରିକ, ଶ୍ୟାମାକିଙ୍କର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସହକାରୀ ସମ୍ପାଦକ ଶୁଭବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଲିଟିଲ ଷ୍ଟାର୍ ଗ୍ରୁପ୍‌ର ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

ଭୁବନେଶ୍ୱର,୩୦।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର୍ ଗ୍ରୁପ ପକ୍ଷରୁ ଆୟୋଜିତ ୨୨ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣାଙ୍କ ନେତୃତ୍ୱରେ ୫୦ଜଣ ପିଲାଙ୍କୁ ନେଇ ଏକ ଶିକ୍ଷା ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାମାନେ ନିମାପଡ଼ାରୁ ବାହାରି ପ୍ରଥମେ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନକୁ ଯାଇ ନିର୍ଦ୍ଦେଶକ କରୁଣାକର ନନ୍ଦଙ୍କ ସହ ଭାବବିନିମୟ କରିଥିଲେ। ନନ୍ଦ ପିଲାମାନଙ୍କୁ ବିଭିନ୍ନ ଶିକ୍ଷଣୀୟ ଉପଦେଶ ଦେଇଥିଲେ। ନୋଡାଲ ଅଫିସର କ୍ଷୀରୋଦ ପାତ୍ର, ବିଶ୍ୱଜିତ ମଲିକ ପିଲାମାନଙ୍କୁ ବିଭିନ୍ନ ଲାବୋରେଟରି ବୁଲାଇ ଦେଖାଇଥିଲେ। ପରେ ପିଲାମାନେ ପଠାଣି ସାମନ୍ତ ପ୍ଲାନେଟାରିୟମ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଆଦି ବୁଲି ଦେଖିଥିଲେ। ସୂଚନାଯୋଗ୍ୟ, ଏହି କର୍ମଶାଳା ୧୫ ଦିନ ଧରି ଚାଲିଥିଲା। ପିଲାମାନଙ୍କୁ ବିଭିନ୍ନ ଦିନରେ ବହୁ ଶିକ୍ଷଣୀୟ ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଆଜିର କାର୍ଯ୍ୟକ୍ରମକୁ ଗ୍ରୁପ୍ ପକ୍ଷରୁ ଗୌରୀଶଙ୍କର ମହାପାତ୍ର ଏବଂ ଉର୍ମିଳା ମହାରଣା ପରିଚାଳନା କରିଥିଲେ।

# ରେଳଷ୍ଟେଶନ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା

## ସୁଗମ ଟ୍ରେନ ଚଳାଚଳ ସୁନିଶ୍ଚିତ ପାଇଁ ପରାମର୍ଶ ଦେଲେ ପୂର୍ବତଟ ରେଳପଥ କାର୍ଯ୍ୟକାରୀ ମହାପ୍ରବନ୍ଧକ

ଭୁବନେଶ୍ୱର,୩୦।୪(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରା ମଙ୍ଗଳବାର କଟକ ଓ ଭୁବନେଶ୍ୱର ରେଳ ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ନୀରିକ୍ଷଣ କରି ରେଳ ଷ୍ଟେଶନରେ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିଛନ୍ତି। ନୀରିକ୍ଷଣ ସମୟରେ ମହାପ୍ରବନ୍ଧକ ରେଳ ଅଧିକାରୀମାନଙ୍କୁ ନିରାପଦ ତଥା ସୁଗମ ଟ୍ରେନ ଚଳାଚଳ ସୁନିଶ୍ଚିତ କରିବାକୁ ଆବଶ୍ୟକ ସତର୍କତା ଅବଲମ୍ବନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଯାତ୍ରୀଙ୍କ ସୁବିଧା ଠିକ୍ ସମୟରେ ସମାପ୍ତ କରିବା ପାଇଁ ଗୁରୁତ୍ୱ ଦିଆଯାଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣର ପ୍ରତିବଦ୍ଧତାକୁ ସାକାର କରିବାକୁ ବେହେରା କହିଛନ୍ତି। ଭୁବନେଶ୍ୱର ଓ କଟକ ଷ୍ଟେଶନଗୁଡ଼ିକୁ ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା ସହିତ ସହରର ଆକର୍ଷଣ କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ କଟକ ଓ ଭୁବନେଶ୍ୱର ରେଳଷ୍ଟେଶନର ଉଭୟ ପାର୍ଶ୍ୱ ପ୍ରବେଶ ପଥ ଏବଂ ଚଳପ୍ରଚଳ ଅଞ୍ଚଳ ସହିତ ପୁନର୍ବିକାଶ କାର୍ଯ୍ୟକୁ ବେହେରା ନିରୀକ୍ଷଣ କରିଛନ୍ତି। ସୂଚନା ଥାଉ କି, ପୁନର୍ବିକାଶ କାର୍ଯ୍ୟରେ ପ୍ରବେଶ ପଥଗୁଡିକ ସହିତ ପାର୍କିଂ, ପିକ୍‌ଅପ୍ ଏବଂ ଡ୍ରପ ପଏଣ୍ଟ, ଆମ୍ବୁଲାନ୍ସ ପାଇଁ ପାର୍କିଂ, ଭିଆଇପି ଯାନ ଇତ୍ୟାଦି ସୁବିଧା ପାଇବା ସହିତ ପ୍ରଶସ୍ତ ଆପ୍ରୋଚ ରୋଡ ରହିବ। ଏଥିସହ ଯାତ୍ରୀମାନଙ୍କ ପାଇଁ ଏୟାର କନକୋର୍ସ, ଫୁଟ ଓଭରବ୍ରିଜ, ଫୁଡ୍ ଷ୍ଟଲ, ଦିବ୍ୟାଙ୍ଗଜନ ସୁବିଧା, ବ୍ୟାଗେଜ ସ୍କାନର, ରିଟାଏରିଙ୍ଗ ରୁମ୍, ସିସିଟିଭି ଇତ୍ୟାଦି ସୁବିଧା ମିଳିବ। ପୂର୍ବତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଏ.ଜି. ଶ୍ରୀନିବାସଙ୍କ ନେତୃତ୍ୱରେ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ଏହି ନିରୀକ୍ଷଣ ସମୟରେ ଉପସ୍ଥିତ ଥିଲେ।

# ରଥକାର୍ଯ୍ୟ ଅନୁକୂଳ ପାଇଁ କୁରାଢ଼ି ନିର୍ମାଣ

ପୁରୀ,୩୦।୪(ଅଜିତ୍ ମହାନ୍ତି)



ଓଝା ସେବକ ରଥକାଠ ପାଇଁ ନୂତନ କୁରାଢ଼ି ପ୍ରସ୍ତୁତ କରୁଛନ୍ତି।

ଆସନ୍ତା ୧୦ ତାରିଖରେ ଅକ୍ଷୟ ତୃତୀୟା। ଏହିଦିନଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବା ସହ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହେବ। ଅକ୍ଷୟ ତୃତୀୟା ତିଥିରେ ବାହାର ଚନ୍ଦନଯାତ୍ରା ପାଇଁ ଶ୍ରୀ ରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଏବଂ ବିମାନକୁ ବିଜେ କରିବା ପରେ ୩ବାଡ଼ରୁ ୩ଜଣ ପୂଜାପଣ୍ଡା ବିଜେ କରାଇ ଆଣିଥିବା ଆଜ୍ଞାମାଳ ଧରି ବିଜେ ପ୍ରତିମାଙ୍କ ସହ ପଟୁଆରରେ ଶ୍ରୀନଅର ନିକଟକୁ ବିଜେ କରିବେ। ଏହପରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରଖାଯାଇଥିବା ତିନିଖଣ୍ଡ ଧଉରା କାଠକୁ ବ୍ରାହ୍ମଣମାନଙ୍କ ଦ୍ୱାରା ରଥଖଳାରେ ବନଯାଗ ପଦ୍ଧତିରେ ରଥକାଠ ନୀତି ଅନୁକୂଳ କରାଯାଇଥାଏ। ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇ ସେବକମାନଙ୍କ ଶାଢି ବନ୍ଧା ନୀତି ପାଟଯୋଷୀ ମହାପାତ୍ରଙ୍କ ଉପସ୍ଥିତିରେ ଦେଉଳ କାରଣ ସମାପନ କରିଥାନ୍ତି। ପରେ ରଥତ୍ରୟ ନିର୍ମାଣ କାର୍ଯ୍ୟର ଅନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ତିନିଗୋଟି ଧଉରା କାଠରେ ଆଜ୍ଞାମାଳ ଲାଗିହେବ। ପରେ ତିନି ରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ତିନିଗୋଟି କାଠରେ ଅସ୍ତ୍ର ଛୁଆଁ କରାଯାଇ ରଥକାଠ ଅନୁକୂଳ ନୀତି କରାଯାଇଥାଏ। ତେବେ ଅକ୍ଷୟ ତୃତୀୟାକୁ ଆଉ ୧୦ଦିନ ଥିବା ହେତୁ କାଠ ଅନୁକୂଳ ପାଇଁ ବ୍ୟବହୃତ ହେଉଥିବା ଲୁହା କୁରାଢ଼ିକୁ ମଙ୍ଗଳବାର ଶ୍ରୀମନ୍ଦିର ଓଝା ସେବକ ନିର୍ମାଣ କରିଛନ୍ତି। ବଳଭଦ୍ର ବାଡ଼ର ମୁଖ୍ୟ ଓଝା ସେବକ ଜଗନ୍ନାଥ ମହାରଣା ନେତୃତ୍ୱରେ ଏହା ନିର୍ମାଣ କରାଯାଇଛି। ମହାରଣା କହିଛନ୍ତି, ଅକ୍ଷୟ ତୃତୀୟାରେ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ହେବ। ଅନୁକୂଳ ସମୟରେ ସୁନା, ରୁପା ସହ ଲୁହା କୁରାଢ଼ି ବ୍ୟବହାର କରାଯାଇଥାଏ। ବ୍ୟବହାର ହେଉଥିବା ୩ଟି ଲୁହା କୁରାଢ଼ିକୁ ସେ ନିର୍ମାଣ କରିଥାନ୍ତି। ତାଙ୍କୁ କୁରାଢ଼ି ତିଆରି କରିବାକୁ ୨ ଦିନ ସମୟ ଲାଗିଥିଲା ବୋଲି ଜଗନ୍ନାଥ ମହାରଣା କରିଛନ୍ତି।

## ପ୍ରାର୍ଥୀଙ୍କ ଶୋଭାଯାତ୍ରା ବେଳେ ଅଘଟଣ: ୩ ଆହତ

ବଡ଼ମ୍ବା,୩୦।୪(ମାୟାଧର ମଲ୍ଲିକ)

ବଡ଼ମ୍ବା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଥିବା ବେଳେ ଗାନ୍ଧୀ ଛକରେ ରାସ୍ତାର ଅପରପାର୍ଶ୍ୱରେ ଏକ ଟ୍ରକ୍ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ଏଥିସହ ସେଠାରେ କେତୋଟି ବାଇକ୍ ଓ ସାଇକେଲ ଭାଙ୍ଗି ଯାଇଛି। ଆହତମାନେ ହେଲେ ବଡ଼ମ୍ବାର ଆଲୋକ ନାୟକ, ନୁଖାପଡାର ରତି ରଞ୍ଜନ ବେହେରା ଓ ବାଙ୍କୀ କଳାପଥର ଅଞ୍ଚଳର ଜୟନ୍ତ ପାଣିଗ୍ରାହୀ। ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆଲୋକ ଓ ରତି ରଞ୍ଜନଙ୍କୁ ଅଧିକ ଚିକିତ୍ସା ଲାଗି କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ବ୍ରେକ ଫେଲ ହେବାରୁ ଏହି ଦୁର୍ଘଟଣା ଘଟିଛି ବୋଲି ଟ୍ରକ ଚାଳକ କହିଛନ୍ତି। ଦେବୀ ପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତମାନଙ୍କୁ ଭେଟି ସେମାନଙ୍କ ଆରୋଗ୍ୟ କାମନା କରିଛନ୍ତି।

### ରାଧାମୋହନ ଦେବଙ୍କ ବିଗ୍ରହ ପ୍ରତିଷ୍ଠା

ପୁରୁଣା ଭୁବନେଶ୍ୱର,୩୦।୪(ସୁବାସ ଚନ୍ଦ୍ର ପ୍ରଧାନ)

ରାଜଧାନୀ ଉପକଣ୍ଠ ବିକିପୁର ଗ୍ରାମରେ ରାଧାମୋହନ ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୫ଦିନ ଧରି ଚାଲିଥିବା ଏହି ଉତ୍ସବରେ ଅଙ୍କୁରୋପଣ, ଜଳଯାତ୍ରା, ଅଗ୍ନି ସ୍ଥାପନା, ନାମ ସଂକୀର୍ତ୍ତନ ଯଜ୍ଞକର୍ମ, ଠାକୁରଙ୍କ ନଗର ପରିକ୍ରମା ଏବଂ ମନ୍ଦିର ପ୍ରବେଶ ହୋଇଥିଲା। ଅନ୍ତିମ ଦିବସରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ଭଜନ ପରିବେଷଣ କରାଯାଇଥିଲା। ସେହିଭଳି ଭିନ୍ନ ଭିନ୍ନ ଦିବସରେ ମନୋଜ ପ୍ରଧାନ, ବାବା ଦିବାକର ଦାସ ମହାରାଜ ପ୍ରବଚନ ପ୍ରଦାନ କରିଥିଲେ। ଅକ୍ଷୟ ବରାଳ ଓ ବିଷ୍ଣୁପ୍ରିୟା ବରାଳ ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଉପସ୍ଥିତ ଥିଲେ। ଆୟୋଜକ ଲିଙ୍ଗରାଜ ପ୍ରଧାନ, ଅର୍ଜୁନ ବିଶ୍ୱାଳ, ମଙ୍ଗୁଳି ପ୍ରଧାନ, ଧର୍ମେନ୍ଦ୍ର ବରାଳ, ସନ୍ତୋଷ ଜେନାଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୂର୍ବତନ ସରପଞ୍ଚ ସୀତାକାନ୍ତ ରାଉତଙ୍କ ପରଲୋକ

ବାଲିପାଟଣା,୩୦।୪(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ନରିଶୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୀତାକାନ୍ତ ରାଉତଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ସେ ପଞ୍ଚାୟତରୁ ୩ଥର ସରପଞ୍ଚ ହୋଇ ବହୁ ଜନହିତକର କାର୍ଯ୍ୟ କରିଛନ୍ତି। କିଛିଦିନ ହେବ ଅସୁସ୍ଥତା ଯୋଗୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର ନରିଶୋ ଗ୍ରାମରେ ପହଞ୍ଚିବା ପରେ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ପୁଅ ନଳିନୀକାନ୍ତ ରାଉତ ମୁଖାଗ୍ନି ଦେଇଥିଲେ।

# ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ ଜେଲ୍

## ସ୍ତ୍ରୀଙ୍କୁ ଛୁରା ମାଡ଼ କରି ହତ୍ୟା ମାମଲା

ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ)



ସୁକାନ୍ତ ମଲ୍ଲିକ

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ସ୍ତ୍ରୀଙ୍କୁ ଛୁରାମାଡ଼ କରି ହତ୍ୟା କରିବା ମାମଲାରେ ମଙ୍ଗଳବାର ଭୁବନେଶ୍ୱର ଅତିରିକ୍ତ ସେସନ୍ସ ଜଜ-୨ଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ସ୍ୱାମୀ ସୁକାନ୍ତ ମଲ୍ଲିକ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଆଜୀବନ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ଅଭିଯୁକ୍ତଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲା ପିପିଲି ଅଞ୍ଚଳରେ ସୁକାନ୍ତଙ୍କ ଘର। ଅଭିଯୋଗକାରୀ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ମଝିଆ ଝିଅ ମୃତା ପୂଜାଙ୍କୁ ସୁକାନ୍ତ ୧୨ ବର୍ଷ ତଳେ ବିବାହ କରିଥିଲେ। ପରେ ସୁକାନ୍ତ ଜଟଣୀ ଥାନା ଅନ୍ତର୍ଗତ ପାଇକରାପୁରରେ ଅଟୋ ଚଳାଇ ପରିବାର ଚଳାଉଥିଲେ। ବିବାହ ପରେ ଉଭୟଙ୍କର ଦୁଇଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସୁକାନ୍ତ ପୂର୍ବରୁ ବିବାହିତ ଏବଂ ତାଙ୍କର ପିଲା ଥିବା କଥା ପୂଜା ଜାଣିବାକୁ ପାଇଥିଲେ। ଏହାକୁ କେନ୍ଦ୍ରକରି ସୁକାନ୍ତ ଓ ପୂଜାଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ହେଉଥିଲା। ଫଳରେ ପୂଜାଙ୍କୁ ପ୍ରାୟ ସମୟରେ ସୁକାନ୍ତ ମାଡ଼ ମାରୁଥିଲେ। ଫଳରେ ପୂଜା ଅଧିକଂଶ ସମୟରେ ବାପଘରେ ଯାଇ ରହୁଥିଲେ। ତେବେ ଆପୋସ ସମାଧାନ ପରେ ପୂଜା ତାଙ୍କ ସ୍ୱାମୀଙ୍କ ସହ ରହିଥିଲେ। ସୁକାନ୍ତ ଚଳାଉଥିବା ତାଙ୍କ ଅଟୋକୁ ଲୋନ୍‌ରେ ଆଣିଥିଲେ। ଏହାର କିସ୍ତି ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସେ ପୂଜାଙ୍କୁ ଟଙ୍କା ଯୋଗାଡ଼ କରିବାକୁ କହୁଥିଲେ। ଏପରିକି ବାପାଙ୍କୁ ମଧ୍ୟ ଏନେଇ ପୂଜା ଜଣାଇଥିଲେ। ଏହାକୁ କେନ୍ଦ୍ର କରି ୨୦୨୧ ଜୁନ ୨୫ ତାରିଖ ସକାଳ ପ୍ରାୟ ୯ଟା ବେଳେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ଉଗ୍ର ରୂପ ନେଇଥିଲା। ଏହି ସମୟରେ ଏକ ଛୁରିରେ ପୂଜାଙ୍କୁ ସୁକାନ୍ତ ହତ୍ୟା କରିଥିଲେ। ଅନ୍ତର୍ଯ୍ୟାମୀଙ୍କ ଏତଲାକୁ ଆଧାର କରି ଜଟଣୀ ଥାନା ପୋଲିସ ଏକ ମାମଲା (ନଂ. ୩୦୩/୨୦୨୧) ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ଅଦାଲତ ୧୩ ଜଣ ସାକ୍ଷୀ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସଲିଳ କୁମାର ପ୍ରଧାନ ପରିଚାଳନା କରିଥିଲେ।

## 'ତୁମ ଇଚ୍ଛା ପୂର୍ଣ୍ଣ ହେଉ' ନାଟକ ମଞ୍ଚସ୍ଥ



ଭୁବନେଶ୍ୱର,୩୦।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୁଲ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଆଧାର କରି 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମ ରବୀନ୍ଦ୍ର ମଣ୍ଡପଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନଟରାଜ କଳା ପରିଷଦ ପକ୍ଷରୁ ନାଟକ 'ତୁମ ଇଛା ପୂର୍ଣ୍ଣ ହେଉ' ମଞ୍ଚସ୍ଥ ହୋଇଥିଲା। ଏଥିରେ ବକ୍ତା ଭାବେ ସାହିତ୍ୟିକ କୃଷ୍ଣକେଶବ ଷଡ଼ଙ୍ଗୀ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଡାକ ବିଭାଗ ଅଧିକାରୀ ସୁରେଶ୍ୱର ପାଣିଗ୍ରାହୀ, ଜଗନ୍ନାଥ ସଂସ୍କୃତିପ୍ରେମୀ ଜିତେନ୍ଦ୍ର ମହାନ୍ତି ଏବଂ ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ।



ହଂସପାଳ ଓଭରବ୍ରିଜ୍ ପ୍ରସଙ୍ଗରେ ବିଜେଡି ଏମ୍‌ପି ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ମେୟର ସୁଲୋଚନା ଦାସ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ଜଳ ସଂରକ୍ଷଣ ପାଇଁ ୱାକାଥନ




ୱାକାଥନ ସମ୍ପର୍କରେ ମଦର୍ସ ପବ୍ଲିକ ସ୍କୁଲ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୩୦।୪(ଅସମାପିକା ସାହୁ)

ଜଳ ସଂରକ୍ଷଣ ପାଇଁ ମଦର୍ସ ପବ୍ଲିକ ସ୍କୁଲ ପକ୍ଷରୁ ବୁଧବାର ୱାକାଥନ ଆୟୋଜନ ହେବ। 'ଜଳ ସଞ୍ଚୟ' ଏବଂ ପାନୀୟଜଳର ଉପଯୁକ୍ତ ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ୱାକାଥନ କରାଯିବ। ସକାଳ ୬ଟା ୫ରେ ୱାକାଥନ ୟୁନିଟ୍-୧ କ୍ୟାମ୍ପସରୁ ଆରମ୍ଭ ହେବ। ଏଥିରେ ସ୍କୁଲର କର୍ମଚାରୀ ଓ ଛାତ୍ରୀଛାତ୍ର ଆଦି ୨୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିବେ। ଏହି ୱାକାଥନକୁ ଟ୍ରାଫିକ ଏସିପି ଜୟନ୍ତ କୁମାର ଦୋରା ଶୁଭାରମ୍ଭ କରିବେ। ଏ ନେଇ ମଙ୍ଗଳବାର ସ୍କୁଲ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ସ୍କୁଲର ଅଧ୍ୟକ୍ଷା ତଥା ପ୍ରିନ୍ସପାଲ ପଲ୍ଲୀ ପଟ୍ଟନାୟକ କହିଛନ୍ତି, ଶିକ୍ଷା ହେଉଛି ଏକ ମାନବ କେନ୍ଦ୍ରୀତ ବୃତ୍ତି ଏବଂ ଶିକ୍ଷକମାନେ ହେଉଛନ୍ତି ଆମର ସବୁଠାରୁ ବଡ଼ ସମ୍ପତ୍ତି। ଶିକ୍ଷାବିତ୍‌ଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣର ଏକାଧିକ ଦିଗ ଅଛି ଯଥା-ଶାରୀରିକ, ଭାବନାତ୍ମକ, ମାନସିକ, ଆର୍ଥିକ ଏବଂ ସାମାଜିକ। ଆହ୍ୱାନଗୁଡ଼ିର ମୁକାବିଲା କରିବା ଏବଂ ଏକ ସକାରାତ୍ମକ ମାନସିକତା ରଖିବା ପାଇଁ ଶିକ୍ଷାବିତ୍‌ଙ୍କ ନିମନ୍ତେ ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ରତିଷ୍ଠାକୁ ମଦର୍ସ ପବ୍ଲିକ ସ୍କୁଲ ଏକ ପ୍ରମୁଖ ଦାୟିତ୍ୱ ଭାବେ ପ୍ରାଥମିକତା ଦେଇଥାଏ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ଶ୍ରୀଜିତ ପଟ୍ଟନାୟକ, ପରିଚାଳନା ନିର୍ଦ୍ଦେଶିକା ମିନତି ସାବତ ଏବଂ ଉପାଧ୍ୟକ୍ଷା ଆଶା ଟି.ଆର୍ ଉପସ୍ଥିତ ଥିଲେ।

# ସାମୟିକ ଭାବେ ଏବିସି କାର୍ଯ୍ୟକ୍ରମ ବନ୍ଦ କଲା ବିଏମ୍‌ସି

## ସଂସ୍ଥା ସପକ୍ଷରେ ବାହାରିଲେ ପ୍ରାଣୀପ୍ରେମୀ

ଭୁବନେଶ୍ୱର, ୩୦।୪ (ବନ୍ଦନା ସେଠୀ)



ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଚାଲିଥିବା କୁକୁର ବନ୍ଧ୍ୟାକରଣ (ଏବିସି) ଅସ୍ତ୍ରୋପଚାର ବନ୍ଦ ରଖାଯାଇଛି। ଏନେଇ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି। ଖରା ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବାବେଳେ ଅତ୍ୟଧିକ ଉତ୍ତାପ ପାଇଁ କୁକୁରମାନେ ସ୍ୱାଭାବିକ ଭାବେ ଅସୁସ୍ଥତା ଅନୁଭବ କରିଥାନ୍ତି। ତେଣୁ ଏଭଳି ସ୍ଥିତିରେ କୁକୁର ବନ୍ଧ୍ୟାକରଣ (ଏବିସି) ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ନିଷେଧ ଅଭିଯୋଗ ହୋଇଥିଲା। ଏନେଇ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ଆନିମାଲ ବାର୍ଥ କଣ୍ଟ୍ରୋଲ ମନିଟରିଂ କମିଟି ସଦସ୍ୟ ଡା. ଦିଲୀପ ମିଶ୍ର ବିଏମ୍‌ସି କମିଶନରଙ୍କୁ ମେଲ୍ ମାଧ୍ୟମରେ ଅବଗତ କରାଇଥିଲେ। ଫଳରେ ସାମୟିକ ଭାବେ ଅସ୍ତ୍ରୋପଚାର ବନ୍ଦ ରଖିବା ପାଇଁ ବିଏମ୍‌ସି ନିଷ୍ପତ୍ତି ନେଇଛି। ବିଏମ୍‌ସିର ଏଭଳି ନିର୍ଦ୍ଦେଶ ପରେ ରାଜଧାନୀବାସୀ ଚିନ୍ତାରେ ପଡ଼ିଯାଇଛନ୍ତି। ପୂର୍ବରୁ ମଧ୍ୟ ହାଇକୋର୍ଟ କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ଉପରେ ରୋକ୍ ଲଗାଇଥିଲେ। ୬ମାସରୁ ଊର୍ଦ୍ଧ୍ୱ ସମୟ ଏବିସି କାର୍ଯ୍ୟକ୍ରମ ବନ୍ଦ ରହିବା କାରଣରୁ ସହରରେ କୁକୁର ସଂଖ୍ୟା ବଢିବା ସହ ତାଙ୍କ ଦୌରାତ୍ମ୍ୟ ମଧ୍ୟ ବଢି ଚାଲିଥିଲା। ଏଭଳି ସ୍ଥିତିରେ ପୁଣି ଥରେ ଅସ୍ତ୍ରୋପଚାର ବନ୍ଦ କରିବାକୁ କିଛି ପ୍ରାଣୀପ୍ରେମୀ ନାପସନ୍ଦ କରିଛନ୍ତି। ଅପରପକ୍ଷେ ମହାରାଷ୍ଟ୍ରର ସଂସ୍ଥା ଭେଟ୍ ଫର୍ ଆନିମଲ୍‌କୁ କୁକୁରଙ୍କ ଅସ୍ତ୍ରୋପଚାର କରିବା ପାଇଁ ଆନିମଲ୍ ୱେଲଫେୟାର ବୋର୍ଡ ଅଫ୍ ଇଣ୍ଡିଆ (ଏଡବ୍ଲୁବିଆଇ) ଅନୁମୋଦନ ଦେଇ ନ ଥିବାରୁ ସଂସ୍ଥାର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠାଯାଇଛି। ଏନେଇ କେତେଜଣ ପ୍ରାଣୀପ୍ରେମୀ ଏଡବ୍ଲୁବିଆଇରେ ଅଭିଯୋଗ କରିଥିଲେ। ଫଳରେ ତୁରନ୍ତ ଏବିସି କାର୍ଯ୍ୟକ୍ରମ ବନ୍ଦ କରି ଘଟଣାର ଯାଞ୍ଚ କରିବା ପାଇଁ ଏଡବ୍ଲୁବିଆଇ ବିଏମ୍‌ସିକୁ ବାରମ୍ବାର ଚିଠି ଲେଖିଥିଲେ। ତେବେ ବିଏମ୍‌ସି କର୍ତ୍ତୃପକ୍ଷ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ସ୍ଥିତିରେ ସଂସ୍ଥା ସପକ୍ଷରେ ମଧ୍ୟ କେତେଜଣ ପ୍ରାଣୀପ୍ରେମୀ ବାହାରିଛନ୍ତି। କୁକୁରମାନଙ୍କର ଉପଯୁକ୍ତ ଯତ୍ନ ନେବା ସହ ଅପରେଶନ ପରେ ସୁସ୍ଥ ହେବା ପରେ ସେମାନଙ୍କୁ ସମ୍ପୃକ୍ତ ସ୍ଥାନରେ ଛଡାଯାଉଛି। ଅନୁମୋଦନ ନ ଥାଇ ମଧ୍ୟ ସମ୍ପୃକ୍ତ ସଂସ୍ଥା ଖୁବ୍ ଭଲ କାମ କରୁଥିବା ସେମାନେ ଦର୍ଶାଇଛନ୍ତି। ତେଣୁ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ବନ୍ଦ ନ କରିବା ସହ ସମ୍ପୃକ୍ତ ସଂସ୍ଥାକୁ କାମ କରିବାକୁ ଦିଆଯାଉ ବୋଲି ବିଏମ୍‌ସି କମିଶନରଙ୍କୁ କିଛି ପ୍ରାଣୀପ୍ରେମୀ ମେଲ୍ କରି ସୂଚିତ କରିଛନ୍ତି। ଅପରପକ୍ଷେ ଅନୁମୋଦନ ପାଇଁ ଏଡବ୍ଲୁବିଆଇରେ ଆବେଦନ କରାଯାଇଥିବାବେଳେ ଖୁବ୍‌ଶୀଘ୍ର ଅନୁମୋଦନ ମିଳିଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଏଯାବତ୍ ପ୍ରାୟ ୨୬ଶହରୁ ଊର୍ଦ୍ଧ୍ୱ କୁକୁରଙ୍କ ଅସ୍ତ୍ରୋପଚାର କରାଯାଇଥିବାବେଳେ ସମସ୍ତେ ସୁସ୍ଥ ଥିବା କୁହାଯାଇଛି।

## ସଂକ୍ଷେପରେ

### କିରାଣି ପ୍ରଭାତ ମିଶ୍ରଙ୍କ ଅବସର ଗ୍ରହଣ

ସାକ୍ଷୀଗୋପାଳ,୩୦।୪
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଧୀନ ଗବକୁଣ୍ଡ ଜୟଦୁର୍ଗା ନୋଡାଲ ହାଇସ୍କୁଲର କିରାଣୀ ପ୍ରଭାତ ମିଶ୍ରଙ୍କ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହାଶ୍ରୀ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ କବି ସୂର୍ଯ୍ୟ ନଗର ଗଞ୍ଜାମର ନିରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମିଶ୍ରଙ୍କ ଅବସରରେ ବିଦ୍ୟାଳୟ ଜଣେ ଦକ୍ଷ ନିପୁଣ କର୍ମଚାରୀଙ୍କ ସେବା ହରାଇଛି ବୋଲି ଅତିଥି ମନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ଅନୁରୂପ ଭାବେ ଭୁବନେଶ୍ୱର ପୂର୍ତ୍ତ ବିଭାଗରେ ବରିଷ୍ଠ ସହାୟକ ଭାବେ କାର୍ଯ୍ୟରତ ହରିହର ମିଶ୍ର ମଧ୍ୟ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି।

### ଅସହ୍ୟ ରୌଦ୍ରତାପ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍ କାଟ

କଣାସ,୩୦।୪(ବିଭୂତି ଭୂଷଣ ତ୍ରିପାଠୀ):

ରାଜ୍ୟ ସରକାର ରୌଦ୍ରତାପ ସମୟରେ ବିଦ୍ୟୁତ୍ କାଟ ନ କରିବାକୁ ଗଣମାଧ୍ୟମରେ ଡେଙ୍ଗୁରା ପିଟୁଥିବାବେଳେ କଣାସ ବ୍ଲକରେ ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ଅସହ୍ୟ ରୌଦ୍ରତାପ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ସାମାନ୍ୟ ଗଛରେ ପତ୍ର ହଲିଲେ କଣାସ ବ୍ଲକ ଅନ୍ଧାରରେ ରହୁଛି। ଗତ ୨୭ ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ୬ଟାରୁ ୨୮ ତାରିଖ ସକାଳ ୪ଟା ୩୦ ପର୍ଯ୍ୟନ୍ତ ଏବଂ ୨୮ ତାରିଖ ଦିନ ଅପରାହ୍ନ ୪ଟାରୁ ରାତ୍ର ୧୨ଟା ପର୍ଯ୍ୟନ୍ତ ଜନସାଧାରଣଙ୍କୁ ନ ଜଣାଇ ବିଦ୍ୟୁତ୍ କାଟ ହୋଇଥିଲା। ଏହି ଅସହ୍ୟ ରୌଦ୍ରତାପ ସାଙ୍ଗକୁ ଗୁଳୁଗୁଳି ଲାଗି ରହିବାରୁ ବିଦ୍ୟୁତ୍ ଉପଭକ୍ତା ଘରେ କିମ୍ବା ବାହାରେ ରହି ନ ପାରିବାରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଯାହାଦ୍ୱାରା କଣାସ ପୋଲିସକୁ କଣାସ ବିଦ୍ୟୁତ୍ କାର୍ଯ୍ୟାଳୟ ଜଗିବାକୁ ପଡ଼ିଥିଲା। ଏ ସମ୍ପର୍କରେ କଣାସ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ଜେନାଙ୍କୁ ପଚାରିବାରୁ, ୨୭ ତାରିଖ ଖୋର୍ଦ୍ଧାରୁ କଣାସକୁ ଆସିଥିବା ବିଦ୍ୟୁତ୍ ଲାଇନ୍‌ରେ କେଉଁଠାରେ ଫଲଟ୍ ରହିଛି। କଣାସ, ଡେଲାଙ୍ଗ ଓ ଖୋର୍ଦ୍ଧା ବିଦ୍ୟୁତ୍ ବିଭାଗ ଖୋଜି ପାଇବାରେ ବିଳମ୍ବ ହେବାରୁ ଦୀର୍ଘ ସମୟ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ୨୮ ତାରିଖ ଅପରାହ୍ନରେ ଖୋର୍ଦ୍ଧାରେ କାଳବୈଶାଖୀ ଯୋଗୁ ଖୋର୍ଦ୍ଧା ନିକଟବର୍ତ୍ତୀ ଶିଆଳିଠାରେ ବିଦ୍ୟୁତ୍ ତାର ଛିଣ୍ଡିପଡିବାରୁ ଦୀର୍ଘ ୬ଘଣ୍ଟା ଧରି ବନ୍ଦ ରହିଥିବା କହିଥିଲେ।

# ରଥକାର୍ଯ୍ୟ ଅନୁକୂଳ ପାଇଁ କୁରାଢ଼ି ନିର୍ମାଣ

ପୁରୀ,୩୦।୪(ଅଜିତ୍ ମହାନ୍ତି)


ତିନିଗୋଟି କାଠରେ ପ୍ରସ୍ତୁତ ଲୁହା କୁରାଢ଼ି।

ଆସନ୍ତା ୧୦ ତାରିଖରେ ଅକ୍ଷୟ ତୃତୀୟା। ଏହିଦିନଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବା ସହ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହେବ। ଅକ୍ଷୟ ତୃତୀୟା ତିଥିରେ ବାହାର ଚନ୍ଦନଯାତ୍ରା ପାଇଁ ଶ୍ରୀ ରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଏବଂ ବିମାନକୁ ବିଜେ କରିବା ପରେ ୩ବାଡ଼ରୁ ୩ଜଣ ପୂଜାପଣ୍ଡା ବିଜେ କରାଇ ଆଣିଥିବା ଆଜ୍ଞାମାଳ ଧରି ବିଜେ ପ୍ରତିମାଙ୍କ ସହ ପଟୁଆରରେ ଶ୍ରୀନଅର ନିକଟକୁ ବିଜେ କରିବେ। ଏହାପରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରଖାଯାଇଥିବା ତିନିଖଣ୍ଡ ଧଉରା କାଠକୁ ବ୍ରାହ୍ମଣମାନଙ୍କ ଦ୍ୱାରା ରଥଖଳାରେ ବନଯାଗ ପଦ୍ଧତିରେ ରଥକାଠ ନୀତି ଅନୁକୂଳ କରାଯାଇଥାଏ। ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇ ସେବକମାନଙ୍କ ଶାଢି ବନ୍ଧା ନୀତି ପାଛଯୋଷୀ ମହାପାତ୍ରଙ୍କ ଉପସ୍ଥିତିରେ ଦେଉଳ କାରଣ ସମାପନ କରିଥାନ୍ତି। ପରେ ରଥତ୍ରୟ ନିର୍ମାଣ କାର୍ଯ୍ୟର ଅନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ତିନିଗୋଟି ଧଉରା କାଠରେ ଆଜ୍ଞାମାଳ ଲାଗିହେବ। ପରେ ତିନି ରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ଉକ୍ତ ତିନିଗୋଟି କାଠରେ ଅସ୍ତ୍ର ଛୁଆଁ କରାଯାଇ ରଥକାଠ ଅନୁକୂଳ ନୀତି କରାଯାଇଥାଏ। ତେବେ ଅକ୍ଷୟ ତୃତୀୟାକୁ ଆଉ ୧୦ଦିନ ଥିବା ହେତୁ କାଠ ଅନୁକୂଳ ପାଇଁ ବ୍ୟବହୃତ ହେଉଥିବା ଲୁହା କୁରାଢ଼ିକୁ ମଙ୍ଗଳବାର ଶ୍ରୀମନ୍ଦିର ଓଝା ସେବକ ନିର୍ମାଣ କରିଛନ୍ତି। ବଳଭଦ୍ର ବାଡ଼ର ମୁଖ୍ୟ ଓଝା ସେବକ ଜଗନ୍ନାଥ ମହାରଣା ନେତୃତ୍ୱରେ ଏହା ନିର୍ମାଣ କରାଯାଇଛି। ମହାରଣା କହିଛନ୍ତି, ଅକ୍ଷୟ ତୃତୀୟାରେ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ହେବ। ଅନୁକୂଳ ସମୟରେ ସୁନା, ରୁପା ସହ ଲୁହା କୁରାଡି ବ୍ୟବହାର କରାଯାଇଥାଏ। ବ୍ୟବହାର ହେଉଥିବା ୩ଟି ଲୁହା କୁରାଢ଼ିକୁ ସେ ନିର୍ମାଣ କରିଥାନ୍ତି। ତାଙ୍କୁ କୁରାଢ଼ି ତିଆରି କରିବାକୁ ୨ ଦିନ ସମୟ ଲାଗିଥିଲା ବୋଲି ଜଗନ୍ନାଥ ମହାରଣା କହିଛନ୍ତି।

# ଦବିଲା କାକଟପୁର ଚନ୍ଦନ ବଜାର ପୋଲ, ମରାମତି ଦାବି


ଦବିଯାଇଥିବା ପୋଲ ।

କାକଟପୁର,୩୦।୪(ଶୁଭଦର୍ଶନ ମିଶ୍ର)

କାକଟପୁର ମୁଖ୍ୟ ରାସ୍ତା ଚନ୍ଦନ ବଜାରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ସେତୁଟି ଉତ୍ତର ପାର୍ଶ୍ୱରେ ଜମୁଥିବା ବର୍ଷା ଜଳ ପ୍ରାଚୀ ନଦୀକୁ ନିଷ୍କାସନ ପାଇଁ ତିଆରି ହୋଇଥିବାବେଳେ ଏବେ ତାହା ଅସୁରକ୍ଷିତ ହୋଇପଡ଼ିଛି। ଅସ୍ତରଙ୍ଗ ଓ କାକଟପୁରରୁ ପ୍ରତିଦିନ ଶହ ଶହ ଗାଡ଼ି ମୋଟର ସହ ଭାରିଯାନ ଯିବା ଆସିବା କରୁଥିବାବେଳେ ଏବେ ବ୍ରିଜର ଧାର ଫାଟି ମେଲି ଆଁ କରିବା ସହିତ ରାସ୍ତା ଦବି ଯାଇଛି। ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ହେବାର ଆଶଙ୍କା ଦେଖାଦେଇଛି। ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦଣ୍ଡପତିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମିଟିଙ୍ଗରେ ଅଛି ପରେ କଥା ହେବେ କହି ଫୋନ କାଟି ଦେଇଥିଲେ। ତୁରନ୍ତ ଏ ଦିଗରେ ପୁରୀ ଜିଲାପାଳ, ପୂର୍ତ୍ତ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦୃଷ୍ଟି ଦେଇ ସମାଧାନ କରିବାକୁ ଗଣେଶ ବଜାର ବ୍ୟବସାୟୀ ସଂଘ ସଭାପତି କମଳ ଲୋଚନ ଦୀକ୍ଷିତ ଓ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ହାଇୱା ସାଇଡ ମାରିବାରୁ ଭାରସାମ୍ୟ ହରାଇ ଓଲଟିଲା ଅଟୋ

ଅସ୍ତରଙ୍ଗ,୩୦।୪
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ଥାନା ଅଧୀନ ଜିଉଁନ୍ତି ନିକଟରେ ଏକ ହାଇୱା ଦ୍ରୁତଗତିରେ ଆସି ସାଇଡ ମାରିବାରୁ ଯାତ୍ରୀ ନେଇ ଯାଉଥିବା ୩ ଚକିଆ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଅଟୋ ଡ୍ରାଇଭରଙ୍କ ସମେତ ୪ଜଣ ଯାତ୍ରୀ ଆହତ ହୋଇଛନ୍ତି। ଚାଳକ ଲକ୍ଷ୍ମୀଧର ଗୁଣ୍ଡୁ (୪୮) ଅସ୍ତରଙ୍ଗ


ଓଲଟି ପଡିଥିବା ଅଟୋ ।

### ଚାଳକଙ୍କ ସହ ୪ ଆହତ

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ୪ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଅନ୍ୟ ଏକ ମେଡିକାଲକୁ ପଠାଯାଇଛି। ତେବେ ସେମାନଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ଅସ୍ତରଙ୍ଗ ଥାନା ପୋଲିସ ଅଟୋକୁ ଜବତ କରିବା ସହ ଚାଳକ ଲକ୍ଷ୍ମୀଧରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନା ମୁତାବକ, ମଙ୍ଗଳବାର ମଧ୍ୟାହ୍ନ ସମୟରେ ଏକ ଯାତ୍ରୀବାହୀ ଅଟୋ (ଓଆର ୦୨ ବିଜେ ୦୯୩୮) ଅସ୍ତରଙ୍ଗରୁ ୪ଜଣ ଯାତ୍ରୀଙ୍କୁ ନେଇ କାକଟପୁର ଅଭିମୁଖେ ଯାଉଥିଲା। ବିପରୀତ ପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ସାଇଡ ମାରିବାରୁ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

# ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



କଣାସ,୩୦।୪(ବିଭୂତି ଭୂଷଣ ତ୍ରିପାଠୀ):
କଣାସ ବ୍ଲକ ଅଧୀନ କାଦୁଆ ଗ୍ରାମପଞ୍ଚାୟତର ସୁନାଖଳା ଗ୍ରାମସ୍ଥିତ ସୁନାଖଳା ପ୍ରାଥମିକ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ନବକିଶୋର ଦଳାଇଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାଦୁଆଘାଟ ଏକାଡେମୀର ପ୍ରଧାନ ଶିକ୍ଷକ ଅଜୟ ବଳିଆରସିଂ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଅତିଥିଭାବେ ପୂର୍ବତନ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ, ପୂର୍ବତନ ବିଆର୍‌ସିସି ସର୍ବେଶ୍ୱର ଜେନା, ବୀରକେଶର ପ୍ରଧାନ, ଫକୀରମୋହନ ଜାଲି, ସହଶିକ୍ଷାଧିକାରୀ ବିନୋଦ ବିହାରୀ ସେଠୀ, ସିଆର୍‌ସିସି ରାମଚନ୍ଦ୍ର ସାହୁ, ଶିକ୍ଷକ ନେତା ପ୍ରହ୍ଲାଦ ମାନସିଂ, ପ୍ରଶାନ୍ତ ସୁନ୍ଦରାୟ, ପ୍ରତାପ କିଶୋର ଛୋଟରାୟ, ସୁଶାନ୍ତ ନରେନ୍ଦ୍ର, ପ୍ରଧାନ ଶିକ୍ଷକ ପ୍ରହ୍ଲାଦ ମାନ୍ଧାତା ଓ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦାୟୀ ଶିକ୍ଷକଙ୍କ କାର୍ଯ୍ୟ ଦକ୍ଷତା କର୍ମ ତତ୍ପରତା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ଲମ୍ବୋଦର ବେହେରାଙ୍କ ପ୍ରାରମ୍ଭିକ ସୂଚନା ଶିକ୍ଷକ ସାରଥି ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବିଦାୟୀ ଶିକ୍ଷକ ଦଳାଇଙ୍କୁ ବିଦ୍ୟାଳୟ, ବିଭିନ୍ନ ଶିକ୍ଷକ ସଂଗଠନ, ସାଧନକେନ୍ଦ୍ର, କଣାସ ବ୍ଲକ ଶିକ୍ଷା ବିଭାଗୀୟ କାର୍ଯ୍ୟାଳୟ ତଥା ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

କଣାସ,୩୦।୪(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଅଧୀନ ଗଡିଶାଗୋଦା ଗ୍ରାମପଞ୍ଚାୟତର ଗଡ଼ିଶାଗୋଦା ଗ୍ରାମସ୍ଥ ଗୋପୀନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାସଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରଭାକର ମଙ୍ଗରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କଣାସ ବ୍ଲକ ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ମେହେନ୍ଦ୍ର ରଣସିଂହ ଯୋଗଦେଇ ଦାସଙ୍କ ଶିକ୍ଷକତା ଜୀବନର ଅନେକ ସୁଗୁଣର ଅବତାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ କଣାସ ବ୍ଲକ ପୂର୍ବତନ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର, କୃଷ୍ଣଚନ୍ଦ୍ର ଉପାଧ୍ୟାୟ, ଶିକ୍ଷାବିତ୍ କରୁଣାକର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ, ସୁରେଶ ଚନ୍ଦ୍ର ଶ୍ରୀଚନ୍ଦନ, ଶିଶିର ସାହୁ, ରାଜକିଶୋର ଜେନା, ସର୍ବେଶ୍ୱର ଜଗଦ୍ଦେବ, ମଧୁସୂଦନ ଜେନା ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ମତଦାତା ମାର୍ଗଦର୍ଶିକା ହେବ ମତଦାନର ନିମନ୍ତ୍ରଣ ପତ୍ର

ଅସ୍ତରଙ୍ଗ,୩୦।୪
(ପ୍ରଦୀପ୍ତ କୁମାର ଦୀକ୍ଷିତ):

ଜୁନ ୧ରେ ନିଶ୍ଚିତ ଯିବି, ନିଜ ବୁଥ୍‌ରେ ଭୋଟ ଦେବି। ଏହି ବାର୍ତ୍ତାକୁ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ଲୋକଙ୍କୁ ସଚେତନ କରିଛନ୍ତି। କାକଟପୁର ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ତହସିଲ ଅଧୀନ ତାଳଦା ପଞ୍ଚାୟତର ବିଭିନ୍ନ ବୁଥ୍ ନିକଟରେ ତହସିଲଦାର ପ୍ରିୟଦର୍ଶିନୀ ପହଞ୍ଚି ନୂଆ ଭୋଟରଙ୍କୁ ଉତ୍ସାହିତ କରିବା ସହିତ ଲୋକଙ୍କୁ ସଚେତନ କରାଇଥିଲେ। ମତଦାତାଙ୍କ ସୁବିଧା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'ମତଦାତା ମାର୍ଗଦର୍ଶିକା' ଏକ ପକେଟ ବୁକ୍ ପ୍ରଦାନ କରି ଭୋଟରଙ୍କୁ ସଚେତନ କରାଯାଇଥିଲା। ଏହାକୁ ପଢି ସେମାନେ ମତଦାନ ବିଷୟରେ ଅତି ସହଜରେ ଜାଣିପାରିବେ। ଏହି ମତଦାତା ମାର୍ଗଦର୍ଶିକା ବିଏଲଓଙ୍କ ଦ୍ୱାରା ସମସ୍ତ ପରିବାରକୁ ଯୋଗାଇ ଦିଆଯିବ। ମତଦାନ ହାର ବଢାଇବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ଲୋକ ଅଂଶଗ୍ରହଣ କରିଥିଲେ।


ତହସିଲଦାର 'ମତଦାତା ମାର୍ଗଦର୍ଶିକା' ଏକ ପକେଟ ବୁକ୍ ପ୍ରଦାନ କରି ଲୋକଙ୍କୁ ସଚେତନ କରାଉଛନ୍ତି ।

# ଅନୁଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ


ଅନୁଶିକ୍ଷଣ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଛାତ୍ରୀଛାତ୍ରମାନେ ।

ପିପିଲି,୩୦।୪(ପ୍ରଭାତ ମହାପାତ୍ର)

ଭୁବନେଶ୍ୱରସ୍ଥିତ ନୋବଲ ଏଜୁକେଶନାଲ ଓ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ସିଙ୍ଗଡ଼ାପାଟଣାଠାରେ ଏକ ଅନୁଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଡେପୁଟି ଗଭର୍ଣ୍ଣର ତଥା ଟ୍ରଷ୍ଟର ଅନ୍ୟତମ ପୁରୋଧା ହାରୁନ ରସିଦ ଖାଁ ଏହି କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟର ଅବୈତନିକ ସେକ୍ରେଟାରୀ ମହମ୍ମଦ ଅଖତାର, ଅବସରପ୍ରାପ୍ତ ସଦସ୍ୟ ରେଲୱେ ବୋର୍ଡଙ୍କ କହିବା ଅନୁସାରେ ଏହି ଶିକ୍ଷାକେନ୍ଦ୍ରରେ ଜାତି, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ଅଷ୍ଟମ ଓ ନବମ ଶ୍ରେଣୀର ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାଗଣା ଅନୁଶିକ୍ଷଣ ବା କୋଚିଙ୍ଗ ପ୍ରଦାନ କରାଯିବ। ଯାହା ଦ୍ୱାରା ୧୦ମ ଶ୍ରେଣୀ ପାଇଁ ଏକ ମଜଭୁତ ମୂଳଦୁଆ ଗଢା ହୋଇ ପାରିବ। ଅବସରପ୍ରାପ୍ତ ମୁଖ୍ୟ ପ୍ରବନ୍ଧକ ଭାରତ ପେଟ୍ରୋଲିୟମ ତଥା ଟ୍ରଷ୍ଟ ଅଧ୍ୟକ୍ଷ ଫାଜଲୁର୍ ରହମାନ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଯେ ଦେଶ, ଜାତି ଓ ସମାଜ ର ଉନ୍ନତି ପାଇଁ ଶିକ୍ଷା ହିଁ ଏକମାତ୍ର ସାଧନ। ସରକାରୀ ଓ ବେସରକାରୀ ସ୍କୁଲରେ ଶିକ୍ଷାର ମାନର ଅଧୋଗତି ସମୟରେ ଏହି ଶିକ୍ଷାକେନ୍ଦ୍ର ଗରିବ ଛାତ୍ରଙ୍କୁ ସାହାଯ୍ୟ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ପିଲାଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଟ୍ରଷ୍ଟର ଅନ୍ୟତମ ସଦସ୍ୟ ପ୍ରଫେସର ଆବାଶ ପରିଡ଼ା, ଡାକ୍ତର ଅବଦୁଲ ଅନିସ, ସୟଦ ମୋଷରଫ ଅଲି, ସୟଦ୍ ତାଲାଉ୍ଫ, ସାମାଜିକ କର୍ମୀ ସୟଦ୍ ତନ୍ୱୀର ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବିଜେଡି, କଂଗ୍ରେସ ଛାଡ଼ି ପଦ୍ମ ଧରିଲେ ୨ଶହ ପରିବାର

ନିମାପଡା,୩୦।୪(ରଞ୍ଜନ ପଟ୍ଟନାୟକ):

ନିମାପଡ଼ା ଭାଜପା କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଦେବାଶିଷ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପର୍ବରେ ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଅରିଷଣ୍ଡ, ସଲଙ୍ଗ, ବାମନାଳ, ଅନ୍ଧୁଆର, ବଡ଼ଶୃବିଲା, ରେଞ୍ଚ, ଧଳେଶ୍ୱର ପଞ୍ଚାୟତର ୨ଶହରୁ ଉର୍ଦ୍ଧ୍ୱ ପରିବାର ବିଧିବଦ୍ଧ ଭାବେ ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ଭାଜପାରେ ଯୋଗଦେଇଛନ୍ତି। ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଭରସା ଓ ଆସ୍ଥା ବିଶ୍ୱାସ ପ୍ରକଟ କରି ପ୍ରଧାନମନ୍ତ୍ରୀଙ୍କ ମୋଦି ଗ୍ୟାରେଣ୍ଟିରେ ଅନୁପ୍ରାଣିତ ହୋଇ ସମସ୍ତେ ଭାଜପାରେ ଯୋଗ ଦେଇଥିବା ପ୍ରକାଶ କରିଥିଲେ। ସମସ୍ତେ ଏକାଠି କାର୍ଯ୍ୟ କରି ନିମାପଡ଼ାରେ ଭାଜପାକୁ ଜିତାଇବା ସହ ଡବଲ ଇଞ୍ଜିନ ସରକାର ଗଠନ କରିବାକୁ ଦୃଢ ସଂକଳ୍ପ ନେଇଥିଲେ। ନୂତନ ଭାବେ ଦଳରେ ଯୋଗ ଦେଇଥିବା ବିଜେଡି ଏବଂ କଂଗ୍ରେସ କର୍ମୀଙ୍କୁ ପରିଡ଼ା ଏବଂ ସରପଞ୍ଚ ଆଚାର୍ଯ୍ୟ ଉତ୍ତରୀୟ ଏବଂ ଟୋପି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ମୀନଲତା ମହାନ୍ତି, ପୂର୍ବତନ ଜିଲାପରିଷଦ ପୂର୍ଣ୍ଣଚନ୍ଦ୍ର ଓଝା, ବଳଙ୍ଗା ମଣ୍ଡଳ ସଭାପତି ପ୍ରସନ୍ନ ଦାଶ, ଧନୁଆ ମଣ୍ଡଳ ସଭାପତି ଜଟିନ୍ଦ୍ର ସ୍ୱାଇଁ, ସମ୍ପାଦକ ଦିଲୀପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।


ନିମାପଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ମିଶ୍ରଣ ପର୍ବ।

# ପ୍ରଭୁ ଶ୍ରୀଗୋପୀନାଥ ଦେବଙ୍କ ପୀଠରେ ମହାଯଜ୍ଞ

### ସପରିବାର ପରିଦର୍ଶନ କଲେ ପୁରୀ ଏସ୍‌ପି

ପିପିଲି,୩୦।୪(ପ୍ରଭାତ ମହାପାତ୍ର):
ପିପିଲି ଦାଣ୍ଡମୁକୁନ୍ଦପୁରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଗୋପୀନାଥ ଦେବଙ୍କ ପୀଠରେ ଶ୍ରୀଗୋପୀନାଥ ଦେବ ଯଜ୍ଞ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୭ ଦିନିଆ ସପ୍ତମ ବାର୍ଷିକ ଶ୍ରୀବିଷ୍ଣୁ ବିଶ୍ୱ କଲ୍ୟାଣ ମହାଯଜ୍ଞ ଆରମ୍ଭ ହୋଇଛି। ଏନେଇ ଦାଣ୍ଡମୁକୁନ୍ଦପୁର ଗ୍ରାମ ଉତ୍ସବ ମୁଖର ହୋଇଉଠିଛି। ରାଜ୍ୟର ବିଭିନ୍ନ ଜିଲାରୁ ଶାସନ ଗ୍ରାମର ପଣ୍ଡିତମାନେ ଏହି ଯଜ୍ଞରେ ଯୋଗଦେଇଥିବା ବେଳେ ଯଜ୍ଞ ପାଇଁ ସମସ୍ତ ରୀତିନୀତି ବିଧି ଅନୁସାରେ ସମ୍ପାଦନା କରାଯାଇଛି। ମୁଖ୍ୟ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ଯଜ୍ଞ କାର୍ଯ୍ୟ ପରିଚାଳନା କରାଯାଉଥିବାବେଳେ ପ୍ରତ୍ୟହ ସନ୍ଧ୍ୟାରେ ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତେବେ ସୋମବାର ଯଜ୍ଞର ଅଙ୍କୁରାରୋପଣ କାର୍ଯ୍ୟ କରାଯାଇଥିଲା। ସନ୍ଧ୍ୟା ସମୟରେ ପୁରୀ ଏସ୍‌ପି ପିନାକ ମିଶ୍ର ତାଙ୍କ ପରିବାର ସହ ଉକ୍ତ ମନ୍ଦିର ପରିଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଏଥିସହ ସେ ମନ୍ଦିର ଚତୁଃପାର୍ଶ୍ୱ ବୁଲି ପରିବେଶର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ପରେ ବ୍ରାହ୍ମଣଙ୍କ ସହ ପ୍ରସାଦ ସେବନ କରିଥିଲେ। ଗ୍ରାମର ବିବାହିତ ଝିଅମାନେ ଯଜ୍ଞର ପବିତ୍ର କର୍ମକୁ ସମ୍ପାଦନ କରିଥିବାବେଳେ ଯୁବତୀ ଯୁବକ ସ୍ୱେଚ୍ଛାକୃତ ଭାବେ ପ୍ରଭୁ ଗୋପାଳଙ୍କ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଉକ୍ତ ଯଜ୍ଞ କାର୍ଯ୍ୟ ଆରମ୍ଭରୁ ଦାଣ୍ଡମୁକୁନ୍ଦପୁର ଗ୍ରାମର ପ୍ରତ୍ୟେକ ଶୈବ ପୀଠରେ ରୁଦ୍ରାଭିଷେକ ଓ ଶକ୍ତିପୀଠରେ ଚଣ୍ଡୀପାଠ କରାଯାଇଛି। ଯଜ୍ଞ ନିମନ୍ତେ ଶୁଦ୍ଧ ଲହୁଣିମରା ଦେଶୀ ଘିଅ ଆଖପାଖ ଗ୍ରାମରୁ ସଂଗ୍ରହ କରାଯାଇଥିବାବେଳେ ଯଜ୍ଞ ଦ୍ରବ୍ୟ ଗୁଡ଼ିକର ମାନ ଓ ଶୁଦ୍ଧତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା ମୁଖ୍ୟ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀଗୋପୀନାଥ ଦେବ ଯଜ୍ଞ କ୍ରିୟାନୁଷ୍ଠାନ କମିଟିର କାର୍ଯ୍ୟକାରୀ ସଭାପତି ବିଶ୍ୱରଞ୍ଜନ ମିଶ୍ର, ସମ୍ପାଦକ ଅରୁଣାଂଶୁ ପଟ୍ଟନାୟକ, ଉପସଭାପତି ଅଜିତ ପତି ପ୍ରମୁଖ ଉପସ୍ଥିତ ଗଣମାଧ୍ୟମଙ୍କୁ ସବିଶେଷ ସୂଚନା ଦେଇଥିଲାବେଳେ ସୁବାସ ଚନ୍ଦ୍ର ମିଶ୍ର କାର୍ଯ୍ୟ ସଂଯୋଜନା କରିଥିଲେ।


ଶ୍ରୀବିଷ୍ଣୁ ବିଶ୍ୱ କଲ୍ୟାଣ ମହାଯଜ୍ଞରେ ପରିବାର ସହ ପୁରୀ ଏସ୍‌ପି ପିନାକ ମିଶ୍ର ।

## ସଂକ୍ଷେପରେ

### ପଙ୍କୋଦ୍ଧାର କାର୍ଯ୍ୟ ତଦାରଖ କଲେ ମେୟର

କଟକ,୩୦।୪ (କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ୧୩ ନମ୍ବର ୱାର୍ଡରେ ମଙ୍ଗଳବାର ସକାଳେ ମେୟର ସୁବାସ ସିଂ ପହଞ୍ଚି ଡ୍ରେନ୍ ଜଳ ନିଷ୍କାସନ ସମସ୍ୟା ଓ ପଙ୍କୋଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି। ଏଥିସହ ରୟାଲ ଗାର୍ଡେନ ପାର୍ଶ୍ୱରେ ଥିବା ଡ୍ରେନ୍‌ର ପଙ୍କ ଉଦ୍ଧାର କାର୍ଯ୍ୟ ଦେଖିଥିଲେ। ଏଠାରେ ଦୀର୍ଘଦିନ ଧରି ଜଳ ନିଷ୍କାସନ ସମସ୍ୟା ରହି ଆସୁଥିଲା। ଏହାର ପ୍ରତିକାର ସମ୍ପର୍କରେ ସେ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉକ୍ତ ୱାର୍ଡର ସତ୍ୟବ୍ରତ ଶତପଥୀ, ଜ୍ଞାନରଞ୍ଜନ ବେହେରା, ଦେବେନ୍ଦ୍ରନାଥ ଜୀ, ଗିରିଶ ବେହେରା, ଅରୁଣ ଦାସ, ଶରତ ସାହୁ, ସୁବୋଧ କୁମାର ସେଠୀଙ୍କ ସମେତ ସ୍ଥାନୀୟ ମୁରବିମାନେ ଉପସ୍ଥିତ ଥିଲେ।

### ଟ୍ରକ୍ ଚାଳକଙ୍କଠାରୁ ଚାନ୍ଦା ଆଦାୟ, ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ, ୩୦।୪(ସଚ୍ଚିଦାନନ୍ଦ ପଣ୍ଡା)

ଟ୍ରକ୍ ଚାଳକଙ୍କଠାରୁ ଚାନ୍ଦା ଆଦାୟ ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ରାଧାକିଶୋରପୁର ଗ୍ରାମର ସଞ୍ଜୟ ବେହେରା। ତାଙ୍କଠାରୁ ୬୮୦ ଟଙ୍କା ଓ ଲୁହାଛଡ଼ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୦୦/୨୪) ରୁଜୁ ହୋଇଛି। ତାଙ୍କ ନାମରେ ବିଭିନ୍ନ ଥାନାରେ ୬ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ସେ ବାରମ୍ବାର କୋର୍ଟ ଆଦେଶକୁ ଅବମାନନା କରି ଧରାଛୁଆଁ ଦେଉ ନ ଥିଲେ। ୨୦୨୩ରେ ସଞ୍ଜୟ ରାଧାକିଶୋରପୁରର ମନୁଆ ସ୍ୱାଇଁ, ମସପୁର ଗ୍ରାମର ବିଭୂତି ପ୍ରଧାନ, ପ୍ରେମାନନ୍ଦ ପ୍ରଧାନ, ଖମାରନୂଆଗାଁ ଗ୍ରାମର ବ୍ରହ୍ମାନନ୍ଦ ରାଉତ ଓ ତାଙ୍କର ଦୁଇ ଭାଇଙ୍କ ସହ ଗଣ୍ଡଗୋଳ କରି ଖଣ୍ଡାରେ ଆକ୍ରମଣ କରିଥିଲେ। ସେ ଭୁବନେଶ୍ୱର ଟଙ୍କପାଣି ରୋଡ, କଟକ ବିଡାନାସୀ ଓ ବାରଙ୍ଗ ଆଦି ଅଞ୍ଚଳରେ ରହି ଆପରାଧିକ କାର୍ଯ୍ୟକଳାପ ଜାରି ରଖିଥିଲେ। ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ସେ ନିଜ ଗ୍ରାମକୁ ଆସି ସିମେଣ୍ଟ କାରଖାନାକୁ ଯାଉଥିବା ଟ୍ରକ୍‌କୁ ଅଟକାଇ ଚାଳକଙ୍କଠାରୁ ଚାନ୍ଦା ଆଦାୟ କରୁଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା।

### ବିଜେଡିରେ ମିଶିଲେ ଶତାଧିକ ଭାଜପା, କଂଗ୍ରେସ କର୍ମୀ

ମଙ୍ଗୁଳି-ଜଗତପୁର,୩୦।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କନ୍ହେଇପୁର ପଞ୍ଚାୟତସ୍ଥିତ ବିଜେଡି କାର୍ଯ୍ୟାଳୟରେ ଟାଙ୍ଗୀ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆମ୍ବ ଅଧକ୍ଷ ରାଜେଶ ରଞ୍ଜନ ଷଡଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୫ଟି ପଞ୍ଚାୟତର ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ମିଶିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରା ଓ ପ୍ରଶାନ୍ତ ବେହେରାଙ୍କ ପ୍ରତି ଆସ୍ଥାପ୍ରକଟ କରି କନ୍ହେଇପୁର ପଞ୍ଚାୟତର ପୂର୍ବତନ ଭାଜପା ସଭାପତି ନରୋତ୍ତମ ନାୟକ, ରତିକାନ୍ତ ପଣ୍ଡା, ଗଗନ ଷଡଙ୍ଗୀ, ଭାଗ୍ୟଧର ଜେଠୀ, ବିଦ୍ୟାଧର ସାହୁ, ସେକ୍ ଇକ୍ବାଲ ଅଲ୍ଲୀ, କଂଗ୍ରେସର ତ୍ରିଲୋଚନ ବେହେରା, ସୁରଥ ଜେନା, ଲଲାଟ ମହାରଣା, ପ୍ରଭାତ ବେହେରା, ହେମନ୍ତ ଜେଠୀ, ବ୍ରହ୍ମାନନ୍ଦ ସାହୁ, କେଶବ ସାହୁ, ସନ୍ତୋଷ ବେହେରା, ସନ୍ଦୀପ ଜେଠୀଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଶାନ୍ତ ସମସ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖୁଲାର, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ସ୍ଥାନୀୟ ସରପଞ୍ଚ ଭରତ ବେହେରାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚଢ଼ାଉ ସତ୍ତ୍ୱେ ରୋକିହେଉନି ନିଶା କାରବାର

କଟକ,୩୦।୪(ଦିବାକର ସାହୁ)

ସାଧାରଣ ନିର୍ବାଚନକୁ ଶୃଙ୍ଖଳିତ, ଅବାଧ ତଥା ନିରପେକ୍ଷ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ନିଶା କାରବାର ରୋକିବା ପାଇଁ ଅବକାରୀ ବିଭାଗ ତତ୍ପର ହୋଇଉଠିଛି। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ନିଶାଦ୍ରବ୍ୟ ଜବତ କରୁଛି। ଏହାସତ୍ତ୍ୱେ କଟକ ଜିଲାରେ ଚୋରା ନିଶାଦ୍ରବ୍ୟ କାରବାରକୁ ରୋକିପାରୁନାହିଁ। ଏହାକୁ ନେଇ ଅବକାରୀ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଏହି କାରବାରକୁ ସ୍ଥାୟୀ ଭାବେ ରୋକିବା ସହ ଚୋରା ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଲୋକମାନେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଟକ ସହର ଭିତରକୁ ମୁଖ୍ୟତଃ ଆଠଗଡ଼ ଓ ବାଙ୍କୀ ଅଞ୍ଚଳ ଦେଇ ଅନ୍ୟ ଜିଲାରୁ ଚୋରା ମଦ, ଗଞ୍ଜେଇ ଓ ଭାଙ୍ଗ ଆସୁଛି। ବ୍ୟବସାୟୀମାନେ ଅବକାରୀ ବିଭାଗ କର୍ମଚାରୀଙ୍କୁ ଚକ୍‌ମା ଦେଇ ନିଶା କାରବାର ଚଳାଇଛନ୍ତି। ନେଟ୍‌ୱର୍କ ଜରିଆରେ ଏଜେଣ୍ଟମାନେ ବିଭିନ୍ନ ଛକରେ ଅବକାରୀ ବିଭାଗ କର୍ମଚାରୀଙ୍କ ଗତିବିଧିକୁ ଲକ୍ଷ୍ୟ କରି ନିଶାଦ୍ରବ୍ୟ ବ୍ୟବସାୟ କରୁଛନ୍ତି। ବିଭିନ୍ନ ସ୍ଥାନରେ ଚେକିଂରୁ ବର୍ତ୍ତିବା ପାଇଁ ଅଭିନବ କୌଶଳ ଉପଯୋଗ କରୁଛନ୍ତି। କେତେବେଳେ ଗାଡ଼ି ସିଟ୍ ତଳେ ତ ଆଉ କେତେବେଳେ ଅନ୍ୟାନ୍ୟ ସାମଗ୍ରୀର ବସ୍ତା ଭିତରେ ନିଶାଦ୍ରବ୍ୟ ଭର୍ତ୍ତିକରି ଚୋରାଚାଲାଣ କରୁଛନ୍ତି। ଅବଶ୍ୟ ମଙ୍ଗୁଳି ଟୋଲ୍‌ଗେଟ୍ ଓ ପାହାଳସ୍ଥିତ ଜାତୀୟ ରାଜପଥ ପାର୍ଶ୍ୱରେ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ନିୟୋଜିତ ହୋଇଛି। ସହର ଭିତରେ ଓ ଗ୍ରାମାଞ୍ଚଳରେ ସାଦା ପୋଷାକରେ ଅବକାରୀ ପୋଲିସ ପାଟ୍ରୋଲିଂ କରୁଛି। ଏହି ସମୟରେ ଚୋରା ଚାଲାଣକାରୀ ଧରାପଡିଲେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଛି। ହେଲେ ସେମାନେ ଜାମିନ୍‌ରେ ଆସି ପୁଣି ଏହି କାରବାର କରୁଛନ୍ତି। ଅବକାରୀ ବିଭାଗ କିମ୍ବା ପୋଲିସର ଧରପଗଡ଼ ସେତେମାତ୍ରାରେ ହେଉନାହିଁ। ଅନେକ କ୍ଷେତ୍ରରେ ଚୋରା ବେପାରୀଙ୍କ ସହ ସଲାସୁତୁରା କରି ସେମାନଙ୍କୁ ଖସାଇ ଦିଆଯାଉଛି। ଏବେ ନିର୍ବାଚନ ଆଚରଣବିଧି ଲାଗୁ ହେବା ପରଠାରୁ ଧରପଗଡ଼ ଜୋର୍‌ଦାର ହୋଇଛି। ଯଦ୍ୱାରା ପ୍ରାୟ ଦେଢ଼ ମାସ ମଧ୍ୟରେ ଅବକାରୀ ବିଭାଗ ମୋଟ ୨ କୋଟି ୭୫ ଲକ୍ଷ ୮୩ ହଜାର ୬୯୪ ଟଙ୍କାର ନିଶା ସାମଗ୍ରୀ ଜବତ କରିଛି। ସେଥିମଧ୍ୟରେ ୩୩,୬୮୪ ଲିଟର ଦେଶୀ ମଦ, ୬୭,୪୩୫ ଲିଟର ପୋଚ, ୧୨୩୫ ଲିଟର ଆସ୍କାଫର୍ଟି, ୭୦ ଲିଟର ବିଦେଶୀ ମଦ, ୨୯୬ ଲିଟର ବିୟର, ୨୪୨ କେଜି ଗଞ୍ଜେଇ, ୮୬୨ ଗ୍ରାମ୍ ବ୍ରାଉନ୍‌ସୁଗାର, ୭ କୁଇଣ୍ଟାଲ ୩୫ କେଜି ଭାଙ୍ଗ ସହ ୪୪,୫୦୦ ଟଙ୍କା ରହିଛି। ମାର୍ଚ୍ଚ ୧୬ରୁ ଏପର୍ଯ୍ୟନ୍ତ ୩୯୮ଟି ମାମଲା ରୁଜୁ ହୋଇଛି। ଏହି ବେଆଇନ କାରବାର ସହ ଜଡିତ ୩୯୩ ଜଣଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୫ ଜଣ ଫେରାର ଅଛନ୍ତି। ଚଢ଼ାଉବେଳେ ନିଶାଦ୍ରବ୍ୟ ଚାଲାଣରେ ବ୍ୟବହୃତ ୨୨ଟି ବାଇକ୍ ଓ ୪ଟି କାର୍ ଜବତ କରାଯାଇଛି ବୋଲି ଅବକାରୀ ବିଭାଗ ସୂଚନା ଦେଇଛି।

ଏ ସମ୍ପର୍କରେ ଅବକାରୀ ଏସ୍‌ପି ଦେବାଶିଷ ପଟେଲ କହିଛନ୍ତି, ପୋଲିସ ଏବଂ ଅବକାରୀ ସ୍କ୍ୱାଡ୍ ମିଳିତ ଭାବେ ଚୋରା ନିଶାଦ୍ରବ୍ୟ କାରବାର ରୋକିବାକୁ ଉଦ୍ୟମ କରୁଛି। ଅବକାରୀ ବିଭାଗରେ ଅଧିକାରୀ ଓ କର୍ମଚାରୀଙ୍କ ଅଭାବ ରହିଛି। ଏସବୁ ସତ୍ତ୍ୱେ ଚୋରା ନିଶା କାରବାର ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଗଠିତ ଫ୍ଲାଇଂ ସ୍କ୍ୱାଡ୍‌ଗୁଡ଼ିକ ୨୪ ଘଣ୍ଟା ସଜାଗ ରହୁଛି। ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଚଢ଼ାଉକୁ ଆହୁରି ଜୋର୍‌ଦାର କରାଯିବ ବୋଲି ସେ କହିଛନ୍ତି।

# ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ ସୋଫିଆ



ସିଏମ୍‌ସିର ୯ ନମ୍ବର ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍‌ଦୋସ ପ୍ରଚାର କରୁଛନ୍ତି।

କଟକ,୩୦।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୯ ନମ୍ବର ୱାର୍ଡର ଷ୍ଟୁଆର୍ଟ ପାଟଣା, ବାଉରିସାହି, ଖ୍ରୀଷ୍ଟିଆନ ସାହି, ତୁଳସୀପୁର, ସେଲ୍ଟର ଛକ ଭଳି ବିଭିନ୍ନ ଅଞ୍ଚଳ ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ବାରବାଟୀ-କଟକ କଂଗ୍ରେସ ପ୍ରାର୍ଥୀ ସୋଫିଆ ଫିର୍‌ଦୋସ ପରିଦର୍ଶନ କରିଛନ୍ତି। ୱାର୍ଡବାସୀଙ୍କ ସମସ୍ୟା ବୁଝି ସମାଧାନ ପାଇଁ ସୋଫିଆ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ସୋଫିଆ କହିଛନ୍ତି, ୱାର୍ଡବାସୀଙ୍କ ମୌଳିକ ସମସ୍ୟା ପ୍ରତି ଯତ୍ନବାନ ହେବା ସହିତ ମହିଳା ଓ ଯୁବକଙ୍କ ବିକାଶ ଦିଗରେ ଗୁରୁତ୍ୱ ଦିଆଯିବ। ଏଥିସହ ନିର୍ବାଚନ ପାଇଁ ସେ ୱାର୍ଡବାସୀଙ୍କ ସହାୟତା ଲୋଡ଼ିଛନ୍ତି। ଏହି କାର୍ଯ୍ୟକ୍ରମରେ ନଗର କଂଗ୍ରେସର ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, କେଦାର ପୃଷ୍ଟି, ୱାର୍ଡ ସଂଯୋଜକ ମହମ୍ମଦ ଅଲିମ, ସୁଧାଂଶୁ ଆଚାର୍ଯ୍ୟ, ଆଶୁତୋଷ ଦାସ, ଗୁଣନିଧି ପୁଲାର, ସଞ୍ଜୟ ସେନାପତି, ସୁରଜିତ ସାହୁ, ଟିଂକି ବାବୁ ଉପସ୍ଥିତ ଥିଲେ।

# ସମାଜସେବାରେ ଜଗନ୍ନାଥଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା



ଡା. ଜଗନ୍ନାଥ ଦାସଙ୍କ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇଥିବା ବ୍ୟକ୍ତିବୃନ୍ଦ।

କଟକ,୩୦।୪(ଶିଳ୍ପା ପ୍ରିୟଦର୍ଶିନୀ)

ଡା. ଜଗନ୍ନାଥ ଦାସ ସ୍ମାରକୀ ଟ୍ରଷ୍ଟ ଓ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ବିଶିଷ୍ଟ ଜନସେବକ ଡା. ଜଗନ୍ନାଥ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ଏସ୍‌ସିବି ଶରୀରତତ୍ତ୍ୱ ବିଭାଗ ସଂଗ୍ରହାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଗୋଳସ୍ଥିତ ବାଜିରାଉତ ଛାତ୍ରାବାସର ସଭାପତି ତଥା ଗାନ୍ଧିବାଦୀ ଶୈଳଜ ରବି, ଏସ୍‌ସିବି ଶରୀରତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ଡା. ମନୋଜ କୁମାର ଦେହୁରୀ, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ ଦାସ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟଦ ସଙ୍ଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ମଣ୍ଡଳ ସଭାପତି ମିହିର ପ୍ରତାପ ଦାସ, ସର୍ବସେବା ସଂଘର ରାଷ୍ଟ୍ରୀୟ ସମ୍ପାଦକ ଡ. ବିଶ୍ୱଜିତ୍, ସ୍ମାରକୀ ଟ୍ରଷ୍ଟର ସଭାପତି ତଥା ଡାକ୍ତର ଦାସଙ୍କ ଜ୍ୟେଷ୍ଠାକନ୍ୟା ଜୟଶ୍ରୀ ବିଜୟଲକ୍ଷ୍ମୀ ମହାନ୍ତି, କଟକ ଜିଲା ସର୍ବୋଦୟ ମଣ୍ଡଳର ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର, ରାଷ୍ଟ୍ରୀୟ ଯୁବା ସଙ୍ଗଠନର ସମ୍ପାଦକ ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଡା. ଜଗନ୍ନାଥ ଦାସ ଥିଲେ ଓଡ଼ିଶାର ପ୍ରଥମ ଅଙ୍ଗଦାତା। ସମାଜସେବା ପ୍ରତି ତାଙ୍କ ଜୀବନ ଉତ୍ସର୍ଗୀକୃତ ଥିଲା। ବର୍ତ୍ତମାନର ଯୁବପିଢ଼ି ତାଙ୍କ ଜୀବନୀରୁ ପ୍ରେରିତ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସେନାବାହିନୀର ଅବସରପ୍ରାପ୍ତ ଜେସିଓ ବ୍ରଜକିଶୋର ସିଂହ ଶରୀର ଦାନ ପାଇଁ ପଞ୍ଜୀକୃତ କରିଥିଲେ। ସ୍ମାରକୀ ଟ୍ରଷ୍ଟର ସମ୍ପାଦକ ତଥା ଖବରଦାତା ଶୁଭେନ୍ଦୁ କୁମାର ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନିମା ରାୟ, ସୁଖଲତା ଦାସ, ବେଦଶ୍ରୀ ମମତା ଦାସ, ଦୟାନିଧି ବିଶ୍ୱାଳ, ଅମୂଲ୍ୟ ଦାସ, ମନୋଜ ବିଶ୍ୱାଳ, ନିରଞ୍ଜନ ବାରିକ, ବିମଳ କୁମାର ଦାସ, ସୌମ୍ୟରଞ୍ଜନ ସାହୁ, ରବୀନ୍ଦ୍ର ନାଥ ମହାନ୍ତି ଉପସ୍ଥିତ ଥିଲେ।

### 'ବହୁମୁଖୀ ପ୍ରତିଭାର ଅଧିକାରୀ ବିଚିତ୍ରାନନ୍ଦ'

କଟକ,୩୦।୪(କାର୍ତ୍ତିକ ସାହୁ)

ସାରସ୍ୱତ ସାଧକ ତଥା ଶିକ୍ଷାବିତ୍ ପ୍ରଫେସର ଡ. ବିଚିତ୍ରାନନ୍ଦ ମହାନ୍ତିଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀ କଟକ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ସମିତିର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲାପାଳ ପଦ୍ମନାଭ ସାମଲ ଯୋଗଦେଇ ଡ. ବିଚିତ୍ରାନନ୍ଦ ମହାନ୍ତି ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଛନ୍ତି। ଜଣେ ଛାତ୍ରବତ୍ସଳ ଶିକ୍ଷକ ଓ ଶିକ୍ଷାର ବିକାଶ ନିମନ୍ତେ ତାଙ୍କର ପ୍ରଚେଷ୍ଟା ଯୋଗୁ ସେ ବେଶ୍ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ସମ୍ମାନିତ ଅତିଥି ଡ. ହେମେନ୍ଦ୍ର ନାରାୟଣ ଦାସ, ସମ୍ମାନିତ ବକ୍ତା ଦେବସ୍ମାନ ଦାସ ଓଡ଼ିଆ ବାଣୀଭଣ୍ଡାରକୁ ବିଚିତ୍ରାନନ୍ଦଙ୍କ ଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା, ସମିତା ମହାପାତ୍ର ଓ ସୌଦାମିନୀ ତ୍ରିପାଠୀ ଭଜନ ପରିବେଷଣ, ରାମକୃଷ୍ଣ କୁଟୀରର ତତ୍ତ୍ୱାବଧାରକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ବିଏନ୍‌ଆଇ ଆଚିଭର୍ସ ପକ୍ଷରୁ ରକ୍ତଦାନ, ସ୍ୱାସ୍ଥ୍ୟସେବା ଶିବିର




ଭୁବନେଶ୍ୱର,୩୦।୪(ଅନୁରାଧା ମହାରଣା)

ବିଏନ୍‌ଆଇ ଆଚିଭର୍ସ ପକ୍ଷରୁ ତ୍ରିଶୂଳିଆ ବେଲଗଛିଆସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନଠାରେ ମଙ୍ଗଳବାର ରକ୍ତଦାନ ଶିବିର ସହ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଅଞ୍ଚଳର ୧୦୨ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବାବେଳେ ୩୫୦ରୁ ଅଧିକ ବ୍ୟକ୍ତି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ୩୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କର ନିଃଶୁଳ୍କ ରକ୍ତ ପରୀକ୍ଷା କରାଯାଇଥିଲା। ଗ୍ୟାଷ୍ଟ୍ରୋଲୋଜି, ମେଡିସିନ୍, କର୍ଣ୍ଣ-ଗଳା-ଚକ୍ଷୁ ବିଭାଗ ବିଶେଷଜ୍ଞଙ୍କ ସମେତ ଆୟୁର୍ବେଦିକ, ହୋମିଓପାଥିକ ବିଶେଷଜ୍ଞ ଓ ଫିଜିଓ ଥେରାପିଷ୍ଟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲେ। ବିଏନ୍‌ଆଇ ଆଚିଭର୍ସର ପ୍ରେସିଡେଣ୍ଟ ଦେବଦତ୍ତ ସ୍ୱାଇଁ, ଭାଇସ୍ ପ୍ରେସିଡେଣ୍ଟ ଡ. ଶୁଭାଶିଷ ବେହେରା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ରେଡ୍‌କ୍ରସ୍ ସୋସାଇଟି ସହାୟତାରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା।

# ବ୍ୟାଙ୍କ ପ୍ରବନ୍ଧକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଭୁବନେଶ୍ୱର,୩୦।୪(ଅନୁରାଧା ମହାରଣା)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କର କଟକ ମଣ୍ଡଳ ପ୍ରବନ୍ଧକ ପ୍ରକାଶ ସାହୁ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ବ୍ୟାଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୧୯୯୦ ସେପ୍ଟେମ୍ବର ୨୬ରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ତାଙ୍କର ୩୩ ବର୍ଷର ବ୍ୟାଙ୍କିଙ୍ଗ୍ କ୍ୟାରିୟର ମଧ୍ୟରେ ସେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ଗ୍ରାହକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଲୋକଙ୍କ ସମସ୍ୟା ସମାଧାନକୁ ପ୍ରାଥମିକତା ଦିଆଯିବ

### ୱାର୍ଡବାସୀଙ୍କ ଅଭିଯୋଗ ଶୁଣିଲେ ଭାଜପା ପ୍ରାର୍ଥୀ

କଟକ,୩୦।୪(ଶିଳ୍ପା ପ୍ରିୟଦର୍ଶିନୀ)



ଭାଜପା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଲୋକଙ୍କ ସହିତ ଆଲୋଚନା କରୁଛନ୍ତି।

କଟକ ମହାନଗର ନିଗମ(ସିଏମ୍‌ସି) ୫୦ ନମ୍ବର ୱାର୍ଡର ନୂଆପଡ଼ା ଛକ ନିକଟରେ ଚା' ଖଟି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଭାଜପା କଟକ ସଦର ବିଧାନସଭା ପ୍ରାର୍ଥୀ ଇଂ. ପ୍ରକାଶ ସେଠୀ ଯୋଗଦେଇ ଅଞ୍ଚଳବାସୀଙ୍କ ଅଭିଯୋଗ ଶୁଣିବା ସହ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଭର୍ତ୍ତୃହରି କହିଛନ୍ତି, ଭାଜପା କ୍ଷମତାକୁ ଆସିଲେ ଲୋକଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦେବା ଆମର ପ୍ରଥମ ପ୍ରାଥମିକତା ରହିବ। ରାଜ୍ୟ ତଥା ଦେଶର ବିକାଶ ନିମନ୍ତେ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ଉଭୟ ପ୍ରାର୍ଥୀଙ୍କୁ ବହୁମାତ୍ରାରେ ଭୋଟ୍ ଦେଇ ଜୟଯୁକ୍ତ କରିବା ପାଇଁ ମହତାବ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମ ଅଧିକାରୀ ଅମରେନ୍ଦ୍ର ପଶାୟତ, ମହନ୍ତ ଦୟାନିଧି ସ୍ୱାଇଁ, ସାମାଜିକ କର୍ମୀ ଜ୍ୟୋତିରଞ୍ଜନ ରାୟ, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ପୂର୍ବତନ କର୍ପୋରେଟର କୈଳାସ ବସ୍ତିଆ, ସମୀର କୁମାର ସାହୁ, ଚଣ୍ଡୀ ପ୍ରସାଦ ମହାନ୍ତି, ସଞ୍ଜୟ ଦାସ, କୁଞ୍ଜବିହାରୀ ପଶାୟତ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ସହରର ସୌନ୍ଦର୍ଯ୍ୟକରଣ ପାଇଁ ମହାନଦୀ ରିଂବନ୍ଧ ରାସ୍ତା ଡିଭାଇଡରରେ ଲୁହା ପାଇପ ଲଗାଯାଇଥିବାବେଳେ ମାରିଟାଇମ୍ ମ୍ୟୁଜିୟମ ସମ୍ମୁଖ ରାସ୍ତାରେ ଉପୁଡ଼ିଯାଇଛି।



ମଙ୍ଗଳାବାଗ ରିଂରୋଡ୍ ଫୁଟ୍‌ପାଥ୍‌ରେ ବିଛା ଯାଇଥିବା ଟାଇଲ୍ ଦବିଯାଇଛି।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

ଭୁବନେଶ୍ୱର,୩୦।୪(ଶର୍ମିଷ୍ଠା ପାଣିଗ୍ରାହୀ): 'ପ୍ରତିଶ୍ରୁତି' ପତ୍ରିକା ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ରେଡ୍‌କ୍ରସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଆସର ଅବସରରେ ପତ୍ରିକାର ଷଷ୍ଠ ସଂସ୍କରଣ 'ଲୋକକଳା ବିଶେଷାଙ୍କ' ଉନ୍ମୋଚନ, ଆଲୋଚନାଚକ୍ର, ପ୍ରତିଭା ସମ୍ମାନ ଓ କବିତା ପାଠ ଆୟୋଜନ କରାଯାଇଥିଲା। ଲୋକକଳା ସଂସ୍କୃତି ଓ ସାହିତ୍ୟରେ କୃତ୍ରିମ ବୁଦ୍ଧିମତା ଆଲୋଚନାଚକ୍ରରେ ଅଧ୍ୟାପିକା ଈପ୍ସିତା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଭାଷାବିତ୍ ଶଙ୍କର୍ଷଣ ପରିଡ଼ା, ଡ. ଦେବାଶିଷ ମହାପାତ୍ର, ସ୍ତମ୍ଭକାର ବିଘ୍ନେଶ୍ୱର ସାହୁ, ଅନୁବାଦକ ହରେକୃଷ୍ଣ ଦାସ, ସାମ୍ବାଦିକ ସତୀଶ ମିଶ୍ର, ଗବେଷିକା ପ୍ରମୋଦିନୀ ଜେନା, ଶିକ୍ଷାବିତ ଅଶ୍ୱିନୀ ତ୍ରିପାଠୀ, କବି ଇନ୍ଦିରା ମିଶ୍ର, କୁଞ୍ଜ ବିହାରୀ ସାହୁ ପ୍ରମୁଖ ମନ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଓ ପରିଚାଳନା ସମ୍ପାଦକ, ସହକାରୀ ସମ୍ପାଦିକା କମଳିନୀ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁନି ପ୍ରତିଭା ଲାଶ୍ୟା ସହିତ ରାଜ୍ୟର ପ୍ରତ୍ୟେକ ଜିଲାରୁ ପ୍ରତିଭାବାନ ସାହିତ୍ୟ ଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। କବିତା ପାଠ ଉତ୍ସବରେ କବି ଗୀତାଞ୍ଜଳି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବରେଣ୍ୟ ଅତିଥି ରୂପେ କବି ମାନଗୋବିନ୍ଦ ବାରିକ, ବଟକୃଷ୍ଣ ପଣ୍ଡା, ନିରୁପମା କର, ଜୟଶ୍ରୀ ପଟ୍ଟନାୟକ, ଅନୁସୟା ବାରିକ, ଶ୍ୟାମାକିଙ୍କର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସହକାରୀ ସମ୍ପାଦକ ଶୁଭବ୍ରତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାଲିଅନ୍ତା,୩୦।୪(ନୀଳମାଧବ ସାହୁ): ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀ ଯଦେବ କଲେଜରେ ୧୦ ଦିନ ଧରି ଚାଲିଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କେବଳ ଯୁକ୍ତ ୩ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରୀଙ୍କୁ ନେଇ ଗଠିତ ପ୍ରଶିକ୍ଷଣ କ୍ଲବର ସଦସ୍ୟା ଭାଗ ନେଇଥିଲେ। ୨ଟି ପର୍ଯ୍ୟାୟରେ ମୋଟ ୧୦୦ ଜଣ ଛାତ୍ରୀଙ୍କୁ ଏରୋବିକ୍, ନନ୍ ଏରୋବିକ୍ ଆତ୍ମରକ୍ଷା କୌଶଳ ଓ ଶାରୀରିକ ସୁସ୍ଥତା ଉପରେ ତାଲିମ୍ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରି କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ ସେଠୀ ଆତ୍ମରକ୍ଷା କୌଶଳର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ କ୍ଲବର ସଂଯୋଜିକା ପରିଡ଼ା ଓ ପ୍ରଧାପିକା ଅମିତା ମହାନାୟକ ଯୋଗଦେଇ ଏହି ପ୍ରଶିକ୍ଷଣ ଦ୍ୱାରା ଛାତ୍ରୀମାନେ ଆବଶ୍ୟକ ସ୍ଥଳେ ନିଜକୁ ସୁରକ୍ଷା ଦେଇ ପାରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଶିକ୍ଷକ ରୂପେ ମୋନାଲିସା ପ୍ରଧାନ ଓ ସୌମ୍ୟା ସେୟାଶ୍ରୀ ଗ୍ରନ୍ଥିଆ ଦାୟିତ୍ୱ ତୁଲାଇଥିଲେ।

### ପୂର୍ବତନ ସରପଞ୍ଚ ସୀତାକାନ୍ତ ରାଉତଙ୍କ ପରଲୋକ

ବାଲିପାଟଣା,୩୦।୪(ଅଭିମନ୍ୟୁ ନାୟକ): ବାଲିପାଟଣା ବ୍ଲକ ଅନ୍ତର୍ଗତ ନରିଶୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୀତାକାନ୍ତ ରାଉତଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୦ବର୍ଷ ବୟସ ହୋଇଥିଲା। ସେ ଏହି ପଞ୍ଚାୟତରୁ ୩ଥର ସରପଞ୍ଚ ହୋଇ ବହୁ ଜନହିତକର କାର୍ଯ୍ୟ କରିଛନ୍ତି। ଗତ କିଛିଦିନ ହେବ ସେ ଅସୁସ୍ଥତା ଯୋଗୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ରଥକାର୍ଯ୍ୟ ଅନୁକୂଳ ପାଇଁ କୁରାଢ଼ି ନିର୍ମାଣ

ପୁରୀ,୩୦।୪(ଅଜିତ୍ ମହାନ୍ତି)



ଆସନ୍ତା ୧୦ ତାରିଖରେ ଅକ୍ଷୟ ତୃତୀୟା। ଏହିଦିନଠାରୁ ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବା ସହ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହେବ। ଅକ୍ଷୟତୃତୀୟା ତିଥିରେ ବାହାର ଚନ୍ଦନଯାତ୍ରା ପାଇଁ ଶ୍ରୀ ରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ପାଲିଙ୍କି ଏବଂ ବିମାନକୁ ବିଜେ କରିବା ପରେ ୩ବାଡ଼ରୁ ୩ଜଣ ପୂଜାପଣ୍ଡା ବିଜେ କରାଇ ଆଣିଥିବା ଆଜ୍ଞାମାଳ ଧରି ବିଜେ ପ୍ରତିମାଙ୍କ ସହ ପଟୁଆରରେ ଶ୍ରୀନଅର ନିକଟକୁ ବିଜେ କରିବେ। ଏହପରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରଖାଯାଇଥିବା ତିନିଖଣ୍ଡ ଧଉରା କାଠକୁ ବ୍ରାହ୍ମଣମାନଙ୍କ ଦ୍ୱାରା ରଥଖଳାରେ ବନଯାଗ ପଦ୍ଧତିରେ ରଥକାଠ ନୀତି ଅନୁକୂଳ କରାଯାଇଥାଏ। ବିଶ୍ୱକର୍ମା ମହାରଣା, ରୂପକାର, ଓଝା ଏବଂ ଭୋଇ ସେବକମାନଙ୍କ ଶାଢ଼ି ବନ୍ଧା ନୀତି ପାଟଯୋଷୀ ମହାପାତ୍ରଙ୍କ ଉପସ୍ଥିତିରେ ଦେଉଳ କାରଣ ସମାପନ କରିଥାନ୍ତି। ପରେ ରଥତ୍ରୟ ନିର୍ମାଣ କାର୍ଯ୍ୟର ଅନୁକୂଳ ନିମନ୍ତେ ପୂଜା ପାଇଁ ରଖାଯାଇଥିବା ତିନିଗୋଟି ଧଉରା କାଠରେ ଆଜ୍ଞାମାଳ ଲାଗିହେବ। ପରେ ତିନି ରଥର ମୁଖ୍ୟ ମହାରଣାମାନଙ୍କ ଦ୍ୱାରା ଉକ୍ତ ତିନିଗୋଟି କାଠରେ ଅସ୍ତ୍ର ଛୁଆଁ କରାଯାଇ ରଥ କାଠ ଅନୁକୂଳ ନୀତି କରାଯାଇଥାଏ। ତେବେ ଅକ୍ଷୟ ତୃତୀୟାକୁ ଆଉ ୧୦ଦିନ ଥିବା ହେତୁ କାଠ ଅନୁକୂଳ ପାଇଁ ବ୍ୟବହୃତ ହେଉଥିବା ଲୁହା କୁରାଢ଼ିକୁ ମଙ୍ଗଳବାର ଶ୍ରୀମନ୍ଦିର ଓଝା ସେବକ ନିର୍ମାଣ କରିଛନ୍ତି। ବଳଭଦ୍ର ବାଡ଼ର ମୁଖ୍ୟ ଓଝା ସେବକ ଜଗନ୍ନାଥ ମହାରଣା ନେତୃତ୍ୱରେ ଏହା ନିର୍ମାଣ କରାଯାଇଛି। ମହାରଣା କହିଛନ୍ତି, ଅକ୍ଷୟ ତୃତୀୟାରେ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ହେବ। ଅନୁକୂଳ ସମୟରେ ସୁନା, ରୁପା ସହ ଲୁହା କୁରାଢ଼ି ବ୍ୟବହାର କରାଯାଇଥାଏ। ବ୍ୟବହାର ହେଉଥିବା ୩ଟି ଲୁହା କୁରାଢ଼ିକୁ ସେ ନିର୍ମାଣ କରିଥାନ୍ତି। ତାଙ୍କୁ କୁରାଢ଼ି ତିଆରି କରିବାକୁ ୨ ଦିନ ସମୟ ଲାଗିଥିଲା। ସେ ଏହାକୁ ନାକରକୁ ହସ୍ତାନ୍ତର କରିବେ ବୋଲି ଜଗନ୍ନାଥ ମହାରଣା କହିଛନ୍ତି।

# ଅଗ୍ନିକାଣ୍ଡରେ ୬ କଣ୍ଟେନର ଜଳିଗଲା

କଟକ,୩୦।୪ (କାର୍ତ୍ତିକ ସାହୁ)



ଜଗତପୁର ଥାନା ଅନ୍ତର୍ଗତ ନଜରପୁରଠାରେ ସୋମବାର ରାତି ପ୍ରାୟ ୨ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏକ ନିର୍ମାଣ କମ୍ପାନୀର ଶ୍ରମିକମାନଙ୍କର ରହିବା ପାଇଁ ଥିବା ୬ଟି କଣ୍ଟେନରରେ ନିଆଁ ଲାଗି ଜଳିଯାଇଛି। ହେଲେ ସୌଭାଗ୍ୟବଶତଃ ଶ୍ରମିକମାନଙ୍କୁ କଣ୍ଟେନରଗୁଡ଼ିକ ମଧ୍ୟରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନାହାନ୍ତି। ଖବରପାଇ ଚାଉଳିଆଗଞ୍ଜରୁ ୨ଟି ଓ ବକ୍ସିବଜାରରୁ ଗୋଟିଏ ଦମକଳ ବାହିନୀ ପହଞ୍ଚି ପ୍ରାୟ ୩ ଘଣ୍ଟା ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏଥିରେ ପ୍ରାୟ ୪ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଉଛି ବୋଲି ଚାଉଳିଆଗଞ୍ଜ ଅଗ୍ନିଶମ ଅଧିକାରୀ ବିକାଶ କୁମାର ସାହୁ ସୂଚନା ଦେଇଛନ୍ତି।

# ରେଳଷ୍ଟେଶନ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା



ଭୁବନେଶ୍ୱର,୩୦।୪(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରା ମଙ୍ଗଳବାର କଟକ ଓ ଭୁବନେଶ୍ୱର ରେଳ ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ନୀରିକ୍ଷଣ କରି ରେଳ ଷ୍ଟେଶନରେ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିଛନ୍ତି। ନୀରିକ୍ଷଣ ସମୟରେ ମହାପ୍ରବନ୍ଧକ ରେଳ ଅଧିକାରୀମାନଙ୍କୁ ନିରାପଦ ତଥା ସୁଗମ ଟ୍ରେନ ଚଳାଚଳ ସୁନିଶ୍ଚିତ କରିବାକୁ ଆବଶ୍ୟକ ସତର୍କତା ଅବଲମ୍ବନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଯାତ୍ରୀଙ୍କ ସୁବିଧା ଠିକ୍ ସମୟରେ ସମାପ୍ତ କରିବା ପାଇଁ ଗୁରୁତ୍ୱ ଦିଆଯାଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣର ପ୍ରତିବଦ୍ଧତାକୁ ସାକାର କରିବାକୁ ବେହେରା କହିଛନ୍ତ। ଭୁବନେଶ୍ୱର ଓ କଟକ ଷ୍ଟେଶନଗୁଡ଼ିକୁ ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା ସହିତ ସହରର ଆକର୍ଷଣ କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ କଟକ ଓ ଭୁବନେଶ୍ୱର ରେଳଷ୍ଟେଶନର ଉଭୟ ପାର୍ଶ୍ୱ ପ୍ରବେଶ ପଥ ଏବଂ ଚଳପ୍ରଚଳ ଅଞ୍ଚଳ ସହିତ ପୁନର୍ବିକାଶ କାର୍ଯ୍ୟକୁ ବେହେରା ନିରୀକ୍ଷଣ କରିଛନ୍ତି। ସୂଚନା ଥାଉ କି, ପୁନର୍ବିକାଶ କାର୍ଯ୍ୟରେ ପ୍ରବେଶ ପଥଗୁଡ଼ିକ ସହିତ ପାର୍କିଂ, ପିକ୍‌ଅପ୍ ଏବଂ ଡ୍ରପ ପଏଣ୍ଟ, ଆମ୍ବୁଲାନ୍ସ ପାଇଁ ପାର୍କିଂ, ଭିଆଇପି ଯାନ ଇତ୍ୟାଦି ସୁବିଧା ପାଇବା ସହିତ ପ୍ରଶସ୍ତ ଆପ୍ରୋଚ ରୋଡ ରହିବ। ଏଥିସହ ଯାତ୍ରୀମାନଙ୍କ ପାଇଁ ଏୟାର କନକୋର୍ସ, ଫୁଟ ଓଭରବ୍ରିଜ, ଫୁଡ୍ ଷ୍ଟଲ, ଦିବ୍ୟାଙ୍ଗଜନ ସୁବିଧା, ବ୍ୟାଗେଜ ସ୍କାନର, ରିଟାଏରିଙ୍ଗ ରୁମ୍, ସିସିଟିଭି ଇତ୍ୟାଦି ସୁବିଧା ମିଳିବ। ପୂର୍ବତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଏ.ଜି. ଶ୍ରୀନିବାସଙ୍କ ନେତୃତ୍ୱରେ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ଏହି ନିରୀକ୍ଷଣ ସମୟରେ ଉପସ୍ଥିତ ଥିଲେ।

## ସାମୟିକ ଭାବେ ଏବିସି କାର୍ଯ୍ୟକ୍ରମ ବନ୍ଦ କଲା ବିଏମ୍‌ସି

ଭୁବନେଶ୍ୱର, ୩୦।୪ (ବନ୍ଦନା ସେଠୀ)

ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଚାଲିଥିବା କୁକୁର ବନ୍ଧ୍ୟାକରଣ (ଏବିସି) ଅସ୍ତ୍ରୋପଚାର ବନ୍ଦ ରଖାଯାଇଛି। ଏନେଇ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ସୂଚନା ଦେଇଛନ୍ତି। ଖରା ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବାବେଳେ, ଅତ୍ୟଧିକ ଉତ୍ତାପ ପାଇଁ କୁକୁରମାନେ ସ୍ୱାଭାବିକ ଭାବେ ଅସୁସ୍ଥତା ଅନୁଭବ କରିଥାନ୍ତି। ତେଣୁ ଏଭଳି ସ୍ଥିତିରେ କୁକୁର ବନ୍ଧ୍ୟାକରଣ (ଏବିସି) ଅସ୍ତ୍ରୋପଚାର ସମ୍ପୂର୍ଣ୍ଣ ନିଷେଧ ଅଭିଯୋଗ ହୋଇଥିଲା। ଏନେଇ ଭୁବନେଶ୍ୱର ମହାନଗର ନିଗମ ଅଧୀନରେ ଥିବା ଆନିମାଲ ବାର୍ଥ କଣ୍ଟ୍ରୋଲ ମନିଟରିଂ କମିଟି ସଦସ୍ୟ ଡା. ଦିଲ୍ଲୀପ ମିଶ୍ର ବିଏମ୍‌ସି କମିଶନରଙ୍କୁ ମେଲ୍ ମାଧ୍ୟମରେ ଅବଗତ କରାଇଥିଲେ। ଫଳରେ ସାମୟିକ ଭାବେ ଅସ୍ତ୍ରୋପଚାର ବନ୍ଦ ରଖିବା ପାଇଁ ବିଏମସି ନିଷ୍ପତ୍ତି ନେଇଛି। ବିଏମସିର ଏଭଳି ନିର୍ଦ୍ଦେଶ ପରେ ରାଜଧାନୀବାସୀ ଚିନ୍ତାରେ ପଡି ଯାଇଛନ୍ତି। ପୂର୍ବରୁ ମଧ୍ୟ ହାଇକୋର୍ଟ କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ଉପରେ ରୋକ୍ ଲଗାଇଥିଲେ। ୬ମାସରୁ ଊର୍ଦ୍ଧ୍ୱ ସମୟ ଏବିସି କାର୍ଯ୍ୟକ୍ରମ ବନ୍ଦ ରହିବା କାରଣରୁ ସହରରେ କୁକୁର ସଂଖ୍ୟା ବଢିବା ସହ ତାଙ୍କ ଦୌରାତ୍ମ୍ୟ ମଧ୍ୟ ବଢି ଚାଲିଥିଲା। ଏଭଳି ସ୍ଥିତିରେ ପୁଣି ଥରେ ଅସ୍ତ୍ରୋପଚାର ବନ୍ଦ କରିବାକୁ କିଛି ପ୍ରାଣୀପ୍ରେମୀ ନାପସନ୍ଦ କରିଛନ୍ତି।

# ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ ଜେଲ୍

## ସ୍ତ୍ରୀଙ୍କୁ ଛୁରା ମାଡ଼ କରି ହତ୍ୟା ମାମଲା

ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ସ୍ତ୍ରୀଙ୍କୁ ଛୁରାମାଡ଼ କରି ହତ୍ୟା କରିବା ମାମଲାରେ ମଙ୍ଗଳବାର ଭୁବନେଶ୍ୱର ଅତିରିକ୍ତ ସେସନ୍ସ ଜଜ-୨ଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ସ୍ୱାମୀ ସୁକାନ୍ତ ମଲ୍ଲିକ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଆଜୀବନ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ଅଭିଯୁକ୍ତଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲା ପିପିଲି ଅଞ୍ଚଳରେ ସୁକାନ୍ତଙ୍କ ଘର। ଅଭିଯୋଗକାରୀ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ମଝିଆ ଝିଅ ମୃତା ପୂଜାଙ୍କୁ ସୁକାନ୍ତ ୧୨ ବର୍ଷ ତଳେ ବିବାହ କରିଥିଲେ। ପରେ ସୁକାନ୍ତ ଜଟଣୀ ଥାନା ଅନ୍ତର୍ଗତ ପାଇକରାପୁରରେ ଅଟୋ ଚଳାଇ ପରିବାର ଚଳାଉଥିଲେ। ବିବାହ ପରେ ଉଭୟଙ୍କର ଦୁଇଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସୁକାନ୍ତ ପୂର୍ବରୁ ବିବାହିତ ଏବଂ ତାଙ୍କର ପିଲା ଥିବା କଥା ପୂଜା ଜାଣିବାକୁ ପାଇଥିଲେ। ଏହାକୁ କେନ୍ଦ୍ରକରି ସୁକାନ୍ତ ଓ ପୂଜାଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ହେଉଥିଲା। ଫଳରେ ପୂଜାଙ୍କୁ ପ୍ରାୟ ସମୟରେ ସୁକାନ୍ତ ମାଡ଼ ମାରୁଥିଲେ। ଫଳରେ ପୂଜା ଅଧିକଂଶ ସମୟରେ ବାପଘରେ ଯାଇ ରହୁଥିଲେ। ତେବେ ଆପୋସ ସମାଧାନ ପରେ ପୂଜା ତାଙ୍କ ସ୍ୱାମୀଙ୍କ ସହ ରହିଥିଲେ। ସୁକାନ୍ତ ଚଳାଉଥିବା ତାଙ୍କ ଅଟୋକୁ ଲୋନ୍‌ରେ ଆଣିଥିଲେ। ଏହାର କିସ୍ତି ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସେ ପୂଜାଙ୍କୁ ଟଙ୍କା ଯୋଗାଡ଼ କରିବାକୁ କହୁଥିଲେ। ଏପରିକି ବାପାଙ୍କୁ ମଧ୍ୟ ଏନେଇ ପୂଜା ଜଣାଇଥିଲେ। ଏହାକୁ କେନ୍ଦ୍ର କରି ୨୦୨୧ ଜୁନ ୨୫ ତାରିଖ ସକାଳ ପ୍ରାୟ ୯ଟା ବେଳେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ଉଗ୍ର ରୂପ ନେଇଥିଲା। ଏହି ସମୟରେ ଏକ ଛୁରିରେ ପୂଜାଙ୍କୁ ସୁକାନ୍ତ ହତ୍ୟା କରିଥିଲେ। ଅନ୍ତର୍ଯ୍ୟାମୀଙ୍କ ଏତଲାକୁ ଆଧାର କରି ଜଟଣୀ ଥାନା ପୋଲିସ ଏକ ମାମଲା (ନଂ. ୩୦୩/୨୦୨୧) ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ଅଦାଲତ ୧୩ ଜଣ ସାକ୍ଷୀ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସଲିଳ କୁମାର ପ୍ରଧାନ ପରିଚାଳନା କରିଥିଲେ।

# ମା' ମାଙ୍କଡ଼ କୋଳକୁ ଫେରିଲା ଛୁଆ

ପୁରୀ,୩୦।୪(ଅଜିତ୍ ମହାନ୍ତି)



ଗୋଟିଏ ମଣିଷ ଛୁଆ ପାଇଁ ତା'ର ମା' ବିକଳ ହେବା ଘଟଣା ଅନେକ ଥର ଦେଖିବାକୁ ମିଳିଥାଏ। ମାତ୍ର ଗୋଟିଏ ପଶୁର ମଧ୍ୟ ତା'ର ଛୁଆପ୍ରତି ସ୍ନେହ ମଧ୍ୟ କିଛି କମ୍ ନ ଥାଏ, ଯାହାର ଏକ ଜ୍ୱଳନ୍ତ ଉଦାହରଣ ପୁରୀରେ ଦେଖିବାକୁ ମିଳିଛି। ମେଡିକାଲ ଛକ ସାଲବେଗ ମଠ ନିକଟରେ ରହୁଥିବା ମା' ମାଙ୍କଡ଼ ତା'ର ପିଲାକୁ ଖୋଜୁଥିବାର ଦୃଶ୍ୟ ମଙ୍ଗଳବାର ବେଶ୍ ହୃଦୟସ୍ପର୍ଶୀ ଥିଲା। ମାଙ୍କଡ଼ଟି ତା'ର ଛୁଆକୁ ଖୋଜିବା ସମୟରେ କାକୁତିମିନତି ହୋଇ ସେହି ଅଞ୍ଚଳରେ ଥିବା ଲୋକମାନଙ୍କ ମୋବାଇଲ ଫୋନ ମଧ୍ୟ ଦେଖିବାକୁ ଛାଡୁ ନ ଥିଲା। ପରେ ସିସିଟିଭି ଫୁଟେଜକୁ ଆଧାର କରି ଉକ୍ତ ଛୁଆ ମାଙ୍କଡ଼କୁ ଚୋରି କରି ନେଇଥିବା ଜଣେ ଯୁବକଙ୍କ ଠାରୁ ଉଦ୍ଧାର କରାଯାଇ ମା' ନିକଟରେ ଛଡ଼ାଯାଇଛି। ମିଳିଥିବା ସୂଚନାନୁସାରେ ସୋମବାର ଛୁଆ ମାଙ୍କଡ଼ଟି ମା' ସହିତ ଖେଳୁଥିବାବେଳେ ଜଣେ ଯୁବକ ତାକୁ କୌଶଳକ୍ରମେ ନିଜ ଗଣ୍ଡିରେ ପୂରାଇ ନେଇଯାଇଥିଲେ। ତେବେ ଏହି ଦୃଶ୍ୟ ନିକଟରେ ଥିବା ଏକ ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଛୁଆକୁ ନ ପାଇ ମା' ମାଙ୍କଡ଼ଟି ଝୁରି ହୋଇ ଖୋଜି ବୁଲୁଥିଲା। ମଙ୍ଗଳବାର ଜଣେ ଯୁବକଙ୍କ ମୋବାଇଲରେ ଛୁଆର ଦୃଶ୍ୟ ଦେଖି ମା' ମାଙ୍କଡ଼ ଲୁହ ଗଡ଼ାଇ ଗେଲ କରିଥିଲା। ଏହା ଦେଖି ସ୍ଥାନୀୟ ଲୋକମାନେ ବେଶ୍ ଭାବପ୍ରବଣ ହୋଇଯାଇଥିଲେ। ସିସିଟିଭି ଫୁଟେଜକୁ ଆଧାର କରି ଛୁଆ ମାଙ୍କଡ଼କୁ ବିଭିନ୍ନ ସ୍ଥାନରେ ଖୋଜିଥିଲେ। ପରେ କେତେଜଣ ପଶୁପ୍ରେମୀ ପୋଲିସର ସହାୟତା ନେଇ ମାର୍କେଟ ଛକ ଅଞ୍ଚଳରୁ ଛୁଆ ମାଙ୍କଡ଼କୁ ନେଇ ରଖିଥିବା ଯୁବକଙ୍କୁ ଚିହ୍ନଟ କରି ତାଙ୍କ ଠାରୁ ମାଙ୍କଡ଼ଟିକୁ ଉଦ୍ଧାର କରି ତା' ମା' ନିକଟରେ ଛାଡ଼ିଥିଲେ।

## ଟ୍ରକ୍ ଚାଳକଙ୍କଠାରୁ ଚାନ୍ଦା ଆଦାୟ, ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ, ୩୦।୪(ସଚ୍ଚିଦାନନ୍ଦ ପଣ୍ଡା)

ଟ୍ରକ୍ ଚାଳକଙ୍କଠାରୁ ଚାନ୍ଦା ଆଦାୟ ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ରାଧାକିଶୋରପୁର ଗ୍ରାମର ସଞ୍ଜୟ ବେହେରା। ତାଙ୍କଠାରୁ ୬୮୦ ଟଙ୍କା ଓ ଲୁହାଛଡ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୦୦/୨୪) ରୁଜୁ ହୋଇଛି। ତାଙ୍କ ନାମରେ ବିଭିନ୍ନ ଥାନାରେ ୬ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ସେ ବାରମ୍ବାର କୋର୍ଟ ଆଦେଶକୁ ଅବମାନନା କରି ଧରାଛୁଆଁ ଦେଉ ନ ଥିଲେ।

# ପ୍ରଧାନ ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

ଟାଙ୍ଗୀ,୩୦।୪ (ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅନ୍ତର୍ଗତ ସାନକୁସୁମି ଗୋପୀନାଥ ସାମନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସର୍ବେଶ୍ୱର କର, କୁହୁଡି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ବାସୁଦେବ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସର୍ବେଶ୍ୱରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ଗୌରହରି ପଲାଇ, ସନ୍ତୋଷ ସାମନ୍ତ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ ବେହେରାଙ୍କ ସମେତ ଟାଙ୍ଗୀ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୈଳାସ ସାହୁ ଓ ରବୀନ୍ଦ୍ର ବେହେରା ସଂଯୋଜନା କରିଥିଲେ। ଶିକ୍ଷକ ସଞ୍ଜୟ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି କୁହୁଡି କ୍ଷେତ୍ରବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ପ୍ରସନ୍ନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଯୁଗ୍ମ ନିର୍ଦ୍ଦେଶକ ମହେଶ୍ୱର ସାହୁ, ମୁଖ୍ୟ ବକ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ, ସମ୍ମାନିତ ଅତିଥି ପୂର୍ବତନ ଶିକ୍ଷକ ନେତା ପ୍ରଫୁଲ୍ଲ କୁମାର ସାମନ୍ତସିଂହାର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ଶ୍ରୀଚନ୍ଦନ, ଅଶୋକ ବେହେରା, ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ସଞ୍ଜୟ କୁମାର ମହାପାତ୍ର, ଜିଲା ଶିକ୍ଷକ ସଂଘ ସଭାପତି ଜନ୍ମେଶ୍ୱର ମଲିକ, ଉପଦେଷ୍ଟା ବସନ୍ତ ପ୍ରହରାଜ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ଛୋଟରାୟ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ନୀଳାଦ୍ରି ଭୂଷଣ ଦାଶ, ମନୋଜ ମାନସିଂହ, ବ୍ଲକ ସମ୍ପାଦକ ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ଉଭୟ ପ୍ରଧାନ ଶିକ୍ଷକଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପେନସନ କାଗଜପତ୍ର ସମ୍ବର୍ଦ୍ଧନା ଉତ୍ସବରେ ପ୍ରଦାନ କରିଛନ୍ତି।

# ଗୋଟିଏ ମାସରେ ୧୦୦ ସଫଳ ଆଣ୍ଠୁ ପ୍ରତ୍ୟାରୋପଣ

ଭୁବନେଶ୍ୱର, ୩୦।୪(ଅସମାପିକା ସାହୁ)



କେୟାର ହସ୍ପିଟାଲ ଭୁବନେଶ୍ୱର ଚିକିତ୍ସା କ୍ଷେତ୍ରରେ ପୁଣି ଏକ ମାଇଲଷ୍ଟୋନ ଅତିକ୍ରମ କରିଛି। ଗତ ଏକ ମାସ ମଧ୍ୟରେ ସଫଳତାର ସହିତ ୧୦୦ରୁ ଊର୍ଦ୍ଧ୍ୱ ଆଣ୍ଠୁ ପ୍ରତ୍ୟାରୋପଣ କରି କେବଳ ଓଡ଼ିଶାରେ ନୁହେଁ, ସମଗ୍ର ପୂର୍ବ ଭାରତରେ ଏକ ରେକର୍ଡ ସୃଷ୍ଟି କରିଛି। ବର୍ତ୍ତମାନ ସମସ୍ତ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ନିଜର ସମସ୍ତ କାମ କରିପାରୁଛନ୍ତି ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ କେୟାର ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସନ୍ଦୀପ ସିଂହ ନିଜର ଖୁସି ବ୍ୟକ୍ତ କରିବା ସହିତ କେୟାର ହସ୍ପିଟାଲ ଭୁବନେଶ୍ୱର ବର୍ତ୍ତମାନ ଆଣ୍ଠୁ ପ୍ରତ୍ୟାରୋପଣ ସର୍ଜରି ଓଡ଼ିଶା ସମେତ ପୂର୍ବ ଭାରତରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି ବୋଲି କହିଛନ୍ତି। ଏଠାକୁ କେବଳ ଓଡ଼ିଶାର ବିଭିନ୍ନ ଜିଲାରୁ ନୁହେଁ ବରଂ ଅନ୍ୟ ରାଜ୍ୟରୁ ମଧ୍ୟ ବହୁ ରୋଗୀ ଚିକିତ୍ସା ପାଇଁ ଆସୁଥିବାର ଡା. ସିଂହ ସୂଚନା ଦେଇଛନ୍ତି। କେୟାର ହସ୍ପିଟାଲର ଏଚ୍‌ସିଓଓ କିସଲେ ଆନନ୍ଦ ଏହି ସଫଳତା ପାଇଁ ଡା. ସନ୍ଦୀପ ସିଂହ ଓ ତାଙ୍କ ପୂରା ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହିତ କେୟାର ହସ୍ପିଟାଲରେ ଅତ୍ୟାଧୁନିକ ଯନ୍ତ୍ରପାତି ଯେମିତିକି ଟିକ୍ସି ଅଗମେଣ୍ଟେଡ୍ ରିଆଲିଟି ମହଜୁଦ ରହିଛି। ରୋବଟ୍ ସାହାଯ୍ୟରେ ଆଣ୍ଠୁ ପ୍ରତ୍ୟାରୋପଣ ଅପରେଶନ କରାଯାଏ। ତା'ସହିତ ଏଠାରେ ଥିବା ଅତ୍ୟାଧୁନିକ ଅପରେଶନ ଥିଏଟର ଏବଂ ଅଭିଜ୍ଞ ଡାକ୍ତର ଓ ନର୍ସଙ୍କ ଟିମ୍ ଦ୍ୱାରା ଏହି ସଫଳତା ସମ୍ଭବ ହୋଇଛି। କେୟାର ହସ୍ପିଟାଲ ଭୁବନେଶ୍ୱରଠାରେ ଆଣ୍ଠୁ ପ୍ରତ୍ୟାରୋପଣ କରିବା ପାଇଁ ସମସ୍ତ ପ୍ରକାର ବୀମା କମ୍ପାନୀର ମଧ୍ୟ ସହଭାଗିତା ରହିଛି।

# ସରିଲା ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀ ମହୋତ୍ସବ

ବେଗୁନିଆ,୩୦।୪(ସନ୍ଧ୍ୟାରାଣୀ ମିଶ୍ର)




ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମରେ ଚାଲିଥିବା ଆଞ୍ଚଳିକ ପଲ୍ଲୀ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଜୟ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଲୋକ ସଭା ପ୍ରାର୍ଥୀ ୟାସିର ନୱାଜ ମୁଖ୍ୟ ଅତିଥି, ବେଗୁନିଆ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟବକ୍ତା, ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା, ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ସମିତି ସଭ୍ୟ ନମିତା ବେହେରା, ଦେଉଳି ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ କୁମାର ପାଇକରାୟ, ପ୍ରକାଶ ହାତୀ, ସାମାଜିକ କର୍ମୀ ଶିଶିର କୁମାର ଆଚାର୍ଯ୍ୟ, ଜାଗେଶ୍ୱର ମାଝି, ଫିରୋଜ ଅଲ୍ଲୀ ଖାଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହୋତ୍ସବ ଏକତା ସୂତ୍ରରେ ବାନ୍ଧି ରଖିଥାଏ ବୋଲି ମତପ୍ରକାଶ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦିବ୍ୟଲୋଚନ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଜନ୍ମେଶ୍ୱର ମଙ୍ଗରାଜ, ରତିକାନ୍ତ କହଳସିଂହ ଓ ପ୍ରସନ୍ନ କୁମାର ବିଶ୍ୱାଳ ସଂଯୋଜନା କରିଥିଲେ। ପରେ ସଙ୍ଗୀତକାର ଅଭିଜିତ ମଜୁମ୍‌ଦାର ମେଲୋଡି ଗ୍ରୁପ୍ ଓ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ସ୍ଥାନୀୟ ସରପଞ୍ଚ ତଥା ମହୋତ୍ସବର ଆବାହକ ଅକ୍ଷୟ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।



ଉତ୍ତର ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ଭୁବନେଶ୍ୱର ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



ଭୁବନେଶ୍ୱର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜଟଣୀର ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ବଳବନ୍ତରାୟ ନାମାଙ୍କନପତ୍ର ଦାଖଲ କରୁଛନ୍ତି।




ଉତ୍ତର ନିର୍ବାଚନମଣ୍ଡଳୀର ସିପିଆଇ ପ୍ରାର୍ଥୀ ଶଙ୍କର୍ଷଣ ବାରିକ ନାମାଙ୍କନପତ୍ର ଦାଖଲ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

## ନାମାଙ୍କନପତ୍ର ଦାଖଲ କଲେ ପ୍ରାର୍ଥୀ

**ଖୋର୍ଦ୍ଧା,୩୦।୪ (ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନର ଦ୍ୱିତୀୟ ଦିନରେ ଭୁବନେଶ୍ୱର ଲୋକ ସଭା ଆସନ ପାଇଁ କୌଣସି ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରି ନ ଥିବା ବେଳେ ୭ ନିର୍ବାଚନମଣ୍ଡଳୀରେ ୫ଜଣ ନାମାଙ୍କନ ଦାଖଲ କରିଥିବା ଜିଲା ନିର୍ବାଚନ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ୧୧୧ ଜୟଦେବ ପାଇଁ କୌଣସି ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। ୧୧୨ ମଧ୍ୟ(ଭୁବନେଶ୍ୱର) କୃପାଦୃଷ୍ଟି ଦଳରୁ ଶ୍ରୀକାନ୍ତ ସାମଲ, ୧୧୩ ଉତ୍ତର ପାଇଁ ବିଜେଡିରୁ ସୁଶାନ୍ତ କୁମାର ରାଉତ, ୧୧୪ ଏକାମ୍ର ପାଇଁ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିବା ବେଳେ ୧୧୫ ଜଟଣୀ ପାଇଁ ବିଜେଡିରୁ ବିଭୂତି ଭୂଷଣ ବଳବନ୍ତରାୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୧୧୬ ବେଗୁନିଆ ପାଇଁ ପ୍ରାର୍ଥିପତ୍ର ଦାଖଲ ହୋଇ ନ ଥିବା ବେଳେ ୧୧୭ ଖୋର୍ଦ୍ଧା ପାଇଁ ମାନସ ଲୋକଶକ୍ତି ଦଳରୁ ବିଶ୍ୱଜିତ ବେହେରା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକା ପାଇଁ କୌଣସି ପ୍ରାର୍ଥିପତ୍ର ଦାଖଲ ହୋଇନାହିଁ।



ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିବା କଳିଙ୍ଗ ନ୍ୟାଶନାଲ ଫ୍ରଣ୍ଟର ମଧ୍ୟ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ବସନ୍ତ ବେହେରା ଏବଂ ଏକାମ୍ର ନିର୍ବାଚନମଣ୍ଡଳୀ ପ୍ରାର୍ଥିନୀ ମଧୁଛନ୍ଦା ଜେନା।

**ସଂକ୍ଷେପରେ**

## ଅଗ୍ନିକାଣ୍ଡରେ ୬ କଣ୍ଟେନର ଜଳିଗଲା

**କଟକ,୩୦।୪ (କାର୍ତ୍ତିକ ସାହୁ)**

ଜଗତପୁର ଥାନା ଅନ୍ତର୍ଗତ ନଜରପୁରଠାରେ ସୋମବାର ରାତି ପ୍ରାୟ ୨ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏକ ନିର୍ମାଣ କମ୍ପାନୀର ଶ୍ରମିକମାନଙ୍କର ରହିବା ପାଇଁ ଥିବା ୬ଟି କଣ୍ଟେନରରେ ନିଆଁ ଲାଗି ଜଳିଯାଇଛି। ହେଲେ ସୌଭାଗ୍ୟବଶତଃ ଶ୍ରମିକମାନଙ୍କୁ କଣ୍ଟେନରଗୁଡ଼ିକ ମଧ୍ୟରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନାହାନ୍ତି। ଖବରପାଇ ଚାଉଳିଆଗଞ୍ଜରୁ ୨ଟି ଓ ବକ୍ସିବଜାରରୁ ଗୋଟିଏ ଦମକଳ ବାହିନୀ ପହଞ୍ଚି ପ୍ରାୟ ୩ ଘଣ୍ଟା ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏଥିରେ ପ୍ରାୟ ୪ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଉଛି ବୋଲି ଚାଉଳିଆଗଞ୍ଜ ଅଗ୍ନିଶମ ଅଧିକାରୀ ବିକାଶ କୁମାର ସାହୁ ସୂଚନା ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

**ବାଣପୁର,୩୦।୪(ଦିଲୀପ ସ୍ୱାଇଁ)**

ବାଣପୁର ଥାନା ଅନ୍ତର୍ଗତ ସାନହନ୍ତୁଆଡ଼ ନିକଟ ବାଉଁଶନଈ ବ୍ରିଜ୍ ନିକଟରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗମ୍ଭାରୀମୁଣ୍ଡା ପଙ୍ଖାଳ ଗ୍ରାମର ବଳରାମ ନାୟକ(୨୫)। ତେବେ ଆହତ ସୁମନ୍ତ ନାୟକଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବାଣପୁରରୁ ବଳରାମ ଓ ସୁମନ୍ତ ବାଇକରେ ପଙ୍ଖାଳ ଯାଉଥିବା ବେଳେ ସାନହନ୍ତୁଆଡ଼ ନିକଟ ବାଉଁଶନଈ ବ୍ରିଜ୍ ନିକଟରେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ବଳରାମଙ୍କ ମୃତ୍ୟୁ ଘଟିଥିବା ବେଳେ ସମ୍ପର୍କୀୟ ସୁମନ୍ତ ଆହତ ହୋଇଥିଲେ। ତେବେ ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଭୋଟର ସଚେତନତା ପାଇଁ ମିନି ମାରାଥନ



ମିନି ମାରାଥନରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଏବଂ ଅନ୍ୟମାନେ।

**ଭୁବନେଶ୍ୱର, ୩୦।୪ (ବନ୍ଦନା ସେଠୀ)**

ସମାଜର ସାମଗ୍ରିକ ବିକାଶ ପାଇଁ ଉପଯୁକ୍ତ ନେତା ନିର୍ବାଚିତ କରିବାକୁ ହେଲେ ସମସ୍ତ ଭୋଟର ମତଦାନ କରିବା ଦରକାର। ଏହାଦ୍ୱାରା ଗଣତନ୍ତ୍ର ସୁଦୃଢ ହେବା ସହ ଦେଶର ବିକାଶ ତ୍ୱରିତ ହେବ। ରାଜଧାନୀରେ ଅଧିକ ଶିକ୍ଷିତ ଲୋକ ବସବାସ କରୁଥିଲେ ମଧ୍ୟ ମତଦାନ ପାଇଁ ଯାଉନାହାନ୍ତି । ତେଣୁ ଭୋଟରମାନେ ଯେପରି ମତଦାନ କେନ୍ଦ୍ରକୁ ଯାଇ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ସେଥିପାଇଁ ଯୁବ ଭୋଟରମାନେ ସକ୍ରିୟ ଭୂମିକା ନିର୍ବାହ କରିବାକୁ ଆହ୍ୱାନ ଦିଆଯାଇଛି। ଭୁବନେଶ୍ୱର ମହାନଗର

**ସାମିଲ ହେଲେ ୫ଶହରୁ ଅଧିକ ମତଦାତା**

ନିଗମ (ବିଏମ୍‌ସି) ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ସହଯୋଗରେ ଭୋଟରମାନଙ୍କୁ ସଚେତନ କରାଇବା ପାଇଁ ମଙ୍ଗଳବାର ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଇନ୍‌ଫୋସିଟି ଛକରୁ ମିନି ମାରାଥନ୍ ଆରମ୍ଭ ହୋଇ କାନନ ବିହାର ଫେଜ୍-୧ ପାର୍କ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଯୋଗଦେଇଥିବାବେଳେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ବିଏମ୍‌ସି ସ୍ୱଚ୍ଛ ଆମ୍ବାସାଡର ତଥା ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ ସମେତ ବିଏମ୍‌ସି ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମାରାଥନରେ କିଟ୍, ସିଲିକନ ଓ ପ୍ରତିଭା ଦେବୀ ନର୍ସିଂ କଲେଜର ଛାତ୍ରୀଛାତ୍ରଙ୍କ ସମେତ ୫ଶହରୁ ଅଧିକ ନାଗରିକ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଥମଥର ଭୋଟ ଦେବାକୁ ଯାଉଥିବା ନୂତନ ଭୋଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେ' ୨୫ରେ ନିଜ ନିଜ ମତଦାନ କେନ୍ଦ୍ରରେ ନିଶ୍ଚିତ ଭୋଟ ଦେଇ ନିଜର ମତାଧିକାର ସାବ୍ୟସ୍ତ କରିବା ସହ ଦେଶ ଗଠନରେ ସକ୍ରିୟ ଭୂମିକା ନିଭାଇବା ପାଇଁ ଉପସ୍ଥିତ ଭୋଟରଙ୍କୁ ଶପଥ ପାଠ କରାଯାଇଥିଲା।

## ହାଇୱା ସାଇଡ ମାରିବାରୁ ଭାରସାମ୍ୟ ହରାଇ ଓଲଟିଲା ଅଟୋ

**ଚାଳକଙ୍କ ସହ ୪ ଗୁରୁତର**

**ଅସ୍ତରଙ୍ଗ,୩୦।୪(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)**

ଅସ୍ତରଙ୍ଗ ଥାନା ଅଧୀନ ଜିଉଁନ୍ତି ନିକଟରେ ଏକ ହାଇୱା ଦ୍ରୁତଗତିରେ ଆସି ସାଇଡ ମାରିବାରୁ ଯାତ୍ରୀ ନେଇଯାଉଥିବା ୩ ଚକିଆ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଅଟୋ ଡ୍ରାଇଭରଙ୍କ ସମେତ ୪ଜଣ ଯାତ୍ରୀ ଆହତ ହୋଇଛନ୍ତି। ଚାଳକ ଲକ୍ଷ୍ମୀଧର ଗୁଣ୍ଡୁ (୪୮) ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ୪ ଯାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ଅନ୍ୟ ଏକ ମେଡିକାଲକୁ ପଠାଯାଇଛି। ତେବେ ସେମାନଙ୍କ ପରିଚୟ ମିଳିପାରିନାହିଁ। ଖବର ପାଇ ଅସ୍ତରଙ୍ଗ ଥାନା ପୋଲିସ ଅଟୋକୁ ଜବତ କରିବା ସହ ଚାଳକ ଲକ୍ଷ୍ମୀଧରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ମୁତାବକ, ମଙ୍ଗଳବାର ମଧ୍ୟାହ୍ନ ସମୟରେ ଏକ ଯାତ୍ରୀବାହୀ ଅଟୋ (ଓଆର ୦୨ ବିଜେ ୦୯୩୮) ଅସ୍ତରଙ୍ଗରୁ ୪ଜଣ ଯାତ୍ରୀଙ୍କୁ ନେଇ କାକଟପୁର ଅଭିମୁଖେ ଯାଉଥିଲା। ବିପରୀତ ପାର୍ଶ୍ୱରୁ ଦ୍ରୁତ ଗତିରେ ଆସୁଥିବା ଏକ ହାଇୱା ସାଇଡ ମାରିବାରୁ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

## ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**ନାବାଳିକା ବଳାତ୍କାର ମାମଲା**

**ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଆଡ୍‌ହକ ଜିଲା ଦୌରାଜଜ୍ ତଥା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ପୋକ୍ସୋ) ଖଣ୍ଡଗିରି ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ବଳାତ୍କାର ମାମଲାରେ ମଙ୍ଗଳବାର ରାୟ ପ୍ରକାଶ କରି ଅଭିଯୁକ୍ତ ରମଜାନ ଖାନ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ରମଜାନଙ୍କୁ ୨୦ ବର୍ଷ ଜେଲଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟେ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ଏସ୍.କେ. ସାହୁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ଅଞ୍ଚଳରେ ୨୦୧୮ ଅକ୍ଟୋବର ୨୬ରେ ଏହି ବଳାତ୍କାର ଘଟଣା ଘଟିଥିଲା। ସକାଳ ପ୍ରାୟ ୬ଟା ୪୫ ବେଳେ ନାବାଳିକା ଜଣଙ୍କ ସ୍କୁଲ ଯିବା ପାଇଁ ତାଙ୍କ ଘର ସାମ୍ନା ଗେଟ୍ ପାଖରେ ଠିଆ ହୋଇ ଅଟୋକୁ ଅପେକ୍ଷା କରିଥିଲେ। ଏହି ସମୟରେ ଫେରିବାଲା ରମଜାନ୍ ସେଠାରେ ପହଞ୍ଚି ନାବାଳିକାଙ୍କୁ ଖେଳଣା କିଣିବା ପାଇଁ କହିଥିଲେ। ନାବାଳିକା ଜଣଙ୍କ ଖେଳନା ନେବେ ନାହିଁ ବୋଲି ମନା କରିଦେଇଥିଲେ। ତେବେ ହଠାତ୍ ନାବାଳିକାଙ୍କ ପାଟିକୁ



ଅଭିଯୁକ୍ତ ରମଜାନ୍ ଖାନ୍

ରମଜାନ୍ ଚାପିଧରି ତାଙ୍କୁ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ସେ ବଳାତ୍କାର କରିଥିଲେ। ଏହି ସମୟରେ ସ୍ଥାନୀୟ ଜଣେ ଲୋକ ଦେଖି ନାବାଳିକାଙ୍କୁ ଉଦ୍ଧାର କରିବା ପରେ ଅନ୍ୟମାନେ ପହଞ୍ଚି ରମଜାନ୍‌ଙ୍କୁ କାବୁ କରିଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ନାବାଳିକାଙ୍କ ମା'ଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ. ୪୯୬/ ୨୦୧୮) ରୁଜୁ କରିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରାଜୀବ ସାସ୍‌ମଲ ଓ ଅତିରିକ୍ତ ସରକାରୀ ଓକିଲ ବଳରାମ ଦେଓ ଏହି ମାମଲା ପରିଚାଳନା କରୁଥିଲେ।

## ବିଜେଡି ବିରୋଧରେ ସାଇବର ଥାନାରେ ଏତଲା ଦେଲା ଭାଜପା

**ଭୁବନେଶ୍ୱର, ୩୦।୪(ସୁନିତ୍ ମିଶ୍ର)**

ବିଜେଡି ଆଦିବାସୀ, କୃଷକ, ଦଳିତ ଓ ଓବିସି ବିରୋଧୀ ବୋଲି ରାଜ୍ୟବାସୀ ଜାଣିଛନ୍ତି। ପୂର୍ବରୁ ବିଜେଡି ଆଦିବାସୀଙ୍କ ଜମିକୁ ପୁଞ୍ଜିପତିମାନଙ୍କୁ ବିକ୍ରିକରିବା ପାଇଁ ଚକ୍ରାନ୍ତ କରିଥିଲା, ଯାହାକୁ ନେଇ ଭାଜପା ବିଧାନସଭାରେ ସ୍ୱର ଉଠାଇଥିଲା ଓ ବିଜେଡି ସରକାର ପଛକୁ ଘୁଞ୍ଚିଥିଲେ। ଏବେ ପୁଣି ନିର୍ବାଚନ ସମୟରେ ବିଜେଡି ସରଳ ଆଦିବାସୀମାନଙ୍କ ମନରେ ବିଷ ଭରିବା ପାଇଁ ଚାହୁଁଛି। ବିଜେଡିର ନବରଙ୍ଗପୁରର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଏକ ନିର୍ବାଚନୀ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଏକ ନକଲି ଭିଡିଓ ଦେଖାଇ ଭାଜପାକୁ ଭୋଟ ନ ଦେବା ପାଇଁ କହୁଛନ୍ତି। ଏହା କେବଳ ଆଚରଣ ବିଧିର ଉଲ୍ଲଂଘନ ନୁହେଁ ବରଂ ଆଦିବାସୀଙ୍କୁ ହିଂସା କରିବା ପାଇଁ ଉସୁକାଇବାର ଅପଚେଷ୍ଟା ବୋଲି ଭାଜପା ଅଭିଯୋଗ କରିଛି। ଜାତୀୟସ୍ତରରେ କଂଗ୍ରେସ ଓ ଓଡ଼ିଶାରେ ବିଜେଡି ବର୍ତ୍ତମାନ ଗୋଟିଏ ଡଙ୍ଗାରେ ବସି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ନକଲି ଭିଡିଓ ନେଇ ଅପପ୍ରଚାର କରୁଛନ୍ତି। ଯେଉଁମାନେ ଏଭଳି ଶସ୍ତା ଏବଂ ମନ୍ଦ ଉପାୟରେ ରାଜନୀତି କରିବାକୁ ଯାଇ ଦେଶର ବାତାବରଣ ନଷ୍ଟ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି ସେମାନଙ୍କୁ ଗିରଫ କରିବା ନେଇ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ସାଇବର ଥାନାରେ ଏତଲା ଦେଇଛି। ଭୋଟ ବେଳେ ବିଜେଡି ସର୍ବଦା ନୂଆ ନୂଆ କାର୍ଯ୍ୟ କରି ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରିଆସୁଛି ବୋଲି ଭାଜପା ଅଭିଯୋଗ କରିଛି।

## ଗୋଟିଏ ମାସରେ ୧୦୦ ସଫଳ ଆଣ୍ଠୁ ପ୍ରତ୍ୟାରୋପଣ

**କେୟାର ହସ୍ପିଟାଲର ମାଇଲ୍‌ଷ୍ଟୋନ ସଫଳତା**

**ଭୁବନେଶ୍ୱର, ୩୦।୪(ଅସମାପିକା ସାହୁ)**

କେୟାର ହସ୍ପିଟାଲ ଭୁବନେଶ୍ୱର ଚିକିତ୍ସା କ୍ଷେତ୍ରରେ ପୁଣି ଏକ ମାଇଲଷ୍ଟୋନ ଅତିକ୍ରମ କରିଛି। ଗତ ଏକ ମାସ ମଧ୍ୟରେ ସଫଳତାର ସହିତ ୧୦୦ରୁ ଊର୍ଦ୍ଧ୍ୱ ଆଣ୍ଠୁ ପ୍ରତ୍ୟାରୋପଣ କରି କେବଳ ଓଡ଼ିଶାରେ ନୁହେଁ, ସମଗ୍ର ପୂର୍ବ ଭାରତରେ ଏକ ରେକର୍ଡ ସୃଷ୍ଟି କରିଛି। ବର୍ତ୍ତମାନ ସମସ୍ତ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ନିଜର ସମସ୍ତ କାମ କରିପାରୁଛନ୍ତି ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ କେୟାର ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସନ୍ଦୀପ ସିଂହ ନିଜର ଖୁସି ବ୍ୟକ୍ତ କରିବା ସହିତ କେୟାର ହସ୍ପିଟାଲ ଭୁବନେଶ୍ୱର ବର୍ତ୍ତମାନ ଆଣ୍ଠୁ ପ୍ରତ୍ୟାରୋପଣ ସର୍ଜରି ଓଡ଼ିଶା



ସଫଳତା ପରେ ଡ଼ାକ୍ତର ଓ କର୍ମଚାରୀମାନେ କେକ୍ କାଟି ଖୁସି ମନାଉଛନ୍ତି।

ସମେତ ପୂର୍ବ ଭାରତରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି ବୋଲି କହିଛନ୍ତି। ଏଠାକୁ କେବଳ ଓଡ଼ିଶାର ବିଭିନ୍ନ ଜିଲାରୁ ନୁହେଁ ବରଂ ଅନ୍ୟ ରାଜ୍ୟରୁ ମଧ୍ୟ ବହୁ ରୋଗୀ ଚିକିତ୍ସା ପାଇଁ ଆସୁଥିବାର ଡା. ସିଂହ ସୂଚନା ଦେଇଛନ୍ତି। କେୟାର ହସ୍ପିଟାଲର ଏଚ୍‌ସିଓଓ କିସଲେ ଆନନ୍ଦ ଏହି ସଫଳତା ପାଇଁ ଡା. ସନ୍ଦୀପ ସିଂହ ଓ ତାଙ୍କ ପୁରା ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହିତ କେୟାର ହସ୍ପିଟାଲରେ ଅତ୍ୟାଧୁନିକ ଯନ୍ତ୍ରପାତି ଯେମିତିକି ମିକ୍ସ ଅଗମେଣ୍ଟେଡ୍ ରିଆଲିଟି ମହଜୁଦ ରହିଛି। ରୋବଟ୍ ସାହାଯ୍ୟରେ ଆଣ୍ଠୁ ପ୍ରତ୍ୟାରୋପଣ ଅପରେଶନ କରାଯାଏ। ତା'ସହିତ ଏଠାରେ ଥିବା ଅତ୍ୟାଧୁନିକ ଅପରେଶନ ଥିଏଟର ଏବଂ ଅଭିଜ୍ଞ ଡାକ୍ତର ଓ ନର୍ସଙ୍କ ଟିମ୍ ଦ୍ୱାରା ଏହି ସଫଳତା ସମ୍ଭବ ହୋଇଛି। କେୟାର ହସ୍ପିଟାଲ ଭୁବନେଶ୍ୱରଠାରେ ଆଣ୍ଠୁ ପ୍ରତ୍ୟାରୋପଣ କରିବା ପାଇଁ ସମସ୍ତ ପ୍ରକାର ବୀମା କମ୍ପାନୀର ମଧ୍ୟ ସହଭାଗିତା ରହିଛି।

# ସଂକ୍ଷେପରେ

## ୩ ଘରୁ ଲକ୍ଷାଧିକ ଟଙ୍କା, ସୁନା ଗହଣା ଚୋରି

ଟିଗିରିଆ,୩୦।୪(ଜାଫର ଖାଁ)

ଟିଗିରିଆ ଥାନା ଅନ୍ତର୍ଗତ ପଙ୍କାଳ ଗ୍ରାମରେ ସୋମବାର ରାତିରେ ୩ଟି ଘରୁ ଚୋରି ହୋଇଛି। ଝରକା ତାଡ଼ି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା, ସୁନା, ରୁପା ଗହଣା ଓ ବୈଦେଶିକ ମୁଦ୍ରା ଚୋରି କରିନେଇଛନ୍ତି। ଏନେଇ ଟିଗିରିଆ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ଚୋରି ହୋଇଥିବା ଘରଗୁଡ଼ିକ ମଧ୍ୟରୁ ୨ ଜଣ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ବୋଲି ଜଣାପଡ଼ିଛି। ଖବର ଅନୁଯାୟୀ, ଜବାରକ ଖାଁ ଅବସରପ୍ରାପ୍ତ ଓଡିଶା ପୋଲିସର ଜାତୀୟ ପୋଲିସ ଶଟର ଚାମ୍ପିୟନ। ସେ ତାଙ୍କ ଘରେ ଏକୁଟିଆ ଥିବାବେଳେ ସୋମବାର ବିଳମ୍ବିତ ରାତିରେ ଚୋରମାନେ ଗୋଟିଏ ଘରର ଝରକା ତାଡି ଭିତରକୁ ପଶି ଆଲମିରାରୁ ଏକ ଲକ୍ଷ ଟଙ୍କା, ୮ ଟି ସୁନା ମୁଦି, ସୁନା କାନଫୁଲ ଚୋରି କରିନେଇଛନ୍ତି। ତାଙ୍କ ପଡୋଶୀ ମହମ୍ମଦ ମମତାଜ ଅଲ୍ଲୀଙ୍କ ଘରୁ ସମାନ ଢଙ୍ଗରେ ଝରକା କାଟି ଚୋରମାନେ ୧୨ ହଜାର ଟଙ୍କା, ୨୦ ଗ୍ରାମର ସୁନା ଗହଣା, ରୁପା ଗହଣା, ସହ ୧୦୩ ଖଣ୍ଡ ବୈଦେଶିକ ମୁଦ୍ରା (ଡଲାର ) ନେଇଯାଇଛନ୍ତି।

ସେହିପରି ମହମ୍ମଦ ନଇମୁଲ ହକ୍‌ଙ୍କ ଝରକା ତାଡି ଆଲମାରି ଭାଙ୍ଗି ୧୦ ହଜାର ଟଙ୍କା ସହ ସୁନା, ରୁପା ଗହଣା ଚୋରି ହୋଇଥିବା ନେଇ ଟିଗିରିଆ ଥାନାରେ ଜବାରକ, ନଇମୁଲ ଓ ମମତାଜ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୧୫/୨୪) ରୁଜୁ କରି ସାଇଣ୍ଟିଫିକ ଟିମ୍ ଦାରା ତଦନ୍ତ କରିଛି ବୋଲି ଟିଗିରିଆ ଆଇଆଇସି ଜ୍ଞାନରଞ୍ଜନ ସାମଲ ପ୍ରକାଶ କରିଛନ୍ତି।

## ବ୍ଲକ କିରୋସିନ ହୋଲସେଲରଙ୍କ ଅକାଳ ବିୟୋଗ

ନିଶ୍ଚିନ୍ତକୋଇଲି,୩୦।୪ (ଅଶୋକ କୁମାର ମହାପାତ୍ର):

ନିଶ୍ଚିନ୍ତକୋଇଲି ବ୍ଲକ କିରୋସିନ ହୋଲସେଲର ଗୁରୁଚରଣ ସାହୁ(୭୧)ଙ୍କ ଚିକିତ୍ସାଧିନ ଅବସ୍ଥାରେ ସୋମବାର ରାତିରେ ପରଲୋକ ଘଟିଛି। ତାଙ୍କ ପୈତୃକ ଗ୍ରାମ କେନ୍ଦ୍ରାପଡା ଜିଲା ଡେରାବିଶ ବ୍ଲକ ଛଚିଣାବଳଭଦ୍ରପୁର ଗ୍ରାମରେ ହୋଇଥିବାବେଳେ ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ପଞ୍ଚାୟତ ଗୋପପୁର ପଣସପଡ଼ିଆ ନିକଟରେ ସ୍ଥାୟୀ ଗୃହ ନିର୍ମାଣ କରି ପରିବାର ସହ ରହି ଆସୁଥିଲେ। ନିକଟରେ ସାହୁ ନିଶ୍ଚିନ୍ତକୋଇଲି ବଜାରରେ ହୋଇଥିବା ମା'କାମାକ୍ଷା ଦୁର୍ଗାଙ୍କ ନିକଟରେ ପୂଜାର୍ଚ୍ଚନା କରି ଏକ ବାଇକ ଯୋଗେ ଘରକୁ ଫେରୁଥିଲେ। ଘର ସମ୍ମୁଖରେ ଏକ ଅଜଣା ବାଇକ ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିଲା। ପରେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଗୁରୁଚରଣଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# କଟକ, ଭୁବନେଶ୍ୱର ରେଳଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା

### ସୁଗମ ଟ୍ରେନ ଚଳାଚଳ ସୁନିଶ୍ଚିତ ପାଇଁ ପରାମର୍ଶ ଦେଲେ ପୂର୍ବତଟ ରେଳପଥ କାର୍ଯ୍ୟକାରୀ ମହାପ୍ରବନ୍ଧକ

ଭୁବନେଶ୍ୱର,୩୦।୪(ଅନୁରାଧା ମହାରଣା)



ପୂର୍ବତଟ ରେଳପଥ କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରା ମଙ୍ଗଳବାର କଟକ ଓ ଭୁବନେଶ୍ୱର ରେଳ ଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ନୀରିକ୍ଷଣ କରି ରେଳ ଷ୍ଟେଶନରେ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରିଛନ୍ତି। ନୀରିକ୍ଷଣ ସମୟରେ ମହାପ୍ରବନ୍ଧକ ରେଳ ଅଧିକାରୀମାନଙ୍କୁ ନିରାପଦ ତଥା ସୁଗମ ଟ୍ରେନ ଚଳାଚଳ ସୁନିଶ୍ଚିତ କରିବାକୁ ଆବଶ୍ୟକ ସତର୍କତା ଅବଲମ୍ବନ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଭିତ୍ତିଭୂମି ସମ୍ବନ୍ଧୀୟ ପ୍ରକଳ୍ପ ଏବଂ ଯାତ୍ରୀଙ୍କ ସୁବିଧା ଠିକ୍ ସମୟରେ ସମାପ୍ତ କରିବା ପାଇଁ ଗୁରୁତ୍ୱ ଦିଆଯାଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣର ପ୍ରତିବଦ୍ଧତାକୁ ସାକାର କରିବାକୁ ବେହେରା କହିଛନ୍ତ। ଭୁବନେଶ୍ୱର ଓ କଟକ ଷ୍ଟେଶନଗୁଡ଼ିକୁ ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା ସହିତ ସହରର ଆକର୍ଷଣ କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ କଟକ ଓ ଭୁବନେଶ୍ୱର ରେଳଷ୍ଟେଶନର ଉଭୟ ପାର୍ଶ୍ୱ ପ୍ରବେଶ ପଥ ଏବଂ ଚଳପ୍ରଚଳ ଅଞ୍ଚଳ ସହିତ ପୁନର୍ବିକାଶ କାର୍ଯ୍ୟକୁ ବେହେରା ନିରୀକ୍ଷଣ କରିଛନ୍ତି। ସୂଚନା ଥାଉ କି, ପୁନର୍ବିକାଶ କାର୍ଯ୍ୟରେ ପ୍ରବେଶ ପଥଗୁଡିକ ସହିତ ପାର୍କିଂ, ପିକ୍‌ଅପ୍ ଏବଂ ଡ୍ରପ ପଏଣ୍ଟ, ଆମ୍ବୁଲାନ୍ସ ପାଇଁ ପାର୍କିଂ, ଭିଆଇପି ଯାନ ଇତ୍ୟାଦି ସୁବିଧା ପାଇବା ସହିତ ପ୍ରଶସ୍ତ ଆପ୍ରୋଚ ରୋଡ ରହିବ। ଏଥିସହ ଯାତ୍ରୀମାନଙ୍କ ପାଇଁ ଏୟାର କନକୋର୍ସ, ଫୁଟ ଓଭରବ୍ରିଜ, ଫୁଡ୍ ଷ୍ଟଲ, ଦିବ୍ୟାଙ୍ଗଜନ ସୁବିଧା, ବ୍ୟାଗେଜ ସ୍କାନର, ରିଟାଏରିଙ୍ଗ ରୁମ୍, ସିସିଟିଭି ଇତ୍ୟାଦି ସୁବିଧା ମିଳିବ। ପୂର୍ବତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଏ.ଜି. ଶ୍ରୀନିବାସଙ୍କ ନେତୃତ୍ୱରେ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ଏହି ନିରୀକ୍ଷଣ ସମୟରେ ଉପସ୍ଥିତ ଥିଲେ।




ଭୁବନେଶ୍ୱରଠାରେ ମଙ୍ଗଳବାର ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ମହିଳା ସଙ୍ଗଠନ (ଫିକି ଫ୍ଲୋ) ପକ୍ଷରୁ ଆୟୋଜିତ 'ହାଓ ଟୁ ବ୍ରେକ୍ ଦ ଗ୍ଲାସ ସେଲିଂ' ଶୀର୍ଷକ ଟକ୍ ଶୋ' ଅବସରରେ ଅଭିନେତ୍ରୀ ନନ୍ଦିତା ଦାସ ରୁଚି ଫୁଡ୍ ଲାଇନ୍‌ର ନିର୍ଦ୍ଦେଶିକା ସଙ୍ଗୀତା ସାହୁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଛୁରି ଭୁସି ମରଣାନ୍ତକ ଆକ୍ରମଣ ମାମଲା: ଦୋଷୀଙ୍କୁ ୨ବର୍ଷ କାରାଦଣ୍ଡ

ବାଙ୍କୀ,୩୦।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ କୋର୍ଟ ଅଧୀନ ଢ଼ୋଲକାଠ ଗ୍ରାମର ଚନ୍ଦ୍ରମଣି ମାଝିଙ୍କୁ ୧୮।୩।୨୩ରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ବାଙ୍କୀ ସହକାରୀ ଦୌରାଜଜ୍ ନବନୀତା ଦାଶ ମଙ୍ଗଳବାର ଏହି ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ବିକ୍ରମ ମାଝିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହି ମକଦ୍ଦମାକୁ ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ରାଜକିଶୋର ମହାପାତ୍ର ପରିଚାଳନା କରିଥିଲେ। ଚନ୍ଦ୍ରମଣି ଘଟଣା ଦିନ ସକାଳେ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯିବା ସମୟରେ ଉକ୍ତ ଗ୍ରାମର ବିକ୍ରମ ତାଙ୍କୁ ପଛପଟରୁ ଆକ୍ରମଣ କରି ଡାହାଣ ପଟ ପେଟରେ ଛୁରି ଭୁସି ଦେଇଥିଲେ। ଫଳରେ ଚନ୍ଦ୍ରମଣି ରକ୍ତାକ୍ତ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଓ ଗ୍ରାମବାସୀ ଖବରପାଇ ଚନ୍ଦ୍ରମଣିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଡମପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ଏ ସମ୍ପର୍କରେ ଚନ୍ଦ୍ରମଣିଙ୍କ ଭାଇ ସୂର୍ଯ୍ୟକାନ୍ତ ମାଝୀ ବାଙ୍କୀ ଥାନା ଅଧିନ ତାଳବସ୍ତ ଫାଣ୍ଡିରେ ଏତଲା ଦେଇଥିଲେ । ଏହାପରେ ଏକ ମାମଲା ରୁଜୁ କରାଯାଇ ବିକ୍ରମଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଦୌରାଜଜ୍ ନବନୀତା ବିକ୍ରମଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି।

## ଆତ୍ମରକ୍ଷା କୌଶଳରେ ଛାତ୍ରୀ ନିଜକୁ, ପରିବାରକୁ ସୁରକ୍ଷିତ କରିପାରିବେ




ଶିବିରରେ ଯୋଗଦେଇଥିବା ଛାତ୍ରୀ ଓ ଅନ୍ୟମାନେ।

ବାଙ୍କୀ,୩୦।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଆନୁକୁଲ୍ୟ ୨୦ଦିନ ବ୍ୟାପି ଚାଲିଥିବା ଆତ୍ମାରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସହାୟତାରେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଛି। ଶିବିରର ସଂଯୋଜିକା ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁକ୍ତ ୨ ଅଧକ୍ଷ ପ୍ରାଧ୍ୟାପକ ସମୀର କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ଅଧକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା ଯୋଗଦେଇ ଛାତ୍ରୀମାନେ ନିଜକୁ ସୁରକ୍ଷା ଦେବା ସହ ପରିବାରକୁ ସୁରକ୍ଷା ଦେଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଅଧକ୍ଷ ଡ. ନିରଞ୍ଜନ ମହାନ୍ତି, ପୂର୍ବତନ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ପୂର୍ବତନ ଅଧକ୍ଷ ଡ.ଅମରେନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ଡ. ଶଶିଭୂଷଣ ମହାପାତ୍ର ଓ ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଯୋଗଦେଇଥିଲେ। ଉକ୍ତ ଶିବିରକୁ ଅଧ୍ୟାପିକା ରୋଜାଲିନ ମହାନ୍ତି ପରିଚାଳନା କରିଥିବା ବେଳେ ପ୍ରଶିକ୍ଷିକା ଏଲିନା ଦାଶ ଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ନେଇଥିବା ୫୦ଜଣ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ବଣ୍ଟନ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଅଧ୍ୟାପିକା ସରସ୍ୱତୀ ଦେଉରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଙ୍କୀରେ ନିର୍ବାଚନ ଆୟୋଗ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କର ସମୀକ୍ଷା

ବାଙ୍କୀ,୩୦।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ଭାରତ ନିର୍ବାଚନ ଆୟୋଗଙ୍କ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପିୟୁଷ ବରଷୁ ବାଧେ (ଭାରତୀୟ ରାଜସ୍ୱ ସେବା) ବାଙ୍କୀ ନିର୍ବାଚନ ମଣ୍ଡଳି ଗସ୍ତ କରି ସାଧାରଣ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପିୟୁଷ ଏବଂ ଉପଜିଲାପାଳ ଦେବୀପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଆୟୋଜନ କରାଯାଇଥିଲା। ଏହି ଅବସରରେ ପିୟୁଷ କହିଥିଲେ, ନିର୍ବାଚନରେ ନିୟୋଜିତ ଅଧିକାରୀମାନେ ନିଜର କାର୍ଯ୍ୟକୁ ଠିକ୍ ଓ ସୂଚାରୁ ରୂପେ ପରିଚାଳନା କରନ୍ତୁ। ନିର୍ବାଚନ ଆଚରଣ ବିଧି, ବାଙ୍କୀ ନିର୍ବାଚନମଣ୍ଡଳିରେ ସଠିକ ରୂପେ ପାଳନ ହେଉଛି କି ନାହିଁ ସେସମ୍ପର୍କରେ ପଚାରି ବୁଝିଥିଲେ। ଏହି ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଜୟ ମହାପାତ୍ର, ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରଣବ କୁମାର ଦାଶ, ଡେପୁଟି କଲେକ୍ଟର ହୃଷିକେଶ ତ୍ରିପାଠୀ, ସହକାରୀ ଜିଲାପାଳ ଧନଞ୍ଜୟ କିଷାନ ଓ ପର୍ଶୁରାମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ୬ କଣ୍ଟେନର ଜଳିଗଲା

କଟକ,୩୦।୪ (କାର୍ତ୍ତିକ ସାହୁ)



ଜଗତପୁର ଥାନା ଅନ୍ତର୍ଗତ ନଜରପୁରଠାରେ ସୋମବାର ରାତି ପ୍ରାୟ ୨ଟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏକ ନିର୍ମାଣ କମ୍ପାନୀର ଶ୍ରମିକମାନଙ୍କର ରହିବା ପାଇଁ ଥିବା ୬ଟି କଣ୍ଟେନରରେ ନିଆଁ ଲାଗି ଜଳିଯାଇଛି। ହେଲେ ସୌଭାଗ୍ୟବଶତଃ ଶ୍ରମିକମାନଙ୍କୁ କଣ୍ଟେନରଗୁଡ଼ିକ ମଧ୍ୟରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନାହାନ୍ତି। ଖବରପାଇ ଚାଉଳିଆଗଞ୍ଜରୁ ୨ଟି ଓ ବକ୍ସିବଜାରରୁ ଗୋଟିଏ ଦମକଳ ବାହିନୀ ପହଞ୍ଚି ପ୍ରାୟ ୩ ଘଣ୍ଟା ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଏଥିରେ ପ୍ରାୟ ୪ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଉଛି ବୋଲି ଚାଉଳିଆଗଞ୍ଜ ଅଗ୍ନିଶମ ଅଧିକାରୀ ବିକାଶ କୁମାର ସାହୁ ସୂଚନା ଦେଇଛନ୍ତି।

## ଟ୍ରକ୍ ଦୁର୍ଘଟଣାରେ ୩ ଆହତ

### ବିଧାୟକ ପ୍ରାର୍ଥୀଙ୍କ ଶୋଭାଯାତ୍ରା ବେଳେ ଅଘଟଣ

ବଡ଼ମ୍ବା,୩୦।୪(ମାୟାଧର ମଲ୍ଲିକ)

ବଡ଼ମ୍ବା ବିଧାନସଭା ନିର୍ବାମଣ୍ଡଳୀ ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଥିବା ବେଳେ ଗାନ୍ଧୀ ଛକରେ ରାସ୍ତାର ଅପରପାର୍ଶ୍ୱରେ ଏକ ଟ୍ରକ୍ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ଏଥିସହ ସେଠାରେ କେତୋଟି ବାଇକ୍ ଓ ସାଇକେଲ ଭାଙ୍ଗି ଯାଇଛି। ଆହତମାନେ ହେଲେ ବଡ଼ମ୍ବାର ଆଲୋକ ନାୟକ, ନୁଖାପଡାର ରତି ରଞ୍ଜନ ବେହେରା ଓ ବାଙ୍କୀ କଳାପଥର ଅଞ୍ଚଳର ଜୟନ୍ତ ପାଣିଗ୍ରାହୀ। ସେମାନଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆଲୋକ ଓ ରତି ରଞ୍ଜନଙ୍କୁ ଅଧିକ ଚିକିତ୍ସା ଲାଗି କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିଛି। ଯାନ୍ତ୍ରିକ ତ୍ରୁଟି ଯୋଗୁ ବ୍ରେକ ଫେଲ ହେବାରୁ ଏହି ଦୁର୍ଘଟଣା ଘଟିଛି ବୋଲି ଟ୍ରକ ଚାଳକ କହିଛନ୍ତି। ଦେବୀ ପ୍ରସାଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତମାନଙ୍କୁ ଭେଟି ସେମାନଙ୍କ ଆରୋଗ୍ୟ କାମନା କରିଛନ୍ତି।



ଦୁର୍ଘଟଣାରେ ଭାଙ୍ଗିଯାଇଥିବା ସାଇକେଲ୍

## ବିଜେଡିର ମିଶ୍ରଣ ପର୍ବ

ସାଲେପୁର,୩୦।୪(ଅରବିନ୍ଦ ଭୂୟାଁ)–

ସାଲେପୁର ବିଜେଡି କାର୍ଯ୍ୟାଳୟରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ ଏକାଧିକ ପଞ୍ଚାୟତର ବହୁ ଅନ୍ୟ ଦଳର କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଏହି ଅବସରରେ ମାଳଶାସନ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷ ରମେଶ ଜେନାଙ୍କ ନେତୃତ୍ୱରେ ଲେଖନପୁର ଗ୍ରାମର ଭାଜପା ସରପଞ୍ଚ ପ୍ରାର୍ଥୀ ଜିତେନ୍ଦ୍ର ଦାଶ, ମଥୁରୀଚରଣ ବେହେରା, ପର୍ଶୁରାମ ପରିଡ଼ା, କେଦାର ଭୋଇ, ଉପେନ୍ଦ୍ର ବେହେରା, ସୌମ୍ୟରଞ୍ଜନ ପରିଡ଼ା, ଦୀନବନ୍ଧୁ ସାହୁ, ଜଗନ୍ନାଥ ବେହେରା ପମୁଖ ବିଜେଡିରେ ଯୋଗଦେଇଛନ୍ତି। ସେହିପରି ମାଳଶାସନ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରାର୍ଥୀ ବଳରାମ ସେଠୀ, ସୁକାନ୍ତ ସେଠୀ, ଅକ୍ଷୟ କୁମାର ସାମଲ, ଶ୍ରୀମନ୍ତ ସାମଲ, ଜତିନ୍ଦ କୁମାର ସ୍ୱାଇଁ, କାଶିନାଥ ସେଠୀ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ତରିତୋ ପଞ୍ଚାୟତର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତର ୮ଜଣ ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିବା ଜଣାଯାଇଛି। ତରିତୋ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରାଜୀବ ସେଠୀଙ୍କ ସଭାପତିତ୍ୱରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ନୂତନ ଭାବେ ଯୋଗଦେଇଥିବା ସମସ୍ତ କର୍ମୀଙ୍କୁ ବିଧାୟକ ପ୍ରଶାନ୍ତ ବେହେରା ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ବାଣପୁର,୩୦।୪(ଦିଲୀପ ସ୍ୱାଇଁ)

ବାଣପୁର ଥାନା ଅନ୍ତର୍ଗତ ସାନହନ୍ତୁଆଡ଼ ନିକଟ ବାଉଁଶନଈ ବ୍ରିଜ୍ ନିକଟରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗମ୍ଭାରୀମୁଣ୍ଡା ପଙ୍କାଳ ଗ୍ରାମର ବଳରାମ ନାୟକ(୨୫)। ତେବେ ଆହତ ସୁମନ୍ତ ନାୟକଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ନାମାଙ୍କନ ପତ୍ର ଦାଖଲ କଲେ ବିଧାୟକ ଦେବୀ ପ୍ରସାଦ



ବଡ଼ମ୍ବା ବିଧାନସଭା ଆସନ ପାଇଁ ବିଜେଡିରୁ ଦେବୀ ପ୍ରସାଦ ମିଶ୍ର ଆଠଗଡ଼ ଉପଜିଲାପାଳଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

ବଡ଼ମ୍ବା/ଆଠଗଡ଼/ମାଣିଆବନ୍ଧ, ୩୦।୪(ମାୟାଧର ମଲ୍ଲିକ/ସତ୍ୟ ପ୍ରସାଦ ରଥ/ଅଖିଳ କୁମାର ସାହୁ)

ବଡ଼ମ୍ବା ବିଧାନ ସଭା ଆସନ ପାଇଁ ବିଧାୟକ ଦେବୀ ପ୍ରସାଦ ମିଶ୍ର ମଙ୍ଗଳବାର ୭ମ ଥର ଲାଗି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ଲଗାତର ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ନାମାଙ୍କନ ପତ୍ର ଦାଖଲ ପରିପ୍ରେକ୍ଷୀରେ ସେ ପ୍ରଥମେ ନରସିଂହପୁର ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଶୋଭାଯାତ୍ରାରେ ଆସି ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କୁ ଦର୍ଶନ କରିଥିଲେ। ସେଠାରୁ ଫେରିବା ପରେ ବଡ଼ମ୍ବା ଗାନ୍ଧୀ ଛକରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଆଠଗଡ଼ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଏକ ସୁସଜ୍ଜିତ ଖୋଲା ଜିପରେ କଟକ ଏମ୍‌ପି ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ସହ ଉପଜିଲାପାଳ କାର୍ଯ୍ୟାଳୟକୁ ଯାଇଥିଲେ। ଏଥିସହ ଉପଜିଲାପାଳ ପ୍ରଶାନ୍ତ ତରାଇଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ର ଦାଖଲ ସମୟରେ କଟକ ଜିଲା ପରିଷଦ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ବଡ଼ମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କେୟାର ହସ୍ପିଟାଲର ମାଇଲ୍‌ଷ୍ଟୋନ ସଫଳତା

ଭୁବନେଶ୍ୱର, ୩୦।୪(ଅସମାପିକା ସାହୁ)

### ଗୋଟିଏ ମାସରେ ୧୦୦ ସଫଳ ଆଣ୍ଠୁ ପ୍ରତ୍ୟାରୋପଣ

କେୟାର ହସ୍ପିଟାଲ ଭୁବନେଶ୍ୱର ଚିକିତ୍ସା କ୍ଷେତ୍ରରେ ପୁଣି ଏକ ମାଇଲଷ୍ଟୋନ ଅତିକ୍ରମ କରିଛି। ଗତ ଏକ ମାସ ମଧ୍ୟରେ ସଫଳତାର ସହିତ ୧୦୦ରୁ ଉର୍ଦ୍ଧ୍ୱ ଆଣ୍ଠୁ ପ୍ରତ୍ୟାରୋପଣ କରି କେବଳ ଓଡ଼ିଶାରେ ନୁହେଁ, ସମଗ୍ର ପୂର୍ବ ଭାରତରେ ଏକ ରେକର୍ଡ ସୃଷ୍ଟି କରିଛି। ବର୍ତ୍ତମାନ ସମସ୍ତ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ନିଜର ସମସ୍ତ କାମ କରିପାରୁଛନ୍ତି ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ କେୟାର ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସନ୍ଦୀପ ସିଂହ ନିଜର ଖୁସି ବ୍ୟକ୍ତ କରିବା ସହିତ କେୟାର ହସ୍ପିଟାଲ ଭୁବନେଶ୍ୱର ବର୍ତ୍ତମାନ ଆଣ୍ଠୁ ପ୍ରତ୍ୟାରୋପଣ ସର୍ଜରି ଓଡ଼ିଶା ସମେତ ପୂର୍ବ ଭାରତରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି ବୋଲି କହିଛନ୍ତି। ଏଠାକୁ କେବଳ ଓଡ଼ିଶାର ବିଭିନ୍ନ ଜିଲାରୁ ନୁହେଁ ବରଂ ଅନ୍ୟ ରାଜ୍ୟରୁ ମଧ୍ୟ ବହୁ ରୋଗୀ ଚିକିତ୍ସା ପାଇଁ ଆସୁଥିବାର ଡା. ସିଂହ ସୂଚନା ଦେଇଛନ୍ତି। କେୟାର ହସ୍ପିଟାଲର ଏସିଓ କିସଲେ ଆନନ୍ଦ ଏହି ସଫଳତା ପାଇଁ ଡା. ସନ୍ଦୀପ ସିଂହ ଓ ତାଙ୍କ ପୂରା ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହିତ କେୟାର ହସ୍ପିଟାଲରେ ଅତ୍ୟାଧୁନିକ ଯନ୍ତ୍ରପାତି ଯେମିତିକି ଫିକ୍ସି ଅଗମେଣ୍ଟେଡ୍ ରିଆଲିଟି ମହଜୁଦ ରହିଛି। ରୋବଟ୍ ସାହାଯ୍ୟରେ ଆଣ୍ଠୁ ପ୍ରତ୍ୟାରୋପଣ ଅପରେଶନ କରାଯାଏ। ତା'ସହିତ ଏଠାରେ ଥିବା ଅତ୍ୟାଧୁନିକ ଅପରେଶନ ଥିଏଟର ଏବଂ ଅଭିଜ୍ଞ ଡାକ୍ତର ଓ ନର୍ସଙ୍କ ଟିମ୍ ଦ୍ୱାରା ଏହି ସଫଳତା ସମ୍ଭବ ହୋଇଛି। କେୟାର ହସ୍ପିଟାଲ ଭୁବନେଶ୍ୱରଠାରେ ଆଣ୍ଠୁ ପ୍ରତ୍ୟାରୋପଣ କରିବା ପାଇଁ ସମସ୍ତ ପ୍ରକାର ବୀମା କମ୍ପାନୀର ମଧ୍ୟ ସହଭାଗିତା ରହିଛି।




୩୦।୪।୨୦୨୪

| ୩,୦୨,୪୬୩ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ନିର୍ବାଚନ ଖର୍ଚ୍ଚ ତଦାରଖ ସମ୍ପର୍କରେ ସମୀକ୍ଷା କଲେ ପର୍ଯ୍ୟବେକ୍ଷକ

ପୁରୀ,୩୦।୪(ଅଜିତ୍ ମହାନ୍ତି)

ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ନିଯୁକ୍ତ ଖର୍ଚ୍ଚ ତଦାରଖ ପର୍ଯ୍ୟବେକ୍ଷକ ସୁଧାଂଶୁ ଧର ମିଶ୍ର ମଙ୍ଗଳବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ପିନାକ ମିଶ୍ରଙ୍କ ସହ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାପାଳ ଓ ଏସ୍‌ପି ଜିଲାରେ ନିର୍ବାଚନ ପରିଚାଳନା, ଆଇନ ଶୃଙ୍ଖଳା ରକ୍ଷା ଓ ବିଭିନ୍ନ ଟିମ୍‌ର କାର୍ଯ୍ୟକାରିତା ସମ୍ପର୍କରେ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ। ଏହି ସମୀକ୍ଷା ବୈଠକରେ ସମସ୍ତ ରିଟର୍ନିଂ ଅଧିକାରୀମାନେ ଯୋଗ ଦେଇଥିଲେ। ଧରପଗଡ଼ ଓ ଅବକାରୀ ବିଭାଗର ପଦକ୍ଷେପ ଏବଂ ଚେକ୍‌ପୋଷ୍ଟ ଓ ଷ୍ଟାଷ୍ଟିକ ସର୍ଭିଲାନ୍ସ ଟିମ୍ ସମ୍ପର୍କରେ ମିଶ୍ର ଆଲୋଚନା କରିଥିଲେ। ଏଥିସହ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ ବା ସମନ୍ୱିତ ନିୟନ୍ତ୍ରଣ କକ୍ଷକୁ ବୁଲି ଦେଖିଥିଲେ।

ସୂଚନାଯୋଗ୍ୟ, ସର୍କିଟ ହାଉସଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ନିର୍ବାଚନ ଖର୍ଚ୍ଚ ତଦାରଖ ପାଇଁ ଦାୟିତ୍ୱରେ ଥିବା ବିଭିନ୍ନ ଟିମ୍‌ର ନୋଡାଲ ଅଫିସର ଓ ଅନ୍ୟାନ୍ୟ ସଦସ୍ୟମାନଙ୍କ ସହିତ ମିଶ୍ର ଆଲୋଚନା କରିବା ସହ ଖର୍ଚ୍ଚ ତଦାରଖ ପ୍ରକ୍ରିୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ସନ୍ଦିଗ୍ଧସ୍ଥାନରେ ଧରପଗଡ଼ ସହ ଗାଡି ଯାଞ୍ଚ, ବେଆଇନ ଅର୍ଥ ଚାଲାଣ, ମାଦକ ଦ୍ରବ୍ୟ ଚାଲାଣ, ବିପୁଳ ଆକାରରେ ଯାଉଥିବା ବିବିଧ ସାମଗ୍ରୀ ବ୍ୟବସାୟ ବା ଉପହାର ଉଦ୍ଦେଶ୍ୟରେ ତାହା ମଧ୍ୟ ଯାଞ୍ଚ କରାଯାଉଛି। ସେହିପରି ବିଭିନ୍ନ ରାଜନୈତିକ କାର୍ଯ୍ୟକ୍ରମର ଭିଡିଓ ଉତ୍ତୋଳନ ସହ ତାହାକୁ ଦେଖି ଅନୁଧ୍ୟାନ କରାଯାଇ ଆବଶ୍ୟକ ସ୍ଥଳେ ଖର୍ଚ୍ଚ ହିସାବ ଟିମ୍‌କୁ ଅବଗତ କରାଯାଉଛି। ଏମ୍‌ସିଏମ୍‌ସି ଟିମ୍ ପକ୍ଷରୁ ମିଡିଆ ସାର୍ଟିଫିକେସନ ସହ ପେଡ୍ ନିଉଜ, ପ୍ରିଣ୍ଟ ମିଡିଆ, ସୋସିଆଲ ମିଡିଆ, ଇଲେକ୍ଟ୍ରୋନିକ୍ ମିଡିଆ ଉପରେ ଦୃଷ୍ଟି ରଖାଯାଉଛି। ରାଜନୈତିକ ଦଳଗୁଡିକ ସହ ଆଲୋଚନା ଆଧାରରେ ବିଭିନ୍ନ ଦ୍ରବ୍ୟର ମୂଲ୍ୟସୂଚୀ ନିର୍ଦ୍ଧାରଣ ହୋଇଛି। ଏହି ଆଧାରରେ ଖର୍ଚ୍ଚର ହିସାବ ରଖାଯାଉଛି ବୋଲି ବିଭିନ୍ନ ଟିମ୍ ପକ୍ଷରୁ ସୂଚନା ଦିଆଯାଇଥିଲା । ପ୍ରାର୍ଥୀ ବା ଦଳଗୁଡିକ ଖର୍ଚ୍ଚକୁ କିପରି ଲିପିବଦ୍ଧ କରାଯାଉଛି, ତାହାକୁ ମିଶ୍ର ଦେଖିଥିଲେ। ନିର୍ବାଚନ କମିଶନର ଲୋକ ସଭା ନିର୍ବାଚନର ପ୍ରାର୍ଥୀମାନଙ୍କ ପାଇଁ ୯୫ ଲକ୍ଷ ଓ ବିଧାନସଭା ନିର୍ବାଚନର ପ୍ରାର୍ଥୀମାନଙ୍କ ପାଇଁ ୪୦ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ ସୀମା ଧାର୍ଯ୍ୟ କରିଛନ୍ତି। ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ନିଷ୍ଠାର ସହ ନିରପେକ୍ଷ ଓ ବିନା ଚାପ ବା ଭୟରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ମନିଷା ଷଡ଼ଙ୍ଗୀ, ପ୍ରିୟଦର୍ଶିନୀ ମଲ୍ଲିକ, ଜିଲା ଟ୍ରେଜେରି ଅଧିକାରୀ ମନ୍ମଥ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ମିଶ୍ର ସଂସ୍କୃତି ଭବନଠାରେ ରିଟର୍ନିଂ ଅଫିସର ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହ ଏକ ବୈଠକରେ ଖର୍ଚ୍ଚ ତଦାରଖ ସମ୍ପର୍କରେ ଆଲୋଚନା କରିଥିଲେ।



ସମୀକ୍ଷା ବୈଠକରେ ଉପସ୍ଥିତ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ପିନାକ ମିଶ୍ର ଓ ଅନ୍ୟମାନେ ।

# ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ ଜେଲ୍

## ସ୍ତ୍ରୀଙ୍କୁ ଛୁରା ମାଡ଼ କରି ହତ୍ୟା ମାମଲା

ଭୁବନେଶ୍ୱର,୩୦।୪(ସତ୍ୟଜିତ୍ ରାଉତ):

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଞ୍ଚଳରେ ସ୍ତ୍ରୀଙ୍କୁ ଛୁରାମାଡ଼ କରି ହତ୍ୟା କରିବା ମାମଲାରେ ମଙ୍ଗଳବାର ଭୁବନେଶ୍ୱର ଅତିରିକ୍ତ ସେସନ୍ସ ଜଜ-୨ଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ସ୍ୱାମୀ ସୁକାନ୍ତ ମଲ୍ଲିକ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଆଜୀବନ ଜେଲଦଣ୍ଡାଦେଶ ହୋଇଛି। ଏଥିସହ ଅଭିଯୁକ୍ତଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲା ପିପିଲି ଅଞ୍ଚଳରେ ସୁକାନ୍ତଙ୍କ ଘର। ଅଭିଯୋଗକାରୀ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ମଝିଆ ଝିଅ ମୃତା ପୂଜାଙ୍କୁ ସୁକାନ୍ତ ୧୨ ବର୍ଷ ତଳେ ବିବାହ କରିଥିଲେ। ପରେ ସୁକାନ୍ତ ଜଟଣୀ ଥାନା ଅନ୍ତର୍ଗତ ପାଇକରାପୁରରେ ଅଟୋ ଚଳାଇ ପରିବାର ଚଳାଉଥିଲେ। ବିବାହ ପରେ ଉଭୟଙ୍କର ଦୁଇଟି କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସୁକାନ୍ତ ପୂର୍ବରୁ ବିବାହିତ ଏବଂ ତାଙ୍କର ପିଲା ଥିବା କଥା ପୂଜା ଜାଣିବାକୁ ପାଇଥିଲେ। ଅଟୋ କିଣିବା ପାଇଁ ଟଙ୍କାକୁ କେନ୍ଦ୍ରକରି ୨୦୨୧ ଜୁନ ୨୫ ତାରିଖ ସକାଳ ପ୍ରାୟ ୯ଟା ବେଳେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ଉଗ୍ର ରୂପ ନେଇଥିଲା। ଏହି ସମୟରେ ଏକ ଛୁରିରେ ପୂଜାଙ୍କୁ ସୁକାନ୍ତ ହତ୍ୟା କରିଥିଲେ। ଅନ୍ତର୍ଯ୍ୟାମୀଙ୍କ ଏତଲାକୁ ଆଧାର କରି ଜଟଣୀ ଥାନା ପୋଲିସ ଏକ ମାମଲା (ନଂ. ୩୦୩/୨୦୨୧) ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ଅଦାଲତ ୧୩ ଜଣ ସାକ୍ଷୀ ଓ ଅନ୍ୟାନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସଲିଳ କୁମାର ପ୍ରଧାନ ପରିଚାଳନା କରିଥିଲେ।

# ଅତିବଡ଼ୀଙ୍କ ମାଟିରେ ଗାଁ ଗାଁ ରେ ଭାଗବତ ପାଠ

ପୁରୀ,୩୦।୪(ଅଜିତ୍ ମହାନ୍ତି):

ଓଡ଼ିଶା ବାହାରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା କରି ପ୍ରବାସୀ ଓଡ଼ିଆମାନଙ୍କ ଭିତରେ ଧର୍ମୀୟ ଜାଗରଣ ସୃଷ୍ଟି କରିବା ସହ ପୁରୀ ଓ ଭୁବନେଶ୍ୱର ସହରରେ ଭାଗବତ କାର୍ଯ୍ୟକ୍ରମ କରୁଥିବା ଓଡ଼ିଶା ଯୁବ ଚେତନା ସଂଗଠନ ପକ୍ଷରୁ ଭାଗବତ ପ୍ରଣେତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଗ୍ରାମ କପିଳେଶ୍ୱରପୁର ଶାସନର କାଳିଆ ଗୋପୀନାଥ ମନ୍ଦିର ପରିସରରେ ଗାଁ ଗାଁରେ ଭାଗବତ ପାଠ ଆରମ୍ଭ କରାଯାଇଛି। ଭାଗବତ ପ୍ରବକ୍ତା ତଥା ବ୍ୟାସ ବଦ୍ରି ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରବଚିକା ନିର୍ମଳା ଫତେସିଂହ ଭାଗବତ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ଗୀତିକାର ତଥା ଭାଗବତ ଗବେଷକ ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାଗବତ ଅନୁରାଗୀ ନୃସିଂହ ତ୍ରିପାଠୀ ଓ ଜ୍ୟୋତିପ୍ରକାଶ ମହାପାତ୍ର ଭାଗବତ ବ୍ୟାଖ୍ୟା କରିଥିଲେ। ପ୍ରଶାନ୍ତ କୁମାର ତ୍ରିପାଠୀ, ଝିମିଲି ପଟ୍ଟନାୟକ, ସୁନନ୍ଦା ପଟ୍ଟନାୟକ, ଦ୍ରୌପଦୀ ବଳିୟାରସିଂହ, ମମତା ପଟ୍ଟନାୟକ, କାଞ୍ଚନବାଳା ଦଳାଇ, ଉଷାରାଣୀ ମହାନ୍ତି, ସୁଲୋଚନା ମିଶ୍ର, ଏ.ମୀନା, ରାଜଲକ୍ଷ୍ମୀ ମିଶ୍ର, ସବିତା ମିଶ୍ର, ଦୁର୍ଗା ବଳିୟାରସିଂହ, ପ୍ରଦ୍ୟୁମ୍ନ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଗ୍ରାମର ମୁଖିଆ, କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ପକ୍ଷରୁ ମା' ପଞ୍ଚମୁଖୀ ଓ ଅତିବଡ଼ୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ପୁରୀ,୩୦।୪(ଅଜିତ୍ ମହାନ୍ତି)

ସିଦ୍ଧମହାବୀର ପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳୀ ମହାନ୍ତି ମଙ୍ଗଳବାର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ ଅବସରକାଳୀନ ସଭାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର, ପୋଲିସ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବରାମ ମିଶ୍ର, ବିନାୟକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଦେବୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପରିଚାଳନା କମିଟିର ଉପ ସଭାପତି ଦେବେନ୍ଦ୍ର କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ଲକ୍ଷ୍ମୀ ବସ୍ କର୍ମଚାରୀଙ୍କୁ ଗାଳି କରି ଜଣେ ଗିରଫ

ଗୋପ,୩୦।୪(ଭାରତୀ ଭୂଷଣ ଉପାଧ୍ୟାୟ):

ଜଣେ ନିଶାସକ୍ତ ଯୁବକ ଗୋପ ବ୍ଲକ ଛକ ନିକଟରେ ସୋମବାର ମଧ୍ୟାହ୍ନରେ ସରକାରଙ୍କ ପକ୍ଷରୁ ଚାଲିଥିବା ଲକ୍ଷ୍ମୀ ବସ୍ କର୍ମଚାରୀଙ୍କୁ ଗାଳିଗୁଲଜ କରି ଗିରଫ ହୋଇଥିବା ଜଣାପଡ଼ିଛି। ସେ ହେଲେ ଗୋପ ଥାନା ଅଧୀନ ମରଦ ଗ୍ରାମର ଲିପୁ ପରିଡ଼ା। ବସ୍ ସୁପରଭାଇଜରଙ୍କ ଅଭିଯୋଗ କ୍ରମେ ଗୋପ ପୋଲିସ ୧୪୫/୨୪ରେ ଏକ ମାମଲା ରୁଜୁ କରି ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ଗୋପରୁ ପାଣିଛତ୍ର ଯାଉଥିବା ଲକ୍ଷ୍ମୀ ବସ୍‌ଟି ଗୋପ ବ୍ଲକ ନିକଟରେ ସୋମବାର ମଧ୍ୟାହ୍ନରେ ଠିଆ ହୋଇଥିଲା। ଏହି ସମୟରେ ଅତ୍ୟଧିକ ମଦ୍ୟପାନ କରି ଲିପୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ। ଏହି ଘଟଣାରେ ଲକ୍ଷ୍ମୀ ବସ୍ କର୍ମଚାରୀମାନେ ଗୋପ ଥାନାକୁ ଜଣାଇବା ପରେ ସଙ୍ଗେ ସଙ୍ଗେ ଥାନା ଅଫିସର ଜହୁର୍ ଖାଁ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇଥିଲେ। ପୂର୍ବରୁ ଏହି ଅଭିଯୁକ୍ତଙ୍କ ନାମରେ ମକଦ୍ଦମା ଥିବାରୁ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

### ଜମିବାଡ଼ିକୁ କେନ୍ଦ୍ରକରି ଆକ୍ରମଣ: ମହିଳାଙ୍କ ମୁଣ୍ଡ ଫାଟିଲା

ଯୋଗେଶ୍ୱରପୁର,୩୦।୪ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ସୋରଭା ପଞ୍ଚାୟତର ସମାଙ୍କୁଲା ଗ୍ରାମରେ ଜମିବାଡ଼ି ବଣ୍ଟନକୁ କେନ୍ଦ୍ର କରି ମହିଳା ସାରଥି ଜେନା(୫୮)ଙ୍କୁ ଆକ୍ରମଣ ହୋଇଥିବା ସେ ମଙ୍ଗଳବାର ନୟାହାଟ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଆକ୍ରମଣରେ ତାଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ତାଙ୍କୁ ଗୋପ ପରେ ପୁରୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଗ୍ରାମର ୨ ଭାଇ ଚନ୍ଦ୍ରମଣି ଜେନା ଓ କେଦାର ଜେନାଙ୍କ ମଧ୍ୟରେ ଜମିବାଡ଼ି ବଣ୍ଟନ ନେଇ ଗଣ୍ଡଗୋଳ ଘଟିଥିଲା। ଏଥିରେ ଚନ୍ଦ୍ରମଣି ଜେନାଙ୍କ ସ୍ତ୍ରୀ ସାରଥି ଆହତ ହୋଇଥିଲେ। କେଦାରଙ୍କ ସମେତ ତାଙ୍କ ୨ ପୁତୁରା ନେତ୍ରାନନ୍ଦ ଜେନା, ଟିକୁ ଜେନା ନାମରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି।

# ମା' ମାଙ୍କଡ଼ କୋଳକୁ ଫେରିଲା ଛୁଆ

ପୁରୀ,୩୦।୪(ଅଜିତ୍ ମହାନ୍ତି)

ଗୋଟିଏ ମଣିଷ ଛୁଆ ପାଇଁ ତା'ର ମା' ବିକଳ ହେବା ଘଟଣା ଅନେକ ଥର ଦେଖିବାକୁ ମିଳିଥାଏ। ମାତ୍ର ଗୋଟିଏ ପଶୁର ମଧ୍ୟ ତା'ର ଛୁଆପ୍ରତି ସେହ୍ନ ମଧ୍ୟ କିଛି କମ୍ ନ ଥାଏ, ଯାହାର ଏକ ଜ୍ୱଳନ୍ତ ଉଦାହରଣ ପୁରୀରେ ଦେଖିବାକୁ ମିଳିଛି। ମେଡିକାଲ ଛକ ସାଲବେଗ ମଠ ନିକଟରେ ରହୁଥିବା ମା' ମାଙ୍କଡ଼ ତା'ର ପିଲାକୁ ଖୋଜୁଥିବାର ଦୃଶ୍ୟ ମଙ୍ଗଳବାର ବେଶ୍ ହୃଦୟସ୍ପର୍ଶୀ ଥିଲା। ମାଙ୍କଡ଼ଟି ତା'ର ଛୁଆକୁ ଖୋଜିବା ସମୟରେ କାକୁତିମିନତି ହୋଇ ସେହି ଅଞ୍ଚଳରେ ଥିବା ଲୋକମାନଙ୍କ ମୋବାଇଲ ଫୋନ ମଧ୍ୟ ଦେଖିବାକୁ ଛାଡୁ ନ ଥିଲା। ପରେ ସିସିଟିଭି ଫୁଟେଜକୁ ଆଧାର କରି ଉକ୍ତ ଛୁଆ ମାଙ୍କଡ଼କୁ ଚୋରି କରି ନେଇଥିବା ଜଣେ ଯୁବକଙ୍କ ଠାରୁ ଉଦ୍ଧାର କରାଯାଇ ମା' ନିକଟରେ ଛଡ଼ାଯାଇଛି।

ମିଳିଥିବା ସୂଚନାନୁସାରେ ସୋମବାର ଛୁଆ ମାଙ୍କଡ଼ଟି ମା' ସହିତ ଖେଳୁଥିବାବେଳେ ଜଣେ ଯୁବକ ତାକୁ କୌଶଳକ୍ରମେ ନିଜ ଗଞ୍ଜିରେ ପୂରାଇ ନେଇଯାଇଥିଲେ। ତେବେ ଏହି ଦୃଶ୍ୟ ନିକଟରେ ଥିବା ଏକ ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଛୁଆକୁ ନ ପାଇ ମା' ମାଙ୍କଡ଼ଟି ଝୁରି ହୋଇ ଖୋଜି ବୁଲୁଥିଲା। ମଙ୍ଗଳବାର ଜଣେ ଯୁବକଙ୍କ ମୋବାଇଲରେ ଛୁଆର ଦୃଶ୍ୟ ଦେଖି ମା' ମାଙ୍କଡ଼ ଲୁହ ଗଡ଼ାଇ ଗେଲ କରିଥିଲା। ଏହା ଦେଖି ସ୍ଥାନୀୟ ଲୋକମାନେ ବେଶ୍ ଭାବପ୍ରବଣ ହୋଇଯାଇଥିଲେ। ସିସିଟିଭି ଫୁଟେଜକୁ ଆଧାରକରି ଛୁଆ ମାଙ୍କଡ଼କୁ ବିଭିନ୍ନ ସ୍ଥାନରେ ଖୋଜିଥିଲେ। ପରେ କେତେଜଣ ପଶୁପ୍ରେମୀ ପୋଲିସର ସହାୟତା ନେଇ ମାର୍କେଟ ଛକ ଅଞ୍ଚଳରୁ ଛୁଆ ମାଙ୍କଡ଼କୁ ନେଇ ରଖିଥିବା ଯୁବକଙ୍କୁ ଚିହ୍ନଟ କରି ତାଙ୍କ ଠାରୁ ମାଙ୍କଡ଼ଟିକୁ ଉଦ୍ଧାର କରି ତା' ମା' ନିକଟରେ ଛାଡ଼ିଥିଲେ।



# ପୁତୁରା ଆକ୍ରମଣରେ ଦାଦା ଗୁରୁତର

ଯୋଗେଶ୍ୱରପୁର,୩୦।୪ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ଧୁମାଳ ବ୍ରାହ୍ମଣ ଶାସନରେ ଜମିଜମା ସମସ୍ୟାକୁ ନେଇ ଦାଦା ପୁତୁରାଙ୍କ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ଦାଦା ଗୁରୁତର ହୋଇ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏନେଇ ମଙ୍ଗଳବାର ନୟାହାଟ ଫାଣ୍ଡିରେ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ସୋମବାର ରାତିରେ ପୁତୁରା ମଧୁଆ ମିଶ୍ର ଓ ଦାଦି ମହେଶ୍ୱର ମିଶ୍ର ମଧ୍ୟରେ ପୂର୍ବ ଜମିବାଡ଼ି ବିବାଦକୁ ନେଇ ବଚସା ହୋଇ ଉଗ୍ରରୂପ ଧାରଣ କରିଥିଲା। ମଧୁଆ ଏକ ମାରଣାସ୍ତ୍ରରେ ମହେଶ୍ୱରଙ୍କ ପେଟକୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ଚାରିଛକ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଆକ୍ରମଣରେ ମହେଶ୍ୱରଙ୍କ କାର୍‌ର କାଚ ଭାଙ୍ଗିବା ସହ ଘରର କବାଟ ଭାଙ୍ଗି ଯାଇଛି।

# ସଂଖ୍ୟାଲଘୁ ସେଲ୍‌ର ବୈଠକ



ବିଧାୟକ ସମୀର ଦାଶଙ୍କ ଉପସ୍ଥିତିରେ ସଂଖ୍ୟାଲଘୁ ସେଲ୍ ବୈଠକ ଅନୁଷ୍ଠିତ।

ନିମାପଡା,୩୦।୪(ରଞ୍ଜନ ପଟ୍ଟନାୟକ):

ଅମଳପଡ଼ାସ୍ଥିତ ଗ୍ରୀନଲ୍ୟାଣ୍ଡ ମଣ୍ଡପ ପରିସରରେ ମଙ୍ଗଳବାର ଅପରାହ୍ନରେ ନିମାପଡ଼ା ବ୍ଲକର ୧୦ଟି ଏବଂ ଗୋପ ବ୍ଲକର ୧ଟି ମୋଟ ୧୧ଟି ପଞ୍ଚାୟତର ସଂଖ୍ୟାଲଘୁ ସେଲର ନେତୃତ୍ୱଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ନଗର ସଭାପତି ଜୀବନାନନ୍ଦ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଭବିଷ୍ୟତ କାର୍ଯ୍ୟପନ୍ଥା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ ଓ ୧୧ ପଞ୍ଚାୟତର ପ୍ରମୁଖ ନେତୃତ୍ୱମାନେ ଉପସ୍ଥିତ ଥିଲେ।

# ବୃଦ୍ଧ ଦମ୍ପତିଙ୍କୁ ମାଡ଼ମାରି ଲହୁ ଲୁହାଣ କଲେ ପୁଅ, ନାତି

## ମକଦ୍ଦମା ରୁଜୁ କରି ନୀରବ ବସିଛି ପୋଲିସ

ଗୋପ,୩୦।୪ (ଭାରତୀ ଭୂଷଣ ଉପାଧ୍ୟାୟ)

ବୃଦ୍ଧ ମା',ବାପାଙ୍କୁ ତାଙ୍କ ପୁଅ ଓ ନାତି ମାଡ଼ ମାରି ଲହୁ ଲୁହାଣ କରିଥିବା ଅଭିଯୋଗରେ ପୋଲିସ ଏକ ମକଦ୍ଦମା ଲେଖି ଚୁପ ବସିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଥିବାବେଳେ ତଦନ୍ତ ଜାରି ରହିଛି ବୋଲି କହିଛି।

ପ୍ରକାଶ ଯେ, ଗୋପ ଥାନା ଅଧୀନ ନାଗପୁର ବାଲିପାଟେଣା ସାହିର ରାମଚନ୍ଦ୍ର ବେହେରା(୮୧)ତାଙ୍କ ସ୍ତ୍ରୀ ବୁଲି ବେହେରା (୭୦) ସୋମବାର ପୂର୍ବାହ୍ନରେ ବସିଥିବାବେଳେ ପୁଅ ପ୍ରଫୁଲ୍ଲ ବେହେରା, ରାଜକିଶୋର ବେହେରା, ନାତି ଜ୍ୟୋତି ପ୍ରକାଶ ବେହେରା ବୃଦ୍ଧ ଦମ୍ପତିଙ୍କୁ ଗାଳିଗୁଲଜ କରିବା ସହ ମାଡମାରି ଲହୁ ଲୁହାଣ କରିଥିଲେ। ଏଥିରେ ଆହତ ହୋଇ ଦମ୍ପତି ଗୋପ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଦମ୍ପତିଙ୍କ ମୁହଁ, ନାକ, ହାତ ଗୋଡ଼ ସହିତ ଛାତି,ଦାନ୍ତରେ ଆଘାତ ଲାଗିଥିବାରୁ ତାଙ୍କୁ ପୁରୀ ପଠାଯାଇଥିଲା। କିନ୍ତୁ ଆବଶ୍ୟକ ଅର୍ଥ ସହ ତାଙ୍କ ସପକ୍ଷରେ କେହି ନ ଥିବାରୁ ବୃଦ୍ଧ ଦମ୍ପତି ନିରାଶ ହୋଇଥିବା ଜଣାପଡ଼ିଛି। ଦମ୍ପତିଙ୍କ ଅଭିଯୋଗକ୍ରମେ ପୋଲିସ ୧୪୪/୨୪ରେ ଏକ ମାମଲା ରୁଜୁ କରି ନୀରବ ହୋଇ ବସିପଡ଼ିଛି। ଏଠାରେ ସୂଚନାଯୋଗ୍ୟ, ବୃଦ୍ଧ ମା' ବାପାଙ୍କୁ ପୁଅମାନେ ଖାଇବାକୁ ନ ଦେବା ସହିତ ଔଷଧ ପତ୍ର ନ ଦେବାରୁ ଗଣ୍ଡଗୋଳ ହୋଇ ଏଭଳି ଘଟଣା ଘଟିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡିହାରୀଙ୍କୁ ଯୋଗାଯୋଗ କରିବାରେ ମକଦ୍ଦମା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି ବୋଲି କହିଥିଲେ।

# ଘୁଡୁଘୁଡ଼ି ଖେଳି ୬ ଗିରଫ, ୩ ବାଇକ୍ ଓ ଟଙ୍କା ଜବତ

ବ୍ରହ୍ମଗିରି,୩୦।୪(ସ୍ୱାଧୀନ ଚମ୍ପତିରାୟ):

ବ୍ରହ୍ମଗିରି ଥାନା ଅଧୀନ ରେବଣାନୂଆ ଗାଁସ୍ଥିତ ପାଲା ପଡ଼ିଆ ନିକଟରେ ଘୁଡୁଘୁଡ଼ି ବା ପଇସା ଖେଳିବାବେଳେ ବ୍ରହ୍ମଗିରି ପୋଲିସ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରେବଣାନୂଆ ଗାଁର ବଳଭଦ୍ର ପ୍ରଧାନ, ମୃତ୍ୟୁଞ୍ଜୟ ପାତ୍ର, ପବିତ୍ର ବରାଳ ଓ ରେଣ୍ଡାଗଡ଼ର ଅର୍ଜ୍ଜୁନ ପାତ୍ର, ଭାସ୍କର ପଲାଇ, ଆଳିଆପୁଟ ଗ୍ରାମର ବୈକୁଣ୍ଠ ଦଳାଇ। ପୋଲସ ସେମାନଙ୍କ ପାଖରୁ ଟଙ୍କା ଓ ୩ଟି ବାଇକ୍ ଜବତ କରିବା ସହ ୨୩୫/୨୪ରେ ଏକ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

# ଲୋକଙ୍କଠାରୁ ଆର୍ଥିକ ସହାୟତା ଭିକ୍ଷାକଲେ କଂଗ୍ରେସ ଲୋକ ସଭା ପ୍ରାର୍ଥୀ ସୁଚରିତା ମହାନ୍ତି

ପୁରୀ,୩୦।୪(ଅଜିତ୍ ମହାନ୍ତି):

ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପୁରୀ ଲୋକ ସଭା ପାଇଁ ଚଳିତ ନିବାଚନରେ ସୁଚରିତା ମହାନ୍ତିଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ମହାନ୍ତି ନାମାଙ୍କନ ପତ୍ର ଦାଖଲ ପୂର୍ବରୁ ପୁରୀ ଜନ ସାଧାରଣଙ୍କୁ ଭୋଟ ଭିକ୍ଷା କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି। ସୁଚରିତା ପୂର୍ବରୁ ଆର୍ଥିକ ସହାୟତା ପାଇଁ ସୋସିଆଲ ମିଡିଆରେ ସୂଚନା ପ୍ରଦାନ କରିଥିଲେ। ନିର୍ବାଚନ ଲଢ଼ିବା ପାଇଁ ତାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି। ସୁଚରିତା ଏଥିପାଇଁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ସଂଲଗ୍ନ ଏକ ଡିଜିଟାଲ୍ ପେମେଣ୍ଟ ବାରକୋଡ୍ ବି ଦେଇଥିଲେ। ତେବେ ଏନେଇ ମଙ୍ଗଳବାର ସୁଚରିତା ଖବରଦାତାମାନଙ୍କୁ ସୂଚନା ଦେଇ କହିଛନ୍ତି, ବର୍ତ୍ତମାନ କଂଗ୍ରେସ ଦଳର ଆର୍ଥିକ ସ୍ଥିତି ସେତେଟା ଭଲ ନାହିଁ। ନିର୍ବାଚନ ଜିତିବା ପାଇଁ ଭାଜପା ସରକାର କଂଗ୍ରେସଠାରୁ ନିଜ ପାଣ୍ଠିକୁ ଛଡ଼ାଇ ନେବାକୁ ଚେଷ୍ଟା କରିଛି। ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଣରେ ପ୍ରତିବନ୍ଧକ ଲାଗିଥିବାରୁ କଂଗ୍ରେସ ପାର୍ଟି ପୁରୀ ସଂସଦୀୟ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀମାନଙ୍କ ନିର୍ବାଚନ ଲଢ଼ିବା ନେଇ ଯେତିକି ପରିମାଣର ଅର୍ଥ ଆବଶ୍ୟକ ସେତିକି ଅର୍ଥ ଦଳ ଯୋଗାଇ ଦେବାକୁ ଅସମର୍ଥ। ଜନତାଙ୍କ ସହ ଆମେ ସବୁବେଳେ ରହି ଆସିଛୁ। ତାଙ୍କର ପ୍ରାର୍ଥିତ୍ୱ ପଛରେ ଜନସମର୍ଥନ ରହିଛି। କିନ୍ତୁ ନିର୍ବାଚନ ପ୍ରଚାର ପାଇଁ ଆର୍ଥିକ ବଳ ନାହିଁ। ତେଣୁ ଏହି ନିର୍ବାଚନରେ ଲଢ଼ିବାକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେ ନିବେଦନ କରିଛନ୍ତି। ସେ ପୁରୀ ଲୋକ ସଭା ବାସୀଙ୍କ ମୌଳିକ ଅସୁବିଧାକୁ ନେଇ ନିର୍ବାଚନ ଲଢ଼ିବେ। ଲୋକଙ୍କ ସମର୍ଥନ ରହିଲେ ସେ ନିର୍ବାଚନରେ ଜିତିବେ ଓ ଲୋକଙ୍କ ସହ ରହି କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ଲୋକ ସଭା ଜଣେ, ବିଧାନସଭା ପାଇଁ ୩ଜଣଙ୍କ ପ୍ରାର୍ଥିପତ୍ର ଦାଖଲ





ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ସୁବାସ ଚନ୍ଦ୍ର ଭୋଇ, କଂଗ୍ରେସ ପ୍ରାର୍ଥୀ ମନୋଜ ରଥ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

## ପ୍ରାର୍ଥିପତ୍ର ଦାଖଲର ଦ୍ୱିତୀୟ ଦିନ

ପୁରୀ,୩୦।୪(ଅଜିତ୍ ମହାନ୍ତି):

ପୁରୀ ଲୋକ ସଭା ଅନ୍ତର୍ଗତ ୪ଗୋଟି ବିଧାନସଭା ଆସନ ପାଇଁ ଆସନ୍ତା ୨୫ ତାରିଖରେ ମତଦାନ ଅନୁଷ୍ଠିତ ହେବ। ତେଣୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଏପ୍ରିଲ ୨୯ତାରିଖ ଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି। ନାମାଙ୍କନ ପତ୍ର ଦାଖଲର ଦ୍ୱିତୀୟ ଦିନରେ ୪ ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପୁରୀ ଲୋକ ସଭା ନିମନ୍ତେ ଜଣେ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ପିପିଲି ବିଧାନସଭା ପାଇଁ ଦୁଇଜଣ ଏବଂ ସତ୍ୟବାଦୀ ବିଧାନସଭା ପାଇଁ ଜଣେ ପ୍ରାର୍ଥୀ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୁରୀ ଲୋକ ସଭା ନିମନ୍ତେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ପକ୍ଷରୁ ସୁବାସ ଚନ୍ଦ୍ର ଭୋଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପାର୍ଟି ପକ୍ଷରୁ ଶତାଧିକ କର୍ମୀ, ସମର୍ଥକ ଏକ ଶୋଭାଯାତ୍ରାରେ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲେ। ଭୋଇ ଗତ ୨ ଦଶନ୍ଧି ଧରି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟିରେ ସତ୍ୟବାଦୀ ବ୍ଲକର ଜଣେ ନିୟମିତ କର୍ମୀ ଭାବେ କାମ କରି ଆସୁଛନ୍ତି। ଫନି ବାତ୍ୟା ସମୟରେ ଲୋକଙ୍କୁ ବିପଦରୁ ଉଦ୍ଧାର କରିବା, ବନ୍ୟା ସମୟରେ ସେବାମୂଳକ କାମ କରିବା ବ୍ୟତୀତ ସେ ଚାଷୀ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ପାଳନ କରି ଆସିଛନ୍ତି। ସେହିପରି ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ କଂଗ୍ରେସ ପ୍ରାର୍ଥୀ ମନୋଜ ରଥ ପାର୍ଥିପତ୍ର ଦାଖଲ କରିଛନ୍ତି। ପୁରୀ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ସେ ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ରଥ ସତ୍ୟବାଦୀଠାରୁ ସମର୍ଥକମାନଙ୍କ ସହ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରୁ କଂଗ୍ରେସ ସାଂସଦ ପ୍ରାର୍ଥୀ ସୁଚରିତା ମହାନ୍ତି ଓ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନଙ୍କ ସହ ଯାଇ ତାଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି ପିପିଲି ବିଧାନସଭା ଆସନ ନିମନ୍ତେ ଦୁଇଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଯୁଧିଷ୍ଠିର ସ୍ୱାଇଁ ଓ ଦୀନବନ୍ଧୁ ପରିଡ଼ା ନିଜ ନିଜ ସମର୍ଥକଙ୍କ ସହ ଆସି ଅତିରିକ୍ତ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ସଂକ୍ଷେପରେ

### ଶିକ୍ଷାଦାନ ଏକ ମହାନ୍ ବୃତ୍ତି

ବୋଲଗଡ଼,୩୦।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ କାଉତରା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସଭାପତିତ୍ୱରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ମୁଖ୍ୟବକ୍ତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମିତା ମିଶ୍ର, ସାଧନକେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା, ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷାଦାନ ଏକ ମହାନ ବୃତ୍ତି ଏବଂ ଜଣେ ଶିକ୍ଷକ ଅବସର ପରେ ମଧ ଏହି ବୃତ୍ତିକୁ ବ୍ରତଭାବେ ଗ୍ରହଣ କଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହେବ ବୋଲି କହିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ସୁବଳ ଛୁଆଳସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ତ୍ରିନାଥ ଜେନା, ଗଣେଶ ବେହେରା, ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ନିତ୍ୟାନନ୍ଦ ଜେନା ଧନ୍ୟବାଦ ଦେଇଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ପେନ୍‌ସନ

ଖୋର୍ଦ୍ଧା,୩୦।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ ସରକାରୀ ପ୍ରାଥମିକ ବିଦ୍ୟାଳୟ ତୋଟାପଡ଼ାର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସ୍ୱାଇଁଙ୍କୁ ଅବସରକାଳୀନ ପେନ୍‌ସନ ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ ସହ ଅବସରକାଳୀନ ପେନସନ ପ୍ରଦାନ କରିଥିଲେ। ତାଙ୍କ ଶିକ୍ଷାଦାନ, ଛାତ୍ର ବତ୍ସଳତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ବେହେରା, ସନ୍ଧ୍ୟାବତୀ ଲେଙ୍କା, ପ୍ରଦୀପ୍ତ କୁମାର ସାହୁ, ଶିକ୍ଷକ ଯୁଧିଷ୍ଠିର ସାହୁ, ଅମୀୟ କୁମାର ପରିଡ଼ା, ରେବତୀ ପଣ୍ଡା, ରବିନାରାୟଣ ପଣ୍ଡା, ରବୀନ୍ଦ୍ର ପ୍ରଧାନ, ଧ୍ରୁବଚରଣ ରଣା, ସୁରଭି ପାଣିଗ୍ରାହୀ, ସୋନାଧି ନାୟକ, ହୃଦାନନ୍ଦ ସାହୁ, ପବିତ୍ର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

### କୃଷ୍ଣପ୍ରସାଦ ପୋଲିସର ଜଳଛତ୍ର ବ୍ୟବସ୍ଥା



କୃଷ୍ଣପ୍ରସାଦ,୩୦।୪
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସର୍ବସାଧାରଣଙ୍କ ନିମନ୍ତେ କୃଷ୍ଣପ୍ରସାଦ ପୋଲିସ ପକ୍ଷରୁ ଥାନା ସମ୍ମୁଖରେ ମଙ୍ଗଳବାରଠାରୁ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଆଇଆଇସି ବସନ୍ତ କୁମାର ସାହୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ଅବସରରେ ସମସ୍ତଙ୍କୁ ଘୋଳଦହି ବଣ୍ଟନ କରିଥିଲେ। ପ୍ରତ୍ୟେକ ଦିନ ଘୋଳଦହି, ଥଣ୍ଡାପାଣି ଏଠାରେ ଉପଲବ୍ଧ ରହିବ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ସ୍ୱାଗତ କରିଥିବା ବେଳେ ଥାନା ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ‘ମତଦାନ ଗଣତନ୍ତ୍ରକୁ ସୁଦୃଢ଼ କରିବ’

ଖୋର୍ଦ୍ଧା,୩୦।୪(ପ୍ରଭାତ ପାଣିଗ୍ରାହୀ)

ସମାଜର ସାମଗ୍ରିକ ବିକାଶ ପାଇଁ ଉପଯୁକ୍ତ ନେତା ନିର୍ବାଚିତ କରିବାକୁ ହେଲେ ସମସ୍ତ ଭୋଟର ମତଦାନ କରିବା ଦରକାର। ଏହାଦ୍ୱାରା ଗଣତନ୍ତ୍ର ସୁଦୃଢ ହେବା ସହ ଦେଶର ବିକାଶ ତ୍ୱରିତ ହେବ। ରାଜଧାନୀରେ ଅଧିକ ଶିକ୍ଷିତ ଲୋକ ବସବାସ କରୁଥିଲେ ମଧ ମତଦାନ ପାଇଁ ଯାଉନାହାନ୍ତି । ତେଣୁ ଭୋଟରମାନେ ଯେପରି ମତଦାନ କେନ୍ଦ୍ରକୁ ଯାଇ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ସେଥିପାଇଁ ଯୁବ ଭୋଟରମାନେ ସକ୍ରିୟ ଭୂମିକା ନିର୍ବାହ କରିବାକୁ ଆହ୍ୱାନ ଦିଆଯାଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ମିଳିତ ସହଯୋଗରେ ଭୋଟରମାନଙ୍କୁ ସଚେତନ କରାଇବା



ମିନି ମାରାଥନରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ।

ପାଇଁ ମଙ୍ଗଳବାର ଏକ ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ଇନ୍‌ଫୋସିଟି ଛକରୁ ମିନି ମାରାଥନ୍ ଆରମ୍ଭ ହୋଇ କାନନ ବିହାର ଫେଜ୍-୧ ପାର୍କ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଯୋଗଦେଇଥିବାବେଳେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ବିଏମ୍‌ସି ସ୍ୱଚ୍ଛ ଆମ୍ବାସାଡର ତଥା ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ

### ସାମିଲ ହେଲେ ୫ଶହରୁ ଊର୍ଦ୍ଧ୍ୱ ଭୋଟର

ସମେତ ବିଏମ୍‌ସି ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମାରାଥନରେ କିଟ୍, ସିଲିକନ ଓ ପ୍ରତିଭା ଦେବୀ ନର୍ସିଂ କଲେଜର ଛାତ୍ରୀଛାତ୍ରଙ୍କ ସମେତ ୫ଶହରୁ ଅଧିକ ନାଗରିକ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଥମଥର ଭୋଟ ଦେବାକୁ ଯାଉଥିବା ନୂତନ ଭୋଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେ’ ୨୫ରେ ନିଜ ନିଜ ମତଦାନ କେନ୍ଦ୍ରରେ ନିଶ୍ଚିତ ଭୋଟ ଦେଇ ନିଜର ମତାଧିକାର ସାବ୍ୟସ୍ତ କରିବା ସହ ଦେଶ ଗଠନରେ ସକ୍ରିୟ ଭୂମିକା ନିଭାଇବା ପାଇଁ ଉପସ୍ଥିତ ଭୋଟରଙ୍କୁ ଶପଥ ପାଠ କରାଯାଇଥିଲା।

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ, ଜଣେ ଗୁରୁତର

ବାଣପୁର,୩୦।୪(ଦିଲୀପ ସ୍ୱାଇଁ)

ବାଣପୁର ଥାନା ଅନ୍ତର୍ଗତ ସାନହନ୍ତୁଆଡ଼ ନିକଟ ବାଉଁଶନଈ ବ୍ରିଜ୍ ନିକଟରେ ମଙ୍ଗଳବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଗମ୍ଭାରୀମୁଣ୍ଡା ପଙ୍କାଳ ଗ୍ରାମର ବଳରାମ ନାୟକ(୨୫)। ତେବେ ଆହତ ସୁମନ୍ତ ନାୟକଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବାଣପୁରରୁ ବଳରାମ ଓ ସୁମନ୍ତ ବାଇକରେ ପଙ୍କାଳ ଯାଉଥିବା ବେଳେ ସାନହନ୍ତୁଆଡ଼ ନିକଟ ବାଉଁଶନଈ ବ୍ରିଜ୍ ନିକଟରେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ବଳରାମଙ୍କ ମୃତ୍ୟୁ ଘଟିଥିବା ବେଳେ ସମ୍ପର୍କୀୟ ସୁମନ୍ତ ଆହତ ହୋଇଥିଲେ। ତେବେ ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସନ୍ଧ୍ୟାରେ ପ୍ରଚାର କରୁଛନ୍ତି ପ୍ରାର୍ଥୀ

ଖୋର୍ଦ୍ଧା,୩୦।୪ (ପ୍ରଭାତ ପାଣିଗ୍ରାହୀ)

ତାତିରୁ ବର୍ତ୍ତିବା ଲାଗି ପ୍ରାର୍ଥୀ ଏବେ ଅପରାହ୍ନ ୫ଟା ପରେ ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ବେଗୁନିଆ ବିଧାନସଭା ବିଜେଡି ପ୍ରାର୍ଥୀ ପ୍ରଦୀପ ସାହୁ, କଂଗ୍ରେସ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ସମର୍ଥକଙ୍କ ସହ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ଲୋକଙ୍କୁ ଭେଟିବା ସହ ନିଜ ସପକ୍ଷରେ ମତଦାନ ଲାଗି ନିବେଦନ କରୁଛନ୍ତି। ଭାଜପା ଏଯାବତ୍ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ସେହିପରି ଖୋର୍ଦ୍ଧାରେ ବିଜେଡି ପ୍ରାର୍ଥୀ ବିଧାୟକ ରାଜେନ୍ଦ୍ର ସାହୁ ସୋମବାର ସନ୍ଧ୍ୟାରେ ଗଙ୍ଗପଡ଼ା ଭବନ ପରିସରରେ ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର କର୍ମୀଙ୍କୁ ନେଇ କର୍ମୀ ସମ୍ମିଳନୀ ଆୟୋଜନ କରିଥିଲେ। ଏଥିରେ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଯୋଗଦେଇଥିଲେ। ଯୋଡ଼ିଶଙ୍ଖ ପାଇଁ ପ୍ରଚାର କରିବା ସହ ବହୁମତରେ ବିଜୟ



ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ କର୍ମୀଙ୍କ ସହ ଆଲୋଚନା କରୁଛନ୍ତି।

ପାଇଁ କର୍ମୀଙ୍କ ସହଯୋଗ ଲୋଡିଥିଲେ। ସେହିପରି ଭାଜପା ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ମଧ ଲୋକଙ୍କୁ ଭେଟୁଛନ୍ତି। କାର୍ଯ୍ୟାଳୟ ପରିସରରେ ଲୋକଙ୍କ ସହ ଆଲୋଚନା କରିବା ସହ ତାଙ୍କୁ ସମର୍ଥନ ପାଇଁ ନିବେଦନ କରିଥିଲେ। ଅନ୍ୟପଟେ କାଳୁଚରଣ ଖଣ୍ଡାୟତରାୟ ସ୍ୱାଧୀନ ଭାବେ ଲଢିବାକୁ ଘୋଷଣା କରିଥିବା ବେଳେ ସେ ମଙ୍ଗଳବାର ସନ୍ଧ୍ୟାରେ ମଳିପଡାସ୍ଥିତ ବାସଭବନରେ ଶତାଧିକ କର୍ମୀଙ୍କୁ ନେଇ ଆଗାମୀ ରଣନୀତି ପ୍ରସ୍ତୁତି କରିଥିଲେ। ଜଟଣୀ ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ବଳବନ୍ତରାୟ ନାମାଙ୍କନ ଦାଖଲ କରିଥିବା ବେଳେ ସନ୍ଧ୍ୟାରେ ଜଟଣୀ ସ୍ଥିତ କାର୍ଯ୍ୟାଳୟରେ କର୍ମୀ ସମ୍ମଳନୀରେ ଯୋଗଦେଇ ନିର୍ବାଚନ ରଣନୀତି ପ୍ରସ୍ତୁତି କରିଥିଲେ। ଚିଲିକା ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେଡି ପ୍ରାର୍ଥୀ ରଘୁନାଥ ସାହୁ ମଧ ଘରକୁ ଘର ବୁଲୁଛନ୍ତି। ପ୍ରବଳ ଖରା ହେଉଥିବାରୁ ସନ୍ଧ୍ୟାରେ ପ୍ରଚାର କରୁଛନ୍ତି। କଂଗ୍ରେସ ପାର୍ଥୀ ପ୍ରଦୀପ ସ୍ୱାଇଁ ମଧ ଗାଁ ଗାଁରେ ସଭା କରି ଲୋକଙ୍କ ସହଯୋଗ ଲୋଡୁଛନ୍ତି।

### ଉଦୟନାଥଙ୍କ ଅବଦାନ ଅତୁଳନୀୟ

କୃଷ୍ଣପ୍ରସାଦ,୩୦।୪
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ଚାରିଛକ ବଜାରଠାରେ କମଳେଶ୍ୱର ଦେବ ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ଚିଲିକା ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ଉଦୟନାଥ ଜେନାଙ୍କ ୧୨୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅତିଥିମାନେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରିଚାଳନା କମିଟି ସଭାପତି ଡ. ଅଭିମନ୍ୟୁ ଜେନାଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ବ୍ରଜକିଶୋର ଜେନା, ମୁଖ୍ୟ ବକ୍ତାଭାବେ ନାରାୟଣ ନୋଡାଲ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ଜେନା ଯୋଗଦେଇଥିଲେ। ୩୫ ମୌଜା ପରିଚାଳନା କମିଟି ସମ୍ପାଦକ ମନୋଜ କୁମାର ସାହୁ, ପରିଚାଳନା କମିଟି ପୂର୍ବତନ ସଭାପତି ଦାମୋଦର ବିଶ୍ୱାଳ, ଦାମୋଦର ଜେନା, ବୃନ୍ଦାବନ ଜେନା, ବାନାମ୍ବର ମାଝି , ସାମାଜକ କର୍ମୀ ବାଲୁଙ୍କେଶ୍ୱର ବିଶ୍ୱାଳ, ଶିକ୍ଷକ ଅକ୍ଷୟ କୁମାର ସାମନ୍ତସିଂହାର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଉଦୟ ଅଞ୍ଚଳବାସୀଙ୍କ ପାଇଁ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହା ଜନମାନସରେ ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ମତପ୍ରକାଶ ପାଇଥିଲା। ୩୫ ମୌଜା ପରିଚାଳନା କମିଟିର ସମସ୍ତ ସଦସ୍ୟ, ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ, ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପଣ୍ଡିତ ଟୁକୁନା କର ସଭା ପରିଚାଳନା କରିଥିଲେ।



ଜଟଣୀ ବିଧାନସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ ମଙ୍ଗଳବାର ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ(ଭୁବନେଶ୍ୱର) ରୁଦ୍ରନାରାୟଣ ମହାନ୍ତିଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

## ୫ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଖୋର୍ଦ୍ଧା,୩୦।୪ (ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନର ଦ୍ୱିତୀୟ ଦିନରେ ଭୁବନେଶ୍ୱର ଲୋକ ସଭା ଆସନ ପାଇଁ କୌଣସି ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରି ନ ଥିବା ବେଳେ ୭ ନିର୍ବାଚନମଣ୍ଡଳୀରେ ୫ଜଣ ନାମାଙ୍କନ ଦାଖଲ କରିଥିବା ଜିଲା ନିର୍ବାଚନ ଅଧିକାରୀଙ୍କଠାରୁ ସୂଚନା ମିଳିଛି। ୧୧୧ ଜୟଦେବ ପାଇଁ କୌଣସି ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। ୧୧୨ ମଧ୍ୟ(ଭୁବନେଶ୍ୱର) କୃପାଦୃଷ୍ଟି ଦଳରୁ ଶ୍ରୀକାନ୍ତ ସାମଲ, ୧୧୩ ଉତ୍ତର ପାଇଁ ବିଜେଡିରୁ ସୁଶାନ୍ତ କୁମାର ରାଉତ, ୧୧୪ ଏକାମ୍ର ପାଇଁ କେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିବା ବେଳେ ୧୧୫ ଜଟଣୀ ପାଇଁ ବିଜେଡିରୁ ବିଭୂତି ଭୂଷଣ ବଳବନ୍ତରାୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୧୧୬ ବେଗୁନିଆ ପାଇଁ ପ୍ରାର୍ଥିପତ୍ର ଦାଖଲ ହୋଇ ନ ଥିବା ବେଳେ ୧୧୭ ଖୋର୍ଦ୍ଧା ପାଇଁ ମାନସ ଲୋକଶକ୍ତି ଦଳରୁ ବିଶ୍ୱଜିତ ବେହେରା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ପୁରୀ ଲୋକ ସଭା ଅନ୍ତର୍ଗତ ଚିଲିକା ପାଇଁ କୌଣସି ପ୍ରାର୍ଥିପତ୍ର ଦାଖଲ ହୋଇନାହିଁ।

## ଭାଜପା ପ୍ରାର୍ଥୀଙ୍କ ଜନ ଆଶୀର୍ବାଦ ପଦଯାତ୍ରା

ଟାଙ୍ଗୀ,୩୦।୪(ରଘୁନାଥ ସାହୁ)

ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚଣ୍ଡେଶ୍ୱର ମଣ୍ଡଳରେ ମଙ୍ଗଳବାର ଭାଜପା ପକ୍ଷରୁ ଜନ ଆଶୀର୍ବାଦ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁରୀ ଲୋକ ସଭା ପ୍ରାର୍ଥୀ ଡା. ସମ୍ବିତ ପାତ୍ର ଓ ଚିଲିକା ବିଧାନସଭା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ଚଣ୍ଡିହର ଦେବ ମନ୍ଦିରରେ ଠାକୁରଙ୍କ ଦର୍ଶନ ସହ ଅଞ୍ଚଳବାସୀଙ୍କ ପାଇଁ ଶୁଭ ମନାସିଥିଲେ। ଏହା ପରେ ମନ୍ଦିରଠାରୁ ବାଇକ୍ ଶୋଭାଯାତ୍ରରେ ଚଣ୍ଡେଶ୍ୱର, ଆରଡା, ଅଁଳାଡିହ, କଳକଳେଶ୍ୱର ପଞ୍ଚାୟତ ଓ ଜରିପଡା ପଞ୍ଚାୟତର ସମସ୍ତ ଗାଁ ପରିକ୍ରମା କରିବା ସହ ଜନ ଆଶୀର୍ବାଦ ଲୋଡ଼ିଥିଲେ। ପାନୀୟଜଳ ସମସ୍ୟାର ସମାଧାନ, ଚିଲିକାର ପୁନରୁଦ୍ଧାର, ମତ୍ସ୍ୟଜୀବୀଙ୍କ ବିକାଶ ପାଇଁ କୃଷି, ମତ୍ସ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ଓ ପର୍ଯ୍ୟଟନର ବିକାଶ କରି ଏକ ବିକଶିତ ଚିଲିକା ଗଠନ କରିବେ ବୋଲି ପୃଥ୍ୱୀରାଜ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଡା. ପାତ୍ର ଚିଲିକା ଚାରିକଡ଼େ ରିଂ ବନ୍ଧ ଓ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେଇ ବିପୁଳ ସଂଖ୍ୟାରେ



ପଦଯାତ୍ରାରେ ପୁରୀ ଲୋକ ସଭା ପ୍ରାର୍ଥୀ ଡା.ସମ୍ବିତ୍ ପାତ୍ର ଏବଂ ଅନ୍ୟମାନେ।

ଜିତେଇବା ପାଇଁ ନିବେଦନ କରିଥିଲେ। ପଦଯାତ୍ରାରେ ଚିଲିକା ବ୍ଲକ ଅଧକ୍ଷ ଜ୍ୟୋତ୍ସ୍ନା ବେହେରା, ବ୍ଲକ ଉପାଧକ୍ଷ ଅରୁଣ ପଟ୍ଟନାୟକ, ଚଣ୍ଡେଶ୍ୱର ମଣ୍ଡଳ ଭାଜପା ସଭାପତି ଲକ୍ଷ୍ମୀଧର ବରାଳ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ସାହୁ, କଳକଳେଶ୍ୱର ସରପଞ୍ଚ ଜ୍ୟୋସ୍ନାରାଣୀ ଜେନା, ସମିତିସଭ୍ୟ ସବିତା ବିଶ୍ୱାଳ, ଜରିପଡ଼ା ସରପଞ୍ଚ ଦୀପୁନା କୁମାରୀ ସାହୁ, ସମିତିସଭ୍ୟ ମନୋରମା ବେହେରା, ମାନସିଂହପୁର ସରପଞ୍ଚ କାମିନୀ ବେହେରା, ସୋରଣ ସରପଞ୍ଚ ଶେଷଦେବ ବେହେରାଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

### ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ,୩୦।୪ (ରଘୁନାଥ ସାହୁ)

ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାବିତ୍ରୀ ସାହୁ ମଙ୍ଗଳବାର ଚାକିରିରୁ ଅବସର ନେଇଛନ୍ତି। କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟତମ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ସଞ୍ଜୁଲତା ବେହେରା, ଶରତ ଚନ୍ଦ୍ର ଦାସ, ରଜତ ଦଳାଇ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ପେନସନ କାଗଜପତ୍ର ତାଙ୍କୁ ପ୍ରଦାନ କରାଯାଇଛି।

## ରାଜେନ୍ଦ୍ରଙ୍କ ସହ ସୁରଙ୍କ ଆଲୋଚନା



ଖୋର୍ଦ୍ଧା,୩୦।୪(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ଲୋକସଭା ଆସନ ପାଇଁ ବିଜେଡି ମନ୍ମଥ ରାଉତରାୟଙ୍କୁ ପ୍ରାର୍ଥୀ କରିଛି। ତେବେ ସାନପୁଅ ମନ୍ମଥଙ୍କୁ ବିଜୟୀ କରିବା ପାଇଁ ଅଣ୍ଟା ଭିଡିଛନ୍ତି ବାପା ତଥା ବିଧାୟକ ସୁରେଶ କୁମାର ରାଉତରାୟ। ମଙ୍ଗଳବାର ଅପରାହ୍ନରେ ସେ ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ସାହୁଙ୍କ ବାସଭବନରେ ପହଞ୍ଚି ନିର୍ବାଚନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମସ୍ତେ ଏକହୋଇ ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ବେଗୁନିଆ,୩୦।୪
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ଶୃଙ୍ଖଳିତ ଓ ନିରପେକ୍ଷ ଭାବେ ସମାପନ କରିବା ପାଇଁ ବେଗୁନିଆ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି।



ମଙ୍ଗଳବାର ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ ସହ ଯାଞ୍ଚ କରାଯାଇଛି। ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ୩ ପ୍ଲାଟୁନ ସିଆର୍‌ପିଏଫ୍ ଯବାନଙ୍କ ସହ ଅନ୍ୟ କର୍ମଚାରୀମାନେ ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିଲେ। ବେଗୁନିଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବେଗୁନିଆ ପୋଷ୍ଟ ଅଫିସ ଛକ ନିକଟରୁ ଆରମ୍ଭ କରିଥିଲା ଅଭିଯାନ। ପିଚୁକୁଳି ବଜାର, ସାନପଦର, ଦେଉଳି ଆଦି ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସେହିପରି ମତଦାନ ପୂର୍ବରୁ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍‌ଗୁଡିକର ସ୍ଥିତି ପରଖିବା ସହ ଭୋଟରମାନେ କିପରି ଶାନ୍ତିଶୃଙ୍ଖଳାରେ ମତଦାନ କରିବେ ସେ ନେଇ ନଜର ରଖାଯାଇଛି। ଅନ୍ୟପଟେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଏବଂ ବାଘମାରୀ-ଦଶପଲ୍ଲା ରାଜ୍ୟ ରାଜପଥ ଉପରେ ଯାନବାହନ ଚେକିଂ, ବ୍ଲକିଂ ପର୍ଯ୍ୟାୟକ୍ରମେ ଜାରି ରହିଛି। ଅନେକ ଗ୍ରାମରେ ବେଆଇନ ନିଶାଦ୍ରବ୍ୟ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଚଢାଉ କରାଯାଉଛି ବୋଲି ଥାନା ଅଧିକାରୀ ପଣ୍ଡା କହିଛନ୍ତି। ପୂର୍ବ ଅପରାଧ ତାଲିକାରେ ଅନ୍ତର୍ଭୁକ୍ତ ଥିବା ଅଭିଯୁକ୍ତମାନଙ୍କୁ ନୋଟିସ ଜରିଆରେ ବିଶୃଙ୍ଖଳା ସୃଷ୍ଟି ନ କରିବା ପାଇଁ ତାଗିଦ କରାଯାଇଛି।

## ମାଣିକାଗୋଡ଼ା-ବିଜିପୁର ରାସ୍ତାରେ ଫାଟ

ବୋଲଗଡ଼,୩୦।୪(ଦେବବ୍ରତ ହୋତା)

ଜନସାଧାରଣଙ୍କ ସୁବିଧାରେ ଗମନାଗମନ ପାଇଁ ସରକାରଙ୍କ ପକ୍ଷରୁ ବହୁ ଯୋଜନାରେ ରାସ୍ତା ମରାମତି ଓ ନୂତନ ନିର୍ମାଣ କାର୍ଯ୍ୟ କରାଯାଉଛି। ହେଲେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ନିମ୍ନମାନର ହେଉଥିବା ପରିଲକ୍ଷିତ ହୋଇଛି। ଏହାର ଉଦାହରଣ ବୋଲଗଡ଼ ବ୍ଲକ୍‌ର ମାଣିକାଗୋଡ଼ାଠାରୁ ବିଜିପୁର ପର୍ଯ୍ୟନ୍ତ ରାସ୍ତାରେ ଦେଖିବାକୁ ମିଳିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ନିର୍ମାଣର ୧ ବର୍ଷ ମଧ୍ୟରେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ମାଣିକାଗୋଡ଼ା ଗ୍ରାମରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ମୁଖ୍ୟରାସ୍ତାର ରେଲୱେ ଓଭରବ୍ରିଜ୍‌ଠାରୁ ପ୍ରାୟ ୧ବର୍ଷ ତଳେ ନିର୍ମାଣ



କରାଯାଇଥିବା ସିମେଣ୍ଟ କଂକ୍ରିଟ ରାସ୍ତା ଫାଟି ଆଁ କରିବା ସହ ଅନେକ ସ୍ଥାନରେ କଂକ୍ରିଟ ଛାଡ଼ି ଖାଲଢ଼ିପ ହୋଇଯାଇଛି। ଏହାର ସଂଲଗ୍ନ ପିଚୁ ରାସ୍ତାର ପିଚୁ ଛାଡ଼ିଯାଇ ବେହାଲ ହୋଇପଡିଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ହଇରାଣ ହେଉଛନ୍ତି। ସେହିପରି ଏହି ରାସ୍ତାରେ ଥିବା ସୁରକ୍ଷା ବାଡ଼ ବିହୀନ ଏକ ଗଡ଼ାଣିଆ ଜରାଜୀର୍ଣ୍ଣ ପୋଲର ମଧ ପୁନରୁଦ୍ଧାର ଆବଶ୍ୟକ ହୋଇପଡିଛି। ଲଗାଣବର୍ଷା ହେଲେ ପୋଲ ଉପର ଦେଇ ପାଣି ଯିବାରୁ ସେହି ସମୟରେ ଉକ୍ତ ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥାଏ। ତେବେ ରାତିରେ ଯାତାୟାତ କରୁଥିବା ଯାନବାହନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାଟି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବିଜିପୁରଠାରୁ ମାଣିକାଗୋଡ଼ା ଦେଇ ଖଣ୍ଡପଡ଼ାକୁ ସଂଯୋଗ କରୁଛି। ଏହି ରାସ୍ତା ଓ ପୋଲ ଦେଇ ଛାତ୍ରୀଛାତ୍ର, ବ୍ୟବସାୟୀ ଓ ଅନ୍ୟମାନେ ଯାତାୟାତ କରୁଛନ୍ତି। ତେଣୁ ଏହି ରାସ୍ତାର ମରାମତି ସହିତ ପୋଲର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଏନେଇ ବୋଲଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ ଅଖିଳ ହରିଚନ୍ଦନ କହିଛନ୍ତି, ଏହି ରାସ୍ତାଟି ନିର୍ମାଣ ପାଇଁ ଆବଶ୍ୟକ ପ୍ରଶସ୍ତ ସ୍ଥାନ ଅଭାବ ସହ ମାଟିର ମାନରେ ଅସୁବିଧା ରହିଛି। ତଥାପି ବିଭାଗ ପକ୍ଷରୁ ଅନେକ ସ୍ଥାନରେ ସ୍ୱତନ୍ତ୍ର ଇଟା (ଫ୍ଲେଭର ବ୍ଲକ୍)ଦ୍ୱାରା ଯୋଡ଼େଇ କରାଯାଇଛି। ରାସ୍ତାରେ ମଧ କ୍ଷମତାଠାରୁ ଅଧିକ ଓଜନର ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ଖରାପ ହୋଇଛି। ବ୍ରିଜ୍ କାମ ସମ୍ପୂର୍ଣ୍ଣ ହୋଇନାହିଁ। ତେବେ ଏହି ରାସ୍ତାର ପୁନରୁଦ୍ଧାର ପାଇଁ ଆଗାମୀ ଦିନରେ ଅନ୍ୟ ଯୋଜନା କରାଯାଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ପ୍ରଣବ ପ୍ରକାଶ ଦାସ।

# ପଞ୍ଚଗଡ଼ ଉପରେ ୩ ଦଳର ନଜର

## ଅନୁଗୋଳ ବିଧାନସଭା କ୍ଷେତ୍ର

ଅନୁଗୋଳ,୩୦।୪
(ଅମିତ କୁମାର ସାମଲ)

ଆସନ୍ତା ମେ ୨୫ରେ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟଗ୍ରହଣ ହେବ। ବିଜେଡି ପ୍ରଥମ ଥର ପାଇଁ ଅନୁଗୋଳରେ ମହିଳା କାର୍ଡ ଖେଳି ସଂଯୁକ୍ତା ସିଂହଙ୍କୁ ପ୍ରାର୍ଥୀ କରିଛି। ଭାଜପାରୁ ପ୍ରତାପ ଚନ୍ଦ୍ର ପ୍ରଧାନ ପୁଣି ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ନୂଆ ମୁହଁ ଭାବେ ଅମ୍ବିକା ପ୍ରସାଦ ଭଟଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଛି। ତେବେ ୩ ପ୍ରମୁଖ ଦଳ ଅନୁଗୋଳକୁ ନେଇ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିବା ଦେଖାଯାଉଛି। ବିଶେଷକରି ପଞ୍ଚଗଡ଼କୁ ଅଧିକ ଗୁରୁତ୍ୱ ଦିଆଯାଉଛି। କାରଣ ପଞ୍ଚଗଡ଼ରେ ଥିବା ୧୭ ପଞ୍ଚାୟତର ଭୋଟର ପ୍ରାର୍ଥୀଙ୍କ ବିଜୟରେ ନିର୍ଣ୍ଣାୟକ ଭୂମିକା ନେଉଥିବା ଅତୀତରେ ଦେଖାଯାଇଥିବାରୁ ୩ ପ୍ରମୁଖ ଦଳର ନଜର ପଞ୍ଚଗଡ଼ ଉପରେ ରହିଥିବା କୁହାଯାଉଛି।

ଅନୁଗୋଳ ନିର୍ବାଚନମଣ୍ଡଳୀରେ ଥିବା ବଣଁରପାଳ ବ୍ଲକର ବଳରାମପ୍ରସାଦ, ଗୋତମରା, ବୁଢ଼ାପଙ୍କ, ସନ୍ତ୍ରୀ, ତଳମୂଳ ଆଦି ୧୭ ପଞ୍ଚାୟତକୁ ପଞ୍ଚଗଡ଼ କୁହାଯାଉଛି। ଏଠାରେ ଭୋଟରଙ୍କ ସଂଖ୍ୟା ୭୦ ହଜାର ଉପରେ। ୨୦୧୪ ନିର୍ବାଚନରେ ବିଜେଡିର ବିଜୟରେ ଏଠାକାର ଭୋଟର ନିର୍ଣ୍ଣାୟକ ସାଜିଥିଲେ। ଏପରି କି ପାଖାପାଖି ୧୩ରୁ ୧୪ ହଜାର ଭୋଟ୍‌ରେ ବିଜେଡି ଏଠାରେ ଆଗୁଆ ରହିଥିଲା। ସେହିପରି ୨୦୧୯ ନିର୍ବାଚନରେ ବିଜେଡିର ଭୋଟ ହାର ପଞ୍ଚଗଡ଼ରେ ହ୍ରାସ ପାଇଥିଲେ ମଧ୍ୟ ଦଳ ୬ରୁ ସାଢ଼େ ୬ ହଜାର ଭୋଟରେ ଆଗରେ ଥିଲା। ତେଣୁ ପଞ୍ଚଗଡ଼ର ଭୋଟରଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାକୁ ଏଥର ୩ ପ୍ରମୁଖ ଦଳର ପ୍ରାର୍ଥୀ ଜୋର୍‌ଦାର ଉଦ୍ୟମ ଚଳାଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ବେଳେ ବିଜେଡିର ଏହି ଗଡ଼ରେ ଭାଜପା ଧସେଇ ପଶି ୫ ପଞ୍ଚାୟତରେ ବିଜୟୀ ହୋଇଥିବା ବେଳେ ବଉଳିଗଡ଼ ସରପଞ୍ଚ ଇତିମଧ୍ୟରେ ଭାଜପାରେ ସାମିଲ ହୋଇଛନ୍ତି। ଏହାଛଡ଼ା ଅବଶିଷ୍ଟ ୧୧ ପଞ୍ଚାୟତରେ ବିଜେଡି ବିରୋଧରେ କିଛିଟା ଅସନ୍ତୋଷ ଥିବା ଚର୍ଚ୍ଚା ହେଉଛି। ତେଣୁ ଭାଜପା ଏହାକୁ ସୁଯୋଗ ଭାବେ ଧରିନେଇ ପଞ୍ଚଗଡ଼ବାସୀଙ୍କ ବିଶ୍ୱାସଭାଜନ ହେବାକୁ ଚେଷ୍ଟା କରୁଥିବା ବେଳେ ବିଜେଡି ଏହାକୁ ନେଇ ଅଧିକ ସତର୍କ ହୋଇଉଠିଛି। କାଳେ ଗଡ଼ ହାତରୁ ଖସିଯିବ, ସେଥିପାଇଁ ନିର୍ବାଚନ ପୂର୍ବରୁ ବିଜେଡି ପଞ୍ଚଗଡ଼ରେ ସ୍ୱତନ୍ତ୍ର ରଣନୀତି ସହ କାର୍ଯ୍ୟ କରୁଛି। ଅତୀତରେ ଅନୁଗୋଳ ଗସ୍ତରେ ଆସିଥିବା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପଞ୍ଚଗଡ଼ର ସନ୍ତ୍ରୀ ଠାରେ ଦଳୀୟ କାର୍ଯ୍ୟକ୍ରମ କରିଥିଲେ। ଗତ ରବିବାର ବିଜେଡି ବିଧାୟକ ପ୍ରାର୍ଥୀ ଓ ଲୋକ ସଭା ପ୍ରାର୍ଥୀଙ୍କୁ ନେଇ ଦଳ ପକ୍ଷରୁ ଏଠାରେ ବଡ଼ଧରଣର ଆଶୀର୍ବାଦ ସମାବେଶ ଆୟୋଜନ କରାଯାଇଥିଲା। ଅନ୍ୟପକ୍ଷରେ ପଞ୍ଚଗଡ଼ରେ କଂଗ୍ରେସ ଏବେ ପୂର୍ବପରି ଶକ୍ତିଶାଳୀ ନ ଥିବାରୁ ପୁରୁଣା କର୍ମୀ ଓ ସମର୍ଥକଙ୍କୁ କିଭଳି ପୁଣି ଦଳମୁହାଁ କରିବ ସେହି ଯୋଜନା ନେଇ କାର୍ଯ୍ୟ କରୁଛି।



ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା ନିଜ ସମର୍ଥକଙ୍କ ସହିତ ବିରାଟ ଶୋଭାଯାତ୍ରାରେ ଯାଇ ଏଡିଏମ ତଥା ନିର୍ବାଚନ ଅଧିକାରୀ ପବିତ୍ର ବେହେରାଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

# ନାମାଙ୍କନପତ୍ର ଦାଖଲ କଲେ ପ୍ରଣବ

## ଭିଡିଓ ବାର୍ତ୍ତାରେ ପ୍ରଣବଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର,୩୦।୪
(ପ୍ରମୋଦ ବହିଦାର)

ସମ୍ବଲପୁର ଲୋକ ସଭା ଆସନ ପାଇଁ ମଙ୍ଗଳବାର ବିଜେଡି ପ୍ରାର୍ଥୀଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ଦଳୀୟ ସମର୍ଥକଙ୍କ ସହ ଏକ ପଟୁଆରରେ ଯାଇ ସେ ଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ କାର୍ଯ୍ୟାଳୟରେ ୪ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କର ପ୍ରସ୍ତାବକଭାବେ ରାଜେନ୍ଦ୍ର ଛତ୍ରିଆ, ସିଦ୍ଧାର୍ଥ ଦାସ, ବବିତା ପ୍ରଧାନ ଓ ଅରୁଣୀ ପ୍ରଧାନ ନାମାଙ୍କନପତ୍ରରେ ସ୍ୱାକ୍ଷର କରିଛନ୍ତି। ନାମାଙ୍କନପତ୍ର ଭରିବା ଅବସରରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତାରେ ଶୁଭେଚ୍ଛା ଜଣାଇ ପ୍ରଣବଙ୍କ ବିଜୟ ନେଇ ସେ ନିଶ୍ଚିତ ଥିବା କହିଛନ୍ତି।

ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ପ୍ରଣବ ପ୍ରକାଶ ଦଳର ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଇଂ. ରୋହିତ ପୂଜାରୀ, ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କ ସହିତ ମା’ ସମଲେଶ୍ୱରୀଙ୍କ ପୀଠରେ ପହଞ୍ଚିଥିଲେ। ମା’ଙ୍କ ଦର୍ଶନ କରିବା ପରେ ସେ ଜେଲଖାନା ଛକକୁ ଯାଇ ସେଠାରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସେ ସ୍ଥାନୀୟ ବାଲିବନ୍ଧାରେ ପହଞ୍ଚିଥିଲେ। ସେଠାରୁ ଦଳୀୟ ନେତା, କର୍ମକର୍ତ୍ତା ଓ ସମର୍ଥକଙ୍କ ଗହଣରେ ସମ୍ବଲପୁରୀ ବାଜାର ତାଳେତାଳେ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ।

ନାମାଙ୍କନପତ୍ର ଦାଖଲ ପରେ ପ୍ରଣବ ପ୍ରକାଶ କହିଛନ୍ତି, ମା’ ସମଲେଶ୍ୱରୀଙ୍କ ଡୋରି ଲାଗିବାରୁ ସେ ଏ ମାଟିର ସେବା କରିବାର ସୁଯୋଗ ପାଇଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କୁ ସମ୍ବଲପୁର ପଠାଇଛନ୍ତି। ମା’ଙ୍କ ଆଶୀର୍ବାଦରୁ ବିଜେଡିର ବିଜୟ ନିଶ୍ଚିତ। ଏକ ସମୃଦ୍ଧ ଓ ବିକଶିତ ସମ୍ବଲପୁର ଗଠନ ତାଙ୍କର ଏକମାତ୍ର ଲକ୍ଷ୍ୟ। ଏ ଦିଗରେ ସେ ସମ୍ବଲପୁରବାସୀଙ୍କ ସହଯୋଗ କାମନା କରିଛନ୍ତି।

# ଭାଜପା ଛାଡ଼ିଲେ କାଳୁଚରଣ ଖଣ୍ଡାୟତରାୟ

## ସ୍ୱାଧୀନରେ ଲଢ଼ିବା ନେଇ କଲେ ଘୋଷଣା

ଖୋର୍ଦ୍ଧା,୩୦।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଧାନସଭା ଆସନ ପାଇଁ ଭାଜପାରୁ ଆଶାୟୀ ଥିବା କାଳୁଚରଣ ଖଣ୍ଡାୟତରାୟଙ୍କ ଟିକେଟ କଟିବା ପରେ ସେ ଭାଜପା ଛାଡ଼ିଛନ୍ତି। ତାଙ୍କ ସହ ଶହେରୁ ଊର୍ଦ୍ଧ୍ୱ କର୍ମୀ ଦଳରୁ ଇସ୍ତଫା ଦେଇଥିବା ନେଇ ମଙ୍ଗଳବାର ଖବରଦାତା ସମ୍ମିଳନୀରେ କାଳୁ ସୂଚନା ଦେଇଛନ୍ତି। ଦୀର୍ଘ ବର୍ଷ ଧରି ଦଳ ପାଇଁ ସେ କାମ କରିଆସୁଥିଲେ। ଶେଷ ପର୍ଯ୍ୟନ୍ତ ଟିକେଟ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିକଟରେ ଭାଜପାରେ ମିଶିଥିବା ପ୍ରଶାନ୍ତ ଜଗଦ୍ଦେବଙ୍କୁ ଟିକେଟ ଦିଆଯାଇଛି। ତେବେ ଟିକେଟ କଟିବା ନେଇ ଖବରଦାତାଙ୍କୁ ସମ୍ବୋଧିତ ବେଳେ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ ବର୍ଷିଛନ୍ତି କାଳୁ। ଟିକେଟ ପାଇଁ ତାଙ୍କୁ ଅପରାଜିତା ୨କୋଟି ଟଙ୍କା ମାଗିଥିଲେ। ସେ ଅସମର୍ଥ ପ୍ରକାଶ କରିବାରୁ ପ୍ରଶାନ୍ତଙ୍କ ଠାରୁ ଟଙ୍କା ନେଇ ଟିକେଟ ଦେଇଦେଲେ ବୋଲି ଅଭିଯୋଗ ଆଣିଛନ୍ତି। ସେ ତାଙ୍କ ସହ ଛଳନା କରିଛନ୍ତି ବୋଲି କହିବା ବେଳେ କାଳୁ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଅପରାଜିତାଙ୍କ ପାଇଁ ତାଙ୍କର ବଡ଼ କ୍ଷତି ହୋଇଛି। ତାଙ୍କୁ ହରାଇବା ପାଇଁ ଘରକୁ ଘର ବୁଲି ପ୍ରଚାର କରିବେ ବୋଲି କହିଛନ୍ତି। ଟିକେଟ କଟିବା ପରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଆଲୋଚନା କରିଥିଲେ। ସୋମବାର ରାତିରେ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ଭେଟି ଇସ୍ତଫାପତ୍ର ଦେଇଥିଲେ। କିନ୍ତୁ ସେ ଇସ୍ତଫାପତ୍ର ଗ୍ରହଣ କରି ନ ଥିଲେ, ୪୮ଘଣ୍ଟା ସମୟ ମାଗିଥିଲେ। ନାମାଙ୍କନ ଦିନ ସରିଆସୁଥିବା ବେଳେ ରାଜ୍ୟ ସଭାପତି ଜାଣିଶୁଣି ତାଙ୍କ ସହ ଖେଳୁଛନ୍ତି। ମଙ୍ଗଳବାରଠାରୁ ବିଧିବଦ୍ଧ ଭାବେ ଦଳ ଛାଡିଲେ, ସ୍ୱାଧୀନଭାବେ ଲଢ଼ିବେ ବୋଲି କହଛନ୍ତି।



ଖବରଦାତା ସମ୍ମିଳନୀରେ ଦଳ ଛାଡ଼ିବା ନେଇ କାନ୍ଦି ପକାଉଛନ୍ତି କାଳୁଚରଣ ଖଣ୍ଡାୟତରାୟ।

# ଶଙ୍ଖ ଛାଡ଼ିଲେ ପୂର୍ବତନ ବିଧାୟକ ଖଗେଶ୍ୱର

ଛେଣ୍ଡିପଦା,୩୦।୪ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା ବିଜେଡିରୁ ଇସ୍ତଫା ଦେଇଛନ୍ତି। ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କର ଇସ୍ତଫାପତ୍ର ପଠାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କାର୍ଯ୍ୟ ପ୍ରତି ତାଙ୍କର ଶ୍ରଦ୍ଧା ଓ ସମ୍ମାନ ରହିଛି ବୋଲି ଖଗେଶ୍ୱର କହିଥିଲେ ହେଁ ଗଣତନ୍ତ୍ରର ଗରିମା ନଷ୍ଟ ହେବା ସହିତ ସମସ୍ତଙ୍କୁ ସମାନ ସୁଯୋଗ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏହି କାରଣରୁ ସେ ଦଳ ପରିତ୍ୟାଗ କରିଥିବା ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଖଗେଶ୍ୱର ୨୦୦୯ ମସିହାରେ ଛେଣ୍ଡିପଦାରୁ ବିଜେଡି ଟିକେଟ୍‌ରେ ବିଧାୟକ ନିର୍ବାଚିତ ହୋଇଥିଲେ। ଚଳିତ ସାଧାରଣ ନିର୍ବାଚନରେ ବିଜେଡି ଛେଣ୍ଡିପଦାରୁ ସୁଶାନ୍ତ କୁମାର ବେହେରାଙ୍କୁ ପୁଣି ପ୍ରାର୍ଥୀ କରିବା ପରେ ଖଗେଶ୍ୱର ଅସନ୍ତୁଷ୍ଟ ଥିଲେ। ଏପରି କି ଟିକେଟର ପୁନର୍ବିଚାର ପାଇଁ ମଧ୍ୟ ସେ ଅସନ୍ତୁଷ୍ଟ କର୍ମୀମାନଙ୍କୁ ନେଇ ବୈଠକରେ ଦାବି କରିଥିଲେ।

# ପ୍ରଦୀପ, ରମେଶ ଗୋଷ୍ଠୀ ମୁହାଁମୁହିଁ

- ଝରିଗାଁ ନିର୍ବାଚନମଣ୍ଡଳୀରେ ବିଜେଡିରେ ଫାଟ
- ଅଭିଯୋଗକୁ ଖଣ୍ଡନକଲେ ଜିଲା ପର୍ଯ୍ୟବେକ୍ଷକ

ନବରଙ୍ଗପୁର/ଝରିଗାଁ,୩୦।୪(ସଦାଶିବ ପ୍ରହରାଜ/କିଶୋର ଚନ୍ଦ୍ର ମଣ୍ଡଳ)

ନିର୍ବାଚନ ଯେତିକି ପାଖେଇ ଆସୁଛି, ଝରିଗାଁ ନିର୍ବାଚନମଣ୍ଡଳୀରେ ବିଜେଡି ଟେନ୍‌ସନ ସେତିକି ବଢ଼ିବାରେ ଲାଗିଛି। ବିଜେଡିରେ ଫାଟ ଥିବା ଅଭିଯୋଗ ହେଉଛି। କଂଗ୍ରେସ ଛାଡ଼ି ପ୍ରଦୀପ ମାଝି ବିଜେଡିରେ ମିଶିବା ପରେ ଝରିଗାଁ ନିର୍ବାଚନମଣ୍ଡଳୀରେ ଦଳରେ ପୂର୍ବରୁ ରହିଥିବା ଅସନ୍ତୋଷ ଫାଟ ସୃଷ୍ଟି କରିଥିଲା। ଏହି ନିର୍ବାଚନମଣ୍ଡଳୀରେ ୨ ଟାଣୁଆ ନେତା ରମେଶ ଚନ୍ଦ୍ର ମାଝି ଏବଂ ପ୍ରଦୀପ ମାଝିଙ୍କ ଗଡ଼ ରହିଥିବାବେଳେ ତାହା ଗୋଟିଏ ଦଳ ମଧ୍ୟରେ ଦୁଇ ଗୋଷ୍ଠୀର ରୂପ ନେଇଥିଲା। ବିଜେଡିର ଅସନ୍ତୋଷ ଗୋଷ୍ଠୀ ପ୍ରଦୀପ ଗୋଷ୍ଠୀରେ ସାମିଲ ହୋଇଥିଲେ। ଏହା ମଧ୍ୟରେ ଗତ ପଞ୍ଚାୟତ ନିର୍ବାଚନରୁ ସାଧାରଣ ନିର୍ବାଚନ ବିଗୁଲ୍ ବାଜିଲା ହେଲେ ରମେଶ ଗୋଷ୍ଠୀ ଏବଂ ପ୍ରଦୀପଙ୍କ ଗୋଷ୍ଠୀ ଗୋଟିଏ ଦଳ ଗୋଟିଏ ନିର୍ବାଚନମଣ୍ଡଳୀରେ ରହି ଏକ ହୋଇପାରି ନ ଥିଲେ।

ମଙ୍ଗଳବାର ବିଜେଡି ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ଝରିଗାଁ ବ୍ଲକ୍ ଦେଉଳକୋଣାଠାରେ ବ୍ଲକ୍ ସଭାପତିଙ୍କ ସହାୟତାରେ ଏକ ବୈଠକ ଆୟୋଜନ କରାଯାଇଥିଲା। ବିଜେଡିର ଜୋନ୍ ସଭାପତି ମୋହନ ନାୟକ, ଚୈତନ୍ୟ ଗଣ୍ଡ, ୨୩ ପଞ୍ଚାୟତ ସଭାପତି, ୧୬ ପଞ୍ଚାୟତ ସରପଞ୍ଚ, ଜିଲା ପରିଷଦ ସଭ୍ୟ ଯମୁନା ଗଣ୍ଡ, ଶ୍ୟାମସୁନ୍ଦର ନାୟକ, ତ୍ରମିଳା ପୂଜାରୀ, ଜିଲା ଛାତ୍ର ଉପସଭାପତି ହିରଣ୍ୟ ହରିଜନ, ବ୍ଲକ୍ ଛାତ୍ର ସଭାପତି ମଦନମୋହନ କହାଳିଆ, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଚିତ୍ତରଞ୍ଜନ ପାଣ୍ଡେଙ୍କ ସହ ବିଜେଡି ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି ମିଶ୍ରଣ ବୈଠକ ନେଇ ପୂର୍ବାହ୍ନରୁ ଉପସ୍ଥିତ ଥିଲେ। ଅପରାହ୍ନ ପ୍ରାୟ ୨ଟାରେ ବିଜେଡି ଜିଲା ପର୍ଯ୍ୟବେକ୍ଷକଙ୍କ ସହ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଏବଂ ତାଙ୍କ ସହଯୋଗୀମାନେ ବୈଠକ ସ୍ଥଳୀରେ ପହଞ୍ଚିଥିଲେ। ବୈଠକ ଆରମ୍ଭ ପୂର୍ବରୁ ହିଁ ଉଭୟ ଗୋଷ୍ଠୀ କର୍ମୀ ମଧ୍ୟରେ କନ୍ଦଳ ସୃଷ୍ଟି ହୋଇ ପାଟିତୁଣ୍ଡ ହୋଇଥିଲା। ଫଳରେ ୨ ଗୋଷ୍ଠୀ ମଧ୍ୟରେ ମିଶ୍ରଣ ନ ହୋଇ ପୁଣି ଅସନ୍ତୋଷ ଦେଖାଯାଇଥିଲା। ଘଟଣା ସମ୍ପର୍କରେ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି ଓ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝିଙ୍କୁ ପଚାରିବାରୁ ସେମାନେ ଏହାକୁ ଅସ୍ୱୀକାର କରିଛନ୍ତି। ଏନେଇ ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ୨ ନେତାଙ୍କ ମଧ୍ୟରେ କନ୍ଦଳ ଅଭିଯୋଗକୁ ସେ ଖଣ୍ଡନ କରିଥିଲେ। ବ୍ଲକ ସଭାପତି କୌଣସି ପ୍ରକାର ବୈଠକ ଆୟୋଜନ କରୁ ନ ଥିବା ନେଇ କେତେଜଣ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ସେ କହିଥିଲେ। ଏ ନେଇ ବ୍ଲକ୍ ସଭାପିତ ଟିକ୍‌ଚାନ୍ଦ ମାଝିଙ୍କୁ ପଚାରିବାରୁ ଆମର ନେତା ନବୀନ ପଟ୍ଟନାୟକ। ଆମେ ଜଣେ ଜଣେ ଶୃଙ୍ଖଳିତ କର୍ମୀ। ଦଳର ସୁପ୍ରିମୋ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା କିଭଳି ସଫଳ ହେବ, ଉଭୟ ଲୋକ ସଭା ଓ ବିଧାନସଭାରେ ବିଜେଡି କିଭଳି ବିପୁଳ ବିଜୟ ହାସଲ କରିବ ତାହା କର୍ମୀଙ୍କୁ ଜଣାଯାଉଛି ବୋଲି ସେ କହିଛନ୍ତି।

# ବିଜେଡିରୁ ଇସ୍ତଫା ଦେଲେ ଆନନ୍ଦପୁର ବିଧାୟକ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/
ଆନନ୍ଦପୁର(ସୁଶାନ୍ତ କୁମାର ସାହୁ),୩୦।୪

କେନ୍ଦୁଝର ଜିଲା ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ଇସ୍ତଫାର କୌଣସି କାରଣ ଦର୍ଶାଇ ନ ଥିବା ବେଳେ ସେ ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଥିବା କହିଛନ୍ତି। ଏ ନେଇ ତାଙ୍କୁ ପଚାରିବାରୁ ବିଜୁ ବାବୁଙ୍କ ଅମଳରୁ ଦଳରେ ରହି ଆସଛନ୍ତି। ବିଜେଡିର କୁଚକ୍ରି ଗୋଷ୍ଠୀଙ୍କ ଚକ୍ରାନ୍ତ ଯୋଗୁ ତାଙ୍କୁ ଚଳିତ ନିର୍ବାଚନରେ ଟିକେଟ ମିଳିଲା ନାହିଁ। ବୟସ ମଧ୍ୟ ଅଧିକ ହେଲାଣି। ଏଣୁ ଦଳରୁ ଇସ୍ତଫା ଦେଇଦେଇଛି ବୋଲି ସେ କହିଛନ୍ତି। ତାଙ୍କୁ ଏଭଳି ଚକ୍ରାନ୍ତ କରି ୨୦୧୪ରେ ଟିକଟରୁ ବଞ୍ଚିତ କରାଯାଇଥିଲା। ପରେ ୨୦୧୯ରେ ବିଜେଡି ଟିକେଟରେ ଲଢ଼ି ଜିଲାରେ ସବୁଠାରୁ ଅଧିକ ୪୪୦୦୦ରୁ ଅଧିକ ଭୋଟରେ ଜିତିଥିଲେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଭାଗିରଥୀ ଗତ ନିର୍ବାଚନରେ ବିଜେଡି ଛାଡ଼ି ଭାଜପାରୁ ଟିକଟ ପାଇଥିଲେ। ବୁଝାଶୁଝା ପରେ ସେ ପୁଣି ବିଜେଡିରୁ ଟିକେଟ ପାଇ ନିର୍ବାଚନ ଲଢ଼ି ଚର୍ଚ୍ଚାର ପରିସରକୁ ଆସିଥିଲେ। ଏବେ ସେ କେଉଁ ଦଳକୁ ଯିବେ ବୋଲି ପଚାରିବାରୁ କୌଣସି ନିଷ୍ପତ୍ତି ନେଇ ନ ଥିବା କହିଛନ୍ତି।



ଭାଗୀରଥି ସେଠୀ

# ଧନୁ ସଂକ୍ରାନ୍ତି ପରେ ପଦ୍ମ ଫୁଟେନି: କଂସ କଳାକାର

ବରଗଡ଼,୩୦।୪(ପ୍ରେମାନନ୍ଦ ଖମାରୀ)

ନିର୍ବାଚନ ବେଳେ ବିଭିନ୍ନ ପ୍ରକାର ବୟାନବାଜି ରୋଚକ ସ୍ଥିତି ସୃଷ୍ଟି କରିଥାଏ। ଏବେ ଜଣେ କଂସ କଳାକାର (ବରଗଡ଼ ଧନୁଯାତ୍ରାର ନୁହେଁ) ସୁଶିଲ ମେହେରଙ୍କ ସଂଳାପକୁ ନେଇ ଚର୍ଚ୍ଚା ହେଉଛି। ଚଳିତ ନିର୍ବାଚନରେ ବରଗଡ଼ ଜିଲା ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥିନୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ସ୍ନେହାଙ୍ଗିନୀ ଛୁରିଆ ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତେବେ ସେ ପ୍ରାର୍ଥିପତ୍ର ଦାଖଲ କରିବା ପୂର୍ବରୁ ସକାଳୁ ଛୁରିଆଙ୍କ ବାସଭବନରେ ତାଙ୍କ ସମର୍ଥକଙ୍କ ଗହଳି ହୋଇଥିଲା। ସେମାନଙ୍କ ମଧ୍ୟରେ କଂସ କଳାକାର ମେହେର ମଧ୍ୟ ଉପସ୍ଥିତ ଥିଲେ। ତେବେ ଛୁରିଆଙ୍କ ସମର୍ଥକଙ୍କ ଗହଳି ତଥା ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ କଂସ କଳାକାର ମେହେର ସଂଳାପରେ କହିଥିଲେ, ମୁଁହିଁ ସୃଷ୍ଟି, ମୁଁହିଁ ସଂହାର...., । ଧନୁ ସଂକ୍ରାନ୍ତି ପରେ ଏ ମହିମଣ୍ଡଳରେ ପଦ୍ମଫୁଲ ପ୍ରସ୍ଫୁଟିତ ହୁଏ ନାହିଁ, ଏ ମହାରାଜ କଂସର ଆଦେଶ, ହାଃ ହାଃ ହାଃ।

ପଦ୍ମଫୁଲ ଭାଜପାର ଦଳୀୟ ଚିହ୍ନ। ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥିନୀ ଛୁରିଆଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଭାବେ ଭାଜପା ପ୍ରାର୍ଥୀ ରହିଛନ୍ତି। ଗୋଟିଏ ପଟେ ବିଜେଡି ସମର୍ଥକଙ୍କୁ ଉତ୍ସାହିତ କରିବା ପାଇଁ ଏବଂ ଅନ୍ୟପଟେ ଭାଜପାକୁ ଟାର୍ଗେଟ କରି ବିଜେଡି ପ୍ରାର୍ଥିନୀ ଛୁରିଆଙ୍କ ବାସଭବନରେ ତାଙ୍କ ଉପସ୍ଥିତିରେ କଳାକାର ମେହେର ସେଭଳି ସଂଳାପ ଦେଇଥିବା ସାଧାରଣରେ ଆଲୋଚିତ ହେଉଛି। ତେବେ କେଉଁ ପରିସ୍ଥିତିରେ କାହାକୁ ଲକ୍ଷ୍ୟ କରି ସେ ଏଭଳି ସଂଳାପ ଦେଇଥିଲେ, ସେ ନେଇ ଜାଣିବାକୁ କଂସ କଳାକାର ମେହେରଙ୍କୁ ତାଙ୍କ ମୋବାଇଲ ନଂ.୯୯୩୭୯ ୪୪୩୬୬ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନ୍ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ।



ସଂଳାପ ଦେବା ସମୟରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସହିତ କଂସ କଳାକାର ସୁଶୀଲ ମେହେର।

**ଦୁର୍ଗା ସାମନ୍ତରାୟ, କିଶୋର ନାଏକ କଣ୍ଟାବାଞ୍ଜି ନିର୍ବାଚନ ସଂଯୋଜକ**

ଭୁବନେଶ୍ୱର,(ଅନିଲ ଦାସ): ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦୁର୍ଗା ସାମନ୍ତରାୟ ଏବଂ କିଶୋର ଚନ୍ଦ୍ର ନାଏକଙ୍କୁ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି। ମଙ୍ଗଳବାର ଏ ନେଇ ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

# ରିପିଟ୍ ହେବେ ନା ପରିବର୍ତ୍ତନ ଆସିବ

**ଜୁନାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ**


ଦିବ୍ୟ ଶଙ୍କର ମିଶ୍ର


ମନୋଜ କୁମାର ମେହେର


ତୁଳେଶ୍ୱର ନାଏକ

ଭବାନୀପାଟଣା,୩୦।୪
(ଉତ୍ତମ କୁମାର ଦାଶ)

ପ୍ରାର୍ଥୀ ଘୋଷଣା ପରେ ଉଷ୍ମ ହେଲାଣି କଳାହାଣ୍ଡି ରାଜନୀତି। ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ କସରତ ଆରମ୍ଭ କରିଦେଲେଣି ତିନି ପ୍ରମୁଖ ରାଜନୈତିକ ଦଳ। କଳାହାଣ୍ଡି ଜିଲାର ଜୁନାଗଡ଼ ହେଉଛି ପଶ୍ଚିମ ଓଡ଼ିଶାର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନମଣ୍ଡଳୀ। ଏକଦା ଭାଜପାର ଗଡ଼ ଭାବରେ ପରିଚିତ ଥିବା ଏହି ନିର୍ବାଚନମଣ୍ଡଳୀ ଏବେ ବିଜେଡିର ଗଡ ଭାବରେ ପରିଚିତ ହୋଇଛି। କାରଣ ଗତ ୨ ନିର୍ବାଚନରେ ବିଜେଡିର କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ବିଜୟୀ ହୋଇଆସୁଛନ୍ତି। ଇତିହାସକୁ ଦେଖିଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ ଭାଜପା ୪ ଥର, କଂଗ୍ରେସ ୩ ଥର ଓ ବିଜେଡି ୨ଥର ବିଜୟୀ ହୋଇଛି।

ଜୁନାଗଡ଼ ବ୍ଲକର ୩୪ ଓ ଗୋଲାମୁଣ୍ଡା ବ୍ଲକର ୨୮ ପଞ୍ଚାୟତ ସମେତ ଜୁନାଗଡ଼ ବିଜ୍ଞପିତ ଅଞ୍ଚଳ ପରିଷଦ(ଏନ୍ଏସି)କୁ ନେଇ ଜୁନାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ଏଠାରେ ୧ ଲକ୍ଷ ୨୪ ହଜାର ୩୧୩ ଜଣ ପୁରୁଷ ଓ ୧ ଲକ୍ଷ ୨୧ ହଜାର ୪୨୧ ଜଣ ମହିଳା ଭୋଟର ରହିଛନ୍ତି। ସେହିପରି ୪୩୫ ଜଣ ନବାଗତ ଭୋଟର ଓ ୪ଜଣ ତୃତୀୟଲିଙ୍ଗୀ ଭୋଟର ରହିଥିବା ସରକାରୀ ତଥ୍ୟ କହୁଛି। ଇତିମଧ୍ୟରେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା, କଂଗ୍ରେସ ପ୍ରାର୍ଥୀ ଭୋଟରଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ କସରତ ଆରମ୍ଭ କରିଛନ୍ତି। ବିଜେଡି କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ପ୍ରାର୍ଥୀ କରିଛି। ଦିବ୍ୟଶଙ୍କର ଗତ ୨ ନିର୍ବାଚନରେ ବିଜୟ ହାସଲ କରି ନବୀନଙ୍କ ମନ୍ତ୍ରିମଣ୍ଡଳରେ ମଧ୍ୟ ସ୍ଥାନ ପାଇଛନ୍ତି। ସେହିପରି ବରିଷ୍ଠ ଭାଜପା ନେତା ମନୋଜ ମେହେରଙ୍କୁ ପୁଣି ଥରେ ଦଳ ପ୍ରାର୍ଥୀ କରିଛି। କଂଗ୍ରେସ ନୂଆ ଚେହେରାକୁ ସାମ୍ନାକୁ ଆଣି ପୂର୍ବତନ ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକଙ୍କୁ ପ୍ରାର୍ଥୀ କରିଛି। ବିଜେଡି ପ୍ରାର୍ଥୀ ଦିବ୍ୟଶଙ୍କର ମୁଖ୍ୟମନ୍ତ୍ରୀଙ୍କ ବିକାଶ ରେକର୍ଡକୁ ନେଇ ଭୋଟରଙ୍କ ପାଖକୁ ଯାଉଥିବା ବେଳେ ଭାଜପା ଓ କଂଗ୍ରେସ ମମିତା ମେହେର ହତ୍ୟା ଘଟଣା ସହ ବେକାରି ଓ ଦାଦନ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରି ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି।

ବିଗତ ନିର୍ବାଚନକୁ ବିଶ୍ଳେଷଣ କଲେ ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ଗୋବର୍ଦ୍ଧନ ଦାଶ ୪୫ ହଜାର ୩୪୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ବୀର ସିପକା ୩୮ ହଜାର ୮୧୨ ଖଣ୍ଡ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ହିମାଂଶୁ ମେହେରଙ୍କୁ ୩୪ ହଜାର ୩୩୪ ଖଣ୍ଡ ଭୋଟ ମିଳିଥିଲା। ୨୦୧୪ରେ ରାଜନୀତି ସମୀକରଣ ବଦଳି ଯାଇଥିଲା। ନୂଆ କରି ରାଜନୀତିରେ ପାଦ ଦେଇଥିବା ଦିବ୍ୟଶଙ୍କରଙ୍କୁ ପ୍ରାର୍ଥୀ କରିଥିଲା ବିଜେଡି। ସେ ସମୟରେ ଦିବ୍ୟଶଙ୍କର ୫୬ ହଜାର ୪୪୩ ଭୋଟ ପାଇ ବିଜୟ ହାସଲ କରିଥିଲେ। ଭାଜପା ପ୍ରାର୍ଥୀ ଅନିଲ ସିଂହଦେଓ ୪୬ ହଜାର ୪୯୭ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଗୋବର୍ଦ୍ଧନ ଦାସ ୩୮ ହଜାର ୭୧୫ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ସେହିପରି ୨୦୧୯ ନିର୍ବାଚନ ସମୟରେ ବିଜେଡିରୁ ପୁଣି ଥରେ ପ୍ରାର୍ଥୀ ହୋଇଥିଲେ ଦିବ୍ୟଶଙ୍କର ମିଶ୍ର। ଏହି ନିର୍ବାଚନରେ ସେ ୮୩ ହଜାର ୭୮୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଭାଜପା ପ୍ରାର୍ଥୀ ମନୋଜ ମେହେରଙ୍କୁ ୫୫ ହଜାର ୯୩୦ ଓ କଂଗ୍ରେସ ପ୍ରାର୍ଥୀ ଅନିଲ ସିଂଦେଓଙ୍କୁ ୩୨ ହଜାର ୩୪୩ ଖଣ୍ଡ ଭୋଟ ମିଳିଥିଲା। ତେବେ ୨୦୨୪ ନିର୍ବାଚନରେ ୩ ବିଜେଡିର ଦିବ୍ୟଶଙ୍କର, ଭାଜପାର ମନୋଜ ଓ କଂଗ୍ରେସର ତୁଳେଶ୍ୱର ମଇଦାନକୁ ଓହ୍ଲାଇଛନ୍ତି। ଫଳରେ ଏଠାରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଜଣାପଡ଼ିଛି। ମମିତା ମେହେର ଘଟଣାକୁ ନେଇ ଦିବ୍ୟଶଙ୍କର ବିଗତ ଦିନରେ ଅଡୁଆରେ ପଡ଼ିଥିଲେ। ତେବେ ସେ ପୁଣି ରିପିଟ୍ ହେବେ ନା ପରିବର୍ତ୍ତନ ଆସିବ, ତାହା ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ।

# ‘ଶାସକ ଦଳ ବାରମ୍ବାର ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ କରୁଛି’


ସିଇଓଙ୍କ କାର୍ଯ୍ୟାଳୟରେ ଭାଜପା ପ୍ରତିନିଧି ଦଳ।

ଭୁବନେଶ୍ୱର, ୩୦।୪(ସୁନିତ୍ ମିଶ୍ର)

**ସିଇଓଙ୍କ ନିକଟରେ ଫେରାଦ ହେଲା ଭାଜପା**

ନିର୍ବାଚନ ଆସିଲେ ନିଜ ବିପକ୍ଷରେ ଥିବା ଆରୋପକୁ ଘୋଡ଼ାଇବା ପାଇଁ ବିଜେଡି ସମସ୍ତ ପ୍ରକାର କସରତ କରେ। ବିଜେଡି ଭଲ ଭାବେ ଜାଣିଛି ୨୪ ବର୍ଷର ସ୍ୱଚ୍ଛ ଶାସନର ଆଢୁଆଳରେ ଓଡ଼ିଶା ତଥା ରାଜ୍ୟବାସୀଙ୍କର ଅସ୍ମିତାକୁ କିଭଳି ଭାବେ ଦଳିଚକଟି ଖ୍ରନ୍ଭିନ୍ କରିଛି। ବର୍ତ୍ତମାନ ପ୍ରତିଟି ଓଡ଼ିଆ ନିଜର ଅସ୍ମିତାକୁ ନେଇ ଚିନ୍ତାରେ। ନିଜର ବିଷମ ପରିସ୍ଥିତି ସମ୍ବନ୍ଧରେ ଅବଗତ ଥିବା ବିଜେଡି ନିର୍ବାଚନ ହାରିଯିବା ଭୟରେ ଖୁଲମଖୁଲା ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିବାରେ ଲାଗି ପଡ଼ିଛି ବୋଲି ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି।

ବିଜେଡି ନେତାଙ୍କ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ନେଇ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅବସରରେ ଗୋଲକ କହିଛନ୍ତି, ନିର୍ବାଚନ ବୈତରଣୀ ପାରହେବା ପାଇଁ ଭୋଟରଙ୍କୁ କେତେବେଳେ ଶାସକ ଦଳ ନେତାମାନେ ଶପଥ କରାଉଛନ୍ତି ତ ଆଉ କେବେ ମହିଳାଙ୍କୁ ପ୍ରଚାର କାର୍ଯ୍ୟରେ ଲଗାଉଛନ୍ତି। ବିଜେଡିର ଏଭଳି ହୀନକାର୍ଯ୍ୟକୁ ଭାଜପା ବାରମ୍ବାର ବିରୋଧ କରିବା ସତ୍ତ୍ୱେ ମଧ୍ୟ ବିଜେଡି ସେଥିରୁ ନିବୃତ ନ ରହିବା ଦୁର୍ଭାଗ୍ୟଜନକ। ତେଣୁ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ପାଇଁ ସିଇଓ ଏହାର ତଦନ୍ତ କରି ଦୃଢ଼ ପଦକ୍ଷେପ ନିଅନ୍ତୁ ବୋଲି ଗୋଲକ କହିଛନ୍ତି।

# ବିଜେଡି ଛାଡ଼ିଲେ ସୁରେନ୍ଦ୍ର ସେଠୀ



ଅସ୍ତରଙ୍ଗ/କାକଟପୁର,୩୦।୪
(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ମଙ୍ଗଳବାର ବିଜେଡିରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଦେଇଛନ୍ତି। ସେ କାକଟପୁର ନିର୍ବାଚନମଣ୍ଡଳୀ ପାଇଁ ଟିକେଟ ଆଶାୟୀ ଥିଲେ। କିନ୍ତୁ ଟିକେଟ ନ ମିଳିବାରୁ ଅସନ୍ତୁଷ୍ଟ ହୋଇଥିଲେ। ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବାବେଳେ ଆଗକୁ କ’ଣ ନିଷ୍ପତ୍ତି ନେବେ ସେନେଇ ସେ ସମର୍ଥକଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ଓଡ଼ିଶାର ସ୍ୱାଭିମାନ ରକ୍ଷା କରିବାକୁ ବିଜେଡି ବଦ୍ଧପରିକର: ପାଣ୍ଡିଆନ



ମୋହନାଠାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପ୍ରଚାର କରୁଛନ୍ତି।

ଚିକିଟି/ମୋହନା, ୩୦।୪
(ପ୍ରକାଶ ଚନ୍ଦ୍ର ସାହୁ/ମନ୍ମଥ ମିଶ୍ର)

ଗଞ୍ଜାମ ଜିଲା ଚିକିଟି ନିର୍ବାଚନମଣ୍ଡଳୀ ଚିକିଟିପେଣ୍ଠାଠାରେ ଆୟୋଜିତ ନିର୍ବାଚନୀ ସଭାରେ ମଙ୍ଗଳବାର ଅପରାହ୍ନରେ ବିଜେଡିର ବରିଷ୍ଠ ନେତା ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗ ଦେଇଛନ୍ତି। ସମାବେଶକୁ ଉଦବୋଧନ ଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସ୍ୱାଭିମାନକୁ ରକ୍ଷା କରିବା ସହିତ ରାଜ୍ୟର ସାମଗ୍ରୀକ ବିକାଶ ଦିଗରେ ବିଜେଡି ବଦ୍ଧପରିକର। ଦୀର୍ଘ ୨୫ ବର୍ଷ ଶାସନରେ ବିଜେଡି ରାଜ୍ୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଆସିଛି। ନିର୍ବାଚନ ସମୟରେ ବିରୋଧୀ ଦଳର ନେତାମାନେ ଭୋଟ ମାଗିବାକୁ ଆସିଥାନ୍ତି। ଆସନ୍ତା ମେ’୧୩ ତାରିଖରେ ନିର୍ବାଚନ ରହିଛି। ଏଣୁ ଚିକିଟି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ବ୍ରହ୍ମପୁର ଏମପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ବିଜୟଲାଭ କରିବା ପାଇଁ ଭୋଟରମାନଙ୍କୁ ନିବେଦନ କରିଛନ୍ତି। ଚଳିତ ନିର୍ବାଚନରେ ବିଜେଡିକୁ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଛନ୍ତି। ଉକ୍ତ ସମାବେଶରେ ବ୍ରହ୍ମପୁର ଏମପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ଚିକିଟି ନିର୍ବାଚନ ମଣ୍ଡଳୀ ବିଜେଡିର ସଂଗଠନକାରୀ ସୁରେନ୍ଦ୍ର ମଣ୍ଡଳ, ବି କୃଷ୍ଣମୂର୍ତ୍ତି, ଏନଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁ, ବ୍ଲକ ଅଧ୍ୟକ୍ଷ ଆପନା ସେଠୀ ସମେତ ଚିକିଟି ଓ ପାତ୍ରପୁର ବ୍ଲକର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ସେହିପରି ଗଜପତି ଜିଲା ମୋହନା ନିର୍ବାଚନ ମଣ୍ଡଳୀ ଚନ୍ଦ୍ରଗିରିଠାରେ ପହଞ୍ଚି ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ ବିଭିନ୍ନ ପ୍ରକଳ୍ପର ଚିଠା ଉପସ୍ଥାପନ କରିଥିଲେ। ମୋହନା ନିର୍ବାଚନ ମଣ୍ଡଳୀରେ ସବୁଠାରୁ ଅଧିକ ସେତୁ ନିର୍ମାଣ କରିବା ପାଇଁ ଅନୁଦାନ ଦିଆଯାଇଥିବା ଓ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇ ମୋହନା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ଗମାଙ୍ଗ ଓ ବ୍ରହ୍ମପୁର ଏମପି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ଅନୁରୋଧ କରିଥିଲେ।

# ୪ ସଂସଦୀୟ କ୍ଷେତ୍ରର ୭,୨୮୯ ବୁଥ୍‌ରେ ହେବ ମତଦାନ

ଭୁବନେଶ୍ୱର,୩୦।୪(ଅନିଲ ଦାସ)

**ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ**

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ ନିର୍ବାଚନ କ୍ଷେତ୍ର ଓ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ନିର୍ବାଚନ କ୍ଷେତ୍ରରେ ମତଦାନ ପାଇଁ ଚୂଡ଼ାନ୍ତ ମତଦାତା ତାଲିକା ଏପ୍ରିଲ ୨୫ ତାରିଖରେ ପ୍ରକାଶିତ ହୋଇଛି।

ଏହି ପର୍ଯ୍ୟାୟ ପାଇଁ ୪ଟି ସଂସଦୀୟ କ୍ଷେତ୍ର ଅଧୀନରେ ମୋଟ ୬୨,୮୭,୨୨୨ ଜଣ ମତଦାତା ରହିଛନ୍ତି। ଏମାନଙ୍କ ମଧ୍ୟରେ ୩୦,୯୭,୫୨୭ ଜଣ ପୁରୁଷ, ୩୧,୮୯,୦୬୦ ଜଣ ମହିଳା ଓ ୬୩୫ ଜଣ ତୃତୀୟ ଲିଙ୍ଗୀ ମତଦାତା ଅଛନ୍ତି। କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ କ୍ଷେତ୍ର ପାଇଁ ଯଥାକ୍ରମେ ୧୭୦୦୬୮୦, ୧୫୧୪୧୪୦, ୧୫୯୧୩୮୦, ୧୪୮୦୯୨୨ ଜଣ ଲେଖାଏ ମତଦାତା ରହିଛନ୍ତି। ଏହି ୪ଟି ସଂସଦୀୟ ନିର୍ବାଚନ କ୍ଷେତ୍ରରେ ଲିଙ୍ଗ ଅନୁପାତ ଯଥାକ୍ରମେ ୯୯୯, ୧୦୩୯, ୯୯୬ ଓ ୧୦୯୫ ରହିଛି। ୪ଟି ସଂସଦୀୟ ନିର୍ବାଚନ କ୍ଷେତ୍ରରେ ୧୮ରୁ ୧୯ ବର୍ଷ ବୟସର ୧, ୭୫,୧୩୫ ଜଣ ନୂତନ ଭୋଟର ରହିଥିବା ବେଳେ ୨୦ରୁ ୨୯ବର୍ଷ ବୟସର ୧୪,୬୮,୫୦୪ ଜଣ ଯୁବ ଭୋଟର ରହିଛନ୍ତି। ୪ଟି ସଂସଦୀୟ ନିର୍ବାଚନ କ୍ଷେତ୍ରରେ ମୋଟ ୭୨୮୯ଟି ବୁଥ୍‌ରେ ମତଦାନ ହେବ। ଏଥିସହିତ ୧୪ଟି ଅତିରିକ୍ତ ବୁଥ୍ ମଧ୍ୟ କରାଯାଇଛି। କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ୨୦୧୩ଟି ବୁଥ୍ କରାଯାଇଥିବା ବେଳେ ନବରଙ୍ଗପୁର ୧୭୭୯, ବ୍ରହ୍ମପୁର ୧୬୯୯ ଏବଂ କୋରାପୁଟ ସଂସଦୀୟ କ୍ଷେତ୍ରରେ ୧୭୯୮ ବୁଥ୍ କରାଯାଇଛି। ସେହିପରି କଳାହାଣ୍ଡିରେ ୩ଟି ଅତିରିକ୍ତ ବୁଥ୍ କରାଯାଇଥିବା ବେଳେ ନବରଙ୍ଗପୁର ୪, ବ୍ରହ୍ମପୁର ୫ ଏବଂ କୋରାପୁଟରେ ୨ଟି ଅତିରିକ୍ତ ବୁଥ୍ କରାଯାଇଛି।

ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ମାନଙ୍କ ଦ୍ୱାରା ଏହି ସମସ୍ତ ମତଦାତାଙ୍କୁ ମତଦାତା ସୂଚନାପତ୍ର(ଭୋଟର ଇନ୍‌ଫରମେଶନ୍ ସ୍ଲିପ୍) ଯୋଗାଇ ଦିଆଯିବ। ଏହି ସୂଚନାପତ୍ରରେ ମତଦାତାଙ୍କ ନାମ, ଭାଗ ସଂଖ୍ୟା, କ୍ରମିକ ନମ୍ବର, ପୋଲିଂ ବୁଥ୍‌ର ନାମ, ମତଦାନ ତାରିଖ ଆଦି ସମସ୍ତ ଜରୁରୀ ସୂଚନା ରହିଛି। ମତଦାତାଙ୍କ ସୁବିଧା ନିମନ୍ତେ ଏଥିରେ ଇପିକ୍ ନମ୍ବର ଏବଂ ବୁଥ୍‌ର ରୋଡ୍ ମ୍ୟାପ୍ ମଧ୍ୟ ରହିବ। ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ମତାଦାତା ସୂଚନାପତ୍ର ସହ ମାର୍ଗଦର୍ଶିକା ଏବଂ ଅଂଶୁଘାତ ସଚେତନତା ସୂଚନାପତ୍ର ବଣ୍ଟନ କରିବେ। ଏହି ଜରୁରୀ ସୂଚନାପତ୍ର ଓ ମାର୍ଗଦର୍ଶିକାଗୁଡ଼ିକ ସମସ୍ତ ମତଦାତାଙ୍କୁ ଯୋଗାଇ ଦେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ନିର୍ଦ୍ଦେଶ ଦେଇଛନ୍ତି।

# ବିଜେଡି ଛାଡ଼ିଲେ ପୂର୍ବତନ ବିଧାୟକ ବିଜୟ ନାଏକ

ଠାକୁରମୁଣ୍ଡା,୩୦।୪
(ତାରାକାନ୍ତ ପଟ୍ଟନାୟକ)

- ସ୍ୱାଧୀନ ପ୍ରାର୍ଥୀ ହେବାକୁ ଘୋଷଣା
- କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ

ମୟୂରଭଞ୍ଜ ଜିଲା ତଥା କେନ୍ଦୁଝର ଲୋକସଭା କ୍ଷେତ୍ର ଅଧୀନ କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡିକୁ ବଡ଼ ଝଟକା ଲାଗିଛି। ଟିକଟ ପାଇଁ ଆଶାୟୀ ଥିବା ପୂର୍ବତନ ବିଧାୟକ ବିଜୟ କୁମାର ନାଏକ ବିଜେଡିର ପ୍ରାଥମିକ ସଭ୍ୟପଦରୁ ଇସ୍ତଫା ଦେବା ସହ ଦଳୀୟ ପଦପଦବୀକୁ ତ୍ୟାଗ କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

କରଞ୍ଜିଆଠାରେ ସମର୍ଥକ ଓ ଶୁଭେଚ୍ଛୁମାନଙ୍କୁ ନେଇ ମଙ୍ଗଳବାର ବିଜୟ ଏକ ସମାବେଶ ଅୟୋଜନ କରିଥିଲେ। ଏଥିରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରଞ୍ଜିଆ, ଠାକୁରମୁଣ୍ଡା, ଶରତ ଅଞ୍ଚଳରୁ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ଯୋଗ ଦେଇଥିଲେ। ଗରିବ, ଖଟିଖିଆ ଓ ସାଧାରଣ ଲୋକଙ୍କ ସହଯୋଗରେ ଆଗାମୀ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ସମାବେଶରେ ବିଜୟ ଘୋଷଣା କରିଥିଲେ।

ଉଲ୍ଲେଖଯୋଗ୍ୟ, ବିଜୟ ତାଟୋ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ବିଜୟୀ ହେବା ପରେ କରଞ୍ଜିଆ ବ୍ଲକ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ପରେ ୨୦୦୯ରୁ ୨୦୧୪ ଓ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ବିଜୁ ଜନତା ଦଳ ଟିକେଟରେ ବିଧାୟକ ନିର୍ବାଚିତ ହୋଇଥିଲେ। ୨୦୧୯ରେ ଟିକେଟ ନ ମିଳିବାରୁ ଲୋକଙ୍କ ସହିତ ଜଡ଼ିତ ହୋଇ ରହିଥିଲେ। ତେବେ ଚଳିତ ଥର ମହିଳା ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମଙ୍କୁ ଦଳ ଟିକେଟ ଦେଇଥିବାରୁ ସେ ଅସନ୍ତୁଷ୍ଟ ଥିଲେ।

# ୬ ସଂସଦୀୟ କ୍ଷେତ୍ରରେ ୧୮ ନାମାଙ୍କନପତ୍ର ଦାଖଲ

ଭୁବନେଶ୍ୱର,୩୦।୪(ଅନିଲ ଦାସ)

**ଦ୍ୱିତୀୟ, ତୃତୀୟ ପର୍ଯ୍ୟାୟ ଭୋଟ**

ଆସନ୍ତା ୩ଟି ପର୍ଯ୍ୟାୟ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜ୍ୟରେ ନିର୍ବାଚନ ବାତାବରଣ ଉଷ୍ମ ହେବାରେ ଲାଗିଛି। ପ୍ରଚାର ସାଙ୍ଗକୁ ନାମାଙ୍କନପତ୍ର ଦାଖଲ ମଧ୍ୟ ଜୋର ଧରିଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ବିଜ୍ଞପ୍ତି ପରେ ୬ ସଂସଦୀୟ କ୍ଷେତ୍ର ପାଇଁ ୧୮ ନାମାଙ୍କନପତ୍ର ଦାଖଲ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ୫ଟି ସଂସଦୀୟ କ୍ଷେତ୍ର ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଏବଂ ଆସ୍କା ଲୋକ ସଭା ନିର୍ବାଚନମଣ୍ଡଳୀରେ ଏପ୍ରିଲ ୨୬ରୁ ୩୦ ପର୍ଯ୍ୟନ୍ତ ୧୩ ନାମାଙ୍କନପତ୍ର ଦାଖଲ ହୋଇଛି। ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀରେ ୪ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ସୁନ୍ଦରଗଡ଼ ୨, ବଲାଙ୍ଗୀର ୬ ଏବଂ ଆସ୍କା ଲୋକ ସଭା ନିର୍ବାଚନମଣ୍ଡଳୀରେ ଜଣେ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ତୃତୀୟ ପର୍ଯ୍ୟାୟ ବିଜ୍ଞପ୍ତି ପରେ ୬ ଲୋକ ସଭା ଆସନରେ ଏ ପର୍ଯ୍ୟନ୍ତ ୫ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ୩ ଜଣ ନାମାଙ୍କନ ଦାଖଲ କରିଥିବା ବେଳେ ପୁରୀରେ ୨ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

# ଘସିପୁରାରେ ସୌମ୍ୟରଞ୍ଜନ

**ଭାଜପା ବିଧାୟକ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା**


ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ରାମଚନ୍ଦ୍ରପୁର,୩୦।୪(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କୁ ସ୍ୱାଗତ ଜଣାଯାଇଛି। ମଙ୍ଗଳବାର ଅପରାହ୍ନ ୩ଟା ସମୟରେ ସେ ଘଟଗାଁସ୍ଥିତ ମା’ ତାରିଣୀଙ୍କୁ ଦର୍ଶନ କରିବାକୁ ଯିବା ବାଟରେ ୨୦ନଂ. ଜାତୀୟ ରାଜପଥର ଜରଦା, ରାମଚନ୍ଦ୍ରପୁର, ବଡ଼ ପଦନା, ସୁଆଁପଦା, ଖଲଣା, ସାଇଁକୁଳ, ହସନପୁର ଏବଂ ଘଷିପୁରା ସହ ବିଭିନ୍ନ ସ୍ଥାନରେ ସ୍ଥାନୀୟ ଲୋକେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଘସିପୁରା ବିଧାନସଭା ଆସନରୁ ସେ ଭାଜପା ବିଧାୟକ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ତାଙ୍କୁ ପଚାରିବାରୁ ଘଷିପୁରା ତାଙ୍କ ଜନ୍ମ ମାଟି, ଏଠାରୁ ପ୍ରାର୍ଥୀ ହେବା ପାଇଁ ନିର୍ବାଚନମଣ୍ଡଳୀବାସୀ ଚାପ ପକାଉଛନ୍ତି। ବଡ଼ ଭାଇ ନିରଞ୍ଜନ ପଟ୍ଟନାୟକ ମଧ୍ୟ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ମା’ ତାରିଣୀଙ୍କ ଦର୍ଶନ ପାଇଁ ଆସିଛି। ୨ ଦିନ ଭିତରେ ନିଷ୍ପତ୍ତି ଜଣାଇବେ ବୋଲି ସେ କହିଛନ୍ତି।

# ବିଜେଡିକୁ ଫେରିଲେ ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ

ଭୁବନେଶ୍ୱର,୩୦।୪(ଅନିଲ ଦାସ)

ଗଜପତି ଜିଲା ଅନ୍ତର୍ଗତ ମୋହନା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ ମଙ୍ଗଳବାର ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ ହୋଇଥିବା ପୂର୍ବତନ ବିଧାୟିକାଙ୍କୁ ସସ୍ମିତ ଉପଢୌକନ ଦେଇ ସ୍ୱାଗତ କରିଛନ୍ତି। ବାସନ୍ତୀଙ୍କ ଯୋଗଦାନ ଫଳରେ ବିଶେଷକରି ମୋହନା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସସ୍ମିତ କହିଛନ୍ତି। ଏହି ଅବସରରେ ବାସନ୍ତୀ କହିଛନ୍ତି, ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ବିଧାୟିକା ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଲୋକମାନଙ୍କ ସହିତ ସମସ୍ତ ପ୍ରକାର ଜନମଙ୍ଗଳ ଯୋଜନାରେ ସେ ନିଜକୁ ସାମିଲ କରିଥିଲେ। ୨୦୧୯ ନିର୍ବାଚନ ବେଳେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତି ହେବା ପରେ ଚକ୍ରାନ୍ତ କରି ଟିକେଟ କାଟିଥିଲେ। ଏଥିଯୋଗୁ ଦଳକୁ ମଧ୍ୟ ପରାଜୟ ବରଣ କରିବାକୁ ପଡ଼ିଲା। ଏଥିରେ ମର୍ମାହତ ହୋଇ ସେ ଭାଜପାରେ ଯୋଗଦାନ କରିଥିଲେ। କିନ୍ତୁ ଯେତେବେଳେ ଭାଜପାରେ ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ବ୍ୟକ୍ତି ଯିଏ ଚାକିରି କରାଇ ଦେବା ନାଁରେ ସାଧାରଣ ଲୋକଙ୍କୁ ଠକି ଟଙ୍କା ଖାଇଥିଲେ, ଦୁର୍ନୀତି ଅଭିଯୋଗରେ ଜେଲ ଯାଇଥିଲେ, କୋଭିଡ୍ ମହାମାରୀ ବେଳେ ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇଥିଲେ, ସେହିଭଳି ଜନବିରୋଧୀ ବ୍ୟକ୍ତିଙ୍କୁ ଭାଜପା ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପାଇଁ ଟିକେଟ ଦେବାରୁ ଭାଜପାରୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁରୂପେ ତୁଲାଇବେ।

# ନିର୍ବାଚନ ବେଳେ ଅଦ୍ରିଜାଙ୍କ ଭିଡିଓ ଭାଇରାଲ

ବଲାଙ୍ଗୀର,୩୦।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଜ ପରିବାରର ସାନ ବୋହୂ ଅଦ୍ରିଜା ମଞ୍ଜରୀ ସିଂଙ୍କ ଏକ ଭିଡିଓ ବାର୍ତ୍ତା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏଥିରେ ସେ ବଲାଙ୍ଗୀରର ନାଗରିକଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇ ସେ ପାରିବାରିକ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ସେ ତାଙ୍କ ସ୍ୱାମୀ, ଦେଢ଼ଶୁର, ଶ୍ୱଶୁର ଏବଂ ସିଂଦେଓ ପରିବାରରୁ ଘରୋଇ ହିଂସାର ସମ୍ମୁଖୀନ ହୋଇଥିବା କହୁଛନ୍ତି।


ଭାଇରାଲ ଭିଡିଓରେ ଆଦ୍ରିଜା ମଞ୍ଜରୀ ସିଂ କହୁଛନ୍ତି।

ଏଭଳି ନିର୍ଯାତନା ସତ୍ତ୍ୱେ ବିଜେଡି ତାଙ୍କ ପରିବାର ସଦସ୍ୟଙ୍କୁ ଦଳୀୟ ଟିକଟ ଦେଇଥିବାରୁ ସେ ସମାଲୋଚନା କରୁଥିବା ଦେଖିବାକୁ ମିଳିଛି। ଆଗକୁ କୌଣସି ମହିଳା ଯେପରି ନିର୍ଯାତନାର ଶିକାର ନ ହେବେ ସେହି ସଂଗ୍ରାମରେ ସାମିଲ ହେବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏହି ଭିଡିଓ ଉପରେ ସିଂଦେଓ ପରିବାର କୌଣସି ମନ୍ତବ୍ୟ ଦେଇନାହାନ୍ତି। ଅଦ୍ରିଜା ଓ ତାଙ୍କ ସ୍ୱାମୀଙ୍କ ପାରିବାରିକ ବିବାଦ ଅଦାଲତରେ ବିଚାରାଧୀନ ରହିଛି।

# ମହିଳାମାନେ ରାଜ୍ୟରେ ନ୍ୟାୟ ପାଇବାରୁ ବଞ୍ଚିତ ଅଛନ୍ତି: ଭାଜପା

ଭୁବନେଶ୍ୱର, ୩୦।୪(ସୁନିତ୍ ମିଶ୍ର)

ଓଡ଼ିଶାରେ ଅପରାଧ କରି ଜେଇ, ତହସିଲଦାର, ଆର୍ଆଇ ଧରାପଡୁଛନ୍ତି, କିନ୍ତୁ ଯେଉଁମାନଙ୍କ ସଂରକ୍ଷଣରେ ଏମାନେ କାର୍ଯ୍ୟ କରୁଛନ୍ତି ସେହି ବାବୁମାନେ କାହିଁକି ଧରାପଡୁନାହାନ୍ତି। ସେମାନଙ୍କୁ କିଏ ସୁରକ୍ଷା ଯୋଗାଉଛି। ସେହିପରି ବିଜେଡି ସରକାର ମହିଳାଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି, କିନ୍ତୁ ବାସ୍ତବରେ ମହିଳାମାନେ ଅପରାଧର ଶିକାର ହୋଇ ନ୍ୟାୟ ପାଇବାରୁ ବଞ୍ଚିତ ଅଛନ୍ତି। ବେବିନା, ମାଧବୀଲତା, ଇତିଶ୍ରୀ, ସ୍ମିତାରାଣୀଙ୍କୁ ଯେଉଁମାନେ ହତ୍ୟା କରିଛନ୍ତି ସେମାନେ କାହିଁକି ଧରାପଡୁନାହାନ୍ତି, ଏହାର ଉତ୍ତର ରାଜ୍ୟ ସରକାରଙ୍କ ଗୃହ ବିଭାଗ କେବେ ଦେବ। ଭାଜପା ସରକାରକୁ ଆସିଲେ ଓଡ଼ିଶାରେ ଅପରାଧକୁ ସମୂଳେ ଧ୍ୱଂସ କରିବ ବୋଲି ଭାଜପା ରାଜ୍ୟ ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା ପ୍ରଶ୍ନ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଜ୍ଜନ କହିଛନ୍ତି, ଓଡ଼ିଶାରେ ଦିନକୁ ଦିନ ଅପରାଧ କାୟାବିସ୍ତାର କରୁଛି। ଅପରାଧ ନିୟନ୍ତ୍ରଣ କରିବା ଗୃହ ବିଭାଗର ଦାୟିତ୍ୱ। ୨୪ ବର୍ଷ ଶାସନ କରିବା ପରେ ମଧ୍ୟ ଅପରାଧ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଛନ୍ତି। ବିଜେଡି ଶାସନରେ ପ୍ରତ୍ୟେକ ଦିନ ନୂଆ ନୂଆ ଢଙ୍ଗର ଅପରାଧ ଅବତୀର୍ଣ୍ଣ ହେଉଛି। ନିର୍ମଳ ଭାବମୂର୍ତ୍ତି ପାଇଁ ଗୋଟିଏ ସମୟରେ ନିଜ ମନ୍ତ୍ରିମଣ୍ଡଳରୁ ୩ଟି କ୍ୟାବିନେଟ୍ ମନ୍ତ୍ରୀଙ୍କୁ ପଦଚ୍ୟୁତ କରିଦେଇଥିଲେ, ପରବର୍ତ୍ତୀ ସମୟରେ ପ୍ରମାଣିତ ହୋଇପାରି ନ ଥିଲା। ଶାସକ ଦଳର ମନ୍ତ୍ରୀ, ନେତା, ବିଧାୟକ ଓ ଏମ୍‌ପିମାନେ ଅପରାଧରେ ଲିପ୍ତ ରହୁଛନ୍ତି, କିନ୍ତୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ନେଇ ତାଙ୍କୁ ସୁରକ୍ଷା ଦିଆଯାଉଛି। ନିର୍ବାଚନ ସମୟରେ ଅପରାଧୀ ନେତାଙ୍କ ପିଲାଙ୍କୁ ଶାସକ ଦଳ ଟିକେଟ ଦେଉଛି ବୋଲି ସଜ୍ଜନ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଓଏମ୍‌ର ୪ର୍ଥ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୩୦।୪**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହ ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ଜାନୁଆରୀରୁ ମାର୍ଚ୍ଚ ତ୍ରୈମାସରେ ବ୍ୟାଙ୍କ ମୋଟ ୪୫% ଅଭିବୃଦ୍ଧି ହାର ହାସଲକରି ୧,୨୧୮କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଥିଲାବେଳେ ବ୍ୟାଙ୍କର ନେଟ୍ ସୁଧ ଆୟ ଓ ଅଣ-ସୁଧ ଆୟରେ ବୃଦ୍ଧି ଏବଂ ନିମ୍ନତମ ଟ୍ୟାକ୍ସ ବ୍ୟବସ୍ଥା ଦ୍ୱାରା ଏହି ଅଭିବୃଦ୍ଧି ସମ୍ଭବ ହୋଇପାରିଛି।

ସେହିଭଳି ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ପ୍ରତି ଇକ୍ୟୁଟି ଶେୟାର ପାଇଁ ୧.୪୦ର ଲାଭାଂଶ ଘୋଷଣା କରିଥିବାବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ଇକ୍ୟୁଟି ଇସ୍ୟୁ କରିବା ସହ ୭,୫୦୦କୋଟିର ପୁଞ୍ଜି ବୃଦ୍ଧି ପାଇଁ ଅନୁମତି ପ୍ରଦାନ କରିଛି।

ଏ ସମ୍ପର୍କରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଧୁ ସକ୍ସେନା କହିଛନ୍ତି, ବ୍ୟାଙ୍କ ଲଗାତର ୧୫ଟି ତ୍ରୈମାସ ଧରି ଲାଭପ୍ରଦ ରହିଥିବାବେଳେ ନିଜର ଅଭିବୃଦ୍ଧି ବଜାୟ ରଖିପାରିଛି। ଏପରିକି ବ୍ୟାଙ୍କର ନେଟ୍ ସୁଧ ଆୟ ୧୮% ଅଭିବୃଦ୍ଧି ହାର ହାସଲକରି ୨,୫୮୪ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍) ୩.୯୨% କୁ ବୃଦ୍ଧି ପାଇଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ କିମ୍ବା ଅନାଦେୟ ଋଣ ୧.୮୮%କୁ ହ୍ରାସ ପାଇଥିବାବେଳେ ନେଟ୍ ଏନ୍‌ପିଏ ୦.୨୦%କୁ ହ୍ରାସ ପାଇଛି। ବ୍ୟାଙ୍କର ଗ୍ରସ୍ ଅଗ୍ରିମ ଆର୍ଥିକ ବର୍ଷ ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ୧୬.୩୦% ବୃଦ୍ଧି ପାଇ ୨,୦୩,୬୬୪ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ସମୁଦାୟ ଜମା ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ୧୫.୬୬% ବୃଦ୍ଧି ପାଇ ୨,୭୦,୭୪୭ କୋଟି ଟଙ୍କାରେ ପହଞ୍ଚିଛି। ସକ୍ସେନା କହିଛନ୍ତି, ବ୍ୟାଙ୍କ ଆର୍ଥିକ ବର୍ଷ ୨୦୨୫ରେ ଅଗ୍ରିମ ଏବଂ ଜମା ରାଶିରେ ଯଥାକ୍ରମେ ୧୬ ରୁ ୨୦% ଓ ୧୨ ରୁ ୧୫% ବୃଦ୍ଧିର ଆଶା ରଖିଛି।


ନିଧୁ ସକ୍ସେନା

# ବେଦାନ୍ତ କାର୍ଯ୍ୟ ପରିସର ଅଞ୍ଚଳରେ ପ୍ରକଳ୍ପ ପଞ୍ଛୀର ବିସ୍ତାର

**ଭୁବନେଶ୍ୱର,୩୦।୪**

ବେଦାନ୍ତ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ତଥା ବେଦାନ୍ତ ଆଲୁମିନିୟମର ଅଭିନବ କାର୍ଯ୍ୟକ୍ରମ 'ପ୍ରକଳ୍ପ ପଞ୍ଛୀ'ର ବିସ୍ତାର ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ଓଡ଼ିଶା ୟୁନିଟ୍ (ଝାରସୁଗୁଡ଼ା) ଅଧୀନ ଲଖନପୁର ବ୍ଲକର ବେଲପାହାଡ଼ ଅଞ୍ଚଳରେ 'ପ୍ରକଳ୍ପ ପଞ୍ଛୀ'ର ବିସ୍ତାର ହୋଇଛି।

ଉଲ୍ଲେଖଯୋଗ୍ୟ, ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ଦିଗ୍‌ଦର୍ଶନରେ ଆରମ୍ଭ ହୋଇଥିବା ପ୍ରକଳ୍ପ ପଞ୍ଛୀ ଜରିଆରେ ଭାରତର ଆର୍ଥିକ ଦୁର୍ବଳ ଶ୍ରେଣୀର ୧୦୦୦ ବାଳିକାଙ୍କୁ ବିଭିନ୍ନ ବ୍ୟବସାୟରେ ନିଯୁକ୍ତି ଦେବାର ଲକ୍ଷ୍ୟ ରଖାଯାଇଛି।

ସମ୍ପ୍ରତି ଲଖନପୁର ବ୍ଲକ୍‌ରୁ ୧୪ଜଣ ଝିଅଙ୍କୁ ନିଯୁକ୍ତି ପାଇଁ ନିକଟରେ କମ୍ପାନୀ ପକ୍ଷରୁ ଚୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରଜରାଜନଗରର ସବ୍‌ଡିଭିଜନାଲ ପୋଲିସ ଅଧିକାରୀ ଚିନ୍ତାମଣି ପ୍ରଧାନଙ୍କ ଦ୍ୱାରା ମନୋନୀତ ଉପରୋକ୍ତ ପ୍ରାର୍ଥୀଙ୍କୁ ଅଫର ଲେଟର ପ୍ରଦାନ କରାଯାଇଥିଲାବେଳେ ବେଦାନ୍ତ ଆଲୁମିନିୟମର ସିଇଓ (ମାଇନ୍ସ) ଭି. ଶ୍ରୀକାନ୍ତ ଉକ୍ତ କାର୍ଯ୍ୟକ୍ରମକୁ ସମର୍ଥନ କରିଥିଲେ।

ବେଦାନ୍ତ ଆଲୁମିନିୟମର ଖଣି ଟିମ୍ ପ୍ରଥମ ବର୍ଷ ଆରମ୍ଭରେ ଛତିଶଗଡ଼ଠାରେ ପ୍ରତିଷ୍ଠିତ ଓ.ପି.ଜିନ୍ଦଲ.ବିଶ୍ୱବିଦ୍ୟାଳୟ ପାଇଁ ପ୍ରକଳ୍ପ ପଞ୍ଛୀର ପ୍ରାର୍ଥୀମାନଙ୍କୁ ଶିକ୍ଷା ଗ୍ରହଣ ପାଇଁ ପଠାଯାଇଛି। ବର୍ତ୍ତମାନ ସୁଦ୍ଧା ବେଦାନ୍ତର ଅପରେଶନ କ୍ଷେତ୍ରରେ ପ୍ରକଳ୍ପ ପଞ୍ଛୀ ମାଧ୍ୟମରେ ୨୩୦ରୁ ଅଧିକ ବାଳିକାଙ୍କୁ ଚୟନ କରାଯାଇଛି, ଯେଉଁଥିରେ ଛତିଶଗଡ଼ର କୋର୍ବା, ଓଡ଼ିଶାର ଲାଞ୍ଜିଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ବେଲପାହାଡ଼ର ପ୍ରାର୍ଥୀମାନେ ରହିଛନ୍ତି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ (ମାଇନ୍ସ) ଭି. ଶ୍ରୀକାନ୍ତ କହିଥିଲେ, ଆମର ଅଧ୍ୟକ୍ଷଙ୍କ ଦୂରଦୃଷ୍ଟି ଉପରେ ଆଧାରିତ ଏହି ପଦକ୍ଷେପ ଝିଅମାନଙ୍କ ପାଇଁ କେବଳ ସେମାନଙ୍କ ଶିକ୍ଷା ନୁହେଁ ବରଂ ଏକ ଜୀବନ ପରିବର୍ତ୍ତନକାରୀ ମାଧ୍ୟମରେ ପରିଣତ ହୋଇଛି। ଏହାଦ୍ୱାରା ମହିଳା ସଶକ୍ତୀକରଣ ହେବା ସହ ସମାଜରେ ସେମାନଙ୍କ ସ୍ଥାନ ସୁଦୃଢ଼ ହୋଇପାରିବ। ସେହିଭଳି ଏହି କାର୍ଯ୍ୟକ୍ରମ ମହିଳା ସଶକ୍ତୀକରଣକୁ ମଜଭୁତ କରିବା ସହ ପ୍ରତ୍ୟେକ ଝିଅଙ୍କ ଜୀବନରେ କ୍ୟାରିୟର ଓ ସୁଯୋଗକୁ ସୁନିଶ୍ଚିତ କରିବା ଲାଗି ଆମର ପ୍ରତିବଦ୍ଧତାର ଏହା ପ୍ରମାଣ ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।




# ଶେୟାର ବଜାର କାରବାରରେ ହ୍ରାସ

**ନୂଆଦିଲ୍ଲୀ,୩୦।୪**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୮(୧୮୮.୫୦) ପଏଣ୍ଟ କମି ୭୪,୪୮୩ (୭୪,୪୮୨.୭୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୩୯(୩୮.୫୫) ପଏଣ୍ଟ ହ୍ରାସ ଘଟି ୨୨,୬୦୫(୨୨,୬୦୪.୮୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲ୍‌କ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ହ୍ରାସ ଘଟିଛି।

# ଜୟଆଲୁକ୍କାସ୍‌ରେ ଉତ୍ସବକାଳୀନ ଅଫର

**ଭୁବନେଶ୍ୱର,୩୦।୪(ଅଭୟ ଦାଶ)**

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ପ୍ରମୁଖ ଗହଣା ବ୍ରାଣ୍ଡ ଜୟଆଲୁକ୍କାସ୍ ପକ୍ଷରୁ ଉତ୍ସବକାଳୀନ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ଆକର୍ଷଣୀୟ ରିହାତି ଓ ବିଭିନ୍ନ ଅଫରର ଶୁଭାରମ୍ଭ କରାଯାଇଛି। ଏହି ଅଫର ୨୦୨୪ ମେ ୧୨ ପର୍ଯ୍ୟନ୍ତ ବୈଧ।

ସେହିଭଳି ଏହି ଅଫର ଜରିଆରେ ଗ୍ରାହକ ୫୦,୦୦୦ ଟଙ୍କା ବା ତା'ଠାରୁ ଅଧିକ ମୂଲ୍ୟର ହୀରା,ଅନକଟ୍ ହୀରା ଏବଂ ମୂଲ୍ୟବାନ୍ ଅଳଙ୍କାର କ୍ରୟକଲେ ୨,୦୦୦ ଟଙ୍କା ମୂଲ୍ୟର ମାଗଣା ଉପହାର ଭାଉଚର ଦିଆଯାଉଥିବା ବେଳେ ୫୦,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ମୂଲ୍ୟର ସୁନା ଅଳଙ୍କାର କ୍ରୟ ଉପରେ ୧,୦୦୦ ଟଙ୍କା ମୂଲ୍ୟର ଏକ ଉପହାର ଭାଉଚର ଏବଂ ୧୦,୦୦୦ ଟଙ୍କା ମୂଲ୍ୟର ରୁପା ଅଳଙ୍କାର କ୍ରୟ ଉପରେ ଗ୍ରାହକଙ୍କୁ ୫୦୦ ଟଙ୍କା ମୂଲ୍ୟର ଏକ ଉପହାର ଭାଉଚର ଦିଆଯିବ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ଉତ୍ସବକାଳୀନ ଏହି ସ୍ୱତନ୍ତ୍ର ଅଫର ଅକ୍ଷୟ ତୃତୀୟାର ପବିତ୍ର ଉତ୍ସବକୁ ପାଳନ କରିବା ପାଇଁ ଜୟଆଲୁକ୍କାସ୍ ପକ୍ଷରୁ ଗ୍ରାହକମାନଙ୍କୁ ଏକ ଅତିରିକ୍ତ ଭେଟି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଳଙ୍କାର କିଣୁଥିବା ଗ୍ରାହକମାନେ ଏହି ଉତ୍ସବକାଳୀନ ଅଫରର ଲାଭ ୨୦୨୪ ମେ ୩ରୁ ୧୨ ମଧ୍ୟରେ ଭାରତର ସମସ୍ତ ଜୟଆଲୁକ୍କାସ୍ ଶୋ'ରୁମ୍‌ରୁ ଉଠାଇପାରିବେ।

ଏ ସମ୍ପର୍କରେ ଜୟଆଲୁକ୍କାସ୍ ସମୂହର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସ୍ କହିଛନ୍ତି, ଅକ୍ଷୟ ତୃତୀୟାର ଏହି ପବିତ୍ର ଏବଂ ଶୁଭ ଅବସରରେ ଆମେ ବିଶ୍ୱାସକରୁ ଯେ ଉକ୍ତ ଅଫରଗୁଡିକ ଆମ ଗ୍ରାହକମାନଙ୍କ ପାଇଁ ବହୁ ଲାଭଦାୟକ ହେବ।

# ଖୁବ୍‌ଶୀଘ୍ର ସମ୍ବଲପୁରରେ ଅରୁନ୍ଧତୀ ଜୁଏଲର୍ସ

## ମେ ୩ରେ ନୂତନ ଶୋ'ରୁମ୍‌କୁ ଉଦ୍‌ଘାଟନ କରିବେ ଅର୍ଚ୍ଚିତ

**ଭୁବନେଶ୍ୱର,୩୦।୪**

ଅରୁନ୍ଧତୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ଖୁବ୍‌ଶୀଘ୍ର ସମ୍ବଲପୁରଠାରେ ଖୋଲିବାକୁ ଯାଉଛି। ଏପରିକି ୨୦୨୪ ମେ ୩ରେ ଏହାର ଆନୁଷ୍ଠାନିକ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ତଥା ଲୋକପ୍ରିୟ ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିବେ ବୋଲି ଅରୁନ୍ଧତୀ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଏକ ପ୍ରେସ୍ ବାର୍ତ୍ତା ଜରିଆରେ ଏ ନେଇ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି, ଗତ ୨୪ ବର୍ଷ ହେବ ସମସ୍ତଙ୍କର ସେହ୍ନ , ଶ୍ରଦ୍ଧା, ଭଲପାଇବା ଓ ଆଶୀର୍ବାଦ ସହ ଅରୁନ୍ଧତୀ ଉପରେ ରହିଥିବା ପ୍ରଗାଢ ବିଶ୍ୱାସକୁ ପାଥେୟକରି ଆମେ ରାଜ୍ୟର ଏକ ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ସହ ପୂର୍ବ ଭାରତର ଏକ ପ୍ରତିଷ୍ଠିତ ଗହଣା ବ୍ରାଣ୍ଡର ମାନ୍ୟତା ଲାଭ କରିଛୁ।





# Classified Everyday
0674-2580101, 2549949




**BRIDE WANTED**

Candidate: 9861141891: ଚାକିରି କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-42 yrs. ଝିଅ ଆବଶ୍ୟକ। ଧ-୧୭୭

Bride wanted for Odiya Brahmin groom Bhubaneswar based age 38, 5.11", Doctor (ENT), Divorced. Contact: 7205426354. D-176

Divorcee Karan Groom 48 HE 5'10" B.Tech. NITR MBA SPJM,JOB MNC, Bangalore 15LPA/ per Annum Parents Rets Engineer/Doctor. Contact 8249951388/ 9937374771. D-181

Brahmin bride required for handsome boy, 33, 5'6", Rasi 1/1, Private Company Job, Cuttack, 7064135979. D-71389




**SALE**

ଭୁବନେଶ୍ୱରରେ ସବୁଠୁ ଶସ୍ତାରେ ଘରବାଡ଼ି ପ୍ଲଟ୍ କିଣନ୍ତୁ। Sqft.- 1850/-, 950/-, 650/-. 9938016295. D-75952

Land for sale:- (Under BDA), Mouza/RI Office-Brahmanasadangi, Near Tankapani-Bentapur Road from Sai Temple, BBSR, Area- 6 acres, Price 1acre-5 crores for- Housing Project, Educational Institution, Hospital, Industry, Farming, no middle man, Price negotiable, Ph: 9938677366, 8249806871. D-148

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

**Duplex for sale 5bed Room, Puja Room, Servant Room, Portico, Lawn space, Lift space at Skytech villa, Raghunathpur, infront of Z 'one' near Chilika Fresh, Patia. Contact No.- 9861041133.** D-175

ଭୁବନେଶ୍ୱର ନଖରା ତ୍ରିନାଥବଜାର ନିକଟବର୍ତ୍ତୀ **30ft.** ରୋଡ୍, ଘରବାଡ଼ି **boundary** ଇଲେକ୍ଟ୍ରିସିଟି ସୁବିଧା ଥାଇ **Govt. Road**କୁ ଲାଗି **SC** ପ୍ଲଟ୍ ବିକ୍ରିହେବ। **9777617151, 9090142564.** D-75951

Gharabari plots at Uttara, Patrapada. 3/5BHK duplex in Patia. 8270370007. D-120

**Plot for sale near Trisulia, CISF Campus CDA, RERA approved (RP/07/2023/01069), (www.rera.odisha.gov.in). Contact- 7008513309.** D-192

Plots Nayapalli, Jayadevbihar, Pahal, Uttara, Andharua, Chandaka, Chhatabar, Patia- 9777923989. D-999




Shoproom (10' x 10') 2Nos. near Biju Patnaik College mainroad Jayadev Vihar, Bhubaneswar. Contact- 7008296802. D-187




Relax, refresh your body, mind by expert therapist. Contact- 9938843929. D-76117

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75734

Monalisa massage Club: All types Body massage with hiprofile smart lady rooms service available. 9708545108. D-190

ପାଠକଙ୍କ ପାଇଁ ସୂଚନା– କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of affidavit before Executive Magistrate, Malkangiri. Pratap Chandra Mohanty, aged 60 years, S/o Late Sadasib Mohanty, Residence's Malkangiri. In my savings Account Pass Book mentioned Pratap Mohanty, in my Aadhaar and PAN entered as Pratap Chandra Mohanty, both names are same person. D-198

I, Parwinara Begum, W/o- Mohammad Tasneem, resident of Ward No.13, At- Mehendipeer, P.O.- Chandni Chowk, P.S.- Lalbag, Dist.- Cuttack, Pin- 753002, Odisha declare by this affidavit No.1681 dtd.23.04.2024 that now onwards I shall be known as **PARWEEN ARA BEGUM** for all future purposes. D-201

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଆଡ୍‌ୱାର୍ଲଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେନ୍ ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୭୧ ଶିବପୁରୀ
ୟୁପି-୪୭୭, ସେକ୍ଟର ୫, ନୋଏଡ଼ା
9810432170
7606841840

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ତୃତୀୟ ଶ୍ରାଦ୍ଧବାର୍ଷିକୀ**



**୰ଶ୍ରୀ ରାଜେଶ୍ୱର ରାୟ**
ପାଣ୍ଡବ ନଗର
ବୈଶାଖ କୃଷ୍ଣପକ୍ଷ ନବମୀ
ଚାହୁଁ ଚାହୁଁ ତିନି ବର୍ଷ ବିତିଗଲା। ସବୁ ସମୟରେ ତୁମର ଅନୁପସ୍ଥିତି ଆମେମାନେ ଅନୁଭବ କରୁଛୁ। ଆମର ପ୍ରାର୍ଥନା ପରମେଶ୍ୱରଙ୍କ ନିକଟରେ ତୁମେ ଶାନ୍ତିରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆଶୀର୍ବାଦ ଆମର କାମନା।
ସିନ୍ଟୁ, ତାନି, ଉଦି, ଲିଟୁ, ଜୁଲି, ଚୁଙ୍ଗୁ, ଲିପି, ଟୁକୁନା, ରିକୁନ୍, ଦୀପୁ, ସିନି, ମାମୁନ୍, ମେନା।
ଧ-୧୯୭

**ଅଶ୍ରୁଳ ଏକାଦଶାହ ଶ୍ରଦ୍ଧାଞ୍ଜଳି**



**୰ତାରକ ଚନ୍ଦ୍ର ମିଶ୍ର**
ଆବିର୍ଭାବ: ତା.୦୧.୦୧.୧୯୪୫
ତିରୋଧାନ: ତା.୨୧.୦୪.୨୦୨୪
ମୋତି ଭବନ ପ୍ଲଟ ନଂ-୨୨/୧୩୦/୭୮୯
ସୁବୁଦ୍ଧିପୁର,କଳିଙ୍ଗ ବିହାର,ଭୁବନେଶ୍ୱର-୭୫୧୦୧୯
ଜୀବନ ଯୁଦ୍ଧରେ ଅପରାଜେୟ ସୈନିକ, କର୍ତ୍ତବ୍ୟ, ତ୍ୟାଗ, ପ୍ରତିଷ୍ଠା, ଦୟା ଓ କ୍ଷମାର ମୂର୍ତ୍ତିମନ୍ତ ପ୍ରତିଷ୍ଠାନ। ଆପଣଙ୍କର କାଳଜୟୀ କୀର୍ତ୍ତି ଆପଣଙ୍କୁ ଯୁଗ ଯୁଗ ଧରି ଅମର କରିଛି। ଆପଣଙ୍କର ଅମର ଆତ୍ମା ପ୍ରଭୁ ଜଗନ୍ନାଥଙ୍କ ପାଦ ପଦ୍ମରେ ଲୀନ ହେଉ।
ଆପଣଙ୍କର ଶୋକ ସନ୍ତପ୍ତ
ସମସ୍ତ ପରିବାରବର୍ଗ, ବନ୍ଧୁ ତଥା ଆତ୍ମୀୟ ସ୍ୱଜନ
ଧ-୧୯୬


# କାମ୍ପାକୋଲାର ନୂତନ ଅଭିଯାନ



**ଭୁବନେଶ୍ୱର,୩୦।୪**

ରିଲାଏନ୍ସ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ତଥା ରିଲାଏନ୍ସ କଞ୍ଜ୍ୟୁମର ପ୍ରଡକ୍ଟସ ଲିମିଟେଡ୍ (ଆର୍‌ସିପିଏଲ୍)ର ପ୍ରମୁଖ ବ୍ରାଣ୍ଡ କାମ୍ପାକୋଲାର ନୂତନ ଅଭିଯାନ 'ନଏ ଇଣ୍ଡିଆ କା ଅପ୍‌ନା ଥଣ୍ଡା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ଅଭିଯାନ ମାଧ୍ୟମରେ କାମ୍ପାକୋଲା ଥଣ୍ଡା ପାନୀୟ ବଜାରରେ ଅଗ୍ରଣୀ ବ୍ରାଣ୍ଡଗୁଡିକ ସହ ପ୍ରତିଦ୍ୱନ୍ଦ୍ୱିତା କରିବ। ବିଶେଷକରି ଘରୋଇ ବଜାରରେ ଗ୍ରୀଷ୍ମଋତୁ ଆରମ୍ଭ ହେବା ସହ ଥଣ୍ଡା ପାନୀୟର ବଜାର ବୃଦ୍ଧି ପାଇବାରେ ଲାଗିଛି। ଭାରତୀୟ ଥଣ୍ଡା ପାନୀୟ ବଜାରରେ ପ୍ରସିଦ୍ଧ କାମ୍ପାକୋଲାର 'ନଏ ଇଣ୍ଡିଆ କା ଅପ୍‌ନା ଥଣ୍ଡା' ଅର୍ଥାତ୍ ନୂଆ ଇଣ୍ଡିଆର ନିଜର ଥଣ୍ଡା ନାମକ ଏକ ନୂତନ ଅଭିଯାନ ଆରମ୍ଭ ହୋଇଯାଇଛି।

ଏ ସମ୍ପର୍କରେ ଆର୍‌ସିପିଏଲ୍‌ର ସିଓଓ କେତନ ମୋଡ଼ି କହିଛନ୍ତି, ଏହି ଅଭିଯାନ ଭାରତୀୟମାନଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଗୁଣବତ୍ତା ସମ୍ପନ୍ନ ଉତ୍ପାଦ ଯୋଗାଇବା ଦିଗରେ ଆମର ଯାତ୍ରାର ପ୍ରଥମ ପଦକ୍ଷେପ ହେବ। ଏହି ଅଭିଯାନ ସହ ଆର୍‌ସିପିଏଲ୍ ଥଣ୍ଡା ପାନୀୟ ବଜାରରେ ତା'ର ଯୋଗାଣ ଶୃଙ୍ଖଳାକୁ ମଧ୍ୟ ମଜଭୁତ କରୁଛି। ଏପରିକି ବଜାର ଉପଲବ୍ଧତାକୁ ସୁଗମ ଏବଂ ପ୍ରଭାବଶାଳୀ କରିବା ସହ କାମ୍ପାକୋଲାକୁ ଯୁବ ଭାରତୀୟଙ୍କ ଆକାଂକ୍ଷା ଅନୁରୂପ ପ୍ରସ୍ତୁତ କରାଯାଉଛି। ଅପରପକ୍ଷରେ ପ୍ରଖ୍ୟାତ ଲେଖକ ଓ ଆଡ୍ ଗୁରୁ ପ୍ରସୂନ୍ ଜୋଷୀଙ୍କ ଦ୍ୱାରା ପରିକଳ୍ପିତ ଏହି ଅଭିଯାନ ଏକକାଳୀନ ଟିଭି, ଡିଜିଟାଲ, ଆଉଟଡୋର ଏବଂ ପ୍ରିଣ୍ଟ ମିଡିଆରେ ଆରମ୍ଭ ହେଉଛି।

ସେହିଭଳି ଏହି ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ପ୍ରସୂନ୍ କହିଛନ୍ତି, ଏହି ନୂତନ ସୃଜନଶୀଳତା ସହ ବ୍ରାଣ୍ଡ କାମ୍ପାକୋଲା ଏକ ନୂତନ ଉଦୀୟମାନ ଭାରତ ସହ ସମତାଳରେ ରହିବାକୁ ଲକ୍ଷ୍ୟ ରଖିଛି, ଯାହା ନୂତନ ଅନ୍ୱେଷଣ କରିବା ପାଇଁ ଆତ୍ମବିଶ୍ୱାସୀ ଏବଂ ବ୍ୟଗ୍ର ରହିଛି। ଏହି ନୂତନ ଭାରତରେ ଏକ ଶୋଷ ରହିଛି, ଯାହାକୁ ମେଣ୍ଟାଇବା ପାଇଁ ସ୍ୱତନ୍ତ୍ର କିଛିର ଆବଶ୍ୟକତା ଅଛି। ଏହି ଅଭିଯାନ ଚଳଚ୍ଚିତ୍ରର ନିର୍ମାତା ହେଉଛନ୍ତି ଅରୁଣ ଗୋପାଳନ୍ ଏବଂ ଗାୟକ-ସଙ୍ଗୀତକାର ହେଉଛନ୍ତି ଶଙ୍କର ମହାଦେବନ୍।





# ହକ୍ ପାଇଁ ଲଢ଼େଇ ଜାରି

ଊନବିଂଶ ଶତାବ୍ଦୀର ଶେଷଭାଗରେ ନିଜ ହକ୍ ପାଇଁ ଶିଳ୍ପପତିଙ୍କ ଆକ୍ରୋଶର ଶିକାର ହୋଇଥିବା ଏବଂ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ସଂଘର୍ଷକୁ ମନେପକାଇବା ଉଦ୍ଦେଶ୍ୟରେ ମେ' ୧ରେ ବିଶ୍ୱର ଅଧିକାଂଶ ଦେଶରେ ଶ୍ରମିକ ଦିବସ ପାଳନ ହେଉଛି। ଏବେବି ଶ୍ରମିକମାନେ ନିଜର ଅଧିକାର ପାଇଁ ଲଢ଼େଇ ଜାରି ରଖିଛନ୍ତି। ଦେଶ ନିର୍ମାଣରେ ଶ୍ରମିକମାନଙ୍କ ଅନେକ ଅବଦାନ ରହିଥିଲେ ସୁଦ୍ଧା ସେମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିରେ ପରିବର୍ତ୍ତନ ଆଣିବା ସରକାର ପାଇଁ କଷ୍ଟକର ହୋଇପଡ଼ିଛି। ସରକାର ଶ୍ରମିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ବଡ଼ ବଡ଼ କର୍ପୋରେଟମାନଙ୍କ ସ୍ୱାର୍ଥକୁ ଦେଖୁଛନ୍ତି। ଏବେବି ଶ୍ରମିକମାନେ ନିଜର ହକ୍ ପାଇଁ ଲଢ଼େଇ ଜାରି ରଖିଛନ୍ତି।



## କର୍ପୋରେଟଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉଛି



ରାଜ୍ୟ ଏବଂ କେନ୍ଦ୍ରରେ ଶ୍ରମିକମାନଙ୍କ ସ୍ଥିତି ଦିନକୁ ଦିନ ଦୟନୀୟ ହୋଇ ପଡ଼ିଲାଣି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର କେହି ବି ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରି ଧାର୍ଯ୍ୟ କରୁନାହାନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ କରୁଥିବା ଶ୍ରମିକମାନଙ୍କୁ ୬ଶହ ଟଙ୍କା ଲେଖାଏ ପାରିଶ୍ରମିକ ଦିଆଯାଉନାହିଁ। ଦରଦାମ୍ ବଢୁଥିବାବେଳେ ସର୍ବନିମ୍ନ ମଜୁରି ବଢୁନାହିଁ। ଏହାବାଦ୍ କେନ୍ଦ୍ର ସରକାର ଯେଉଁ ଶ୍ରମ କୋଡ୍ ଲାଗୁ କରିବାକୁ ଚାହୁଁଛନ୍ତି, ତାହାଦ୍ୱାରା କର୍ପୋରେଟମାନଙ୍କ କେବଳ ଲାଭ ହେବ ଏବଂ ଶ୍ରମିକମାନଙ୍କ ସ୍ଥିତି ଦୁର୍ବିସହ ହୋଇପଡ଼ିବ। ତେଣୁ ଏହାକୁ ଜୋର୍‌ଦାର ବିରୋଧ କରାଯାଉଛି। ଭାରତବର୍ଷରେ ପ୍ରାୟ ୫୦/୬୦ଲକ୍ଷ ଜିଆଇଜି ୱାର୍କର ଥିବାବେଳେ ସେମାନଙ୍କ ସାମାଜିକ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ନିର୍ମାଣଶ୍ରମିକଙ୍କୁ ସ୍ୱତନ୍ତ୍ର ଭାବେ ଘର ମିଳିବା ପାଇଁ ଆଇନ୍ ଥିବାବେଳେ ସେମାନଙ୍କୁ ଏଥିରୁ ବଞ୍ଚିତ ରଖାଯାଉଛି।

**– ମହେନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ, ଏଆଇସିସିଟିୟୁ**

## ଶ୍ରମିକ ବିରୋଧୀ କେନ୍ଦ୍ର ସରକାର



– ଭାରତରେ ଶ୍ରମିକମାନଙ୍କ ଅଧିକାର ଏବଂ ସୁରକ୍ଷା ପାଇଁ ଆଇଏଲ୍‌ଓ ଆନ୍ତର୍ଜାତିକ ଶ୍ରମିକ ସଂଗଠନର କନ୍‌ଭେନଶନ୍ କରାଯାଉଥିଲା। ଏହା ଆଧାରରେ କଂଗ୍ରେସ ସରକାର ଅମଳରେ ୪୪ଟି ଶ୍ରମ ଆଇନ୍ କରାଯାଇଥିଲା। ମାତ୍ର ଏହାକୁ ବାତିଲ୍ କରି, କୌଣସି ଶ୍ରମିକ ସଂଗଠନ ବା ତ୍ରିପାକ୍ଷିକ ଆଲୋଚନା ନ କରି ଭାଜପା ସରକାର ୪ଟି ଲେବର କୋଡ୍ କରିଛି। ରୁଲ୍ ଫ୍ରେମ୍ ହେଲେ ବର୍ତ୍ତମାନ ଶ୍ରମିକ ସଂଗଠନମାନଙ୍କ ଯେଉଁ ସବୁ ସୁବିଧା ଅଛି ସେଥିରୁ ସେମାନେ ବଞ୍ଚିତ ହେବେ। ୨୦୧୫ ପରଠାରୁ ଭାଜପା ସରକାର ତ୍ରିପାକ୍ଷିକ କମିଟି ଇଣ୍ଡିଆନ୍ ଲେବର୍ କନ୍‌ଫରେନ୍ସ ଏବଂ ଇଣ୍ଡିଆନ୍ ଲେବର ଷ୍ଟାଣ୍ଡିଂ କମିଟି ଡାକୁନାହାନ୍ତି। ବର୍ତ୍ତମାନର କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବରେ ଶ୍ରମିକ ବିରୋଧୀ ସରକାର। ଏହି ଷଡ଼ଯନ୍ତ୍ରରେ ଓଡ଼ିଶାର ବିଜେଡି ସରକାର ସମ୍ପୃକ୍ତ ଅଛି। ଭାଜପାର ନିର୍ବାଚନୀ ଇସ୍ତାହାରରେ ଶ୍ରମିକମାନଙ୍କୁ କୌଣସି ସୁବିଧା ଦେବାର ପ୍ରତିଶ୍ରୁତି ନାହିଁ। କେବଳ ଡ୍ରାଇଭରମାନଙ୍କ ସାମାଜିକ ସୁରକ୍ଷା ଏବଂ ରାସ୍ତାକଡ଼ ଶ୍ରମିକମାନଙ୍କୁ କାମ ଦିଆଯିବ ବୋଲି କୁହାଯାଇଛି। ବିଜେଡି ଏଯାବତ୍ ଇସ୍ତାହାର ପ୍ରକାଶ କରି ନ ଥିବାବେଳେ, କଂଗ୍ରେସ ତାହାର ଇସ୍ତାହାରରେ ଏଥିପ୍ରତି ଗୁରୁତ୍ୱ ଦେଇଛି। ୪ଟି ଲେବର କୋଡ୍‌କୁ ରିଭ୍ୟୁ କରିବା ସହ ଅଧିକ ରୋଜଗାର ସୃଷ୍ଟି କରିବା, ଶ୍ରମିକମାନଙ୍କ ଅଧିକାର ଏବଂ ସୁରକ୍ଷା ପାଇଁ କାର୍ଯ୍ୟ କରାଯିବ। ଏଥିସହ ଦେଶରେ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ମିଳିବା ସହ ଏନ୍‌ଆର୍‌ଜିଏସ୍ କର୍ମଚାରୀଙ୍କୁ ୪ଶହ ଟଙ୍କା ମଜୁରି ଦିଆଯିବ ବୋଲି ପ୍ରସ୍ତାବ ରହିଛି।

**– ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ସଭାପତି, ଆଇଏନ୍‌ଟିୟୁସି**

## ଶ୍ରମିକଙ୍କ ସ୍ୱାର୍ଥକୁ ରାଜନୈତିକ ଦଳ ଇସ୍ତାହାରରେ ଆଣନ୍ତୁ



ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଶ୍ରମିକମାନଙ୍କ ସମସ୍ୟାକୁ ଏଡ଼ାଇ ଦେଇ ଚାଲିଛନ୍ତି। ଶ୍ରମିକ ଛଟେଇ, ସର୍ବନିମ୍ନ ମଜୁରି ହ୍ରାସ, ବେକାରି ବୃଦ୍ଧି କରି ଚାଲିଛନ୍ତି। ସର୍ବନିମ୍ନ ମଜୁରିକୁ ୨୬ହଜାର କରିବା ନେଇ ଟ୍ରେଡ୍ ୟୁନିୟନ୍‌ମାନଙ୍କ ଦାବିକୁ କାର୍ଯ୍ୟକାରୀ କରୁନାହାନ୍ତି। କେନ୍ଦ୍ର ସରକାର ଲେବର କୋଡ୍ ଲାଗୁ କରିବା ପାଇଁ ଯେଉଁ ଚକ୍ରାନ୍ତ କରୁଛନ୍ତି କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ଏହା ବିରୋଧରେ ଲଗାତର ଆନ୍ଦୋଳନ ଜାରି ରଖିଛନ୍ତି। ଏଥିସହ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଏହି ଲେବର କୋଡ୍‌କୁ ଗ୍ରହଣ ନ କରିବାକୁ ଦାବି କରାଯାଉଛି। ସେହିପରି ଶ୍ରମ ଆଇନ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବା, ସ୍କିମ୍ ୱାର୍କରଙ୍କୁ ୱାର୍କର ମାନ୍ୟତା ପ୍ରଦାନ, ସେମାନଙ୍କ ପାଇଁ ସର୍ବନିମ୍ନ ମଜୁରି ଧାର୍ଯ୍ୟ କରିବା, ପ୍ରସ୍ତାବିତ ଲେବର କୋଡ୍‌କୁ ସମର୍ଥନ ନ କରିବା, ବେରୋଜଗାରୀ ହଟାଇବା ଆଦି ବିଷୟକୁ ରାଜନୈତିକ ଦଳ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ସାମିଲ କରିବା ଏବଂ ନିର୍ବାଚନ ଜିତିବା ପରେ ଏ ସବୁ ଦିଗରେ ପଦକ୍ଷେପ ନେଲେ ଶ୍ରମିକ ଶ୍ରେଣୀ ସେମାନଙ୍କ ସହିତ ରହିବ। ଏହାହିଁ ଶ୍ରମିକ ଦିବସର ଆହ୍ୱାନ।

**–ବିଜୟ କୁମାର ଜେନା, ଏଆଇଟିୟୁସି, ସାଧାରଣ ସମ୍ପାଦକ ଓଡ଼ିଶା**

## ଶ୍ରମିକଙ୍କ ସମସ୍ୟା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ



ଶ୍ରମିକମାନଙ୍କ ସମସ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବାମପନ୍ଥୀ ଦଳଗୁଡ଼ିକ ବ୍ୟତୀତ କୌଣସି ରାଜନୈତିକ ଦଳ ଶ୍ରମିକମାନଙ୍କ ସମ୍ପର୍କରେ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ କିଛି ଉଲ୍ଲେଖ କରିନାହାନ୍ତି। ମୋଦି ୪୪ଟି ଶ୍ରମ ଆଇନ୍‌କୁ ବଦଳାଇବା ସହ ୧୫ଟି ଆଇନ୍‌କୁ ଉଠାଇଦେଲେ। ବାକି ୨୯ଟି ଆଇନ୍‌କୁ ୪ଟି ଲେବର କୋଡ୍‌ରେ ପରିଣତ କରିଛନ୍ତି। ଶ୍ରମିକମାନେ ଯେତିକି ମଜୁରୀ ପାଇବା କଥା ପାଉ ନାହାନ୍ତି। ଅପରପକ୍ଷେ ନୂଆ ଟେକ୍ନୋଲୋଜି ଦ୍ୱାରା ପୁଞ୍ଜିପତିମାନଙ୍କ ଲାଭ ହେଉଥିବାବେଳେ, ଶ୍ରମିକମାନଙ୍କୁ ବିତାଡ଼ିତ କରାଯାଉଛି। ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କ ଦଳ ଏବଂ ତାଙ୍କ ମେଣ୍ଟ ସରକାରକୁ ଆସିଲେ ତାହା ଶ୍ରମିକମାନଙ୍କ ପାଇଁ ବିପର୍ଯ୍ୟୟ ଆଣିଦେବ। କାରଣ ସମସ୍ତ ସରକାରୀ କଳକାରଖାନାର ଘରୋଇକରଣ ହେବ, ଘରୋଇ କମ୍ପାନୀରେ ଶ୍ରମିକମାନଙ୍କ ୟୁନିୟନ୍ ଗଢିବାର ଅଧିକାର ରହିବ ନାହିଁ। ଦେଶରେ ଚାଲିଥିବା ଭାଜପା ସରକାର ଏବଂ ତାକୁ ସମର୍ଥନ କରୁଥିବା ବିଜେଡି ସରକାରରେ ରହିଲେ ଶ୍ରମିକମାନଙ୍କ ପାଇଁ ଦୁର୍ଭାଗ୍ୟ ଆଣିଦେବ।

**– ଜନାର୍ଦ୍ଦନ, ସିଆଇଟିୟୁର ରାଜ୍ୟ ସଭାପତି**

## ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ



ଓଡ଼ିଶାରେ ଥିବା ଘରୋଇ ପରିଚାରିକା ବା ଡୋମେଷ୍ଟିକ୍ ୱାର୍କରମାନଙ୍କ ସଂଖ୍ୟା ପ୍ରାୟ ୩୫ଲକ୍ଷ। ସେମାନେ ଲୋକଙ୍କ ଘରେ କାମ କରିବା ସହ ସେମାନଙ୍କ ପିଲାମାନଙ୍କୁ ମଧ୍ୟ ସମ୍ଭାଳିଥାନ୍ତି। ଦିନକୁ ୮ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିଲେ ବି ସେମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ଏପରିକି ଆଜି ପର୍ଯ୍ୟନ୍ତ ସେମାନଙ୍କ ପାଇଁ କୌଣସି ବୋର୍ଡ ଗଠନ କରାଯାଇନାହିଁ। ମହାରାଷ୍ଟ୍ରରେ ବୋର୍ଡ ଗଠନ ହେବା ସହ ଘଣ୍ଟାଏ ହିସାବରେ ସେମାନଙ୍କ ମଜୁରି ଧାର୍ଯ୍ୟ କରାଯାଉଛି। ଓଡ଼ିଶାରେ ମଧ୍ୟ ସେହିଭଳି ଘଣ୍ଟାକୁ ଅତି କମ୍‌ରେ ୮୦ଟଙ୍କା ମଜୁରି ଦିଆଯିବା ଆବଶ୍ୟକ। ଏଥିସହ ମାସକୁ ଅତି କମ୍‌ରେ ୨ଦିନ ଛୁଟି ଦେବା, ସେମାନଙ୍କ ସାମାଜିକ ନିରାପତ୍ତା ଉପରେ ଦୃଷ୍ଟି ଦେବାକୁ ଅନେକ ଥର ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଚଳିତ ନିର୍ବାଚନରେ ସମସ୍ତ ରାଜନୈତିକ ଦଳ ସେମାନଙ୍କ ନିର୍ବାଚନୀ ଇସ୍ତାହାରରେ ଏହାକୁ ରଖିବା ପାଇଁ ଅନୁରୋଧ କରାଯାଇଛି।

**– ପ୍ରତାପ ସାହୁ, ସଭାପତି, ଓଡ଼ିଶା ଘରୋଇ ପରିଚାରିକା ମହାସଂଘ**

### ୧୯୨୩ରୁ ଭାରତରେ ପାଳିତ ହେଉଛି

ଭାରତରେ ପ୍ରଥମ କରି ମେ' ଦିବସ ୧୯୨୩ରେ ମାଡ୍ରାସ (ଚେନ୍ନାଇ)ରେ ପାଳନ କରାଯାଇଥିଲା। ଏହି ଦିନ ସମଗ୍ର ଭାରତବର୍ଷରେ ଟ୍ରେଡ୍ ୟୁନିୟନଗୁଡିକ ଶ୍ରମିକମାନଙ୍କର ମୂଲ୍ୟବୋଧକୁ ମନେପକାଇ ଥାଆନ୍ତି। ଭାରତରେ ଶ୍ରମିକ ଦିବସ ପାଳନ ପାଇଁ ଲେବର କିଷାନ୍ ପାର୍ଟି ପ୍ରଥମ ପଦକ୍ଷେପ ନେଇଥିଲା। ପ୍ରଥମ ଟ୍ରେଡ୍ ୟୁନିୟନର ପ୍ରତିଷ୍ଠାତା କମ୍ରେଡ୍ ମଳୟପୁରମ୍ ସିଙ୍ଗାରଭେଲୁ ଚେଟିଆର୍ ଉକ୍ତ ଦିବସ ପାଳନ ପାଇଁ ଦୁଇଟି ବୈଠକ ଆୟୋଜନ କରିଥିଲେ। ଗୋଟିଏ ବୈଠକ ଟ୍ରିପ୍ଲିକେନ୍ ବିଚ୍‌ରେ ଏବଂ ଅନ୍ୟଟି ମାଡ୍ରାସ୍ ହାଇକୋର୍ଟରେ ବିପରୀତ ଦିଗରେ ଥିବା ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଙ୍ଗାରଭେଲୁ ଏକ ପ୍ରସ୍ତାବ ଗୃହୀତ କରାଇଥିଲେ। ଏହି ପ୍ରସ୍ତାବରେ ଉଲ୍ଲେଖ ଥିଲା ଯେ, ମେ' ୧ ଶ୍ରମିକ ଦିବସକୁ ସରକାର ଜାତୀୟ ଛୁଟିଦିବସ ଘୋଷଣା କରନ୍ତୁ। ପ୍ରଥମଥର ପାଇଁ ଶ୍ରମିକ ସଙ୍କେତ ସ୍ୱରୂପ ଏଠାରେ ଲାଲ୍ ପତାକା ବ୍ୟବହାର କରାଯାଇଥିଲ।

## ଚକ୍ରାନ୍ତ ବିରୋଧରେ ସଚେତନତା ଜରୁରୀ



ଶ୍ରମିକମାନଙ୍କ ଅଧିକାରକୁ ରକ୍ଷା କରିବା ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ମୋଦି ସରକାର କ୍ଷମତାକୁ ଆସିଲେ ଶ୍ରମିକ ବିରୋଧୀ ଲେବରକୋଡ୍ କାର୍ଯ୍ୟକାରୀ କରିବେ। ଫଳରେ ସେମାନଙ୍କ ସମସ୍ତ ଅଧିକାର କ୍ଷୁଣ୍ଣ ହୋଇଯିବ। ମୁଷ୍ଟିମେୟ ପୁଞ୍ଜିପତିଙ୍କୁ ରକ୍ଷା କରି ଲକ୍ଷଲକ୍ଷ ଶ୍ରମିକଙ୍କ ଅଧିକାରକୁ ଛଡ଼ାଇ ନେବା ପାଇଁ ସରକାର ଯେଉଁ ଚକ୍ରାନ୍ତ କରୁଛନ୍ତି ତା' ବିରୋଧରେ ସଚେତନତା ଆଣିବା ଚଳିତ ମେ' ଦିବସର ଆହ୍ୱାନ ହେବା ଆବଶ୍ୟକ। ଖଟିଖିଆ ନିଷ୍ପେସିତ, ଶୋଷିତ ମଣିଷଙ୍କୁ ଏକାଠି କରିବା, ଦେଶର ଶ୍ରମିକଶ୍ରେଣୀ ଉପରେ ହେଉଥିବା ଆକ୍ରମଣରୁ ରକ୍ଷା କରିବା ପାଇଁ ହେଲେ ନିର୍ବାଚନରେ ମୋଦି ସରକାରଙ୍କୁ ପରାସ୍ତ କରିବା ଦରକାର। ସମ୍ବିଧାନକୁ ରକ୍ଷା କରିବା ସହ ଶ୍ରମିକମାନଙ୍କୁ ଦୁର୍ଦ୍ଦିନରୁ ରକ୍ଷା କରିବା ଆମ ସମସ୍ତଙ୍କର ବଡ ଅହ୍ୱାନ।

**– ବିଷ୍ଣୁଚରଣ ମହାନ୍ତି, ସିଆଇଟିୟୁ, ଜାତୀୟ ଉପସଭାପତି**

---



# ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଫୁଲ ଫୁଟିଗଲା କାଞ୍ଚନ;**
**କାଳୀ ଦେଇଗଲା ମୁକୁଳି ଉଖୁଡା,**
**ଗୋରୀ ଦେଇଗଲା ବଚନ।**

ସାଧାରଣତଃ ପ୍ରେମରେ ପଡ଼ିଥିବା ବ୍ୟକ୍ତି ନିଜର ପ୍ରେମଭାବକୁ ଜାହିର କରାଇବା ନେଇ ଅନେକ ସମୟରେ ଉପହାର, ଉପଢୌକନମାନ ପ୍ରଦାନ କରୁଥିବାର ଲକ୍ଷ୍ୟ କରାଯାଇଥାଏ। ସେହିପରି ପ୍ରତ୍ୟେକ ବ୍ୟକ୍ତି ପରସ୍ପରଠାରୁ ଭିନ୍ନ ଓ ସେମାନଙ୍କ ଚାଲିଚଳଣ, ଆଚାର, ବିଚାର, ପ୍ରକୃତି ତଥା ସ୍ୱଭାବରେ ଅନେକ ପ୍ରଭେଦ ରହିଥାଏ। ଏପରି ସ୍ଥିତିରେ ଶ୍ୟାମଳୀ ଓ ଗୌରବର୍ଣ୍ଣା ଯୁବତୀ ନିଜର ସ୍ନେହ, ଆଦର ତଥା ଭଲ ପାଇବାକୁ ପରିପ୍ରକାଶ କରିବା ନେଇ ଭିନ୍ନ ପନ୍ଥା ଆପଣେଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଫୁଲ ଫୁଟିଗଲା ଫୁଲୁରୀ;**
**ଲକ୍ଷେ ଭେଣ୍ଡିଆଙ୍କୁ କାହାକୁ ଦେଇ,**
**ଭାର ଘେନି ଗଲୁ ସୁନ୍ଦରୀ।**

ସୁନ୍ଦରୀ ଝିଅ ପଛରେ ଅନେକ ପ୍ରଶଂସକ ବା ପ୍ରେମିକଙ୍କ ଧାଡ଼ି ଛୁଟିଥାଏ। ଏପରି ଝିଅକୁ ବିବାହ କରିବା ଲାଗି ପ୍ରତୀକ୍ଷା ଫସର ଫାଟିବା ପରେ ସେ ଜଣଙ୍କୁ ହିଁ ଯଥାର୍ଥରେ ବିବାହ କରିବା ଦେଖି ତାହା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଜାତୀୟ/ଅନ୍ତର୍ଜାତୀୟ

### ହେଲିକପ୍ଟର ଦୁର୍ଘଟଣା: ୯ ସୈନିକ ମୃତ

ବୋଗୋଟା, ୩୦।୪

କଲମ୍ବିଆର ଉତ୍ତର ପ୍ରାନ୍ତର ଏକ ଗ୍ରାମୀଣ ଅଞ୍ଚଳରେ ମଙ୍ଗଳବାର ଗୋଟିଏ ସେନା ହେଲିକପ୍ଟର ଦୁର୍ଘଟଣା ଘଟି ୯ ଜଣ ସୈନିକଙ୍କର ମୃତ୍ୟୁ ଘଟିଛି। କଲମ୍ବିଆ ସେନା ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉକ୍ତ ହେଲିକପ୍ଟର 'ସାନ୍ତା ରୋଜା ଡେଲ୍ ସୁର୍' ପୌରପାଳିକାରେ ନିୟୋଜିତ ସୈନ୍ୟଙ୍କ ପାଇଁ ସାମଗ୍ରୀ ନେଇ ଯାଉଥିଲା। ଏହି ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବାବେଳେ ଏଥିରେ ଯାଉଥିବା ସମସ୍ତ ୯ ସୈନ୍ୟଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାକୁ ନେଇ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାବୋ ପେଟ୍ରୋ ଶୋକ ପ୍ରକାଶ କରିଛନ୍ତି।

### ବ୍ରିଟେନରେ ରାଘବ ଚଢ଼ାଙ୍କ ଆଖି ଅପରେଶନ

ନୂଆଦିଲ୍ଲୀ, ୩୦।୪

ଲୋକ ସଭା ନିର୍ବାଚନ ପାଇଁ ପ୍ରଚାର ସରଗରମ ଚାଲିଥିବାବେଳେ ଗତ କିଛିଦିନ ଧରି ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ପ୍ରଚାରରେ ରାଜ୍ୟ ସଭା ସଦସ୍ୟ ରାଘବ ଚଢ଼ା ଅନୁପସ୍ଥିତ ରହୁଥିଲେ। ତେବେ ଏସମ୍ପର୍କରେ ମଙ୍ଗଳବାର ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ସୌରଭ ଭରଦ୍ୱାଜ ପ୍ରତିକ୍ରିୟା ରଖିଛନ୍ତି। ରାଘବଙ୍କୁ ରେଟିନା ଡିଟାଚ୍‌ମେଣ୍ଟ ନାମକ ଗମ୍ଭୀର ଚକ୍ଷୁ ରୋଗ ହୋଇଥିବାରୁ ଏହାର ଚିକିତ୍ସା ନିମନ୍ତେ ସେ ଗତ ମାସ ୮ରୁ ବ୍ରିଟେନ ଗସ୍ତରେ ଅଛନ୍ତି। ବ୍ରିଟେନରେ ତାଙ୍କ ଚକ୍ଷୁ ଅସ୍ତ୍ରୋପ୍ରଚାର ହୋଇଥିବା ସୌରଭ କହିଛନ୍ତି। ରାଘବଙ୍କର ଆଖି ସମସ୍ୟା ଅତ୍ୟନ୍ତ ଗୁରୁତର ହୋଇଥିବାବେଳେ ଯଦି ଏହାର ଠିକ୍ ସମୟରେ ଚିକିତ୍ସା ହୋଇ ନ ଥାନ୍ତା ତେବେ ସେ ଦୃଷ୍ଟିଶକ୍ତି ହରାଇବା ଆଶଙ୍କା ଥିଲା ବୋଲି ସୌରଭ କହିଛନ୍ତି। ସୁସ୍ଥ ହେବା ପରେ ହିଁ ରାଘବ ଭାରତ ଆସି ଦଳର ଅଭିଯାନରେ ସାମିଲ ହେବେ ବୋଲି ସୌରଭ ସୂଚନା ଦେଇଛନ୍ତି।

# ଗୋଦରେଜ୍ ଗ୍ରୁପ୍ ୨ ଭାଗ

**ନୂଆଦିଲ୍ଲୀ,୩୦।୪**



ନାଦିର ଗୋଦରେଜ



ଜାମସେଦ ଗୋଦରେଜ

୧୨୭ ବର୍ଷର ପୁରୁଣା ଗୋଦରେଜ୍ ଗ୍ରୁପ୍‌ର ପ୍ରତିଷ୍ଠାତା ପରିବାର ଦୁଇଭାଗ ହୋଇଛି। ସାବୁନରୁ ଆରମ୍ଭ କରି ଗୃହ ଉପକରଣ ଏବଂ ରିଅଲ ଇଷ୍ଟେଟ୍ ବ୍ୟବସାୟ କ୍ଷେତ୍ରରେ ସାମ୍ରାଜ୍ୟ ବିସ୍ତାର କରିଥିବା ଏହି ପରିବାର ଆନୁଷ୍ଠାନିକ ଭାବେ ବିଭାଜନକୁ ମଞ୍ଜୁରୀ ଦେବା ପାଇଁ ସହମତ ହୋଇଛି। ତଦନୁଯାୟୀ ଆଦି ଗୋଦରେଜ ଓ ତାଙ୍କ ସାନଭାଇ ନାଦିର ଗୋଦରେଜ ଇଣ୍ଡଷ୍ଟ୍ରିଜ୍‌ର ଷ୍ଟକ୍ ମାର୍କେଟରେ ତାଲିକାଭୁକ୍ତ ୫ଟି କମ୍ପାନୀ ନିଜ ପାଖରେ ରଖିବେ। ସେମାନଙ୍କ ସମ୍ପର୍କୀୟ ଭାଇ ଜାମସେଦ ଓ ଭଉଣୀ ସ୍ମିତାଙ୍କ ନିକଟରେ ଅଣତାଲିକାଭୁକ୍ତ ଗୋଦରେଜ୍ ଆଣ୍ଡ ବଏସ୍ ଏବଂ ଏହାର କେତେକ ସହଯୋଗୀ ଫାର୍ମ, ମୁମ୍ବାଇ ସମ୍ପତ୍ତି ସମେତ ଏକ ଲ୍ୟାଣ୍ଡ ବ୍ୟାଙ୍କର ମାଲିକାନା ସ୍ୱତ୍ୱ ରହିବ। ୮୨ ବର୍ଷୀୟ ଆଦି ଓ ୭୩ ବର୍ଷୀୟ ନାଦିର ଗୋଟିଏ ବ୍ୟବସାୟିକ ପକ୍ଷ ହୋଇଥିବାବେଳେ ଅନ୍ୟ ପକ୍ଷରେ ୭୫ ବର୍ଷୀୟ ଜାମସେଦ ଓ ୭୪ ବର୍ଷୀୟା ସ୍ମିତା ଗୋଦରେଜ କ୍ରିଷ୍ଣା ରହିଥିବା ଗ୍ରୁପ୍ ପକ୍ଷରୁ ମଙ୍ଗଳବାର ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଗୋଦରେଜ ଆଣ୍ଡ ବଏସ୍ ଓ ଏହା ସହ ଅନୁବନ୍ଧିତ ଫାର୍ମଗୁଡ଼ିକୁ ନେଇ ପ୍ରତିଷ୍ଠିତ ଗୋଦରେଜ୍ ଏଣ୍ଟରପ୍ରାଇସେସ୍ ଗ୍ରୁପ୍‌ର ବ୍ୟବସାୟିକ କାରବାର ଏରୋସ୍ପେସ୍ ବିମାନ ଚଳାଚଳ, ପ୍ରତିରକ୍ଷା, ଫର୍ନିଚର ଏବଂ ଆଇଟି ସଫ୍ଟୱେର କ୍ଷେତ୍ରରେ ରହିଛି। ଏହିସବୁର ନିୟନ୍ତ୍ରଣ ଜାମସେଦଙ୍କ ହାତରେ ରହିବ। ଜାମସେଦ ଏହାର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ରହିବେ। ତାଙ୍କ ଭଉଣୀ ସ୍ମିତାଙ୍କ ଝିଅ ନିରିକା ହୋଲ୍‌କର(୪୨) ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ରହିବେ। ମୁମ୍ବାଇରେ ଥିବା ୩୪୦୦ ଏକର ଜମିର ଲ୍ୟାଣ୍ଡ ବ୍ୟାଙ୍କକୁ ମଧ୍ୟ ଏମାନଙ୍କ ପରିବାର ପରିଚାଳନା କରିବେ। ଅନ୍ୟପକ୍ଷେ ଗୋଦରେଜ୍ ଇଣ୍ଡଷ୍ଟ୍ରିଜ୍, ଗୋଦରେଜ୍ କଞ୍ଜ୍ୟୁମର ପ୍ରଡକ୍ଟସ୍, ଗୋଦରେଜ୍ ପ୍ରପର୍ଟିଜ୍, ଗୋଦରେଜ୍ ଆଗ୍ରୋଭେଟ୍ ଏବଂ ଆସ୍‌ଟେକ୍ ଲାଇଫସାଇନ୍ସେସ୍‌କୁ ନେଇ ପ୍ରତିଷ୍ଠିତ ଗୋଦରେଜ୍ ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍‌ର ଚେୟାର ପର୍ସନ ରହିବେ ନାଦିର ଗୋଦରେଜ୍। ଏହି ସେକ୍ଟରଗୁଡ଼ିକର ନିୟନ୍ତ୍ରଣ ଆଦି, ନାଦିର ଏବଂ ସେମାନଙ୍କ ପିଲାମାନଙ୍କ ହାତରେ ରହିବ। ଏନେଇ ନାଦିର କହିଛନ୍ତି, ଭାରତକୁ ଆର୍ଥିକ ସ୍ୱାଧୀନତା ପ୍ରଦାନ ନିମନ୍ତେ ୧୮୯୭ରେ 'ଗୋଦ୍‌ରେଜ'ର ପ୍ରତିଷ୍ଠା କରାଯାଇଥିଲା। ସେହି ସମୟରୁ ଆସ୍ଥାର ମୂଲ୍ୟବୋଧ, ସମ୍ମାନ ଏବଂ ଟ୍ରଷ୍ଟିଶିପ୍‌ରେ ବିଶ୍ୱାସକୁ ନେଇ କମ୍ପାନୀ ବ୍ୟବସାୟିକ କାରବାର କରିଆସିଛି। ଏହି ଲିଗାସୀକୁ ଆଧାର କରି ଆଗକୁ ମଧ୍ୟ ଦେଶର ପ୍ରଗତିରେ ଗ୍ରୁପ୍ ସହାୟକ ହେବ।

### ପଦ ସମ୍ଭାଳିଲେ ନୌସେନା ମୁଖ୍ୟ ଦିନେଶ ତ୍ରିପାଠୀ

**ନୂଆଦିଲ୍ଲୀ, ୩୦।୪**

ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ମଙ୍ଗଳବାର ଭାରତୀୟ ନୌସେନାର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ନୌସେନା ମୁଖ୍ୟ ଆର୍. ହରି କୁମାର ଅବସର ଗ୍ରହଣ କରିବାପରେ ସେ ଏହି ପଦ ସମ୍ଭାଳିଛନ୍ତି। ସାମୁଦ୍ରିକ କ୍ଷେତ୍ରରେ ଆସୁଥିବା ବିଭିନ୍ନ ଆହ୍ୱାନକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ଶତ୍ରୁମାନଙ୍କୁ ରୋକିବା ପାଇଁ ଭାରତୀୟ ନୌସେନା ସବୁବେଳେ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ସେ ସ୍ୱାଗତ ଭାଷଣରେ କହିଛନ୍ତି। ଗତ କିଛି ବର୍ଷ ଧରି ଭାରତୀୟ ନୌସେନା ଯୁଦ୍ଧ ପ୍ରସ୍ତୁତି କ୍ଷେତ୍ରରେ ବିକଶିତ ହେବା ସହ ସମୁଦ୍ରରେ ଶାନ୍ତି ବଜାୟ ରଖିବା ପାଇଁ ଉଦ୍ୟମ କରିଥିବା ସେ କହିଛନ୍ତି।

### କୋଟାରେ ଆଉ ଜଣେ ଛାତ୍ର ଆତ୍ମହତ୍ୟା

କୋଟା, ୩୦।୪

କୋଟାରେ ଆଉ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ହେଉଛନ୍ତି ରାଜସ୍ଥାନର ଭରତ କୁମାର ରାଜପୁତ(୨୦)। ସେ ରାଜୀବ ଗାନ୍ଧୀ ନଗର ସ୍ଥିତ ଏକ ଛାତ୍ରାବାସରେ ରହୁଥିବାବେଳେ ମଙ୍ଗଳବାର ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ମୃତଦେହ ନିକଟରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ଆସନ୍ତା ୫ରେ ହେବାକୁ ଥିବା ଏନ୍‌ଇଇଟି ପରୀକ୍ଷାରେ ଖରାପ କରିବା ଚାପରେ ସେ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି।

### ଟ୍ରମ୍ପଙ୍କୁ ୯,୦୦୦ ଡଲାର ଜରିମାନା

**ୱାଶିଂଟନ,୩୦।୪**



ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୦୬ରେ ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ବିଷୟ ପ୍ରଘଟ ନ କରିବା ପାଇଁ ସେ ତାଙ୍କ ଓକିଲଙ୍କ ଜରିଆରେ ୧ ଲକ୍ଷ ୩୦ ହଜାର ଡଲାର ଦେଇଥିଲେ। ଏ ସମ୍ପର୍କିତ ବ୍ୟବସାୟିକ ରେକର୍ଡ ଜାଲିଆତି ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଥିବା ଟ୍ରମ୍ପଙ୍କୁ ଅଦାଲତ ଅବମାନନା ମାମଲାରେ ନ୍ୟୁୟର୍କର ଏକ କୋର୍ଟ ୯,୦୦୦ ଡଲାର ଜରିମାନା କରିଛନ୍ତି। କୋର୍ଟଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ମଞ୍ଚ 'ଟ୍ରୁଥ୍ ସୋସିଆଲ' ମାଧ୍ୟମରେ ମନ୍ତବ୍ୟ ଦେଇ ଆସୁଥିଲେ। ହସ୍ ମନି ମାମଲାରେ ସାକ୍ଷୀ ଓ ଅନ୍ୟମାନଙ୍କ ସମ୍ପର୍କରେ ଆଗକୁ ସର୍ବସାଧାରଣରେ ପ୍ରକାଶ କଲେ ତାଙ୍କୁ ଜେଲ ମଧ୍ୟ ହୋଇପାରେ ବୋଲି ନ୍ୟୁୟର୍କ ବିଚାରପତି ଜୁଆନ୍ ଏମ୍ ମର୍ଚାନ ଚେତାବନୀ ଦେଇଛନ୍ତି। ଏଭଳି ମନ୍ତବ୍ୟକୁ ଟ୍ରମ୍ପ ନିଜ ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାର ବୋଲି କହିଆସୁଥିବାବେଳେ ୨୦୨୪ ରାଷ୍ଟ୍ରପତି ନିର୍ବାଚନର ୭୭ ବର୍ଷୀୟ ରିପବ୍ଲିକାନ୍ ପ୍ରାର୍ଥୀଙ୍କ ପାଇଁ ଅଦାଲତଙ୍କ ରାୟ ଶକ୍ତ ଝଟକା ସଦୃଶ ହୋଇଛି। ତେବେ ଆମେରିକା ଆଇନ ଅନୁସାରେ ଟ୍ରମ୍ପ ଦୋଷୀସାବ୍ୟସ୍ତ ହେଲେ ମଧ୍ୟ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ।

### ଶାହାଙ୍କ ଫେକ୍ ଭିଡିଓ ମାମଲା: କଂଗ୍ରେସ ବିଧାୟକଙ୍କ ସହଯୋଗୀ ଗିରଫ

**ଅହମଦାବାଦ, ୩୦।୪**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଭାଷଣକୁ ଏଡିଟ୍ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ମାମଲାରେ ଅହମଦାବାଦ ସାଇବର କ୍ରାଇମ ପୋଲିସ ମଙ୍ଗଳବାର ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୁଜରାଟର ବଡଗାମରୁ କଂଗ୍ରେସ ବିଧାୟକ ଜିଗ୍ନେଶ ମେଭାନୀଙ୍କ ବ୍ୟକ୍ତିଗତ ସହାୟକ ସତୀଶ ଭଂଶୋଲା ଓ ଦାହୋଦ ଜିଲା ଲିମ୍‌ଖେଡ଼ା ସହରର ଆମ୍ ଆଦ୍‌ମୀ ପାର୍ଟି (ଆପ୍) କାର୍ଯ୍ୟକର୍ତ୍ତା ରାକେଶ ବାରିଆ ଏହି ମାମଲାରେ ଗିରଫ ହୋଇଛନ୍ତି। ସୂଚନାଯୋଗ୍ୟ, ସୋସିଆଲ ମିଡିଆରେ ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ମିଳୁଥିବା ସଂରକ୍ଷଣ ବ୍ୟବସ୍ଥାକୁ ହଟାଯିବ ବୋଲି ଅମିତ୍ ଶାହାଙ୍କ ଏକ ଫେକ୍ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

### ୬ ଥରର କଂଗ୍ରେସ ବିଧାୟକ ଭାଜପାରେ



ରାମନିବାସ ରାୱତ୍

**ନୂଆଦିଲ୍ଲୀ,୩୦।୪**

ମଧ୍ୟପ୍ରଦେଶର ବରିଷ୍ଠ କଂଗ୍ରେସ ନେତା ତଥା ବିଜୟପୁରରୁ ୬ ଥର ବିଧାୟକ ହୋଇଥିବା ରାମନିବାସ ରାୱତ୍ ମଙ୍ଗଳବାର ଭାଜପାରେ ସାମିଲ ହୋଇଛନ୍ତି। ୨୦୧୯ରେ ରାୱତ୍ କଂଗ୍ରେସ ପ୍ରାର୍ଥୀ ଭାବେ ମୋରେନା ଆସନରୁ ଲୋକ ସଭା ନିର୍ବାଚନ ଲଢ଼ି ଭାଜପା ପ୍ରାର୍ଥୀ ନରେନ୍ଦ୍ର ସିଂ ତୋମାରଙ୍କଠାରୁ ହାରିଯାଇଥିଲେ। ଏଥର କଂଗ୍ରେସ ତାଙ୍କୁ ଟିକେଟ ନ ଦେଇ ସତ୍ୟପାଲ ସିଂ ସିକରୱାରଙ୍କୁ ମୋରେନା ଆସନରୁ ପ୍ରାର୍ଥୀ କରିଥିଲା।

## କପାଚାଷରେ ପତ୍ରଡିଆଁ ପୋକ ଲାଗିଲେ...



ପତ୍ରଡିଆଁ ପୋକ ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ଡାଇମେଥୋଏଟ୍ କିମ୍ୱା ୩ ଲିଟର ପାଣିରେ ୧ ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ୱା ୧ ଗ୍ରାମ୍ ଥାୟାମେଥାକ୍‌ଜାମ୍ ମିଶାଇ ସକାଳ ବେଳା ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । ଏହାଛଡ଼ା ଅଠାଳିଆ ଯନ୍ତାର ବ୍ୟବହାର କରାଯାଇପାରେ । କପାଚାଷ କରିଥିଲେ କୋଡ଼ାଖୁସା କରି ହୁଡ଼ା ଟେକିଦିଅନ୍ତୁ । ଫସଲ ୯୦ ଦିନ ପରେ କିମ୍ୱା ୩ ଫୁଟ ଉଚ୍ଚ ହୋଇଥିଲେ ଅଗ ଛିଣ୍ଡାଇ ଦିଅନ୍ତୁ । ଗଛ ୪୫ ଦିନର ହୋଇଯାଇଥିଲେ ସାଢ଼େ ୪ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ଲାନୋଫିକ୍ସ ସିଞ୍ଚନ କରନ୍ତୁ । ୧୫ ଦିନ ପରେ ପୁନର୍ବାର ପ୍ରତି ୪.୫ ଲିଟର ପାଣିରେ ୧ ମି.ଲି. ପ୍ଲାନୋଫିକ୍ସ ମିଶାଇ ସ୍ପ୍ରେ କରନ୍ତୁ ।

## ସୂର୍ଯ୍ୟମୁଖୀ ଚାଷ

ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ୱା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ



ସିଞ୍ଚନ କରନ୍ତୁ । ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ । କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ୱା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

## ମୁଗ ଚାଷ କରୁଥିଲେ...

ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ୱା ୧ ଲିଟର ପ୍ରୋଫେନୋଫସ୍ କିମ୍ୱା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡୋକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଧାନବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ୱା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମି.ଲି. ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ x କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ ।



# ଡାଳୁଅ ଧାନ କାଟୁଥିଲେ...

ଏ ମାସର କୃଷି ସୂଚନା



ଡାଳୁଅ ଧାନର ଶତକଡ଼ା ୮୦ରୁ ୮୫ ଭାଗ କେଣ୍ଡା ପାଚିଯାଇଥିଲେ ଧାନ କାଟି ଦିଅନ୍ତୁ। ଧାନ କାଟିବା ପୂର୍ବରୁ ଶେଷ ଥର ପାଇଁ ବିଲରେ ଥିବା ମିଶା ଧାନ ବାଛି ଦିଅନ୍ତୁ। ଧାନ କାଟିବାର ୭ ଦିନ ପୂର୍ବରୁ କିଆରିରୁ ପାଣି ଶୁଖାଇଦିଅନ୍ତୁ । ଧାନ ଅମଳ ପରେ ୩-୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ଜମିର କିସମ ଅନୁସାରେ ଖରିଫ ଧାନ ଚାଷ ପାଇଁ ଉପଯୁକ୍ତ ଅଧିକ ଅମଳକ୍ଷମ ଧାନ ବିହନ ସଂଗ୍ରହ କରନ୍ତୁ । କଟାହୋଇ ନ ଥିବା ଡାଳୁଅ ଧାନରେ ଯେଉଁ ଅଞ୍ଚଳରେ ମାଟିଆଗୁଣ୍ଡି ବା ଚକଡ଼ା ପୋକ ଆକ୍ରମଣ ଦେଖାଯାଉଛି, ସେହି ସ୍ଥାନରେ ଆକ୍ରାନ୍ତ କ୍ଷେତରୁ ପାଣି କାଟି ଶୁଖାଇ ଦିଅନ୍ତୁ। ପ୍ରତି ୬ ଫୁଟ ବ୍ୟବଧାନରେ ପୂର୍ବ-ପଶ୍ଚିମ କରି ଧାନଗଛକୁ ଦୁଇପଟକୁ ଆଡ଼େଇଦେଇ ପାଖି କାଟନ୍ତୁ। ଗଛ ମୂଳକୁ ଲକ୍ଷ୍ୟକରି ହେକ୍ଟର ପ୍ରତି ଫ୍ଲୋନିକାମିଡ୍ ୧୫୦ ଗ୍ରାମ୍ କିମ୍ୱା ଡାଇନୋଟେଫ୍ୟୁରାନ୍ ୨୦୦ ଗ୍ରାମ୍ କିମ୍ୱା ପାଇମେଟ୍ରୋଜିନ୍ ୩୦୦ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଡାଲିଜାତୀୟ ଫସଲ :** ମୁଗ, ବିରି ଆଦି ଡାଲିଜାତୀୟ ଫସଲରେ ଛୁଇଁ ୮୦ରୁ ୮୫ ଭାଗ ପାକଳ ହୋଇଥିଲେ ଅମଳ କରିଦିଅନ୍ତୁ । ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ସାଇତି ରଖନ୍ତୁ । ଖରାଟିଆ ବିରି ଓ ମୁଗ ଫୁଲଫଳ ଅବସ୍ଥାରେ ଥିଲେ ହାଲୁକା ଜଳସେଚନ କରନ୍ତୁ ।

**ନଳିତା :** ଏପ୍ରିଲ ମାସରେ ବୁଣାଯାଇଥିବା ନଳିତା ୧୫ ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ ଓ ଗଛ ବହଳିଆ ହୋଇଥିଲେ ଗଛକୁ ଗଛ ୮ ସେ.ମି.ରୁ ୧୦ ସେ.ମି. ରଖି ପତଳା କରିଦିଅନ୍ତୁ । ନଳିତା ଗଛ ୧୧-୨୦ ଦିନ ହୋଇଗଲେ ଏକବୀଜପତ୍ରୀ ଘାସକୁ ନିୟନ୍ତ୍ରଣ କରିବା ପାଇଁ ଫସଲକୁ ୧୫-୨୦ ଦିନ ସମୟରେ ଟର୍ଗାସୁପର ତୃଣନାଶକ ୨ ମି.ଲି. x ଧନୁଭିଟ୍ ୧ ମି.ଲି. ପ୍ରତି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଆଖୁ :** ଜଳସେଚନର ସୁବିଧା ଥିଲେ ଜମିକୁ କୋଡ଼ାଖୋସା କରି ହୁଡ଼ା ଟେକା ପୂର୍ବର ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର (୬୫ କି.ଗ୍ରା./ହେକ୍ଟର) ପ୍ରୟୋଗ କରନ୍ତୁ । ଜଳସେଚନର ସୁବିଧା ନ ଥିଲେ ପ୍ରଥମ ବର୍ଷା ପରେ ଏହି ତୃତୀୟ ଦଫା ଅନୁମୋଦିତ ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକିବେ ।

**ତୈଳବୀଜ ଫସଲ**

**ରାଶି :** ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ୱା ୦.୫ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫% ଏସ୍‌ଜି ମିଶାଇ ପ୍ରୟୋଗ କରନ୍ତୁ। ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।

**ଚିନାବାଦାମ :** ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ କରି ଅମଳ କରନ୍ତୁ ।

**ସୂର୍ଯ୍ୟମୁଖୀ :** ଏହି ଚାଷରେ କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ। ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଏଥିରେ ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ ।

**ପରିବା ଚାଷ :** ଖରାଟିଆ ପରିବା ଫସଲରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଅନ୍ତୁ । ଶାଗ ଫସଲରୁ ଅଧିକ ଅମଳ ପାଇଁ ଜିଆଖତ ବ୍ୟବହାର କରି ମାଟିର ବତର ଅନୁସାରେ ଜଳସେଚନ କରନ୍ତୁ । ତରଭୁଜ ଅମଳ ପରେ ଜଳସେଚନର ସୁବିଧା ଥିଲେ ସେହି ଜମିରେ ଶାଗ, ପୋଇ, ବାଇଗଣ, ଗୁଆଁର, ଲଙ୍କା, ଭେଣ୍ଡି ଇତ୍ୟାଦି ଚାଷ କରନ୍ତୁ । ବର୍ଷାଦିନରେ ବାଇଗଣ ଓ ଲଙ୍କାଚାଷ କରିବା ପାଇଁ ଚାରା ପକାନ୍ତୁ । ବାଇଗଣ ଓ ଲଙ୍କା ଚାରାର ଚେରକୁ ମିଶ୍ରିତ ଔଷଧ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼ାଇ ବିଶୋଧନକରି ଲଗାନ୍ତୁ (ମିଶ୍ରିତ ଔଷଧ ଦ୍ରବଣରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୧.୫ ଗ୍ରାମ୍ ଏବଂ କାର୍ବେଣ୍ଡାଜିମ୍ ୨୦ ଗ୍ରାମ୍ ୧୦ ଲିଟର ପାଣିରେ ମିଶାଇବେ)। କଲରା, କାକୁଡ଼ି, ଜହ୍ନି, ପୋଟଳ, ଲାଉ ଫସଲରେ ପତ୍ର ହଳଦିଆ ଦେଖାଦେଲେ ଶୀଘ୍ର ପ୍ରତିକାର ବ୍ୟବସ୍ଥା କରନ୍ତୁ ।

**ମସଲା ଜାତୀୟ ଫସଲ :** ବର୍ତ୍ତମାନ ଅଦା ଓ ହଳଦୀ ଲଗାଇବାର ପ୍ରକୃଷ୍ଟ ସମୟ । ଜମି ପ୍ରସ୍ତୁତକରି ଅଦା ଓ ହଳଦୀ ଲଗାନ୍ତୁ । ଅନୁମୋଦିତ ଅଦା କିସମଗୁଡ଼ିକ ହେଲା - ସୁରଭି, ସୁରୁଚି, ସୁପ୍ରଭା । ବିହନର ପରିମାଣ ହେକ୍ଟର ପ୍ରତି ୧୫ ରୁ ୧୭ କୁଇଣ୍ଟାଲ। ଅନୁମୋଦିତ ହଳଦୀ କିସମଗୁଡ଼ିକ ହେଲା - ରଙ୍ଗ, ସୁରମା, ରୋମା, ରଶ୍ମି। ବିହନର ପରିମାଣ ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ।

**କୁକ୍କୁଡ଼ା ଓ ବତକ ପାଳନ :** କୁକୁଡ଼ା ଓ ବତକ ଘରକୁ ଶୁଖିଲା, ଅଣ୍ଡା ରଖନ୍ତୁ ଓ ମୁକ୍ତ ପବନ ଚଳାଚଳର ସୁବିଧା କରନ୍ତୁ। ସନ୍ତୁଳିତ ଦାନା ତଥା ନିର୍ମଳ ଥଣ୍ଡା ପାଣି ଅଧିକ ପରିମାଣରେ ପିଇବାକୁ ଦିଅନ୍ତୁ। ଦିନକୁ ୨ରୁ ୩ ଥର ପାଣି ବଦଳାନ୍ତୁ। ପୂର୍ବାହ୍ନ ୧୧ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଘର ଜାଲିରେ ଓଦାଅଖା ଟାଣନ୍ତୁ। ୨ ମାସରୁ ଅଧିକ ବୟସର ସବୁ କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ। ଦାନା ଯଥା ସମ୍ଭବ ସକାଳୁ ଏବଂ ସନ୍ଧ୍ୟା ସମୟରେ ଦିଅନ୍ତୁ। ଦିନ ୧୦ଟା ପରେ ଦାନା ଦିଅନ୍ତୁ ନାହିଁ।

**ମାଛଚାଷ :** ପୋଖରୀର ପାଣି ସ୍ତର କମିଗଲେ ପାଣି ଭର୍ତ୍ତି କରନ୍ତୁ । ୧ ଏକର ବିଶିଷ୍ଟ ମାଛଚାଷ ପୋଖରୀରେ ପ୍ରତ୍ୟେକ ଦିନ ୩ କି.ଗ୍ରା. ୫୦୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ଓ ୩ କି.ଗ୍ରା. ୫୦୦ ଗ୍ରାମ୍ ଚିନାବାଦାମ ପିଡ଼ିଆ ମିଶ୍ରଣକୁ ପୋଖରୀରେ ପ୍ରୟୋଗ କରନ୍ତୁ । ବର୍ଷକିଆ ଯାଆଁଳ ଚାଷ ପାଇଁ ଆଗ୍ରହୀ ଚାଷୀମାନେ ପୋଖରୀକୁ ଶୁଖାଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର-୩

## ଅଦା-ହଳଦୀ ପଟାଳି ପ୍ରସ୍ତୁତି



ଅଦା, ହଳଦୀ ଚାଷ ପାଇଁ ୧ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ । ଅତିକମ୍‌ରେ ଲଗାଇବାର ୧ମାସ ପୂର୍ବରୁ ଜମି ପ୍ରସ୍ତୁତକରି ଖରା ପଡ଼ିବାକୁ ଦିଆଯିବା ଉଚିତ । ପଟାଳି ଉପରେ ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୫ ରୁ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ୫ ସେ.ମି. ଗଭୀର ସିଆରରେ ଆବଶ୍ୟକ ଖତ ଓ ସାର ଦିଅନ୍ତୁ। ଶୁଖିଲା ପାଳ ବା ନଡ଼ା ବା ପତ୍ର ଦ୍ୱାରା ପଟାଳିକୁ ଆଚ୍ଛାଦନ (ମଲ୍‌ଚିଂ) କରି ଜଳସେଚନ କରନ୍ତୁ। ଅଦା ଲଗାଇବା ବେଳେ ହେକ୍ଟର ପ୍ରତି ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ । ହଳଦୀ ଲଗାଇବା ବେଳେ ହେକ୍ଟର ପ୍ରତି ୩୦ କି.ଗ୍ରା. ଫସ୍‌ଫରସ୍ ଓ ୬୦ କି.ଗ୍ରା. ପଟାସ୍ ସାର ଆବଶ୍ୟକ ।

# ଛେଳିଙ୍କ ପ୍ଲେଗ୍ ରୋଗ

(ଶେଷ ଭାଗ)

**ରୋଗ ନିରୂପଣ କରିବା ପଦ୍ଧତି**

**ଆଗାରଜେଲ୍ ପ୍ରେସିପିଟେଶନ ପରୀକ୍ଷା ବା ଏଜିପିଟି :** ଏହି ପରୀକ୍ଷା ଏଲାଇସା ଲାବରେଟୋରି, ଖପୁରିଆ, କଟକ; ପ୍ରାଣୀରୋଗ ଗବେଷଣା ପ୍ରତିଷ୍ଠାନ, ଫୁଲନଖରା, କଟକ; ପ୍ରାଣୀ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟରେ କରାଯାଇପାରିବ। ଏକ ଧଳା ସ୍ତର ଏହି ରୋଗର ରକ୍ତରସ ଏବଂ ସମାନ ରୂପକ ଆଣ୍ଟିଜେନ୍ ମଧ୍ୟରେ ଦେଖାଯାଏ। ୨-୫ ମି.ଗ୍ରା. (୩-୫ଦିନ)। ଝାଡ଼ା ହେଉଥିବା ଛେଳି ଓ ମେଣ୍ଢାଙ୍କୁ (ଫିଟିକିରି ୫ଗ୍ରାମ୍,) ଝାଡ଼ା ପାଉଡ଼ର ୧୦ଗ୍ରାମ୍ ମିଶାଇ ଦିନକୁ ଦୁଇଥର ଖୋଇବାକୁ ହେବ । ଯଦି ଝାଡ଼ା ନ କମେ, ତା'ହେଲେ ସଲ୍‌ଫା ବୋଲ୍‌ସ ଅଧାରୁ ଏକଟା ପର୍ଯ୍ୟନ୍ତ ଦିନକୁ ଦୁଇଥର ଦେବା ଦରକାର । ଏହିପରି ଚିକିତ୍ସା ଝାଡ଼ା ବନ୍ଦ ପାଇଁ ୨-୩ ଦିନ କରିବା ଦରକାର । ସମସ୍ତ ରୋଗାକ୍ରାନ୍ତ ଦୁର୍ବଳ ଛେଳିଙ୍କୁ ଧାତବ ଲବଣ ମିଶ୍ରିତ ଭିଟାମିନ୍ ଗୁଣ୍ଡ ଯଥା- ସପ୍ଲିଭିଟ୍-ଏମ୍ ୧୦ ଗ୍ରାମ୍ ଥରେ ଦେଲେ ଏହା ୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷା ପ୍ରଦାନ କରିଥାଏ। ସମସ୍ତ ମୃତ ଛେଳିଙ୍କୁ ଉପଯୁକ୍ତ ଭାବେ ପୋତିଦେବା ଦରକାର । ପୋତାଯାଇଥିବା ସ୍ଥାନର ଉପରି ଭାଗରେ କଷ୍ଟିକ୍ ବା ସୋଡ଼ା ସିଞ୍ଚନ କରାଯିବା ଉଚିତ । ଛେଳି ଓ ମେଣ୍ଢାର ଗୁହାଳକୁ ଭଲଭାବେ ଚୂନପାଣି /ବ୍ଲିଚିଂ ପାଉଡ଼ର ବା ୦.୫ ପ୍ରତିଶତ ମାଲାଥିଆନ୍ ଦ୍ୱାରା ସିଞ୍ଚନ କରିବା ଦରକାର । ବିଶୁଦ୍ଧ ଜଳକୁ ଫୁଟାଇ ଥଣ୍ଡା କଲା ପରେ ଛେଳି ବା ମେଣ୍ଢାମାନଙ୍କର ପିଇବା ପାଣି ରୂପେ ଖୁଆଇବା ଦରକାର । ଟିସିଆର୍‌ପି ଟିକା ଦେବାଦ୍ୱାରା ଛେଳି ବା ମେଣ୍ଢାମାନଙ୍କର କୌଣସି ଗର୍ଭପାତ ହୁଏ ନାହିଁ ଏବଂ ଛେଳି ମେଣ୍ଢାଙ୍କୁ ଟିକା ପ୍ରଦାନକଲେ ଜନ୍ମିତ ଛୁଆଙ୍କଠାରେ ୩ ମାସ ପର୍ଯ୍ୟନ୍ତ ରୋଗ ପ୍ରତିରୋଧକ ଶକ୍ତି ଧାରଣ କରିଥାଏ । କେବଳ ଭୂତାଣୁଜନିତ ରୋଗରେ ଉଭୟ ଆକ୍ରାନ୍ତ ଓ ସୁସ୍ଥ ଛେଳି ବା ମେଣ୍ଢାଙ୍କୁ ଟିକା ଦିଆଯାଇଥାଏ । ପ୍ରଥମେ ଏହି ରୋଗ ଗୋରୁମାନଙ୍କୁ ଗୋମଡ଼କ ରୂପରେ ଆକ୍ରାନ୍ତ କରୁଥିଲା। ତାହା କ୍ରମେ ଜଳବାୟୁର



ଟିସିଆର୍‌ପି ବା ପିପିଆର୍ ପ୍ରତିଷେଧକ ଟିକା ପ୍ରତ୍ୟେକ ସୁସ୍ଥ ଏବଂ ଆକ୍ରାନ୍ତ ଛେଳି ଓ ମେଣ୍ଢାମାନଙ୍କୁ ଦେଲେ ଏହି ରୋଗର ପ୍ରଭାବ କମିଆସେ ଏବଂ ରୋଗ ବ୍ୟାପିବା ବନ୍ଦ ହୋଇଯାଏ । ଏହି ରୋଗ ଖୁବ୍ ଶୀଘ୍ର ମାଡ଼େ ଏବଂ ହାରାହାରି ମୃତ୍ୟୁ ହାର ୮୫ ପ୍ରତିଶତ ବୃଦ୍ଧି ପାଇଥାଏ ।

**ଚିକିତ୍ସା ପ୍ରଣାଳୀ :** ପ୍ରକୃତରେ କହିବାକୁ ଗଲେ କୌଣସି ଭୂତାଣୁଜନିତ ରୋଗ ପାଇଁ ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। କେବଳ ଲକ୍ଷଣ ଅନୁସାରେ ଏବଂ ଅନ୍ୟ ଜୀବାଣୁ ସଂକ୍ରମିତ ନ ହେବା ପାଇଁ ଚିକିତ୍ସା ଏକାନ୍ତ ଅପରିହାର୍ଯ୍ୟ । ଆଣ୍ଟିବାଓଟିକ୍ସ ଯଥା - ଜେଣ୍ଟାମାଇସନ୍ ଇଞ୍ଜେକସନ୍ ୨-୪ ମିଲିଗ୍ରାମ (୩-୫ଦିନ ) ବା ଅକ୍ସିଟେଟ୍ରାସାଇକ୍ଲିନ୍ ଇଞ୍ଜେକସନ୍ ଏବଂ ଲିଭ୍-ଫିଟ୍‌ଭେଟ ୧୫ମି.ଲି.ଦେବା ଦରକାର। ଫୁଟନ୍ତା ପାଣିକୁ ଥଣ୍ଡାକରି ସମସ୍ତ ଛେଳି ଓ ମେଣ୍ଢାଙ୍କୁ ପିଆଇବା ଦରକାର। ପାଟିରେ ଘା' ହୋଇଥିଲେ ଖାଇବା ସୋଡ଼ା ମିଶ୍ରିତ ଉଷୁମପାଣିରେ ଧୋଇ ବୋରୋଗ୍ଲିସେରିନ୍ ତରଳ ଦିନକୁ ଦୁଇଥର ପାଟିରେ ଲଗାଇବା ଦରକାର ।

**ରୋଗ ନିୟନ୍ତ୍ରଣ :** ଟିସିଆଇପି ଟିକା ୧ ମି.ଲି. ବେକ ପାଖର ଚମଡ଼ା ତଳେ ସମସ୍ତ ଆକ୍ରାନ୍ତ ଓ ସୁସ୍ଥ ଛେଳି,ମେଣ୍ଢାଙ୍କୁ ଦିଆଯିବା ଉଚିତ । ତତ୍ ସଙ୍ଗେ ସଙ୍ଗେ ଏହି ସଂକ୍ରମିତ ସ୍ଥାନର ଚତୁଃପାର୍ଶ୍ୱରେ ଟିକା ପ୍ରଦାନ କରାଯିବା ଉଚିତ। ଏହା ପରିବର୍ତ୍ତେ ବର୍ତ୍ତମାନ ପିପିଆର୍ ଟିକା ଛେଳି ମେଣ୍ଢାମାନଙ୍କୁ ଦିଆଯାଉଛି । ଏହି ଟିକା ବ୍ୟବହାର କରାଇବା ଆବଶ୍ୟକ। ଆକ୍ରାନ୍ତ ଛେଳି ଓ ମେଣ୍ଢାଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଛେଳିମାନଙ୍କଠାରୁ ଅତିକମ୍‌ରେ ୧ମାସ ପର୍ଯ୍ୟନ୍ତ ଅଲଗା କରି ରଖିବା ଦରକାର । କୌଣସି ବାହାର କିଣା ଛେଳି/ଅନ୍ୟ ଛେଳି ବା ସୁସ୍ଥ ମେଣ୍ଢା ଛେଳି ମେଳରେ ମିଶାଇବା ଉଚିତ ନୁହେଁ । ଅତି କମ୍‌ରେ ୨୧ଦିନ ବାହାରେ ତା'ପରେ ରଖି ମିଶାଇଲେ ଚଳିବ । ଆଣ୍ଟିବାଓଟିକ୍ସ ଯଥା - ଜେଣ୍ଟାମାଇସିନ୍ ବା ଟେଟ୍ରାସାଇକ୍ଲିନ୍ ଇଞ୍ଜେକସନ୍ ସମସ୍ତ ଆକ୍ରାନ୍ତ ଛେଳି ବା ମେଣ୍ଢାଙ୍କୁ ୩-୫ଦିନ ଦେଇଦେବା ଦରକାର। ଭିଟାମିନ୍ ମିଶ୍ରିତ ଧାତବ ଲବଣ ଯଥା - ସପ୍ଲିଭିଟ୍-ଏମ୍ ପାଉଡର ସହିତ ଲିଭରଟନିକ୍ ପାଉଡର ୧୫ଦିନ ପର୍ଯ୍ୟନ୍ତ ପରିବର୍ତ୍ତନ ସହ ଖାପଖୁଆଇ ଏବଂ ନିଜର ରୂପ ବଦଳାଇ ଛେଳି ପ୍ଲେଗ୍ ନାମରେ ଛେଳି ଓ ମେଣ୍ଢାମାନଙ୍କୁ ସଂକ୍ରମିତ କରିଥିବାର ଦେଖାଯାଉଛି । ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହି ରୋଗର ପ୍ରାଦୁର୍ଭାବ ଦେଖାଦେଇଛି। ଏହି ରୋଗ ମେଣ୍ଢାମାନଙ୍କ ଅପେକ୍ଷା ଛେଳିମାନଙ୍କଠାରେ ଅଧିକ ଦେଖାଯାଏ ଏବଂ ବଡ଼ ଛେଳି ଅପେକ୍ଷା ଛୋଟ ଛେଳି ବା ଛୁଆମାନେ ଅଧିକ ମୃତ୍ୟୁମୁଖରେ ପଡ଼ିଥାନ୍ତି ।

-ଡା. ବୀରକିଶୋର ପରିଡ଼ା,
ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିଭାଗ)
ଲକ୍ଷ୍ମୀପ୍ରିୟା ଭବନ, ମହାନଦୀ ବିହାର,
କଟକ, ମୋ : ୯୪୩୭୬୦୭୩୧୨

## ପନିପରିବାରେ ରୋଗ-ପୋକ ନିୟନ୍ତ୍ରଣ



ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇପ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବା ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମି.ଲି. ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ୱା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମି.ଲି. ମାଲାଥିଅନ୍ ସହିତ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା - ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମି.ଲି. ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକ ବିଷକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ। ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ୍ ମିଶାଇ ସିଞ୍ଚନ କରନ୍ତୁ। କଖାରୁଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ୧ ଲିଟର ପାଣିରେ ୨ ମି.ଲି. ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ମିଥାଇଲ୍ ଡିମେଟନ୍ କିମ୍ୱା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।

## ଅଧିକ ଅମଳକ୍ଷମ ଚିନାବାଦାମ ପାଇଁ..



ଜମିରୁ ପାଣି କାଟି ଦିଅନ୍ତୁ । ଚିନାବାଦାମ ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ୱା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ । ଯେପରିକି ମାଟି ଭଲ ଭାବରେ ଭିଜିପାରିବ।

**ଟି୨୦ ବିଶ୍ୱକପ୍**

## ଇଂଲଣ୍ଡ ଦଳର ନେତୃତ୍ୱ ନେବେ ବଟଲର

**ଲଣ୍ଡନ, ୩୦।୪ (ପି.ଟି.):** ଆଗାମୀ ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଗତଥରର ଚାମ୍ପିୟନ ଇଂଲଣ୍ଡ ଏହାର ୧୫ ଜଣିଆ ପ୍ରିଲିମିନାରି ଦଳ ଘୋଷଣା କରିଛି। ଜୋସ୍ ବଟଲରଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଫିଟ୍ ହେବା ପରେ ପେସ୍ ବୋଲର ଜୋଫ୍ରା ଆର୍ଚର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୪ ବର୍ଷୀୟ ଯୁବ ଅଲରାଉଣ୍ଡର ଟମ୍ ହାର୍ଟଲିଙ୍କୁ ଏକମାତ୍ର ନୂଆ ଖେଳାଳି ଭାବେ ଦଳରେ ସ୍ଥାନ ମିଳିଛି। ଆର୍ଚର ଶେଷଥର ଗତବର୍ଷ ମାର୍ଚ୍ଚରେ ଇଂଲଣ୍ଡ ତରଫରୁ ବାଂଲାଦେଶ ବିପକ୍ଷରେ ଏକ ଟି୨୦ ସିରିଜ ଖେଳିଥିଲେ। ୨୯ବର୍ଷୀୟ ଖେଳାଳି ଏହି ସିରିଜରେ ଇଂଲଣ୍ଡର ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ରହିଥିଲେ। ମାତ୍ର ଡାହାଣ କହୁଣିରେ ଷ୍ଟ୍ରେସ୍ ଫ୍ରାକ୍ଚର ଯୋଗୁ ଆର୍ଚରଙ୍କୁ କ୍ରିକେଟରୁ ବ୍ରେକ୍ ନେବାକୁ ପଡ଼ିଥିଲା। ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଫିଟ୍ ଥିବାରୁ ତାଙ୍କୁ ଦଳରେ ନିଆଯାଇଛି। ଅଷ୍ଟ୍ରେଲିଆରେ ୨୦୨୨ରେ ଟାଇଟଲ ଜିତାଇଥିବାରୁ ବଟଲରଙ୍କୁ ଟି୨୦ ବିଶ୍ୱକପ୍ ପାଇଁ ପୁନର୍ବାର ଅଧିନାୟକ ମନୋନୀତ କରାଯାଇଥିବା ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପ୍ରକାଶ କରିଛି। ବାମହାତୀ ସ୍ପିନିଂ ଅଲରାଉଣ୍ଡର ହାର୍ଟଲୀ ୮୨ ଟି୨୦ ଗେମ୍ ଖେଳି ୨୬ ଆଭରେଜରେ ୬୮ ଉଇକେଟ ଅକ୍ତିଆର କରିଛନ୍ତି। ତାଙ୍କ ଇକୋନୋମି ରେଟ୍ ୭.୮୫ ରହିଛି। ଇଂଲଣ୍ଡର ବିଶ୍ୱକପ୍ ଦଳ ମେ’ ୩୧ରେ ୱେଷ୍ଟଇଣ୍ଡିଜ ଗସ୍ତ କରିବ। ଦଳ ଏହାର ଓପନିଂ ମ୍ୟାଚ ଜୁନ୍ ୪ରେ ବାର୍ବାଡୋସର କେନସିଙ୍ଗଟନ ଓଭାଲଠାରେ ସ୍କଟଲାଣ୍ଡ ବିପକ୍ଷରେ ଏହାର ଓପନିଂ ଗ୍ରୁପ୍ ମ୍ୟାଚ ଖେଳିବ ବୋଲି ଇସିବି କହିଛି। **ଇଂଲଣ୍ଡ ଦଳ:** ଜୋସ ବଟଲର (ଅଧିନାୟକ), ମୋଇନ ଅଲି, ଜୋଫ୍ରା ଆର୍ଚର, ଜନି ବେୟାରଷ୍ଟୋ, ହ୍ୟାରି ବ୍ରୁକ୍, ସାମ୍ କୁରାନ, ବେନ୍ ଡକେଟ, ଟମ୍ ହାର୍ଟଲି, ୱିଲ ଜ୍ୟାକ୍ସ, ଖ୍ରିସ୍ ଜୋର୍ଡାନ, ଲିଆମ ଲିଭିଙ୍ଗଷ୍ଟୋନ୍, ଅଦିଲ ରଶିଦ, ଫିଲ୍ ସଲ୍ଟ, ରିସି ଟପ୍ ଲେ ଓ ମାର୍କ ଉଡ୍।

# ମୁମ୍ବାଇକୁ ହରାଇଲା ଲକ୍ଷ୍ନୌ



ରୋହିତ ଶର୍ମାଙ୍କ ଉଇକେଟ ନେବାପରେ ମହସିନ ଖାଁ।

**ଲକ୍ଷ୍ନୌ, ୩୦।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୪ ଉଇକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ମୁମ୍ବାଇ ୨୦ ଓଭରରେ ୭ ଉଇକେଟ ହରାଇ ୧୪୪ ରନ କରିଥିବାବେଳେ ଲକ୍ଷ୍ନୌ ୧୯.୨ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏଠାକାର ପିଚ୍‌ରେ ବ୍ୟାଟରମାନେ ରନ ସଂଗ୍ରହ ପାଇଁ ସଂଘର୍ଷ କରୁଥିବାବେଳେ ମାର୍କୁସ ଷ୍ଟୋଇନିସ ୪୫ ବଲ୍‌ରୁ ୬୨ (୭ ଚୌକା, ୨ ଛକା) ରନ କରି ଲକ୍ଷ୍ନୌ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଧିନାୟକ ଲୋକେଶ ରାହୁଲ ୨୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ମୁମ୍ବାଇ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ୧୦ ମ୍ୟାଚରୁ ୬ଷ୍ଠ ବିଜୟ ସହ ଲକ୍ଷ୍ନୌ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟ ପକ୍ଷରେ ମୁମ୍ବାଇ ୧୦ ମ୍ୟାଚରୁ ୭ମ ପରାଜୟ ବରଣ କରିଛି।

ଏହି ମ୍ୟାଚରେ ଅନେକ କିଛି ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଯାଇଥିଲା। ଦଳ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ବ୍ୟାଟିଂ ମୁମ୍ବାଇର ମୁଖ୍ୟ ଶକ୍ତି ହୋଇଥିଲେ ହେଁ ପାୱାରପ୍ଲେ ୬ ଓଭରରେ ମାତ୍ର ୨୮ ରନ ମଧ୍ୟରେ ଟପ୍ ଅର୍ଡରର ୪ଟି ଉଇକେଟ ହରାଇ ଦଳ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଏହା ମଧ୍ୟରେ ସାମିଲ ଥିଲେ ହିଟ୍‌ମ୍ୟାନ ରୋହିତ ଶର୍ମା (୪), ବିସ୍ଫୋରକ ବ୍ୟାଟର ସୂର୍ଯ୍ୟକୁମାର ଯାଦବ (୧୦), ଫର୍ମରେ ଥିବା ତିଳକ ବର୍ମା (୭) ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା (୦)। ମହସିନ ଖାଁ, ମାର୍କୁସ ଷ୍ଟୋଇନିସ ଓ ନଭିନ ଉଲ୍ ହକ୍ ମୁମ୍ବାଇର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ତିଳକ ରନ୍ ଆଉଟ ହେବା ମଧ୍ୟ ମୁମ୍ବାଇ ପାଇଁ ଶକ୍ତ ଧକ୍କା ସଦୃଶ ଥିଲା। ସ୍ୱାଭାବିକଭାବେ ଆକ୍ରମଣାତ୍ମକ ଆରମ୍ଭ କରୁଥିବା ଇଶାନ କିଶନ କିନ୍ତୁ ଏଠାରେ ଭିନ୍ନ ଅବତାରରେ ନଜରକୁ ଆସିଥିଲେ। ୮ ରନ କରିଥିବାବେଳେ ଜୀବନଦାନ ପାଇଥିବା ଇଶାନ ୩୬ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ହେଁ ୩୨ ରନ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କ ଷ୍ଟ୍ରାଇକ୍ ହାର ୯୦ରୁ କମ୍ ରହିଥିଲା। ନେହାଲ ୱାଧେରାଙ୍କ ଦୃଢ଼ ବ୍ୟାଟିଂ ଯୋଗୁ ହିଁ ମୁମ୍ବାଇ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ସେ ୪୧ ବଲ୍‌ରୁ ୪ ଚୌକା ଓ ୨ ଛକା ସହ ୪୬ ରନ କରି ଇନିଂସ ସମ୍ଭାଳିଥିଲେ। ଶେଷ ଭାଗରେ ସ୍ୱାଭାବିକ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ ଟିମ୍ ଡାଭିଡ। ସେ ୧୮ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହ ୩୫ ରନରେ ଅପରାଜିତ ରହିଥିଲେ। ୱାଧେରା ଦଳ ପକ୍ଷରୁ ସର୍ବାଧିକ ୪୬ (୪୧ ବଲ, ୪ ଚୌକା, ୨ ଛକା) ରନର ଯୋଗଦାନ ଦେଇଥିଲେ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ମହସିନ ଖାଁ ସର୍ବାଧିକ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୪୪/୭ (ନେହାଲ ୱାଧେରା–୪୬, ଟିମ୍ ଡାଭିଡ–୩୫*, ଇଶାନ କିଶନ–୩୨, ମହସିନ ଖାଁ–୨/୩୬, ମାର୍କୁସ ଷ୍ଟୋଇନିସ–୧/୧୯, ନଭିନ ଉଲ୍ ହକ୍–୧/୧୫, ମୟଙ୍କ ଯାଦବ–୧/୩୧, ରବି ବିଷ୍ଣୋଇ–୧/୨୮)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୯.୨ ଓଭରରେ ୧୪୫/୬ (ମାର୍କୁସ ଷ୍ଟୋଇନିସ–୬୨, ଲୋକେଶ ରାହୁଲ–୨୮, ହାର୍ଦ୍ଦିକ ପାଣ୍ଡ୍ୟା–୨/୨୬, ନୁୱାନ ଥୁସରା–୧/୩୦, ଜେରାଲ୍ଡ କୋଜି–୧/୨୯, ମହମ୍ମଦ ନବି–୧/୧୬)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଚେନ୍ନାଇ ବନାମ ପଞ୍ଜାବ
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୯ | ୮ | ୧ | ୧୬ | +୦.୬୯୪ |
| କୋଲକାତା ନାଇଟ ରାଇଡର୍ସ | ୯ | ୬ | ୩ | ୧୨ | +୧.୦୯୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୬ | ୪ | ୧୨ | +୦.୦୯୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୫ | ୪ | ୧୦ | +୦.୮୧୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୫ | ୪ | ୧୦ | +୦.୦୭୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୫ | ୬ | ୧୦ | -୦.୪୪୨ |
| ଗୁଜରାଟ ଟାଇଟନ୍ସ | ୧୦ | ୪ | ୬ | ୮ | -୧.୧୧୩ |
| ପଞ୍ଜାବ କିଙ୍ଗ୍ସ | ୯ | ୩ | ୬ | ୬ | -୦.୧୮୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୩ | ୭ | ୬ | -୦.୨୭୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୩ | ୭ | ୬ | -୦.୪୧୫ |

## ୟୁକେ’ରେ ନିର୍ବାଚନ ଲଢ଼ିବେ ପାନେସର

**ଲଣ୍ଡନ, ୩୦।୪ (ପି.ଟି.)**

ଇଂଲଣ୍ଡର ପୂର୍ବତନ ସ୍ପିନର ମଣ୍ଟି ପାନେସର ରାଜନୀତିରେ ପ୍ରବେଶ କରିଛନ୍ତି। ୟୁନାଇଟେଡ କିଙ୍ଗଡମ୍ (ୟୁକେ) ନିର୍ବାଚନରେ ସେ ଜର୍ଜ ଗ୍ୟାଲୋୱେଙ୍କ ୱାର୍କର୍ସ ପାର୍ଟି ଅଫ୍ ବ୍ରିଟେନରୁ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିଛନ୍ତି। ୪୨ବର୍ଷୀୟ ବାମହାତୀ ସ୍ପିନର ପାନେସର ଇଂଲଣ୍ଡ ପାଇଁ ୫୦ଟେଷ୍ଟ ମ୍ୟାଚ ଖେଳି ୧୬୭ ଉଇକେଟ ଅକ୍ତିଆର କରିଛନ୍ତି। ସେ ଇଲିଙ୍ଗ ସାଉଥାଲ ନିର୍ବାଚନ ପାର୍ଲାମେଣ୍ଟ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେବେ। ପାନେସର ଜନୈକ ଖବରକାଗଜରେ ତାଙ୍କର ଏକ ସ୍ତମ୍ଭରେ ଉଲ୍ଲେଖ କରିଛନ୍ତ ଯେ, ସେ ଦେଶର ଶ୍ରମିକମାନଙ୍କ ସ୍ୱର ହେବାକୁ ଚାହୁଁଛନ୍ତି। ଭବିଷ୍ୟତରେ ତାଙ୍କର ପ୍ରଧାନମନ୍ତ୍ରୀ ହେବାର ଅଭିଳାଷ ରହିଛି। ଯଦି ତାଙ୍କର ଏହି ସ୍ୱପ୍ନ ସାକାର ହୁଏ ତେବେ ସେ ବ୍ରିଟେନକୁ ଏକ ସୁରକ୍ଷିତ ଏବଂ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବେ। କିନ୍ତୁ ବର୍ତ୍ତମାନ ତାଙ୍କର ପ୍ରଥମ କାର୍ଯ୍ୟ ହେଉଛି ଇଲିଙ୍ଗ ସାଉଥାଲର ଲୋକମାନଙ୍କର ପ୍ରତିନିଧିତ୍ୱ କରିବା। ସୂଚନାଯୋଗ୍ୟ, ଭାରତୀୟ ବଂଶୋଦ୍ଭବ ଶିଖ ସମ୍ପ୍ରଦାୟର ପାନେସର ବେଡଫୋର୍ଡଶାୟାରର ଲୁଟନ୍‌ରେ ଜନ୍ମ ଗ୍ରହଣ କରିଛନ୍ତି। ପ୍ରଥମେ ୨୦୦୮ରେ ନାଗପୁର ଟେଷ୍ଟ ପାଇଁ ତାଙ୍କୁ ଯେତେବେଳେ ମନୋନୀତ କରାଗଲା ଜଣେ କ୍ରିକେଟର ଭାବେସେ



ମଣ୍ଟି ପାନେସର

ପରିଚିତ ହୋଇଥିଲେ। ୨୦୦୯ ଆଶେସ ସିରିଜ ଏବଂ ୨୦୧୨ ଭାରତ ସିରିଜ ଜିତିଥିବା ଦଳର ସେ ଜଣେ ସଦସ୍ୟ ଥିଲେ। କ୍ରିକେଟରୁ ଯଦିଓ ସେ ବିଧିବଦ୍ଧ ତାଙ୍କର ଅବସର ଘୋଷଣା କରିନାହାନ୍ତି ସେ ୨୦୧୬ରେ କ୍ରିକେଟ ଛାଡ଼ିବା ପରେ ଲଣ୍ଡନସ୍ଥିତ ସେଣ୍ଟ ମେରୀ ୟୁନିଭର୍ସିଟି ସ୍ପୋର୍ଟ୍ସ ଜର୍ନାଲିଜିମ ପାଠ୍ୟକ୍ରମ ଶେଷ କରିଥିଲେ।

## ଦକ୍ଷିଣ ଆଫ୍ରିକା ଦଳରେ ଦୁଇ ନୂଆ ମୁହଁ



ଓଟନିଲ ବାର୍ଟମ୍ୟାନ



ର୍‍ୟାନ ରିଲେଟନ

**ଜୋହାନ୍ସବର୍ଗ, ୩୦।୪ (ପି.ଟି.)**

ୱେଷ୍ଟଇଣ୍ଡିଜ ଓ ଆମେରିକାରେ ହେବାକୁଥିବା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ମଙ୍ଗଳବାର ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳ ଘୋଷଣା କରାଯାଇଛି। ଆଘାତଜନିତ ସମସ୍ୟା ଯୋଗୁ ଖେଳରୁ ୯ ମାସ ହେଲା ଦୂରେଇଯାଇଥିବା ପେସର ଏନରିଚ୍ ନର୍ଜେ ଦଳକୁ ଫେରିଛନ୍ତି। ଦଳରେ ଦୁଇଜଣ ନୂଆ ଖେଳାଳି ର୍‍ୟାନ ରିଲେଟନ ଓ ଓଟନିଲ ବାର୍ଟମ୍ୟାନ ସ୍ଥାନ ପାଇଛନ୍ତି। ଦକ୍ଷିଣ ଆଫ୍ରିକା ଟି୨୦ ଦଳର ଅଧିନାୟକ ହେବା ପରେ ଏଡେନ ମାରାକ୍ରମ ପ୍ରଥମ ଥର ଏକ ବିଶ୍ୱକପ୍‌ରେ ଜାତୀୟ ଦଳର ନେତୃତ୍ୱ ନେବେ। ଚଳିତବର୍ଷ ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଉଇକେଟକିପର ବ୍ୟାଟର ରିକେଲଟନ ଓ ପେସର ବାର୍ଟମ୍ୟାନଙ୍କୁ ଦଳରେ ସ୍ଥାନ ମିଳିଛି। ଦକ୍ଷିଣ ଆଫ୍ରିକା ଟି୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ରିକେଲଟନ ଅଗ୍ରଣୀ ରନ୍ ସ୍କୋରର ଥିଲେ। ସେ ମୁମ୍ବାଇ ଇଣ୍ଡିଆନ କେପ୍ ଟାଉନ୍ ତରଫରୁ ଖେଳି ୫୮.୮୮ ଆଭରେଜରେ ୫୩୦ରନ ସଂଗ୍ରହ କରିଥିଲେ। ବାର୍ଟମ୍ୟାନ ଚାମ୍ପିୟନ ସନରାଇଜର୍ସ ଇଷ୍ଟର୍ନ କେପ୍ ପାଇଁ ୮ଟି ମ୍ୟାଚ ଖେଳି ୧୮ ଉଇକେଟ ନେଇଛନ୍ତି। ବର୍ତ୍ତମାନ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳୁଛନ୍ତି। **ଦକ୍ଷିଣ ଆଫ୍ରିକା ଟି୨୦ ବିଶ୍ୱକପ୍ ଦଳ:** ଏଡେନ ମାରକ୍ରମ (ଅଧିନାୟକ), ଓଟନିଲ ବାର୍ଟମ୍ୟାନ, ଜେରାଲ୍ଡ କୋଜି, କ୍ୱିଣ୍ଟନ ଡି’କକ୍, ବ୍ୟର୍ନ ଫର୍ଚୁଇନ୍, ରିଜା ହେଣ୍ଡ୍ରିକ୍ସ, ମାର୍କୋ ଜାନ୍‌ସେନ୍, ହେନରିଚ୍ କ୍ଲାସେନ, କେଶବ ମହାରାଜ, ଡେଭିଡ୍ ମିଲର, ଏନ୍‌ରିଚ୍ ନର୍ଜେ, କାଗିସୋ ରାବାଡା, ର୍‍ୟାନ ରିକେଲଟନ, ଟାବ୍ରେଜ୍ ଶାମ୍‌ସି, ଟ୍ରିଷ୍ଟାନ୍ ଷ୍ଟବ୍ସ। **ଟ୍ରାଭେଲିଂ ରିଜର୍ଭସ:** ନାଣ୍ଡ୍ରେ ବର୍ଜର ଓ ଲୁନ୍‌ଗୀ ଏନ୍‌ଗିଡ଼ି।

## କାଳୀପ୍ରସାଦ ଓସ୍କା ଯୁଗ୍ମ ସମ୍ପାଦକ



**ଭୁବନେଶ୍ୱର, ୩୦।୪ :** ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ (ଓସ୍କା)ର ୨୦୨୪–୨୭ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ କାଳୀପ୍ରସାଦ ନନ୍ଦ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେ ବହୁବର୍ଷ ହେଲା କରାଟେ ଖେଳ ସହିତ ସମ୍ପୃକ୍ତ ରହି ଆସିଛନ୍ତି। କାଳୀପ୍ରସାଦଙ୍କୁ ଓସ୍କା ସଭାପତି ହରି ପ୍ରସାଦ ପଟ୍ଟନାୟକ ଓ ସମ୍ପାଦକ ଗୌରୀ ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି।

**ମହିଳା ଟି ୨୦**

## ବର୍ଷା ବାଧାପ୍ରାପ୍ତ ମ୍ୟାଚ୍ ଜିତିଲା ଭାରତ

**ସିଲହଟ୍,୩।୪**

ରାଧା ଯାଦବଙ୍କ ଚମତ୍କାର ବୋଲିଂ ଓ ଦୟାଲାନ ହେମଲତାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ବାଂଲାଦେଶ ବିପକ୍ଷ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟି୨୦ ମ୍ୟାଚ ଡର୍କୱର୍ଥ ଲୁଇସ୍ (ଡିଏଲ୍)ମେଥଡରେ ଜିତି ନେଇଛି ଭାରତ। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୯ ରନ୍ କରିଥିଲା। ଜବାବରେ ଭାରତ ୫.୨ ଓଭରରେ ଏକ ଉଇକେଟ ହରାଇ ୪୭ ରନ୍ କରିଥିବା ବେଳେ ବର୍ଷା କାରଣରୁ ଖେଳ ହୋଇ ପାରି ନ ଥିଲା। ଭାରତ ଡିଏଲ୍ ପାର ସ୍କୋରରୁ ୧୯ ରନ୍ ଆଗରେ ରହିଥିବା ବେଳେ ବିଜୟୀ ହୋଇଥିଲା।

ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ତେବେ ଭାରତୀୟ ସ୍ପିନର ଚମତ୍କାର ବୋଲିଂ କରି ସ୍କୋରକୁ ନିୟନ୍ତ୍ରଣରେ ରଖିଥିଲେ। କେବଳ ଓପନର ମୁର୍ଶିଦା ଖାତୁନ ୪୬ ବଲ୍‌ରୁ ୪୯ ରନ୍ କରିଥିଲେ। ଏହି ଇନିଂସରେ ୫ ଚୌକା ସାମିଲ ଥିଲା। ଅନ୍ୟ ଖେଳାଳିଙ୍କ ମଧ୍ୟରେ ରିତୁ ମୋନି ୨୦, ଶୋଭନା ମୋଷ୍ଟାରେ ୧୯ ଓ ଦିଲାରା ଅଖତର ୧୦ କେବଳ ଦୁଇ ଅଙ୍କ ସ୍କୋରରେ ପହଞ୍ଚିଥିଲେ। ଭାରତ ପକ୍ଷରୁ ରାଧା ଯାଦବ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଦୀପ୍ତି ଶର୍ମା, ଶ୍ରେୟଙ୍କା ପାଟିଲ ୨ଟି ଲେଖାଏ ଓ ପୂଜା ବସ୍ତ୍ରକାର ୧ ଉଇକେଟ ନେଇଥିଲେ।

୧୨୦ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ଦ୍ୱିତୀୟ ବଲ୍‌ରେ ଶେଫାଳି ବର୍ମାଙ୍କ ଉଇକେଟ ହରାଇଥିଲା। ତେବେ ଦୟାଲାନ ହେମଲତା ୨୪ ବଲ୍‌ରୁ ଦ୍ରୁତ ୪୧ ରନ୍ କରିଥିଲେ। ଏହି ଇନିଂସରେ ସେ ୫ ଚୌକା ଓ ୨ ଛକା ମାରିଥିଲେ। ମ୍ୟାଚ୍‌ର ଷଷ୍ଠ ଓଭରରେ ବର୍ଷା କାରଣରୁ ଖେଳ ବନ୍ଦ ହେବା ବେଳକୁ ଭାରତ ଡିଏଲ୍ ଟାର୍ଗେଟରୁ ୧୯ ରନ୍ ଆଗରେ ରହିଥିଲା। ହେମଲତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୨–୦ରେ ଆଗୁଆ ରହିଛି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୧୯/୧୦ (ମୁର୍ଶିଦା ଖାତୁନ–୪୯, ରିତୁ ମୋନି–୨୦, ଶୋଭନା ମୋଷ୍ଟାରେ–୧୯, ରାଧା ଯାଦବ–୩/୧୯, ଦୀପ୍ତି ଶର୍ମା–୨/୧୪, ଶ୍ରେୟଙ୍କା ପାଟିଲ–୨/୨୪)। ଭାରତ ୫.୨ ଓଭରରେ ୪୭/୧ (ଦୟାଲାନ ହେମଲତା–୪୧*, ମାରୁଫା ଅକତର–୧/୧୧)।

## ଦୁଇଭାଗରେ ବିଭକ୍ତ ମୁମ୍ବାଇ କ୍ୟାମ୍ପ: କ୍ଲାର୍କ

**ମୁମ୍ବାଇ,୩୦।୪(ପି.ଟି.):** ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସ କ୍ୟାମ୍ପ ଦୁଇ ଭାଗରେ ବିଭକ୍ତ ହୋଇଛି ବୋଲି କହିଛନ୍ତି ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ମାଇକେଲ କ୍ଲାର୍କ। କ୍ରିକେଟ ଏକ ଟିମ୍ ଗେମ୍ ହୋଇଥିବା ବେଳେ ଏହା ମୁମ୍ବାଇର ପ୍ରଦର୍ଶନକୁ ପ୍ରଭାବିତ କରିଥିବା କହିଛନ୍ତି କ୍ଲାର୍କ। ସିଜନ ଆରମ୍ଭ ହେବା ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ରୋହିତ ଶର୍ମାଙ୍କୁ ହଟାଇ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ନିଯୁକ୍ତ କରିଥିଲା। ମୁମ୍ବାଇର ଏହି ନିଷ୍ପତ୍ତିକୁ ଦଳର ବିପର୍ଯ୍ୟୟର ମୁଖ୍ୟ କାରଣ ବୋଲି କହିଛନ୍ତି କ୍ଲାର୍କ। ପଡିଆରେ ଖେଳାଳିଙ୍କ ମଧ୍ୟରେ ସବୁକିଛି ଠିକ୍ ନ ଥିବା ସ୍ପଷ୍ଟ ଭାବରେ ଜଣାପଡୁଛି। ତେବେ ପଡିଆରେ ଯେତିକି ଦେଖାଯାଉଛି ଏହି ମାମଲା ତା’ଠାରୁ ଅଧିକ ଗମ୍ଭୀର ବୋଲି କହିଛନ୍ତି କ୍ଲାର୍କ।

## ଆଦିତ୍ୟଙ୍କ ମାଉଣ୍ଟ କୋଜିଓସ୍କୋ ଆରୋହଣ

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

ଅଷ୍ଟ୍ରେଲିଆ ମହାଦେଶର ଉଚ୍ଚତମ ଶୃଙ୍ଗ ମାଉଣ୍ଟ କୋଜିଓସ୍କୋକୁ ସଫଳତାର ସହ ଆରୋହଣ କରିଛନ୍ତି ଯୁବ ପର୍ବତାରୋହୀ ଆଦିତ୍ୟ ପ୍ରସାଦ ଖାଡ଼ଙ୍ଗା। ସେ ଅଷ୍ଟ୍ରେଲିଆନ ସମୟ ସକାଳ ୯ଟା ୧୫ରେ ଏହି ଆରୋହଣ ସମ୍ପୂର୍ଣ୍ଣ କରିଛନ୍ତି। ପେସାରେ ଡାକ୍ତର ଖାଡଙ୍ଗା ଓଡ଼ିଶାର ଜଣେ ପର୍ବତାରୋହୀ ଭାବରେ ବେଶ୍ ଜଣାଶୁଣା। ନ୍ୟାଶନାଲ ପାର୍କରେ ୧୦ଟି ଶୃଙ୍ଗ ରହିଛି। ଡାକ୍ତର ଆଦିତ୍ୟ ସବୁଠାରୁ ଉଚ୍ଚତମ ଶୃଙ୍ଗ କୋଜିଓସ୍କୋ ଆରୋହଣ କରିବା ସହ ରାମ୍ସ ହେଡ, ରାମ୍ସ ହେଡ ନର୍ଥ, ଆବୋର୍ଟ, ଏଥରିଚ ରିଚକୁ ମଧ୍ୟ ସଫଳତାର ସହ ଆରୋହଣ କରିଛନ୍ତି। ପ୍ରତିକୂଳ ପରିବେଶ ଯୋଗୁ ଅନ୍ୟ ୫ଟି ଶୃଙ୍ଗକୁ ନ୍ୟାଶନାଲ ପାର୍କ ତରଫରୁ ଆରୋହଣ ପାଇଁ ଅଧାରୁ ବନ୍ଦ କରି ଦିଆଯାଇଥିଲା। ଉକ୍ତ ଅଭିଯାନ ପାଇଁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏସ୍ଏନ୍ଏମ୍ ଗ୍ରୁପ୍ ସହାୟତାର ହାତ ବଢ଼ାଇଥିଲା। ଏଥିପାଇଁ ଆଦିତ୍ୟଙ୍କ ପିତା ଗିରିଜେଶ ପ୍ରସାଦ ଖାଡ଼ଙ୍ଗା ଓ ମା’ ମଞ୍ଜୁଲତା ଶତପଥୀ ଧନ୍ୟବାଦ ଜ୍ଞାପନ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ଡାକ୍ତର ଆଦିତ୍ୟ ସମ୍ପ୍ରତି ସମ୍ ହସ୍ପିଟାଲରେ କାର୍ଯ୍ୟରତ ଅଛନ୍ତି। ଜଣେ ତାଲିମପ୍ରାପ୍ତ ପର୍ବତାରୋହୀ ହେବା ସହ ୱାଟର ସେଲିଙ୍ଗ ଏବଂ ସ୍କି ଭଳି ଦୁଃସାହସିକ ଖେଳ ପ୍ରତି ରୁଚି ରଖନ୍ତି। ଆଗାମୀ ଦିନରେ ମାଉଣ୍ଟ ଏଭରେଷ୍ଟ ଆରୋହଣ ପାଇଁ ତାଙ୍କର ଇଚ୍ଛା ରହିଥିବା ପ୍ରକାଶ କରିଛନ୍ତି।



ମାଉଣ୍ଟ କୋଜିଓସ୍କୋ ଆରୋହଣ ପରେ ଆଦିତ୍ୟ ପ୍ରସାଦ ଖାଡ଼ଙ୍ଗା।

**ଇଣ୍ଡିଆନ ଗ୍ରାଁ ପ୍ରି-୧**

## ଅନିମେଶଙ୍କୁ ଡବଲ ଟାଇଟଲ

**ବେଙ୍ଗାଲୁରୁ, ୩୦।୪ (ପି.ଟି.):** ଏଠାରେ ମଙ୍ଗଳବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ଓଡ଼ିଶା ସ୍ପ୍ରିଣ୍ଟର ଅନିମେଶ କୁଜୁର ଡବଲ ଟାଇଟଲ ହାସଲ କରିଛନ୍ତି। ସେ ୧୦୦ ମିଟରକୁ ୧୦.୫୧ ଓ ୨୦୦ ମିଟରକୁ ୨୦.୯୭ ସେକେଣ୍ଡରେ ଅତିକ୍ରମ କରି ୨ଟି ଇଭେଣ୍ଟରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ତେଲେଙ୍ଗାନାର ନିଥ୍ୟା ଗାନ୍ଧେ ଦ୍ରୁତତମ ମହିଳା ସାବ୍ୟସ୍ତ ହୋଇଛନ୍ତି। ସେ ୧୦୦ ମିଟର ରେସ୍‌କୁ ୧୧.୭୮ ସେକେଣ୍ଡରେ ଅତିକ୍ରମ କରିଛନ୍ତି। ଆନ୍ଧ୍ର ପ୍ରଦେଶର ଜେଲିମି ମହିଳା ୨୦୦ ମିଟରରେ ୨୩.୯୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସସପେଣ୍ଡ ପରେ ଟ୍ରାକ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ହିମା ଦାସ ରେସ୍ ଫିନିଶ୍ କରିପାରି ନ ଥିଲେ। ଏସିଆନ ଗେମ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଟ୍ରିପଲ ଜମ୍ପର ପ୍ରବୀଣ ଚିଥ୍ରାଭେଲ ୧୭.୧୨ ମିଟର ସହ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ତେବେ ସେ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା ମାର୍କ (୧୭.୨୨)କୁ ସ୍ପର୍ଶ କରିବାରେ ଅଳ୍ପକେ ବଞ୍ଚିତ ହୋଇଛନ୍ତି।

## ହ୍ୱିଲ ଚେୟାର ଫେନ୍‌ସିଂ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୩୦।୪ (ତପନ ସ୍ୱାଇଁ)**

ଭାରତୀୟ ହ୍ୱିଲ ଚେୟାର ଫେନ୍‌ସିଂ ଦଳରେ ସାମିଲ ଥିବା ୫ ଓଡ଼ିଆ ଖେଳାଳିଙ୍କୁ ମଙ୍ଗଳବାର ପାରା ସ୍ପୋର୍ଟ୍ସ ଅସୋସିଏଶନ ତରଫରୁ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସମ୍ବର୍ଦ୍ଧିତ କରାଯାଇଛି। ଥାଇଲାଣ୍ଡରେ ଗତ ୨୪ରୁ ୨୮ପର୍ଯ୍ୟନ୍ତ ଅନୁଷ୍ଠିତ ହ୍ୱିଲ ଚେୟାର ଫେନସିଂ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ଓ ଏସିଆନ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ପବିତ୍ର ସାହୁ ୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ, ରାଖାଲ୍ କୁମାର ସେଠୀ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ, ଭି. ରମେଶ ରାଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସମ୍ବର୍ଦ୍ଧନା ଅବସରରେ ହ୍ୱିଲ ଚେୟାର ଫେନ୍‌ସିଂର ମୁଖ୍ୟ ବେଲା ଜୈସୱାଲ୍, ଅଲିମ୍ପିଆନ୍ ମାର୍କଣ୍ଡ ରେଡ୍ଡୀ, ସଂଗଠନର ସଭ୍ୟ ପ୍ରଶାନ୍ତ କୁମାର ବେହେରା, କୋଚ ବଙ୍କିମ ମହାନ୍ତି ଓ ଓଡ଼ିଶା ଫେନସିଂ ଖେଳାଳିମାନେ ଉପସ୍ଥିତ ଥିଲେ।



ଥାଇଲାଣ୍ଡରୁ ପ୍ରତ୍ୟାବର୍ତ୍ତନ ପରେ ମଙ୍ଗଳବାର ଭୁବନେଶ୍ୱରରେ ଓଡ଼ିଶା ହ୍ୱିଲ ଚେୟାର ଫେନ୍‌ସିଂ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ମେ ୧/୨୦୨୪ Bhubaneswar, Wednesday, May 1/ 2024

# ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ

## ପନ୍ତ, ସାମସନଙ୍କୁ ସୁଯୋଗ

## ରିଜର୍ଭରେ ଗିଲ୍, ରିଙ୍କୁ ସିଂ

**ନୂଆଦିଲ୍ଲୀ,୩୦।୪(ପି.ଟି.)**

ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ୧୫ ଜଣିଆ ପ୍ରୋଭିଜନାଲ ସ୍କ୍ୱାଡ ସହ ୪ ଜଣ ରିଜର୍ଭ ଖେଳାଳିଙ୍କ ନାମ ଘୋଷିତ ହୋଇଛି। ଦଳରେ ସଞ୍ଜୁ ସାମସନ ଓ ଯୁଜବେନ୍ଦ୍ର ଚହଲଙ୍କୁ ସ୍ଥାନ ମିଳିଥିବା ବେଳେ ଶୁବମନ୍ ଗିଲ୍ ଓ ରିଙ୍କୁ ସିଂଙ୍କୁ ନିରାଶ ହେବାକୁ ପଡିଛି। ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନ ଆଧାରରେ ଉଭୟ ଖେଳାଳିଙ୍କୁ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ରିଙ୍କୁ ଓ ଗିଲଙ୍କୁ ୪ ଜଣିଆ ରିଜର୍ଭ ଖେଳାଳି ତାଲିକାରେ ରଖାଯାଇଛି। ପୂର୍ବରୁ ରୋହିତ ଶର୍ମାଙ୍କୁ ଅଧିନାୟକ ଘୋଷଣା କରାଯାଇଥିଲା। ଏବେ ବିସିସିଆଇ ସମ୍ପାଦକ ଜୟ ଶାହା ଓ ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କ ମଧ୍ୟରେ ଅହମଦାବାଦରେ ବୈଠକ ପରେ ଦଳ ଘୋଷଣା କରାଯାଇଛି। ଆଇପିଏଲ୍‌ରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ହାର୍ଦ୍ଦିକ ପାଣ୍ଡ୍ୟା ଟିମ୍‌ରେ ସ୍ଥାନ ବଜାୟ ରଖିଥିବା ବେଳେ ତାଙ୍କୁ ଉପ ଅଧିନାୟକ ଦାୟିତ୍ୱ ଦିଆ ଯାଇଛି। ସେହିପରି ଫିନିଶର ଭାବରେ ବିକଳ୍ପ ପାଇଁ ଶିବମ ଦୁବେଙ୍କୁ ଦଳରେ ସାମିଲ କରାଯାଇଛି।

ବିସିସିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧୫ ଜଣିଆ ଦଳରେ ହାର୍ଦ୍ଦିକଙ୍କ ସ୍ଥାନକୁ ନେଇ ଦୀର୍ଘ ସମୟ ଆଲୋଚନା ହୋଇଥିଲା। ରିଙ୍କୁ ସିଂ ୧୫ ଜଣିଆ ଦଳରେ ସାମିଲ ନ ହେବା ଦୁର୍ଭାଗ୍ୟଜନକ ବୋଲି କହିବା ସହ ବୋଲିଂ ବିକଳ୍ପ ପ୍ରଦାନ କରୁଥିବାରୁ ଶିବମ ଦୁବେଙ୍କୁ ସୁଯୋଗ ମିଳିଥିବା କୁହାଯାଉଛି। ଚଳିତ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍‌ସ ଅଧିନାୟକ ସଞ୍ଜୁ ସାମସନ ଚମତ୍କାର ଫର୍ମରେ ରହିଥିବାରୁ ତାଙ୍କୁ ରିଷଭ ପନ୍ତଙ୍କ ପରେ ଦ୍ୱିତୀୟ ପସନ୍ଦର ଉଇକେଟକିପର ଭାବରେ ସାମିଲ କରାଯାଇଛି। ଲୋକେଶ ରାହୁଲ ଓ ଇଶାନ କିଶନଙ୍କୁ ପଛରେ ପକାଇ ସଞ୍ଜୁ ଦଳରେ ସାମିଲ ହୋଇଛନ୍ତି। ସେହିପରି ୨୦୨୩ ଅଗଷ୍ଟରେ ଶେଷ ଥର ପାଇଁ ଏକ ଟି୨୦ ମ୍ୟାଚ ଖେଳିଥିବା ଯୁଜବେନ୍ଦ୍ର ଚହଲଙ୍କୁ ଦଳକୁ ଡାକରା ମିଳିଛି। କୁଲଦୀପ ଯାଦବଙ୍କ ପରେ ଦ୍ୱିତୀୟ ରିଷ୍ଟ ସ୍ପିନର ଭାବେ ଚହଲ ଦଳରେ ରହିଛନ୍ତି। କୁଲ୍‌ଚା ଭାବରେ ପରିଚିତ ଏହି ଯୋଡି ପୁନର୍ବାର ଏକାଠି ଖେଳିବାକୁ ଯାଉଛନ୍ତି। ଚଳିତ ସିଜନରେ ୧୩ ଉଇକେଟ ନେଇଥିବା ଚହଲ ପର୍ପଲ କ୍ୟାପ ଦୌଡରେ ଥିବାବେଳେ ପ୍ରଥମ ବୋଲର ଭାବରେ ୨୦୦ ଆଇପିଏଲ ଉଇକେଟ ପୂରଣ କରିଛନ୍ତି। ରବି ବିଷ୍ଣୋଇ ଏହି ଦୌଡରେ ଥିଲେ, ମାତ୍ର ଆଇପିଏଲ୍‌ରେ ଖରାପ ପ୍ରଦର୍ଶନ କାରଣରୁ ତାଙ୍କୁ ବାଦ୍ ଦିଆଯାଇଛି।

ଓପନିଂ ବ୍ୟାଟିଂ ପାଇଁ ରୋହିତ ଶର୍ମାଙ୍କ ପାର୍ଟନର ଭାବରେ ଚୟନକର୍ତ୍ତାମାନେ ଯଶସ୍ୱୀ ଜୟସ୍ୱାଲଙ୍କ ଉପରେ ଭରସା ଦେଖାଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଶତକ ସହ ଫର୍ମକୁ ଫେରିଥିବା ଜୟସ୍ୱାଲ ୧୫ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବା ବେଳେ ଶୁବମନ ଗିଲ୍‌ଙ୍କୁ ନିରାଶ ହେବାକୁ ପଡିଛି। ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇ ଚମତ୍କାର ପ୍ରଦର୍ଶନ କରିଥିବା ଗିଲ୍‌ଙ୍କୁ ରିଜର୍ଭ ଖେଳାଳିଙ୍କ ମଧ୍ୟରେ ସାମିଲ କରାଯାଇଛି। ଚଳିତ ଆଇପିଏଲ୍‌ରେ ପ୍ରଥମ ଖେଳାଳି ଭାବରେ ୫୦୦ ରନ୍ ପୂରଣ କରିଥିବା କୋହଲି ଅନ୍ୟତମ ଟପ୍ ଅର୍ଡର ଖେଳାଳି ରହିଛନ୍ତି। ତେବେ କୋହଲି ଓପନିଂ କରିବେ କି ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ ତାହା ସ୍ପଷ୍ଟ ହୋଇନାହିଁ। ସୂର୍ଯ୍ୟକୁମାର ଯାଦବ ଅନ୍ୟତମ ଟପ୍ ଅର୍ଡର ବ୍ୟାଟର ଭାବେ ଦଳରେ ରହିଛନ୍ତି।

ରିଷଭ ପନ୍ତ ଓ ସଞ୍ଜୁ ସାମସନ ଉଇକେଟକିପର ଭାବରେ ଦଳରେ ସାମିଲ ହୋଇଥିବା ବେଳେ ପନ୍ତ ପ୍ରଥମ ପସନ୍ଦ ରହିଛନ୍ତି। ୨୦୨୨ରେ ଏକ ଭୟଙ୍କର ସଡକ ଦୁର୍ଘଟଣା ପରେ ପନ୍ତ ଆଇପିଏଲ୍‌ରେ ନିଜର ଫିଟ୍‌ନେସ ପ୍ରମାଣ କରିଛନ୍ତି। ତେବେ ଆଇପିଏଲ୍‌ରେ ରାଜସ୍ଥାନ ପାଇଁ ଟପ୍ ଅର୍ଡରରେ ବ୍ୟାଟିଂ କରୁଥିବା ସାମସନଙ୍କୁ ଭାରତୀୟ ମ୍ୟାନେଜମେଣ୍ଟ କିଭଳି ବ୍ୟବହାର କରୁଛି ତାହା ଦେଖିବାକୁ ରହିଲା। ଆଇପିଏଲ୍ ପୂର୍ବରୁ ରିଙ୍କୁ ସିଂ ବିଶ୍ୱକପ୍ ଦଳରେ ସ୍ଥାନ ପାଇବା ନିଶ୍ଚିତ ବୋଲି ପୂର୍ବାନୁମାନ କରାଯାଉଥିଲା। ଭାରତ ପାଇଁ ୧୫ ଟି୨୦ ଖେଳିଥିବା ବେଳେ ତାଙ୍କର ଷ୍ଟ୍ରାଇକରେଟ୍ ୧୭୬.୨୩ ରହିଥିଲା। ତେବେ ମିଡିଲ ଓଭରରେ ଶିବମ ଦୁବେଙ୍କ ଛକା ମାରିବାର ଦକ୍ଷତାକୁ ବିସିସିଆଇ ପ୍ରାଥମିକତା ଦେଇଛି। ସ୍ପିନ ବୋଲିଂ ଅଲରାଉଣ୍ଡର ଭାବରେ ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲଙ୍କୁ ଦଳରେ ସାମିଲ କରାଯାଇଛି। ଯଶପ୍ରୀତ୍ ବୁମ୍‌ରା ଭାରତର ମୁଖ୍ୟ ପେସର ରହିଥିବା ବେଳେ ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂଙ୍କୁ ସ୍ଥାନ ମିଳିଛି। ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରିଥିବା ଆଭେଶ ଖାଁ ଓ ଖଲିଲ ଅହମଦଙ୍କୁ ରିଜର୍ଭ ଖେଳାଳିଙ୍କ ତାଲିକାରେ ସାମିଲ କରାଯାଇଛି। ଜୁନ୍ ୨ ତାରିଖରୁ ବିଶ୍ୱକପ୍ ଆରମ୍ଭ ହେଉଥିବା ବେଳେ ଜୁନ୍ ୫ ତାରିଖରେ ଆୟର୍ଲାଣ୍ଡ ବିପକ୍ଷରେ ଭାରତ ଏହାର ଅଭିଯାନ ଆରମ୍ଭ କରିବ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା (ଉପ ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟ କିପର), ସଞ୍ଜୁ ସାମସନ (ଉଇକେଟ କିପର), ଶିବମ ଦୁବେ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଅର୍ଶଦୀପ ସିଂ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ।

**ରିଜର୍ଭ ଖେଳାଳି:** ଶୁବମନ ଗିଲ୍, ରିଙ୍କୁ ସିଂ, ଖଲିଲ୍ ଅହମଦ ଓ ଆଭେଶ୍ ଖାଁ।



ଅଧିନାୟକ ରୋହିତ ଶର୍ମା।

# ପୃଥ୍ୱୀ ଶ'ଙ୍କୁ କୋର୍ଟ ସମନ


ସପ୍‌ନା ଗିଲ୍


ପୃଥ୍ୱୀ ଶ'

**ମୁମ୍ବାଇ,୩୦।୪(ପି.ଟି.)**

ଭାରତୀୟ କ୍ରିକେଟର ପୃଥ୍ୱୀ ଶ'ଙ୍କ ବିରୋଧରେ ଆଗତ ଯୌନ ଶୋଷଣ ମାମଲାରେ ସମନ ଜାରି କରିଛି ମୁମ୍ବାଇର ଏକ କୋର୍ଟ। ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସପ୍‌ନା ଗିଲ୍ ଭାରତୀୟ କ୍ରିକେଟରଙ୍କ ନାମରେ ଏକ ମାମଲା ରୁଜୁ କରିଥିଲେ। ୨୦୨୩ ମସିହାରେ ସେଲ୍‌ଫି ଉଠାଇବାକୁ କେନ୍ଦ୍ର କରି ଭାରତୀୟ କ୍ରିକେଟର ପୃଥ୍ୱୀ ଶ'ଙ୍କୁ ଆକ୍ରମଣ କରିଥିଲେ ସପ୍‌ନା ଓ ତାଙ୍କର ସାଥୀ। ଏହି ଘଟଣାରେ ଓଶିୱାରା ଥାନାରେ ପୃଥ୍ୱୀ ମାମଲା ରୁଜୁ କରିଥିଲେ। ପରେ ସପ୍‌ନାଙ୍କ ସମେତ ତାଙ୍କର ୪ ଜଣ ସାଙ୍ଗଙ୍କୁ ପୋଲିସ ଗିରଫ କରିଥିଲା। ଜାମିନରେ ଆସିବା ପରେ ପୃଥ୍ୱୀ ଶ' ତାଙ୍କୁ ଶୋଷଣ କରିଥିବା ନେଇ ସପ୍‌ନା ପାଲଟା ଅଭିଯୋଗ କରିଥିଲେ। ପୂର୍ବରୁ କୋର୍ଟ ମାମଲାର ବିଚାର ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ବର୍ତ୍ତମାନ ପୃଥ୍ୱୀଙ୍କୁ ସମନ ଜାରି କରାଯାଇଛି। ସପ୍‌ନାଙ୍କ ପ୍ରଥମ ଆବେଦନ ଖାରଜ ହୋଇଥିବା ବେଳେ ସେ ପୋଲିସ ଓ ପୃଥ୍ୱୀ ଶ'ଙ୍କ ବିରୋଧରେ ମଲାଡରେ ଦ୍ୱିତୀୟ ଥର ମାମଲା ରୁଜୁ କରିଥିଲେ। ମଙ୍ଗଳବାର ଅତିରିକ୍ତ ସେସନ୍ସ ଜଜ୍ ଡି.ଜି. ଧୋବଲେ ଏହି ସମନ ଜାରି କରିଛନ୍ତି। ଜୁନ୍ ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପୃଥ୍ୱୀ ଶ' ବର୍ତ୍ତମାନ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଖେଳୁଛନ୍ତି।

ସେଲ୍‌ଫି ନେବାକୁ କେନ୍ଦ୍ର କରି ଶୋଭିତ ଠାକୁର ଏବଂ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ସପ୍‌ନା ଗିଲ୍ ଅନ୍ୟମାନଙ୍କ ସହିତ ମିଶି ପୃଥ୍ୱୀଙ୍କୁ ଆକ୍ରମଣ କରିଥିଲେ। ଏକ ବେସ୍ ବଲ ବ୍ୟାଟରେ ଆକ୍ରମଣ କରିବା ସହିତ ଗାଡିର ୱିଣ୍ଡ ସିଲ୍ଡ ଭାଙ୍ଗି ଦେଇଥିଲେ। ସପ୍‌ନା ବେସ୍‌ବଲ୍ ବ୍ୟାଟରେ ଆକ୍ରମଣ କରୁଥିବାର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସପ୍‌ନାଙ୍କୁ ଓଶିୱାରା ପୋଲିସ୍ ଷ୍ଟେଶନରେ ଅଟକ ରଖାଯାଇଥିବା ବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ଗିରଫ କରାଯାଇଥିଲା। ମୁମ୍ବାଇ ବିମାନ ବନ୍ଦରର ଏକ ବିଳାସପୂର୍ଣ୍ଣ ହୋଟେଲରେ ପୃଥ୍ୱୀ ରହିଥିବା ବେଳେ ଶୋଭିତ୍ ଠାକୁର ଏବଂ ସପ୍‌ନା ଗିଲ୍ ସେଲ୍‌ଫି ପାଇଁ ନିକଟକୁ ଆସିଥିଲେ। ସେଲ୍‌ଫି ନେବା ପରେ ମଧ୍ୟ ଉଭୟ ପୃଥ୍ୱୀଙ୍କୁ ଛାଡି ନ ଥିଲେ। ହୋଟେଲ କର୍ମଚାରୀଙ୍କ ନିକଟରେ ଅଭିଯୋଗ ପରେ ଉଭୟଙ୍କୁ ବାହାର କରାଯାଇଥିଲା। ପୃଥ୍ୱୀ ହୋଟେଲରୁ ବାହାରିବା ପରେ ଉଭୟ ଅନ୍ୟମାନଙ୍କ ସହିତ ମିଶି ଗାଡିକୁ ପିଛା କରିଥିଲେ। ଏକ ବେସ୍ ବଲ ବ୍ୟାଟରେ ଆକ୍ରମଣ କରିବା ସହିତ ଗାଡିର ୱିଣ୍ଡ ସିଲ୍ଡ ଭାଙ୍ଗି ଦେଇଥିଲେ। ପୃଥ୍ୱୀଙ୍କ ସାଙ୍ଗ ଆଶିଷ ଯାଦବ ଏନେଇ ଥାନାରେ ଏକ ମାମଲା ରୁଜୁ କରିଥିଲେ।



E-BOOK* TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI ARENA DEALERSHIP

NARAYANI MOTORS
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.

ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.

TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.

JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. PATTAMUNDAI: 7440016539. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9776900777, TANGI: 7381045356.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ